# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in





ଆଜିର 'ସକାଳ' ସହ 'ସିନ୍ଦୂରା' ପଢ଼ନ୍ତୁ


♦VOLUME- 41 ♦ISSUE-315 ♦BHUBANESWAR ♦SUNDAY ♦12 MAY 2024 ♦PAGE-20 ♦₹ 6.00

♦ବର୍ଷ-୪୧ ♦ସଂଖ୍ୟା-୩୧୧୫ ♦ଭୁବନେଶ୍ୱର ♦ରବିବାର ♦୧୨ ମେ ୨୦୨୪ ♦ପୃଷ୍ଠା-୨୦ ♦ଟ.୬.୦୦ (ସିନ୍ଦୂରା ସହ)









ସକାଳ THE SAKALA
www.sakalaepaper.com


## ଟ୍ରକ୍ ଧକ୍କା ପରେ ଜଳିଗଲା କାର୍; ବର ସମେତ ୪ ଜୀବନ୍ତ ଦଗ୍ଧ



ଝାନସୀ, ୧୧।୫ (ଏଜେନ୍ସି): ଉତ୍ତର ପ୍ରଦେଶ ଝାନସୀ ଦେଇ ଯାଇଥିବା କାନପୁର ହାଇୱେର ପାରିଛା ଓଭରବ୍ରିଜ ନିକଟରେ ଶୁକ୍ରବାର ବିଳମ୍ବିତ ରାତିରେ ବଡ଼ ଦୁର୍ଘଟଣା ଘଟିଛି। ଏଠାରେ ଏକ ବରଯାତ୍ରୀ କାର୍‌କୁ ଟ୍ରକ୍ ପଛ ପଟୁ ଧକ୍କା ଦେଇଛି। ଏଥିଯୋଗୁଁ କାର୍‌ରେ ଲାଗିଥିବା ଏଲ୍‌ପିଜି ସିଲିଣ୍ଡର ଫାଟି ନିଆଁ ଲାଗିଯାଇଛି। ଏଥିରେ ବର ତାଙ୍କ ଭାଇ, ପୁତୁରା ଏବଂ କାର୍ ଡ୍ରାଇଭର ଜୀବନ୍ତ ଦଗ୍ଧ ହୋଇଯାଇଛନ୍ତି। ଆଉ ଦୁଇ ଜଣଙ୍କୁ ଉଦ୍ଧାର କରାଯାଇଛି। ସ୍ଥାନୀୟ ଡାକ୍ତରଖାନାରେ ଉଭୟଙ୍କ ଚିକିତ୍ସା ଜାରି ରହିଛି। ଦୁର୍ଘଟଣା ପରେ ଟ୍ରକ୍ ଡ୍ରାଇଭର ଫେରାର ହୋଇଯାଇଛି। ତାକୁ ଧରିବା ପାଇଁ ପୁଲିସ ତଲାସୀ ଅଭିଯାନ ଆରମ୍ଭ କରିଛି। ବିବାହ ପୂର୍ବରୁ ଗାଁରେ ଶୋକର ବାତାବରଣ ଖେଳି ଯାଇଛି। ସୂଚନା ଅନୁଯାୟୀ ବିଲାଟି ଗ୍ରାମର ଆକାଶ ଅହିରୱାର (୨୫)ଙ୍କ ବିବାହ ଥିଲା। ସେ ରାତିରେ ବରଯାତ୍ରୀଙ୍କୁ ଧରି କନ୍ୟା ଘର ଛପରା ଗାଁ ଅଭିମୁଖେ ବାହାରି ଥିଲେ। ଏହି ସମୟରେ ଦ୍ରୁତ୍‌ଗତିରେ ଆସୁଥିବା ଟ୍ରକ୍ ପଛପଟୁ କାର୍‌କୁ ଧକ୍କା ଦେଇଥିଲା। ଦୁର୍ଘଟଣାର ସୂଚନା ମିଳିବା ପରେ ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ନିୟନ୍ତ୍ରଣ କରିଥିଲା। ମାତ୍ର ଏହା ପୂର୍ବରୁ ବର ସମେତ ୪ ଜଣଙ୍କ ମୃତ୍ୟୁ ହୋଇ ସାରିଥିଲା।

## ପରିବାରର ୫ ସଦସ୍ୟଙ୍କୁ ହତ୍ୟା କରି ଯୁବକଙ୍କ ଆତ୍ମହତ୍ୟା



ସୀତାପୁର, ୧୧।୫ (ଏଜେନ୍ସି): ଉତ୍ତରପ୍ରଦେଶ ସୀତାପୁର ଜିଲ୍ଲା ପାଲାପୁର ଗ୍ରାମର ଅନୁରାଗ ନିଜ ପରିବାରକୁ ଶେଷ କରିଦେଇଛି। ପ୍ରଥମେ ମାଆ ସାବିତ୍ରୀ ସିଂହ (୬୨)ଙ୍କୁ ଗୁଳି ମାରି ହତ୍ୟା କରିଛି। ପତ୍ନୀ ପ୍ରିୟଙ୍କା (୪୦) ଙ୍କୁ ଗୁଳି ମାରିବା ପରେ ମୁଣ୍ଡକୁ ହାତୁଡ଼ିରେ ଛେଚି ଖିନ୍‌ଭିନ୍ କରିଦେଇଛି। ଏତିକିରେ ମନ ଭରିଲାନି ଯେ ୩ ଶିଶୁ ଅରନା (୧୨), ଅରବି (୭) ଏବଂ ଆଦ୍ୱିକ (୮) କୁ ଛାତରୁ ଫୋପାଡ଼ି ମାରି ଦେଇଛି। ପରେ ଘରୁ ବାହାରକୁ ଆସି ନିଜକୁ ଗୁଳି ମାରି ଆତ୍ମହତ୍ୟା କରିଛି। ଏହି ହତ୍ୟାକାଣ୍ଡ ରାଜ୍ୟରେ ଚାଞ୍ଚଲ୍ୟ ଖେଳାଇ ଦେଇଛି। ଏ ପର୍ଯ୍ୟନ୍ତ ହତ୍ୟାକାଣ୍ଡର ପ୍ରକୃତ କାରଣ ଜଣାପଡ଼ି ନାହିଁ। ମାତ୍ର ଗ୍ରାମବାସୀଙ୍କ ସୂଚନାରୁ ୩ଟି କାରଣ ସାମ୍ନାକୁ ଆସିଛି। ପୁଲିସ ସୂଚନା ଅନୁଯାୟୀ ଅନୁରାଗ ଗାଁରେ ରହି ଚାଷବାସ କାମ କରୁଥିଲେ। ତାଙ୍କ ପତ୍ନୀ ଏକ ବୀମା କମ୍ପାନୀରେ ଚାକିରି କରିଥିଲେ ଏବଂ ବାହାରେ ପିଲାଛୁଆଙ୍କୁ ଧରି ରହୁଥିଲେ। ସେ ଶୁକ୍ରବାର ଗାଁକୁ ଆସିଥିଲେ। ଗତ କିଛି ଦିନ ହେଲା ଅନୁରାଗ ପ୍ରବଳ ମଦ ପିଉ ଥିଲେ। ତାଙ୍କୁ ଘରଲୋକେ ନିଶା ମୁକ୍ତି କେନ୍ଦ୍ରକୁ ପଠାଇବାକୁ ଚାହୁଁଥିଲେ। ଏହାକୁ ନେଇ ବିବାଦ ହୋଇଥିଲା। ସେହିପରି ଗତ ବର୍ଷ ବାପାଙ୍କ ମୃତ୍ୟୁ ହେବା ପରେ ଜମିକୁ ନେଇ ଦୁଇ ଭାଇଙ୍କ ମଧ୍ୟରେ ବିବାଦ ହୋଇଥିଲା। ହତ୍ୟା ପାଇଁ ଅନୁରାଗର ଭାଇ ଅଜିତକୁ ମଧ୍ୟ ସନ୍ଦେହ କରାଯାଉଛି। ସେ ହତ୍ୟାକାଣ୍ଡ ସମୟରେ ନିଜକୁ ଘରେ କଏଦ କରି ନେଇଥିଲା ବୋଲି କୁହାଯାଉଛି।

### ଜେଲ୍‌ରୁ ମୁକୁଳିବା ପରେ ବର୍ଷିଲେ କେଜ୍ରିୱାଲ

# ଏକଛତ୍ରବାଦ ଶାସନ ଚାହୁଁଛନ୍ତି ମୋଦୀ

ନୂଆଦିଲ୍ଲୀ,୧୧।୫(ଏଜେନ୍ସି)



**ହଟିବେ ଯୋଗୀ, ଅବସର ନେବେ ମୋଦୀ; ଶାହ ହେବେ ପ୍ରଧାନମନ୍ତ୍ରୀ**

ଦିଲ୍ଲୀ ଅବକାରୀ ନୀତି ଦୁର୍ନୀତି ମାମଲାରେ ଇଡି ଦ୍ୱାରା ଗିରଫ ହୋଇ ପ୍ରାୟ ୫୦ ଦିନ ଧରି ତିହାର ଜେଲରେ ରହିବା ପରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ ବାହାରକୁ ଆସିଛନ୍ତି। ସୁପ୍ରିମକୋର୍ଟ କେଜ୍ରିୱାଲଙ୍କୁ ଜୁନ୍ ୧ ତାରିଖ ପର୍ଯ୍ୟନ୍ତ ସର୍ତ୍ତମୂଳକ ଜାମିନ ପ୍ରଦାନ କରିଥିଲା ବେଳେ ଏହି ସମୟରେ ସେ ନିଜ ଦଳ ଏବଂ ବିରୋଧୀ ଇଣ୍ଡିଆ ମେଣ୍ଟ ପାଇଁ ନିର୍ବାଚନ ପ୍ରଚାର କରିବେ ବୋଲି ଘୋଷଣା କରିଛନ୍ତି। ଶନିବାର କେଜ୍ରିୱାଲଙ୍କୁ ଆମ୍ ଆଦମୀ ପାର୍ଟି ମୁଖ୍ୟ କାର୍ଯ୍ୟାଳୟରେ ଦଳ ପକ୍ଷରୁ ସ୍ୱାଗତ କରାଯାଇଛି। ପରେ ପରେ ଏକ ସାମ୍ବାଦିକ ସମ୍ମିଳନୀରେ କେଜ୍ରିୱାଲ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଉପରେ ଜୋରସୋର୍ ବର୍ଷିଛନ୍ତି। ପ୍ରଧାନମନ୍ତ୍ରୀ ମୋଦୀ ଦେଶରେ ଏକଛତ୍ରବାଦୀ ଶାସନ ପରମ୍ପରା ଚଳାଇଥିଲା ବେଳେ 'ଏକ ରାଷ୍ଟ୍ର ଏକ ନେତା' ରୀତିରେ ଦେଶକୁ ଶାସନ କରିବାକୁ ଚାହୁଁଛନ୍ତି। ତାଙ୍କ ଦଳ ଆମ ଆଦମୀ ପାର୍ଟିକୁ ସମ୍ପୂର୍ଣ୍ଣ ଭାଙ୍ଗି ଦେବାକୁ ବିଜେପି ଷଡଯନ୍ତ୍ର କରିଛି। କିନ୍ତୁ ବଜରଙ୍ଗ ବାଲିଙ୍କ କୃପାରୁ ସେ ସବୁ ସମ୍ଭବ ହେବ ନାହିଁ। କେବଳ ତାଙ୍କ ଦଳ ନୁହେଁ, ମୋଦୀ ଯେଉଁ ବିପଜ୍ଜନକ ଆଭିମୁଖ୍ୟ ନେଇ କାର୍ଯ୍ୟ କରୁଛନ୍ତି ତଦ୍ୱାରା ଦେଶରେ ଗଣତନ୍ତ୍ର ଭୁଶୁଡ଼ି ପଡ଼ିବା ସହିତ ଅନ୍ୟ କୌଣସି ଦଳୀୟ ନେତାଙ୍କୁ ସ୍ଥାନ ମିଳିବ ନାହିଁ। ସେ ଦେଶର ସବୁ ଦଳର ନେତାଙ୍କୁ ଖତମ୍ କରିଦେବାକୁ ଚାହଁଛନ୍ତି। ଏଥର ଯଦି ବିଜେପି ପୁଣି କ୍ଷମତାସୀନ ହୁଏ ତେବେ ମମତା ବାନାର୍ଜୀ,ତେଜସ୍ୱୀ ଯାଦବ, ଏମ କେ ଷ୍ଟାଲିନ, ପିନରାୟି ବିଜୟନ ଏବଂ ଉଦ୍ଧବ ଠାକରେଙ୍କ ଭଳି ବହୁ ନେତାଙ୍କୁ ସେ ଜେଲ ପଠାଇ ଦେବେ। ଏ କଥା ସେ ସତ୍ୟପାଠ ଜରିଆରେ ପ୍ରକାଶ କରିବାକୁ ପ୍ରସ୍ତୁତ ଅଛନ୍ତି ବୋଲି କେଜ୍ରିୱାଲ କହିଛନ୍ତି। କେବଳ ବିରୋଧୀ ଦଳର ନେତା ନୁହନ୍ତି,ମୋଦୀ ନିଜ ଦଳର କିଛି ନେତାଙ୍କୁ ମଧ୍ୟ ଆଗକୁ ନ ଯିବାକୁ ମଧ୍ୟ କ୍ଷେତ୍ର ପ୍ରସ୍ତୁତ କରୁଛନ୍ତି। ବିରୋଧୀ ନେତାଙ୍କୁ ଜେଲରେ ପୁରାଇ ବିଜେପି ରାଜନୀତିକୁ ମଧ୍ୟ ମୋଦୀ ଖତମ୍ କରି ଦେବାକୁ ଯୋଜନା ପ୍ରସ୍ତୁତ କରିଛନ୍ତି।

ନିର୍ବାଚନରେ ବିଜେପି ଜିତିଲେ ବି ମୋଦୀ ପ୍ରଧାନମନ୍ତ୍ରୀ ହେବେ ନାହିଁ ବୋଲି କହିଛନ୍ତି କେଜ୍ରିୱାଲ। ଆସନ୍ତା ସେପ୍ଟେମ୍ବର ୧୭କୁ ପ୍ରଧାନମନ୍ତ୍ରୀଙ୍କୁ ୭୫ ବର୍ଷ ହୋଇଯିବ। ତେଣୁ ସେ ଆଉ ଏହି ପଦବୀରେ ରହିବେ ନାହିଁ। ପ୍ରଧାନମନ୍ତ୍ରୀ ନିଜେ ଏହି ନିୟମ କରିଛନ୍ତି। ୭୫ ବର୍ଷରୁ ଅଧିକ ବୟସ ନେତାଙ୍କୁ ଅବସର ଦେବାକୁ ସେ ନିଜେ ଘୋଷଣା କରିସାରିଛନ୍ତି। ଲାଲକୃଷ୍ଣ ଆଡଭାନୀ, ମୁରଲୀ ମନୋହର ଯୋଶୀ, ସୁମିତ୍ରା ମହାଜନଙ୍କୁ ଏହିକ୍ରମରେ ପୂର୍ବରୁ ଅବସର ଦିଆଯାଇସାରିଛି। ବର୍ତ୍ତମାନ ମୋଦୀଙ୍କ ପାଳି। ମୋଦୀ ଅବସର ନେଲେ ତାଙ୍କ ସ୍ଥାନରେ ବିଜେପି ଅମିତ ଶାହାଙ୍କୁ ପ୍ରଧାନମନ୍ତ୍ରୀ କରିବାକୁ ଯୋଜନା ପ୍ରସ୍ତୁତ କରିଛି। ଏହି ନିର୍ବାଚନରେ ମୋଦୀ ଶାହଙ୍କ ପାଇଁ ଭୋଟ ମାଗୁଛନ୍ତି ବୋଲି କେଜ୍ରିୱାଲ କହିଛନ୍ତି। ଭୋଟରମାନେ ବିଜେପିକୁ ଭୋଟ ଦେବା ବେଳେ ମୋଦୀଙ୍କୁ ନୁହେଁ, ଶାହାଙ୍କୁ ଭୋଟ ଦେଉଛନ୍ତି ବୋଲି ଭାବିବା ଉଚିତ। କେନ୍ଦ୍ର ସରକାରଙ୍କ ବ୍ୟତୀତ ଉତ୍ତରପ୍ରଦେଶ ରାଜନୀତିକୁ ନେଇ କେଜ୍ରିୱାଲ କହିଛନ୍ତି ଯେ, 'ଯଦି ବିଜେପି ସରକାର ଗଠନ ହୁଏ ତେବେ ଉତ୍ତରପ୍ରଦେଶର ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟ ନାଥଙ୍କୁ ତାଙ୍କ ପଦରୁ ହଟାଇ ଦିଆଯିବ। ପୂର୍ବରୁ ଶିବରାଜ ସିଂହ ଚୌହାନ, ବସୁନ୍ଧରା ରାଜେ, ମନହୋର ଲାଲ ଖଟ୍ଟର ଏବଂ ରମଣ ସିଂହଙ୍କ ରାଜନୀତି କ୍ୟାରିୟରକୁ ଶେଷ କରାଯାଇଛି। ଏବେ ଆଦିତ୍ୟ ନାଥଙ୍କ କ୍ୟାରିୟରକୁ ମଧ୍ୟ ଶେଷ କରି ଦିଆଯିବ ବୋଲି କେଜ୍ରିୱାଲ କହିଛନ୍ତି।

### ମୋଦୀ ପ୍ରଧାନମନ୍ତ୍ରୀ ଭାବେ ୫ ବର୍ଷର କାର୍ଯ୍ୟକାଳ ପୂରଣ କରିବେ



୭୫ ବର୍ଷ ବୟସରେ ମୋଦୀ ପ୍ରଧାନମନ୍ତ୍ରୀ ହୋଇପାରିବେ ନାହିଁ ବୋଲି ଅରବିନ୍ଦ କେଜ୍ରିୱାଲ ଯାହା କହିଛନ୍ତି ତାହାର ଜବାବ ରଖିଛନ୍ତି କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ। ସେ କହିଛନ୍ତି ଯେ, ମୋଦୀ ୭୫ ବର୍ଷରେ ପଦର୍ପଣ କଲେ ସେ ପ୍ରଧାନମନ୍ତ୍ରୀ ହୋଇପାରିବେନି ବୋଲି କେଜ୍ରିୱାଲ ଯେଉଁଳି ଖୁସି ହେଉଛନ୍ତି ତାହା ତାଙ୍କର ଏକ ଭ୍ରାନ୍ତ ଧାରଣା। ଜଣେ ନେତା ୭୫ ବର୍ଷ ବୟସରେ ପ୍ରଧାନମନ୍ତ୍ରୀ ହୋଇପାରିବେ ନାହିଁ ବୋଲି ବିଜେପିର ଦଳୀୟ ସମ୍ବିଧାନରେ କିଛି ଲେଖାଯାଇ ନାହିଁ। ଏଥର ବି ବିଜେପି କେନ୍ଦ୍ରରେ ସରକାର ଗଢିବ ଏବଂ ମୋଦୀ ପ୍ରଧାନମନ୍ତ୍ରୀ ଭାବେ ତାଙ୍କର ପାଞ୍ଚ ବର୍ଷର କାର୍ଯ୍ୟକାଳ ପୂରଣ କରିବେ ବୋଲି ଶ୍ରୀ ଶାହ ତେଲଙ୍ଗାନାରେ ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି।

## ଦିଲ୍ଲୀରେ ଘୂର୍ଣ୍ଣିଝଡ଼; ୨ ମୃତ

ନୂଆଦିଲ୍ଲୀ, ୧୧।୫ (ଏଜେନ୍ସି): ଦିଲ୍ଲୀ ଏନ୍‌ସିଆରରେ ଭୀଷଣ ଗରମ ମଧ୍ୟରେ ଶୁକ୍ରବାର ରାତିରେ ପ୍ରବଳ ଘୂର୍ଣ୍ଣିଝଡ଼ ହୋଇଛି। ବଜ୍ରପାତ ସହିତ ସାମାନ୍ୟ ବର୍ଷା ଲୋକଙ୍କୁ ଗରମରୁ ଆଶ୍ୱସ୍ତି ଦେଇଛି। ଘଣ୍ଟାପ୍ରତି ୫୦ରୁ ୭୦ କିମି ବେଗରେ ପବନ ହୋଇଛି। ଏହି ସମୟରେ ଗଛ ଭାଙ୍ଗି ୨ ଲୋକଙ୍କ ମୃତ୍ୟୁ ହୋଇଛି। ଝଡ଼ ତୋଫାନ ଜନିତ ଅଲଗା ଅଲଗା ଦୁର୍ଘଟଣାରେ ୨୩ ଲୋକ ଆହତ ହୋଇଛନ୍ତି। ଅନେକ କୋଠା ମଧ୍ୟ କ୍ଷତିଗ୍ରସ୍ତ ହୋଇଛି। ଖରାପ ପାଣିପାଗ ଯୋଗୁଁ ଦିଲ୍ଲୀ ବିମାନବନ୍ଦରରେ ଉଡ଼ାଣ ପ୍ରଭାବିତ ହୋଇଛି। ୯ ବିମାନର ଗତିପଥକୁ ଜୟପୁର ବଦଳାଇ ଦିଆଯାଇଛି। ଅନ୍ୟପକ୍ଷରେ ଉତ୍ତରାଖଣ୍ଡରେ ବର୍ଷାରେ ୨ ଜଣଙ୍କ ମୃତ୍ୟୁ ହୋଇଛି। ୧୭ ଜଣ ଆହତ ହୋଇଛନ୍ତି।

## କରିନାଙ୍କୁ ହାଇକୋର୍ଟ ନୋଟିସ




ଜବଲପୁର, ୧୧।୫ (ଏଜେନ୍ସି): ବଲିଉଡ ଅଭିନେତ୍ରୀ କରିନା କପୁର ଖାନ୍‌ଙ୍କୁ ମଧ୍ୟପ୍ରଦେଶ ହାଇକୋର୍ଟ ନୋଟିସ ଜାରି କରିଛନ୍ତି। କରିନାଙ୍କ ପୁସ୍ତକ 'କରିନା କପୁର ଖାନ୍ ପ୍ରେଗ୍‌ନାନ୍ସି ବାଇବେଲ' ମାମଲାରେ ଜଷ୍ଟିସ ଜିଏଲ ଅହଲୁୱାଲିଆଙ୍କ ଏକକ ଖଣ୍ଡପୀଠ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ଏହା ସହିତ ପୁସ୍ତକର ସହ-ଲେଖିକା ଅଦିତି ଶାହ ଭିମଜିୟାନି, ଆମାଜନ ଇଣ୍ଡିଆ ଏବଂ ଜଗରନଟ ବୁକ୍ସକୁ ମଧ୍ୟ ଜବାବ ମାଗିଛନ୍ତି। ଜୁଲାଇ ୧ରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ। ହାଇକୋର୍ଟ ଓକିଲ କ୍ରିଷ୍ଟୋଫର ଆଣ୍ଟୋନୀ ୨୦୨୨ରେ ଏହି ଆବେଦନ ଦାଏର କରିଥିଲେ। ସେହି ବର୍ଷ ଅଗଷ୍ଟରେ ପ୍ରଥମ ଶୁଣାଣି କରି ରାଜ୍ୟ ସରକାରଙ୍କୁ ପକ୍ଷଭୁକ୍ତ କରାଇବାକୁ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଥିଲେ। ଏହି ବହିର ନାମରେ ବାଇବେଲ ଲଗାଇଥିବାରୁ ଖ୍ରୀଷ୍ଟ ଧର୍ମାବଲମ୍ବୀଙ୍କ ଭାବନାକୁ ଆଘାତ ପହଞ୍ଚିଛି ବୋଲି ଆବେଦନକାରୀ କହିଥିଲେ।

## କୁଏତ ସଂସଦ ଭଙ୍ଗ: ସମସ୍ତ କ୍ଷମତା ନିଜ ନିୟନ୍ତ୍ରଣକୁ ନେଲେ ଏମିର

କୁଏତସିଟି, ୧୧।୫ (ଏଜେନ୍ସି): ରାଜନୈତିକ ସଙ୍କଟ ମଧ୍ୟରେ କୁଏତର ନୂଆ ଏମିର ଶେଖ୍ ମିଶାଲ ଅଲ-ଅହମଦ-ଅଲ-ସବା ଦେଶର ସଂସଦକୁ ଭଙ୍ଗ କରିଦେଇଛନ୍ତି। ସେ ଚାରି ବର୍ଷ ପାଇଁ ସମସ୍ତ କ୍ଷମତା ନିଜ ନିୟନ୍ତ୍ରଣକୁ ନେଇଯାଇଛନ୍ତି। ଅନେକ ଆଇନକୁ ରଦ୍ଦ କରିଦେଇଛନ୍ତି। ଶୁକ୍ରବାର ଏକ ଟିଭି ଚ୍ୟାନେଲକୁ ସାକ୍ଷାତକାର ଦେଇ ସେ ଏହି ଘୋଷଣା କରିଛନ୍ତି। ଦେଶରେ ଗଣତନ୍ତ୍ରର ଅପବ୍ୟବହାର ହେବାକୁ ଦେବେ ନାହିଁ ବୋଲି କହିଛନ୍ତି। ସୂଚନାଯୋଗ୍ୟ ଯେ 'ଏମିର' କୁଏତର ସବୁଠାରୁ ବଡ଼ ପଦ। ସୂଚନା ଅନୁଯାୟୀ ଏପ୍ରିଲରେ ନୂଆ ସଂସଦ ଗଠନ ହୋଇଥିଲା। ୧୩ ତାରିଖରେ ଏହାର ପ୍ରଥମ ବୈଠକ ବସିଥାନ୍ତା। ମାତ୍ର ଅନେକ ରାଜନେତା ସରକାରରେ ଅଂଶଗ୍ରହଣ କରିବାକୁ ମନା କରି ଦେଇଥିଲେ। କିଛି ନେତା ସର୍ତ୍ତ ଏବଂ ଆଦେଶ ନ ମାନିବାରୁ ସରକାର ଗଠନ ହୋଇପାରି ନ ଥିଲା ବୋଲି ଏମିର କହିଛନ୍ତି। ସଂସଦ ଭଙ୍ଗ ହେବା ଯୋଗୁଁ ନ୍ୟାସନାଲ ଆସେମ୍ବଲିର ସମସ୍ତ କ୍ଷମତା ଏମିର ଏବଂ ଦେଶର କ୍ୟାବିନେଟ ପାଖକୁ ଆସିଯାଇଛି। ଏହା ପୂର୍ବରୁ ଗତ ଫେବୃଆରୀରେ ସଂସଦ ଭଙ୍ଗ କରାଯାଇଥିଲା। ଏହା ପରେ ଏପ୍ରିଲରେ ଦେଶରେ ନିର୍ବାଚନ ହୋଇଥିଲା। ଏମିର କହିଛନ୍ତି ଯେ ଏବେ ଦେଶ କଠିନ ସମୟ ଦେଇ ଗତିକରୁଛି। ଏଥିରୁ ଦେଶକୁ ବଞ୍ଚାଇବା ପାଇଁ କଠୋର ନିଷ୍ପତ୍ତି ନେବାର ଆବଶ୍ୟକତା ରହିଛି। ଗତ କିଛି ବର୍ଷ ହେଲା ବିଭିନ୍ନ ବିଭାଗରେ ଦୁର୍ନୀତି ଏକ ବଡ଼ ସମସ୍ୟା ଭାବେ ଉଭା ହୋଇଛି। ଏଥିଯୋଗୁଁ କୁଏତର ପରିବେଶ ଖରାପ ହୋଇଛି। ଦୁର୍ନୀତି ଦେଶର ସୁରକ୍ଷା ଏବଂ ଆର୍ଥିକ ସଂସ୍ଥା ପର୍ଯ୍ୟନ୍ତ ପହଞ୍ଚି ଯାଇଛି। ଦେଶର ନ୍ୟାୟ ବ୍ୟବସ୍ଥା ମଧ୍ୟ ଏହାର ଶିକାର ହୋଇଛି। ସୂଚନାଯୋଗ୍ୟ ଯେ ଆରବ ଦେଶଗୁଡିକ ଭଳି କୁଏତରେ ମଧ୍ୟ ଶେଖ୍‌ଙ୍କ ନେତୃତ୍ୱାଧୀନ ରାଜାଶାସନ ଚାଲିଛି। କିନ୍ତୁ ଏଠାକାର ଜେନେରାଲ ଆସେମ୍ବଲି ଆରବ ଦେଶ ତୁଳନାରେ ରାଜନୀତିରେ ଅଧିକ ଶକ୍ତିଶାଳୀ।

## ଦୁର୍ଘଟଣାଗ୍ରସ୍ତ ଗାଡ଼ିରୁ ନଗଦ ୭ କୋଟି ଜବତ

ବିଶାଖାପାଟନମ୍,୧୧।୫(ଏଜେନ୍ସି)

ବର୍ତ୍ତମାନ ଦେଶରେ ସାଧାରଣ ନିର୍ବାଚନ ଚାଲିଥିଲା ବେଳେ ବିଭିନ୍ନ ସ୍ଥାନରେ ବିଡ଼ା ବିଡ଼ା ଟଙ୍କା ଜବତ ହେବା ଘଟଣା ସାମ୍ନାକୁ ଆସିବାରେ ଲାଗିଛି। ଏହିକ୍ରମରେ ଶନିବାର ଆନ୍ଧ୍ରପ୍ରେଦଶର ପୂର୍ବ ଗୋଦାବରୀ ଜିଲ୍ଲାରେ ଏକ ଦୁର୍ଘଟଣାଗ୍ରସ୍ତ ଗାଡିରୁ ପେଟି ପେଟି ଟଙ୍କା ମିଳିଛି। ଏହି ଟଙ୍କା ଜବତ କରାଯାଇଥିଲା ବେଳେ ଏହାର ପରିମାଣ ୭ କୋଟି ରହିଥିବା ଜଣାପଡ଼ିଛି। ନିର୍ବାଚନ ଚାଲିଥିବା ବେଳେ ଏତେ ପରିମାଣର ଟଙ୍କା କେଉଁଠାକୁ ନିଆଯାଉଥିଲା ତାହାକୁ ନେଇ ପୁଲିସ ଖୋଳତାଡ ଆରମ୍ଭ କରିଛି। ମିଳିଥିବା ଖବର ଅନୁସାରେ ଶନିବାର ପୂର୍ବ ଗୋଦାବରୀ ଜିଲ୍ଲା ନଲ୍ଲାଜର୍ଲା ମଣ୍ଡଳର ଅନନ୍ତପାଲ୍ଲି ନିକଟରେ ଏକ ଲରି ଅନ୍ୟ ଏକ ଟାଟା ଏସି ଗାଡିକୁ ଧକ୍କା ଦେଇଥିଲା। ଫଳରେ ଗାଡିଟି ଓଲଟି ପଡିଥିଲା। ଏଥିରେ ଥିବା ଟଙ୍କା ଭର୍ତ୍ତି ପେଟି ରାସ୍ତା ଉପରେ ପଡିଯାଇଥିଲା। ସ୍ଥାନୀୟ ଲୋକେ ଟଙ୍କା ପେଟି ଦେଖିବା ପରେ ପୁଲିସକୁ ଖବର ଦେଇଥିଲେ। ପୁଲିସ ଘଟଣାସ୍ଥଳରେ ପହଞ୍ଚିବା ପରେ ସମସ୍ତ ଟଙ୍କା ଜବତ କରିଥିଲା।



### କର୍ଣ୍ଣାଟକ ଯୌନ କେଲେଙ୍କାରୀ ମାମଲା | ବିଜେପି ନେତା ଦେବରାଜେ ଗିରଫ

ବେଙ୍ଗାଲୁରୁ, ୧୧।୫ (ଏଜେନ୍ସି)

କର୍ଣ୍ଣାଟକ ଯୌନ କେଲେଙ୍କାରୀ ମାମଲାରେ ପୁଲିସ ବିଜେପି ନେତା ତଥା ଓକିଲ ଜି ଦେବରାଜେ ଗୌଡ଼ାଙ୍କୁ ଗିରଫ କରିଛି। ଶୁକ୍ରବାର ବିଳମ୍ବିତ ରାତିରେ ତାଙ୍କୁ ଚିତ୍ରଦୁର୍ଗ ଜିଲ୍ଲାରୁ ଗଲିହାଲ ଟୋଲ୍ ଗେଟ୍‌ରୁ ଧରା ଯାଇଥିଲା। ସେ ଅଭିଯୁକ୍ତ ବିଜେପି ସାଂସଦ ପ୍ରଜ୍ୱଳ ରେଭନ୍ନା ଏବଂ ପୀଡ଼ିତ ମହିଳାଙ୍କ ଭିଡିଓ ଲିକ୍ କରିଥିବା ଅଭିଯୋଗ ଲାଗିଛି। ରିପୋର୍ଟ ଅନୁଯାୟୀ ମାମଲାର ତଦନ୍ତ କରୁଥିବା ଏସ୍‌ଆଇଟି ତାଙ୍କୁ ଜେରା ପାଇଁ ଡକାଇ ଥିଲା। ତେବେ ସେ ହାଜର ହୋଇଥିଲେ କି ନାହିଁ ତାହା ଏ ପର୍ଯ୍ୟନ୍ତ ଜଣାପଡ଼ି ନାହିଁ। ମାତ୍ର ନିଜ ବିରୋଧରେ ଲାଗିଥିବା ଅଭିଯୋଗକୁ ଦେବରାଜେ ଆଧାରହୀନ କହିଛନ୍ତି। ସେ ୨୦୨୩ରେ ପ୍ରଜ୍ୱଳଙ୍କ ପିତା ଏଚ୍‌ଡି ରେଭନ୍ନାଙ୍କ ବିରୋଧରେ ହୋଲେନରସିପୁର ଆସନରୁ ବିଧାନସଭା ନିର୍ବାଚନ ଲଢ଼ିଥିଲେ। ସେ ବିଜେପି ନେତୃତ୍ୱଙ୍କୁ ସତର୍କ କରାଇ ଦେଇଥିଲେ। ରେଭନ୍ନା ଅନେକ ମହିଳାଙ୍କୁ ଯୌନ ଉତ୍ପୀଡ଼ନ ଦେଇଥିଲେ। ତେଣୁ ତାଙ୍କୁ ଲୋକସଭା ଟିକଟ ନ ଦେବାକୁ କହିଥିଲେ। ସୂଚନା ଅନୁଯାୟୀ ଗୌଡ଼ାଙ୍କ ବିରୋଧରେ ଜଣେ ମହିଳା ମଧ୍ୟ ଯୌନ ଉତ୍ପୀଡ଼ନ ଅଭିଯୋଗ ଲଗାଇଛନ୍ତି। ସମ୍ପତ୍ତି ବିକ୍ରିରେ ସହାୟତା କରିବା ବାହାନରେ ଗୌଡ଼ା ତାଙ୍କୁ ୧୦ ମାସ ପର୍ଯ୍ୟନ୍ତ ଯୌନ ଉତ୍ପୀଡ଼ନ ଦେଇଥିବା ଅଭିଯୋଗ କରିଛନ୍ତି।



ଗତ ଡିସେମ୍ବର ୮ ରେ ଗୌଡ଼ା ବିଜେପି ଅଧ୍ୟକ୍ଷ ବିୱାଇ ବିଜୟେନ୍ଦ୍ରଙ୍କୁ ଚିଠି ଲେଖି ପ୍ରଜ୍ୱଳ ଏବଂ ତାଙ୍କ ପରିବାର ବିରୋଧରେ ଗୁରୁତର ଅଭିଯୋଗ ଲଗାଇ ଥିଲେ। ୨୯୭୬ ଭିଡିଓ ଥିବା ଏକ ପେନ୍‌ଡ୍ରାଇଭ ଅଛି ବୋଲି କହିଥିଲେ। ମହିଳାଙ୍କୁ ବ୍ଲାକମେଲ୍ କରିବା ପାଇଁ ଏହି ଭିଡିଓ ବ୍ୟବହାର କରାଯାଉଛି। ଏହି ପେନ୍ ଡ୍ରାଇଭ କଂଗ୍ରେସ ନେତାଙ୍କ ପାଖରେ ପହଞ୍ଚି ଯାଇଛି। ଏହା ସତ୍ତ୍ୱେ ଯଦି ଜେଡିଏସ ପ୍ରାର୍ଥୀଙ୍କୁ ବଛାଯାଏ ତେବେ ବିରୋଧୀ ଭିଡିଓକୁ ଅସ୍ତ୍ର ଭାବେ ବ୍ୟବହାର କରିବେ। ଦଳର ଛବି ଖରାପ କରିବେ ବୋଲି ଗୌଡ଼ ସତର୍କ କରାଇ ଦେଇଥିଲେ।

## ପୃଥିବୀ ସହ ମାଡ଼ହେଲା ସବୁଠାରୁ ଶକ୍ତିଶାଳୀ ସୌରଝଡ଼



ନୂଆଦିଲ୍ଲୀ, ୧୧।୫ (ଏଜେନ୍ସି): ବିଶ୍ୱର ସବୁଠାରୁ ଶକ୍ତିଶାଳୀ ସୌରଝଡ଼ ୨୦ ବର୍ଷ ପରେ ଶୁକ୍ରବାର ରାତିରେ ପୃଥିବୀ ସହ ମାଡ଼ ହୋଇଛି। ଏହି ଝଡ଼ ଯୋଗୁଁ ତାସମାନିଆଠାରୁ ଲଦାଖ ପର୍ଯ୍ୟନ୍ତ ବିଜୁଳି ଚମକିଛି। ଏହାର ପ୍ରଭାବରେ ଅନେକ ଉପଗ୍ରହ ଏବଂ ପାୱାର ଗ୍ରିଡ୍ସ କ୍ଷତିଗ୍ରସ୍ତ ହୋଇଛି। ସାଟେଲାଇଟ ଅପରେଟର୍ସ, ଏୟାରଲାଇନ୍ସ ଏବଂ ପାୱାରଗ୍ରିଡ ଅପରେଟର୍ସମାନେ ମଧ୍ୟ ସତର୍କ ରହିଛନ୍ତି। ସପ୍ତାହ ପର୍ଯ୍ୟନ୍ତ ଏହାର ପ୍ରଭାବ ରହିବ ବୋଲି କୁହାଯାଉଛି। ବିଶେଷ କରି ପୃଥିବୀର ଉତ୍ତର ଏବଂ ଦକ୍ଷିଣ ଭାଗରେ ଏହା ଦେଖିବାକୁ ମିଳିପାରେ। ସୌରଝଡ଼ ଯୋଗୁଁ ଅନେକ ସ୍ଥାନରେ ଅରୋରା ଦେଖିବାକୁ ମିଳିଛି। ଏହି ସମୟରେ ଆକାଶରେ ଅଲଗା ଅଲଗା ରଙ୍ଗ ଦେଖାଯାଇଛି। ସୂର୍ଯ୍ୟଙ୍କ କୋରୋନାରେ ବିସ୍ଫୋରଣ ଫଳରେ ସୌରଝଡ଼ ସୃଷ୍ଟି ହୋଇଥାଏ। ଏହାକୁ ଭୂ-ଚୁମ୍ବକୀୟ ଝଡ଼ ମଧ୍ୟ କୁହାଯାଏ। ଏହା ପୃଥିବୀର ଚୁମ୍ବକୀୟ କ୍ଷେତ୍ରକୁ ପ୍ରଭାବିତ କରିଥାଏ। ଏହା ନେଭିଗେସନ ସିଷ୍ଟମ, ଦୂରସଞ୍ଚାର ବ୍ୟବସ୍ଥା ଏବଂ ରେଡିଓ ସିଗ୍‌ନାଲକୁ ପ୍ରଭାବିତ କରିପାରେ।

### ପାକିସ୍ତାନ ବିରୋଧରେ ରାସ୍ତାରେ ଉତ୍ତର କାଶ୍ମୀରୀ ଜନତା

# ପିଓକେରେ ଯୁଦ୍ଧ ଭଳି ସ୍ଥିତି

ମୁଜଫରାବାଦ, ୧୧।୫ (ଏଜେନ୍ସି)




**ଗୁଳିମାଡ଼ କଲା ସେନା**

**ଶିଶୁଙ୍କୁ ମଧ୍ୟ ଛାଡୁନାହାନ୍ତି**

ପାକିସ୍ତାନ ଅତ୍ୟାଚାର ବିରୋଧରେ ପିଓକେ ଜନତା ବିଦ୍ରୋହ ଆରମ୍ଭ କରିଦେଇଛନ୍ତି। ରାସ୍ତାକୁ ଓହ୍ଲାଇ ସରକାର ଏବଂ ସେନା ବିରୋଧରେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି। ଏଥିଯୋଗୁଁ ଯୁଦ୍ଧ ଭଳି ସ୍ଥିତି ସୃଷ୍ଟି ହୋଇଛି। ଏହି ବିରୋଧକୁ ନିୟନ୍ତ୍ରଣ କରିବା ପାଇଁ ସୁରକ୍ଷାବାହିନୀ ବଳ ପ୍ରୟୋଗ କରିଛି। ଉତ୍ତର କାଶ୍ମୀରୀ ଜନତାଙ୍କ ଉପରେ ଗୁଳିମାଡ଼ କରାଯାଇଛି। ରିପୋର୍ଟ ଅନୁଯାୟୀ ପାକିସ୍ତାନ ଲଗାଇଥିବା ଟିକସ ଏବଂ ମୂଲ୍ୟବୃଦ୍ଧିକୁ ବିରୋଧ କରି ଆରମ୍ଭ ହୋଇଥିବା ବିକ୍ଷୋଭ ପ୍ରଦର୍ଶନ ଶନିବାର ଉଗ୍ର ରୂପ ଧାରଣ କରିଛି। ଗିରଫ ପରୱାନା ଏବଂ ସୂଚନା ବିନା ପିଓକେ ମିରପୁର ଜିଲ୍ଲାରୁ ସେନା ୭୦ ଜଣଙ୍କୁ ଗିରଫ କରିଛି। ବିକ୍ଷୋଭକାରୀଙ୍କୁ ଗିରଫ କରି ନିର୍ଯାତନା ଦେବା ପରେ ଲୋକେ ଉତ୍‌କ୍ଷିପ୍ତ ହୋଇଯାଇଛନ୍ତି। ଲୋକେ ରାସ୍ତାକୁ ଓହ୍ଲାଇ ସୁରକ୍ଷାବାହିନୀ ଉପରକୁ ପଥର ମାଡ଼ କରିଛନ୍ତି। ବିଭିନ୍ନ ସ୍ଥାନରେ ସେନା ସହ ସଂଘର୍ଷ ମଧ୍ୟ ହୋଇଛି। ଏଥିଯୋଗୁଁ ଲୋକେ ଘରେ ଏବଂ ମସ୍‌ଜିଦରେ ଲୁଚି ରହିଛନ୍ତି। କିଛି ଅଞ୍ଚଳରେ ଧାରା ୧୪୪ ମଧ୍ୟ କାର୍ଯ୍ୟକାରୀ କରାଯାଇଛି। ସମସ୍ତ ଶିକ୍ଷାନୁଷ୍ଠାନକୁ ବନ୍ଦ କରିଦିଆଯାଇଛି। ମୁଜଫରାବାଦର ତିନି ଜିଲ୍ଲାରେ ସମସ୍ତ ବ୍ୟବସାୟ ବନ୍ଦ ରହିଛି। ଏହି ବିରୋଧକୁ ଚପାଇବା ପାଇଁ ସରକାର ହିଂସାର ମାର୍ଗ ଆପଣାଇଛନ୍ତି। ପ୍ରଶାସନ ଅତିରିକ୍ତ ସୁରକ୍ଷାବାହିନୀ ମୁତୟନ କରିଛି। ଏଥିରେ ପାକିସ୍ତାନ ରେଞ୍ଜର୍ସ ଏବଂ ଫ୍ରଣ୍ଟିୟର କୋର୍‌ର ଯବାନ ସାମିଲ ଅଛନ୍ତି।

ଜମ୍ମୁ-କାଶ୍ମୀର ଜଏଣ୍ଟ ଅୱାମୀ ଆକ୍ସନ କମିଟି ଆଜି ପଦଯାତ୍ରା ଘୋଷଣା କରିଥିଲା। ଏହାକୁ ବନ୍ଦ କରିବା ପାଇଁ ୭୦ରୁ ଅଧିକ କର୍ମୀଙ୍କୁ ଗିରଫ କରାଯାଇଥିଲା। ପାକିସ୍ତାନ ସେନା ଶିଶୁଙ୍କୁ ମଧ୍ୟ ଛାଡ଼ି ନ ଥିଲା। ଲୁହବୁହା ଗୋଳା ମାଡ଼ କରାଯାଇଥିଲା। ଏହା ଯାଇ ଏକ ସ୍କୁଲ୍ ଭିତରେ ପଡ଼ିବାରୁ ଅନେକ ଶିଶୁ ଆହତ ହୋଇଛନ୍ତି। କମିଟି ପକ୍ଷରୁ କୁହାଯାଇଛି ଯେ ଚଳିତ ବର୍ଷ ଫେବୃଆରୀରେ ହୋଇଥିବା ଚୁକ୍ତି ପାଳନ କରିବାକୁ ପାକିସ୍ତାନ ସରକାରଙ୍କ ଉପରେ ଚାପ ପକାଇବା ପାଇଁ ଶୁକ୍ରବାର ବିକ୍ଷୋଭ ପ୍ରଦର୍ଶନ ଡକରା ଦିଆଯାଇଥିଲା। ଏଥିରେ ପରିବହନ ସେବାରେ ସାମିଲ ଲୋକ ବି ସାମିଲ ହୋଇଥିଲେ। ସରକାର ଏ ପର୍ଯ୍ୟନ୍ତ ଚୁକ୍ତି ପୂରଣ କରିନାହାନ୍ତି ବୋଲି କମିଟି ଅଭିଯୋଗ ଲଗାଇଛି। ଏଥିପାଇଁ ମଜଫରାବାଦ ସହିତ ସମହନୀ, ସେହଂସା, ମିରପୁର, ରାୱଲକୋଟ, ଖୁଇରତା, ତତାପାନି, ହଟିୟନ ବାଲାରେ ପ୍ରଦର୍ଶନ କରାଯାଇଛି।

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 41 ♦ISSUE-315 ♦BHUBANESWAR ♦SUNDAY ♦12 MAY 2024 ♦PAGE-20 ♦₹ 6.00

♦ବର୍ଷ-୪୧ ♦ସଂଖ୍ୟା-୩୧୫ ♦ଭୁବନେଶ୍ୱର ♦ରବିବାର ♦୧୨ ମେ ୨୦୨୪ ♦ପୃଷ୍ଠା-୨୦ ♦ଟ.୬.୦୦ (ସିନ୍ଦୂରା ସହ)


**ଆଫଗାନିସ୍ତାନରେ ପ୍ରଳୟଙ୍କରୀ ବନ୍ୟା**

## ଦିନକରେ ୩୦୦ ମୃତ



■ **କାବୁଲ,୧୧।୫(ଏଜେନ୍ସି):** ଆଫଗାନିସ୍ତାନରେ ପ୍ରବଳ ବର୍ଷା ସହ ପ୍ରଳୟଙ୍କରୀ ବନ୍ୟା ଆସିବାରୁ ବହୁ ପ୍ରଦେଶରେ ଜଟିଳ ପରିସ୍ଥିତି ସୃଷ୍ଟି ହୋଇଛି। ବନ୍ୟାରେ ଗୋଟିଏ ଦିନରେ ପ୍ରାୟ ୩୦୦ ଲୋକଙ୍କ ମୃତ୍ୟୁ ହେବା ସହିତ ୧୫୦୦ ରୁ ଅଧିକ ଘର ଭୁଶୁଡ଼ି ପଡ଼ିଥିବା ଜାତିସଂଘର ଖାଦ୍ୟ ଏଜେନ୍ସି ପକ୍ଷରୁ ରିପୋର୍ଟ କରାଯାଇଛି। କେବଳ ବାଘଲାନ ପ୍ରଦେଶରେ ହଜାରରୁ ଅଧିକ ଘର ନଷ୍ଟ ହେବା ସହିତ ୧୦୦ ରୁ ଅଧିକ ଲୋକଙ୍କ ମୃତ୍ୟୁ ହୋଇଥିବା ଜାତିସଂଘର 'ଇଣ୍ଟରନ୍ୟାସନାଲ ଅର୍ଗାନାଇଜେସନ ଫର ମାଇଗ୍ରେସନ' ପକ୍ଷରୁ କୁହାଯାଇଛି। ଚଳିତ ବର୍ଷ ବର୍ଷା ପ୍ରକୋପ ଏତେ ଅଧିକ ରହିଛି ଯେ,ତାହା ସବୁ ବର୍ଷର ରେକର୍ଡ ଅତିକ୍ରମ କରିଛି। ପ୍ରବଳ ବର୍ଷାକୁ ▶ପୃଷ୍ଠା-୧୩

**ମୋଦୀ-ନବୀନ ପ୍ରଥମ ବାକ୍‌ଯୁଦ୍ଧ**

# ୧୦ ତାରିଖରେ ଶପଥ ନେବୁ



- କନ୍ଧମାଳ, ବଲାଙ୍ଗିର ଓ ବରଗଡ଼ ଜନସଭାରେ ନବୀନଙ୍କୁ ମୋଦୀଙ୍କ ଟାର୍ଗେଟ୍
- କାଗଜ ନ ଦେଖି ଓଡ଼ିଶାର ୩୦ ଜିଲ୍ଲାର 'କ୍ୟାପିଟାଲ୍' ନାମ କହିପାରିବେନି ନବୀନ
- ନିଜ ନିର୍ବାଚନମଣ୍ଡଳୀର ଗାଁର ନା' ମନେ ରଖି ନ ଥିବେ ମୁଖ୍ୟମନ୍ତ୍ରୀ
- ୨୪ ବର୍ଷ ହେଲା ନବୀନଙ୍କ ଶାସନରେ ଓଡ଼ିଶାର ପ୍ରଗତି ହୋଇନାହିଁ
- ପ୍ରାକୃତିକ ସମ୍ପଦରେ ପୂର୍ଣ୍ଣ ଥାଇ ବି ଓଡ଼ିଶାର ବିକାଶ ହୋଇପାରିନାହିଁ
- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିପନ୍ନ ହୋଇଛି; ବିଜେପି ସରକାର ସୁଧାରିବ

■ **ବଲାଙ୍ଗିର/ବରଗଡ଼/ଫୁଲବାଣୀ, ୧୧।୫ (ସମିସ): ଦୁଇ ଦିନିଆ ଓଡ଼ିଶା ଗସ୍ତରେ ଆସିଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶନିବାର କନ୍ଧମାଳ, ବରଗଡ଼ ଓ ବଲାଙ୍ଗିର ଜିଲ୍ଲାରେ ଦଳୀୟ ପ୍ରାର୍ଥୀଙ୍କ ପାଇଁ ଭୋଟ ଭିକ୍ଷା କରିଛନ୍ତି। ଏହି ଅବସରରେ ଶ୍ରୀ ମୋଦୀ କଂଗ୍ରେସକୁ କଡ଼ା ସମାଲୋଚନା କରିଥିବା ବେଳେ ପ୍ରଥମଥର ପାଇଁ ନବୀନ ପଟ୍ଟନାୟକଙ୍କୁ ଆକ୍ଷେପ କରିଥିଲେ। ଓଡ଼ିଶାରେ ଏଥର ବିଜେପି ସରକାର କରିବ ବୋଲି ପୁଣିଥରେ ଦୋହରାଇବା ସହ ଜୁନ୍ ୧୦ ତାରିଖରେ ଭୁବନେଶ୍ୱରରେ ଶପଥ ଗ୍ରହଣ ଉତ୍ସବକୁ ଆସିବା ପାଇଁ ଲୋକଙ୍କୁ କହିଥିଲେ।**

ପ୍ରଥମେ ପ୍ରଧାନମନ୍ତ୍ରୀ ଫୁଲବାଣୀର ଏକ ଜନସଭାକୁ ସମ୍ବୋଧନ କରିଥିଲେ। ଓଡ଼ିଶାବାସୀ ଓ ଜଗନ୍ନାଥଙ୍କ ଆଶୀର୍ବାଦ ପାଇଁ ମୁଁ ଓଡ଼ିଶା ପାଖରେ ଋଣୀ ବୋଲି ଉଲ୍ଲେଖ କରି ମୋଦୀ କହିଥିଲେ, କଂଗ୍ରେସ ସରକାର କନ୍ଧମାଳ ଜିଲ୍ଲାକୁ କେବଳ ପଛୁଆ ଜିଲ୍ଲା ଘୋଷଣା କରିଦେଇ ଭୁଲି ଯାଇଥିଲା। କିନ୍ତୁ ବିଜେପି ସରକାର ଆକାଂକ୍ଷୀ ଯୋଜନାରେ ଏହି ଜିଲ୍ଲାକୁ ସାମିଲ କରି ପ୍ରକୃତ ବିକାଶ କରିଛି। ଆଗାମୀ ନିର୍ବାଚନରେ ଓଡ଼ିଶାରେ ବିଜେପି ସରକାର ଗଢ଼ିଲେ ରାଜ୍ୟର ବିକାଶ ହେବ ବୋଲି କହି ଦଳୀୟ ପ୍ରାର୍ଥୀଙ୍କୁ ଭୋଟ ଦେବାକୁ କହିଥିଲେ।

ବଲାଙ୍ଗିରର ପଥରଚେପାଠାରେ ଅନୁଷ୍ଠିତ ଜନସମାବେଶରେ ମଧ୍ୟ ଶ୍ରୀ ମୋଦୀ କଂଗ୍ରେସକୁ ନିଶାଣ କରିଥିଲେ। କଂଗ୍ରେସ ସରକାର ଥିବା ସମୟରେ ଓଡିଶାକୁ ସର୍ବାଧିକ ଅବହେଳା ପ୍ରଦର୍ଶନ କରାଯାଇଥିବା ସେ କହିଥିଲେ।

ଏହାପରେ ଶ୍ରୀ ମୋଦୀ ବରଗଡ଼ର ବରାହଗୁଡ଼ାସ୍ଥିତ ବିକାଶ ଭିନ୍‌ଟେଜ୍ ପଡ଼ିଆରେ ଆୟୋଜିତ ସମାବେଶରେ ଦଳୀୟ ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରିଥିଲେ। ଏହି ଅବସରରେ ସେ ତାଙ୍କ ସରକାରଙ୍କ ବିଭିନ୍ନ ଜନହିତକର କାର୍ଯ୍ୟ ବିଷୟରେ ସୂଚନା ଦେବା ସହ ବିଜେପି ସାଂସଦ ▶ପୃଷ୍ଠା-୧୩

# ଆଗାମୀ ୧୦ ବର୍ଷରେ ବି ନୁହେଁ



- ମୋଦୀଙ୍କ 'ଶପଥ' ତାରିଖ ବୟାନର କଡ଼ା ଜବାବ ଦେଲେ ନବୀନ
- ମୋର କ'ଣ ମନେ ଅଛି, ତାହା ୨୪ ବର୍ଷ ହେଲା ଓଡ଼ିଶାର ଲୋକେ ଜାଣିଛନ୍ତି
- ପ୍ରଧାନମନ୍ତ୍ରୀ ଓଡ଼ିଶାକୁ କେତେ ମନେ ରଖିଛନ୍ତି, ତାହା ବି ଲୋକେ ଭଲଭାବେ ଜାଣନ୍ତି
- ୨୦୧୪ ଓ ୨୦୧୯ରେ ଦେଇଥିବା ପ୍ରତିଶ୍ରୁତି କେତେ ପୂରଣ କରିଛନ୍ତି ?
- ଓଡ଼ିଶାର ସମ୍ପଦ କୋଇଲା ନେଉଛନ୍ତି; ୧୦ ବର୍ଷ ହେଲା ରୟାଲ୍‌ଟି ବଢ଼ାଉନାହାନ୍ତି
- ସଂସ୍କୃତ ଭାଷା ପାଇଁ ୧୦୦୦ କୋଟି ଦେଲେ; ଶାସ୍ତ୍ରୀୟ ଓଡ଼ିଆ ଭାଷାକୁ ଅବଦାନ ଶୂନ୍

■ **ଭୁବନେଶ୍ୱର, ୧୧।୫ (ସମିସ): ନିର୍ବାଚନ ସମାବେଶରେ ଶନିବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କରିଥିବା ଆକ୍ଷେପର କଡ଼ା ଜବାବ ଦେଇଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଏକ ଭିଡିଓ ଜାରି କରି ମୋଦୀଙ୍କ ମନ୍ତବ୍ୟର ଶାଣିତ ଉତ୍ତର ରଖି ନବୀନ କହିଛନ୍ତି,** "ମୋର କ'ଣ ମନେ ଅଛି କି ନାହିଁ, ତାହା ଗତ ୨୪ ବର୍ଷ ହେଲା ଓଡ଼ିଶାବାସୀ ଭଲ ଭାବେ ଜାଣିଛନ୍ତି; କିନ୍ତୁ ଆପଣ ଅତୀତରେ କ'ଣ କହିଥିଲେ ଓ କ'ଣ କଲେ ତାହା ମନେପକାନ୍ତୁ। ଓଡ଼ିଶାର ଭାଷା, ସଂସ୍କୃତି ପାଇଁ, ଓଡ଼ିଶାର ବିକାଶ ପାଇଁ ଆପଣଙ୍କ ଅବଦାନ କ'ଣ ତାହା ଥରେ ମନେ ପକାନ୍ତୁ। ଜୁନ୍ ୧୦ କଥା ଛାଡ଼ନ୍ତୁ, ଆଗାମୀ ୧୦ ବର୍ଷରେ ବି ଆପଣ ଓଡ଼ିଶାବାସୀଙ୍କ ହୃଦୟ ଜିତି ପାରିବେ ନାହିଁ। ମହାପ୍ରଭୁଙ୍କ ଆଶୀର୍ବାଦ ଏବଂ ଓଡ଼ିଶାବାସୀଙ୍କ ଭଲ ପାଇବା ଯୋଗୁଁ ବିଜୁ ଜନତା ଦଳ ୬ଷ୍ଠ ଥର ପାଇଁ ଓଡ଼ିଶାରେ ସରକାର ଗଢ଼ିବ। ଆପଣ ଓଡ଼ିଶାକୁ କେତେ ମନେ ରଖିଛନ୍ତି ତାହା ପ୍ରଥମେ କୁହନ୍ତୁ। ଓଡ଼ିଆ ଭାଷାକୁ ଶାସ୍ତ୍ରୀୟ ମାନ୍ୟତା ମିଳିବା ପରେ ଆପଣ ଓଡ଼ିଆ ଭାଷାକୁ ଭୁଲି ଗଲେ। ସଂସ୍କୃତ ଭାଷା ପାଇଁ ହଜାରେ କୋଟି ଦେଲେ; କିନ୍ତୁ ଓଡ଼ିଆ ଭାଷା ପାଇଁ ଅବଦାନ ଶୂନ୍। ଆପଣ ଓଡ଼ିଶୀ ସଙ୍ଗୀତକୁ ବି ଭୁଲିଗଲେ। ଓଡ଼ିଶୀ ସଙ୍ଗୀତକୁ ଶାସ୍ତ୍ରୀୟ ମାନ୍ୟତା ପ୍ରଦାନ ପାଇଁ ଆପଣଙ୍କ ପାଖକୁ ମୁଁ ଦୁଇ ଥର ପ୍ରସ୍ତାବ ପଠାଇଥିଲି; କିନ୍ତୁ ଦୁଇ ଥର ଯାକ ଆପଣ ମୋର ଏହି ପ୍ରସ୍ତାବକୁ ଖାରଜ କରିଦେଲେ।

**'ଭାରତରତ୍ନ' ବାଣ୍ଟିଲା ବେଳେ ଓଡ଼ିଶାର ବରପୁତ୍ର ବିଜୁ ବାବୁଙ୍କୁ ବି ଭୁଲିଗଲେ**

ଓଡ଼ିଶାରେ ଅନେକ ବରପୁତ୍ର ଅଛନ୍ତି; ସେମାନଙ୍କ ମଧ୍ୟରୁ କିଛି ବରପୁତ୍ରଙ୍କ ନାମ ଆପଣ ଆଜି ଉଚ୍ଚାରଣ କରିଛନ୍ତି। କିନ୍ତୁ ସେମାନଙ୍କ ମଧ୍ୟରୁ କେହି ଭାରତ ରତ୍ନ ପାଇବା ପାଇଁ ▶ପୃଷ୍ଠା-୧୩

**ପ୍ରଧାନମନ୍ତ୍ରୀ ଦେଶକୁ ଏକ ନମ୍ବର କରନ୍ତୁ: ପାଣ୍ଡିଆନ**

# ଓଡ଼ିଶା ପାଇଁ ନବୀନ ଯଥେଷ୍ଟ



- ଦେଶରେ ଡବଲ ଇଞ୍ଜିନ୍ ଥିବା କେଉଁ ରାଜ୍ୟ ଶ୍ରେଷ୍ଠ ୩ରେ ରହିଛି ?
- ଅପପୁଷ୍ଟି, ମୁଣ୍ଡପିଛା ଋଣ, ରକ୍ତହୀନତାରେ ଗୁଜରାଟ ଯଥେଷ୍ଟ ପଛରେ
- ଓଡ଼ିଶାର ପିଲା ସ୍ମାର୍ଟ ବୋର୍ଡରେ ପଢୁଛନ୍ତି, ଗୁଜରାଟରେ ବ୍ଲାକ୍ ବୋର୍ଡ
- ଟେଲିକମ୍, ବ୍ୟାଙ୍କିଙ୍ଗ୍, ଏନ୍‌ଏଚ୍ ସମସ୍ୟା ଦୂର କରିବାରେ କେନ୍ଦ୍ର ବିଫଳ
- ଓଡ଼ିଶାବାସୀଙ୍କ ଆଶୀର୍ବାଦରେ ଜୋର୍‌ରେ ଚାଲିଛି 'ନବୀନ ଇଞ୍ଜିନ'
- ବିରୋଧୀଙ୍କୁ କରେଣ୍ଟ ମାରୁଛି ନବୀନ ପଟ୍ଟନାୟକଙ୍କ ମାଗଣା ବିଜୁଳି
- କନ୍ଧମାଳରେ ବିଜେପି ଦଙ୍ଗା କରିଥିଲା; ଶାନ୍ତି ଫେରାଇଲେ ନବୀନ
- ୯ ତାରିଖ ମଧ୍ୟାହ୍ନରେ ନବୀନ ନେବେ ଷଷ୍ଠଥର ମୁଖ୍ୟମନ୍ତ୍ରୀ ଶପଥ

■**ଭୁବନେଶ୍ୱର/ ରାଉରକେଲା/ ବଣାଇଁ, ୧୧।୫ (ସମିସ):** ସୁନ୍ଦରଗଡ଼ ସଂସଦୀୟ କ୍ଷେତ୍ର ଅନ୍ତର୍ଗତ ରଘୁନାଥପାଲି, ବୀରମିତ୍ରପୁର, ବଣାଇଁରେ ବିଜେଡି ପ୍ରାର୍ଥୀଙ୍କ ସପକ୍ଷରେ ଘମାଘୋଟ ପ୍ରଚାର କରିଛନ୍ତି ବିଜେଡିର ତାରକାପ୍ରଚାରକ ତଥା ବରିଷ୍ଠ ନେତା କାର୍ତ୍ତିକ ପାଣ୍ଡିଆନ। ଏହି ଅବସରରେ ସେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଆଶୀର୍ବାଦ କରିବା ସହ ଦଳୀୟ ପ୍ରାର୍ଥୀଙ୍କୁ ବିପୁଳ ଭୋଟରେ ବିଜୟୀ କରିବାକୁ ଜନସାଧାରଣଙ୍କୁ ନିବେଦନ କରିଛନ୍ତି। ଓଡ଼ିଶାକୁ ଏକନମ୍ବର କରିବାକୁ ନବୀନ ଇଞ୍ଜିନ ଯଥେଷ୍ଟ ଓ ଓଡ଼ିଶାବାସୀଙ୍କ ଆଶୀର୍ବାଦରେ ନବୀନ ଇଞ୍ଜିନ୍ ଜୋର୍‌ରେ ଚାଲିଛି ବୋଲି କହିଛନ୍ତି ପାଣ୍ଡିଆନ। ଏହା ସହିତ ନବୀନ ପଟ୍ଟନାୟକଙ୍କ ମାଗଣା ବିଜୁଳି କରେଣ୍ଟ ବିରୋଧୀଙ୍କୁ ଜୋରରେ ଲାଗିଛି ବୋଲି ସେ କଟାକ୍ଷ କରିଛନ୍ତି । ଅନ୍ୟପକ୍ଷରେ ବିରୋଧୀ ଓ ବିଜେପିକୁ ସିଧାସଳଖ ନିଶାଣ କରିଛନ୍ତି ଶ୍ରୀ ପାଣ୍ଡିଆନ। ୫ ବର୍ଷରେ ଥରେ ଓଡ଼ିଶାକୁ ନିର୍ବାଚନ ପର୍ଯ୍ୟଟନରେ ଆସୁଥିବା ବିଜେପିର କେନ୍ଦ୍ରୀୟ ନେତାମାନଙ୍କୁ ଡବଲ ଇଞ୍ଜିନ୍ ଥିବା କେଉଁ ରାଜ୍ୟ ଭାରତରେ ଶ୍ରେଷ୍ଠ ତିନି ମଧ୍ୟରେ ରହିଛି ବୋଲି ପ୍ରଶ୍ନ କରିଛନ୍ତି।

ଶ୍ରୀ ପାଣ୍ଡିଆନ କହିଛନ୍ତି ଯେ ବହୁ ବର୍ଷ ଧରି ପ୍ରଧାନମନ୍ତ୍ରୀ ଗୁଜରାଟରେ ମୁଖ୍ୟମନ୍ତ୍ରୀ ରହିଥିଲେ, ହେଲେ ସେହି ରାଜ୍ୟକୁ ଏକ ନମ୍ବର କରିପାରିଲେ ନାହିଁ। ଏଠାକୁ ଆସି ଓଡ଼ିଶାକୁ ଏକ ନମ୍ବର କରିଦେବେ ବୋଲି ▶ପୃଷ୍ଠା-୧୩

**ପଶ୍ଚିମ ଓଡ଼ିଶାବାସୀଙ୍କୁ ବିଜେପିର ପ୍ରଚଣ୍ଡ ପ୍ରତାରଣା**

# ୧୦ବର୍ଷ ପରେ ହେଲାନାହିଁ ଆଇଜିଏଚ୍ ମେଡିକାଲ କଲେଜ

- ୨୦୧୪ରେ ରାଉରକେଲା ସମାବେଶରେ ପ୍ରତିଶ୍ରୁତି ଦେଇଥିଲେ ମୋଦୀ
- ୨୦୧୫ରେ ଡାକ୍ତରୀ ପିଲାଙ୍କ ନାମଲେଖା ଘୋଷଣା କରିଥିଲେ ଜୁଏଲ୍
- ଇସ୍ପାତ ମନ୍ତ୍ରୀ ଥିବାବେଳେ ବିଜେପି ପ୍ରତିଶ୍ରୁତିକୁ ପାଳନ କଲେନି ଧର୍ମେନ୍ଦ୍ର
- ପ୍ରତିବାଦ କରି ୨୦୧୯ରେ ଦଳରୁ ଇସ୍ତଫା ଦେଇଥିଲେ ଦିଲ୍ଲୀପ ରାୟ

■ **ଭୁବନେଶ୍ୱର, ୧୧।୫ (ସମିସ):** ଶିଳ୍ପ ନଗରୀ ରାଉରକେଲାରେ ମେଡ଼ିକାଲ କଲେଜ ସ୍ଥାପନ ଦାବି ବହୁ ପୁରୁଣା। ସ୍ଥାନୀୟ ରାଜନୈତିକ ଦଳର ନେତା ଓ ବିଭିନ୍ନ ଶ୍ରମିକ ସଙ୍ଗଠନ ଏଥିନିମନ୍ତେ ବହୁବାର ଦାବି କରି ଆସିଛନ୍ତି। ୨୦୧୪ ଏପ୍ରିଲ ୪ ତାରିଖରେ ସାଧାରଣ ନିର୍ବାଚନ ଅବ୍ୟବହିତ ପୂର୍ବରୁ ଏରୋଡ୍ରମ ପଡ଼ିଆରେ ଏକ ନିର୍ବାଚନୀ ସମାବେଶରେ ବିଜେପି କେନ୍ଦ୍ରରେ କ୍ଷମତାକୁ ଆସିଲେ ରାଉରକେଲା ଇସ୍ପାତ ଜେନେରାଲ ହସପିଟାଲକୁ ମେଡ଼ିକାଲ କଲେଜ ଓ ସୁପର ସ୍ପେସିଆଲିଟି ହସ୍‌ପିଟାଲରେ ପରିଣତ କରାଯିବ ବୋଲି ତତ୍‌କାଳୀନ ସମୟରେ ବିଜେପିର ପ୍ରଧାନମନ୍ତ୍ରୀ ପ୍ରାର୍ଥୀ ନରେନ୍ଦ୍ର ମୋଦୀ ଘୋଷଣା କରିଥିଲେ । ଅନୁରୂପ ଭାବରେ କେନ୍ଦ୍ରରେ ବିଜେପି ସରକାର ଗଠନ ପରେ ୨୦୧୫ ଏପ୍ରିଲ ୨ ତାରିଖରେ ପ୍ରଧାନମନ୍ତ୍ରୀ ରାଉରକେଲା ଗସ୍ତକାଳରେ ମଧ୍ୟ ଏହି ପ୍ରତିଶ୍ରୁତି ଦୋହରାଇଥିଲେ। ପ୍ରଧାନମନ୍ତ୍ରୀଙ୍କ ପ୍ରତିଶ୍ରୁତି ପରେ ମେଡ଼ିକାଲ କଲେଜ ସ୍ୱପ୍ନ ସୁନ୍ଦରଗଡ଼ ଓ ରାଉରକେଲାବାସୀଙ୍କୁ ବିହ୍ୱଳିତ କରିଥିଲା। ଏତିକିବେଳେ ତତ୍‌କାଳୀନ କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ ଓ ତତକାଳୀନ ରାଉରକେଲା ବିଧାୟକ ଦିଲୀପ ରାୟଙ୍କୁ ୨୦୧୫ ଶିକ୍ଷାବର୍ଷରେ ଆଇଜିଏଚ୍ ମେଡ଼ିକାଲ କଲେଜରେ ନାମଲେଖା ହେବ ବୋଲି ସେତେବେଳର କେନ୍ଦ୍ର ଇସ୍ପାତ ମନ୍ତ୍ରୀ ନରେନ୍ଦ୍ର ସିଂହ ତୋମାର ଆଶ୍ୱାସନା ଦେଇଥିବା ଖବର ବିଭିନ୍ନ ସମ୍ବାଦପତ୍ରର ଶିରୋନାମା ହୋଇଥିଲା । ଇତିମଧ୍ୟରେ ୧୦ ବର୍ଷ ବିତିଗଲାଣି। ମାତ୍ର ରାଉରକେଲାସ୍ଥିତ ଆଇଜିଏଚ୍ ମେଡ଼ିକାଲ କଲେଜରେ ପରିଣତ ହୋଇପାରିଲା ନାହିଁ । ମେଡ଼ିକାଲ କଲେଜ ବଦଳରେ ଆଇଜିଏଚରେ ସୁପର ସ୍ପେସିଆଲିଟି ହସପିଟାଲ ଖୋଲି ସୁନ୍ଦରଗଡ଼ ଓ ରାଉରକେଲା ଜନସାଧାରଣଙ୍କୁ ଲଲିପପ୍ ▶ପୃଷ୍ଠା-୧୩




## ଭୁବନେଶ୍ୱର ଲୋକସଭା ଆସନ

# କାଳୁଙ୍କ ଶିବିରରେ ଅପରାଜିତାଙ୍କ ଦୁଇ ଘନିଷ୍ଠ

**ଭୁବନେଶ୍ୱର,୧୧।୫(ସମିସ):** ମତଦାନ ପାଇଁ ତାରିଖ ଯେତେ ପାଖେଇ ପାଖେଇ ଆସୁଛି, ବିଜେପିର ଭୁବନେଶ୍ୱର ସାଂସଦ ପ୍ରାର୍ଥୀ ଅପରାଜିତା ଷଡ଼ଙ୍ଗୀଙ୍କ ପାଇଁ ଅଡୁଆ ସେତେ ବଢ଼ିବାରେ ଲାଗିଛି। ଘଡ଼ିକେ ଘୋଡ଼ା ଛୁଟିଲା ଭଳି ସମୀକରଣ ବଦଳିବାରେ ଲାଗିଛି। ସମାନ୍ତରାଳ ସଂଗଠନ ଚଳାଇବା ଅଭିଯୋଗରେ ବେଗୁନିଆ-ବୋଲଗଡ଼ରେ ଅପରାଜିତାଙ୍କୁ ନେଇ କର୍ମୀମହଲରେ ଲାଗିଥିବା ନିଆଁ ଜଳୁଥିବା ବେଳେ

■ ନାମାଙ୍କନ ବେଳେ କାଳୁଙ୍କୁ ଦେଲେ ସମର୍ଥନ
■ ଘଡ଼ିକେ ବଦଳୁଛି ସମୀକରଣ

ଖୋର୍ଦ୍ଧା ଆସନରେ ପୂର୍ବତନ ବିଧାୟକ କାଳୁଚରଣ ଖଣ୍ଡାୟତରାୟଙ୍କ ଟିକଟ କାଟି ଅପରାଜିତା ଆଉ ଏକ ବଡ଼ ବିପଦକୁ ଡାକି ଆଣିଛନ୍ତି ବୋଲି ରାଜନୈତିକମହଲରେ ଆଲୋଚନା ହେଉଛି। ଏବେ ତାଙ୍କ ପାଇଁ ଆଉ ଏକ ସମସ୍ୟା ମୁଣ୍ଡ ଟେକିଛି। ତାହା ହେଲା, ଅପରାଜିତାଙ୍କ ବିରୋଧୀମାନେ ଏବେ କାଳୁଙ୍କ ସହ ହାତ ମିଳାଇଛନ୍ତି। ସ୍ୱାଧୀନ ଭାବେ କାଳୁଙ୍କ ପ୍ରାର୍ଥିପତ୍ର ଦାଖଲ ଶୋଭାଯାତ୍ରାରେ ଅପରାଜିତାଙ୍କ ଦ୍ୱାରା ଗଠିତ 'ୟୁଥ୍ ଫର ଆକ୍ସନ'ର ସଭାପତି ଯୁବନେତା ଦେବାଶିଷ ନାୟକ ଓ 'ଅଜିତା'ର ପୂର୍ବତନ ନିର୍ଦ୍ଦେଶିକା ଶୁଚିସ୍ମିତା ବଡ଼ଜେନାଙ୍କ ଉପସ୍ଥିତି ଏହା ସ୍ପଷ୍ଟ କରିଛି। ଶତ୍ରୁର ଶତ୍ରୁ ମିତ୍ର ନ୍ୟାୟରେ ସେମାନେ ଅପରାଜିତାଙ୍କୁ ଚେକ୍ ଦେବା ପାଇଁ ଏକାଠି ହୋଇଥିବା କୁହାଯାଉଛି। କେବଳ ଅପରାଜିତା ନୁହଁନ୍ତି, ବରଂ ଖୋର୍ଦ୍ଧା ବିଜେପି ବିଧାୟକ ପ୍ରାର୍ଥୀ ପ୍ରଶାନ୍ତ ଜଗଦେବଙ୍କୁ ମଧ୍ୟ ଏହା ଅଡୁଆରେ ପକାଇବ ବୋଲି କୁହାଯାଉଛି।

ପୂର୍ବତନ ବିଜେପି ନେତା କାଳୁଚରଣ ମଳିପଡ଼ା-କଁପୁର ପଞ୍ଚାୟତରୁ ସମିତିସଭ୍ୟ ନିର୍ବାଚିତ ହୋଇଥିବା ବେଳେ ତାଙ୍କ ପତ୍ନୀ ସ୍ୱର୍ଣ୍ଣଲତା ଖଣ୍ଡାୟତରାୟ ସେହି ପଞ୍ଚାୟତରୁ ସରପଞ୍ଚ ନିର୍ବାଚିତ ହୋଇଥିଲେ। ପରେପରେ କାଳୁ ବିଜେପିରେ ଯୋଗ ଦେଇଥିଲେ। ୨୦୧୯ ନିର୍ବାଚନରେ ବିଜେପି ତାଙ୍କୁ ଖୋର୍ଦ୍ଧାରୁ ପ୍ରାର୍ଥୀ



କରିଥିଲା। ସେ ପ୍ରଥମଥର ବିଧାନସଭା ନିର୍ବାଚନ ଲଢ଼ି ୭୪୫୧୦ ଭୋଟ ପାଇଥିବା ବେଳେ ନିକଟତମ ପ୍ରତିଦ୍ୱନ୍ଦ୍ୱୀଙ୍କଠାରୁ ୧୦୦୪୩ ଭୋଟରେ ପରାଜିତ ହୋଇଥିଲେ। ହାରିବା ପରେ ମଧ୍ୟ କାଳୁ ସଙ୍ଗଠନ ସହ ଜଡ଼ିତ ଥିଲେ। ହେଲେ ଅପରାଜିତା ବିଜେଡିରୁ ବହିଷ୍କୃତ ହୋଇଥିବା ନେତା ପ୍ରଶାନ୍ତ ଜଗଦେବଙ୍କୁ ଦଳରେ ମିଶାଇ ଖୋର୍ଦ୍ଧା ବିଧାନସଭାରୁ ପ୍ରାର୍ଥୀ କରାଇବା ଫଳରେ ଖୋର୍ଦ୍ଧାରେ ବିଜେପି ସଙ୍ଗଠନ ଦୁଇ ଫାଳ ହୋଇଯାଇଛି। ସେପଟେ କାଳୁ ମଧ୍ୟ କର୍ମୀମାନଙ୍କ ପରାମର୍ଶକ୍ରମେ ସ୍ୱାଧୀନ ପ୍ରାର୍ଥୀ ଭାବେ ନାମାଙ୍କନ ଭରିଛନ୍ତି। ଏହାକୁ ମୌକା ଭାବି ଅପରାଜିତାଙ୍କ ଦ୍ୱାରା ପ୍ରତାରିତ ହୋଇଥିବା ନେତାନେତ୍ରୀମାନେ ଏବେ କାଳୁଙ୍କ ସମର୍ଥନରେ ବାହାରିଛନ୍ତି। ଏକଦା ଅପରାଜିତାଙ୍କ ଘନିଷ୍ଠ ସହଯୋଗୀ ତଥା ୟୁଥ୍ ଫର ଆକ୍ସନର ସଭାପତି ଦେବାଶିଷ ନାୟକ ମଧ୍ୟ ଅପରାଜିତାଙ୍କ ବିରୋଧରେ ଯାଇ କାଳୁଙ୍କୁ ସମର୍ଥନ କରିଛନ୍ତି। ଗାଁକୁ ଗାଁ ବୁଲି ଅପରାଜିତାଙ୍କୁ ଭୋଟ ନ ଦେବାକୁ ଲୋକମାନଙ୍କୁ କହୁଛନ୍ତି। ସେହିପରି 'ଅଜିତା'ର ପୂର୍ବତନ ନିର୍ଦ୍ଦେଶିକା ତଥା ବିଜେପି ନେତ୍ରୀ ଶୁଚିସ୍ମିତା ବଡ଼ଜେନା ମଧ୍ୟ କାଳୁଙ୍କ ସପକ୍ଷରେ ମଇଦାନକୁ ଆସିଛନ୍ତି। ଉଭୟ ଦେବାଶିଷ ଓ ଶୁଚିସ୍ମିତା କାଳୁଙ୍କ ନାମାଙ୍କନ ଶୋଭାଯାତ୍ରାରେ ସାମିଲ ହୋଇ ଖୋଲା ସମର୍ଥନ ଜଣାଇଛନ୍ତି। ଅପରାଜିତାଙ୍କ ଦୁଇ ଘନିଷ୍ଠ ସହଯୋଗୀ କାଳୁଙ୍କ ଶିବିରରେ ସାମିଲ ହେବା ଅପରାଜିତାଙ୍କ ପାଇଁ ଅଡୁଆ ପରିସ୍ଥିତି ସୃଷ୍ଟି କରିଛି।

### ବିଜେପିରୁ କାଳୁ ଖଣ୍ଡାୟତରାୟ ବହିଷ୍କୃତ

**ଭୁବନେଶ୍ୱର, ୧୧।୫(ସମିସ):** ଦଳବିରୋଧୀ କାର୍ଯ୍ୟ ଓ ଦଳୀୟ ଅନୁଶାସନ ଭଙ୍ଗ କାରଣରୁ ବିଜେପି ନେତା କାଳୁ ଚରଣ ଖଣ୍ଡାୟତରାୟଙ୍କୁ ଦଳରୁ ବହିଷ୍କାର କରାଯାଇଛି। ରାଜ୍ୟ ସଭାପତି ମନମୋହନ ସାମଲଙ୍କ ନିର୍ଦ୍ଦେଶକ୍ରମେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କାଳୁ ଚରଣ ଖଣ୍ଡାୟତରାୟଙ୍କୁ ଦଳରୁ ବହିଷ୍କାର କରାଯାଇଥିବା ନେଇ ଏକ ପ୍ରେସ୍ ବିବୃତିରେ ସୂଚନା ଦିଆଯାଇଛି। ସୂଚନାଯୋଗ୍ୟ, କାଳୁ ୨୦୧୯ ସାଧାରଣ ନିର୍ବାଚନରେ ଖୋର୍ଦ୍ଧା ବିଧାନସଭା ଆସନରୁ ବିଜେପି ପକ୍ଷରୁ ପ୍ରାର୍ଥୀ ହୋଇ ନିର୍ବାଚନ ଲଢ଼ିଥିଲେ। କିନ୍ତୁ ଚଳିତଥର କାଳୁଙ୍କ ବଦଳରେ ଦଳ ପ୍ରଶାନ୍ତ ଜଗଦେବଙ୍କୁ ପ୍ରାର୍ଥୀ କରିଥିଲା। ଏହାପରେ କାଳୁ ସ୍ୱାଧୀନ ପ୍ରାର୍ଥୀ ଭାବେ ନାମାଙ୍କନ ଦାଖଲ କରିଥିଲେ। ଦଳ ବିରୋଧୀ କାର୍ଯ୍ୟ ପାଇଁ ଆଜି ତାଙ୍କୁ ଦଳରୁ ବହିଷ୍କାର କରାଯାଇଛି।

କେବଳ ଅପରାଜିତା ନୁହଁନ୍ତି; ବରଂ ପ୍ରଶାନ୍ତଙ୍କ ପାଇଁ ମଧ୍ୟ ସମାନ ପରିସ୍ଥିତି ଉପୁଜିଛି। ଆଉ ଦିନ କେଇଟା ପରେ ଭୁବନେଶ୍ୱର ଲୋକସଭା ଆସନ ପାଇଁ ମତଦାନ ହେବାକୁ ଥିବା ବେଳେ ପ୍ରତାରିତ ପୂର୍ବତନ ଘନିଷ୍ଠ ସହଯୋଗୀମାନେ ଅପରାଜିତା ଓ ପ୍ରଶାନ୍ତଙ୍କ ବିରୋଧରେ ପ୍ରଚାର କରିବା ଫଳରେ ଏହା ସେମାନଙ୍କ ଭୋଟ ହାର ଉପରେ ପ୍ରଭାବ ପକାଇବ ବୋଲି ଚର୍ଚ୍ଚା ହେଉଛି।

## ଟିଟିଲାଗଡ଼ ନିର୍ବାଚନମଣ୍ଡଳୀ

# କାହା ଉପରେ ଭରସା କରିବେ ଭୋଟର

**ବଲାଙ୍ଗିର, ୧୧।୫(ସମିସ):** ୨୦୨୪ ନିର୍ବାଚନ ପାଇଁ ସବୁଦଳ ତତ୍ପର। ଲୋକଙ୍କ ପାଖରେ ପହଞ୍ଚୁଛି ପ୍ରତିଶ୍ରୁତିର ବନ୍ୟା। ଟିଟିଲାଗଡ଼ ବିଧାନସଭା ନିର୍ବାଚନମଣ୍ଡଳୀରୁ ରାଜ୍ୟ ଜଳସମ୍ପଦ, ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଟୁକୁନା ସାହୁ, କଂଗ୍ରେସରୁ ବୀରେନ୍ଦ୍ର ବାଗ ଏବଂ ବିଜେପିରୁ ନବୀନ ଜୈନ ବିଧାୟକ ପ୍ରାର୍ଥୀ ରହିଛନ୍ତି। ଏଭଳି ସ୍ଥଳେ ସମସ୍ତ ରାଜନୈତିକ ଦଳ ପ୍ରଚାର ପ୍ରସାର ଜୋରଦାର କରିଛନ୍ତି। ତେବେ ବିଜେଡି ଏବଂ କଂଗ୍ରେସର ଦୁଇ ସ୍ନାତକ ଉତ୍ତୀର୍ଣ୍ଣ ପ୍ରାର୍ଥୀଙ୍କ ସହ ବିଜେପିରୁ ମାଟ୍ରିକ୍ ଫେଲ ପ୍ରାର୍ଥୀ ନବୀନ ଜୈନଙ୍କ ସହ ମୁକାବିଲା ରୋଚକ ହେବ ବୋଲି ଆଲୋଚନା ହେଉଛି। ନବୀନ ବିଭିନ୍ନ ସ୍କୁଲ ଗସ୍ତ କରିଥିବା ବେଳେ ସ୍କୁଲରେ ଡାକ୍ତର ନ ଥିବା କହିବା ବର୍ତ୍ତମାନ ସାମାଜିକ ଗଣମାଧ୍ୟମରେ ଚର୍ଚ୍ଚାର ବିଷୟ ହୋଇଛି। ରାମପ୍ରସାଦ ନାମରେ ମାଟ୍ରିକ ପରୀକ୍ଷା ଦେଇ ଫେଲ ହୋଇଥିବା ବିଜେପି ପ୍ରାର୍ଥୀ ନବୀନ ନିର୍ବାଚନ ଅଧିକାରୀଙ୍କଠାରେ ଦାଖଲ କରିଥିବା ନିଜ ସତ୍ୟପାଠରେ ଉଲ୍ଲେଖ କରିଛନ୍ତି। ଅନ୍ୟପକ୍ଷରେ ନବୀନ ମାତ୍ର ୬ ଶ୍ରେଣୀ ପର୍ଯ୍ୟନ୍ତ ପଢ଼ିଥିବା ବେଳେ ରାମପ୍ରସାଦ କିଏ ଏବଂ କାହିଁକି ଆଉ କେମିତି ମାଟ୍ରିକ ପରୀକ୍ଷା ଦେଲେ, କାହିଁକି ଫେଲ ହେଲେ ସେ ନେଇ ସାଧାରଣରେ ଚର୍ଚ୍ଚା ଆଲୋଚନା ଜୋର ଧରିଲାଣି। ଏଥର ଟିଟିଲାଗଡ଼ ନିର୍ବାଚନମଣ୍ଡଳୀରେ ବିକାଶ କାର୍ଯ୍ୟକୁ ତ୍ୱରାନ୍ୱିତ କରି ଆସିଥିବା ଟୁକୁନି ସାହୁ ତୃତୀୟ ଥର ପାଇଁ ଦଳୀୟ ଟିକଟ ପାଇଛନ୍ତି। ଗତ ଦୁଇଟି ବିଧାନସଭା ନିର୍ବାଚନରେ ଟୁକୁନିଙ୍କ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ସୁରେନ୍ଦ୍ର ସିଂଭୋଇ କଂଗ୍ରେସ ଛାଡି ବିଜେଡିରୁ ବଲାଙ୍ଗିର ଲୋକସଭା ଆସନରୁ ସାଂସଦ ପ୍ରାର୍ଥୀ ଭାବରେ ଛିଡା ହୋଇଛନ୍ତି। ଅନ୍ୟପକ୍ଷରେ ବିଜେପିର ବଲାଙ୍ଗିର ଜିଲ୍ଲା ତଥା ଟିଟିଲାଗଡ଼ ନିର୍ବାଚନମଣ୍ଡଳୀର ପ୍ରମୁଖ ନେତା ମୁକେଶ ଜୈନ, ବଲାଙ୍ଗିର ସାଂସଦଙ୍କ ପ୍ରତିନିଧି ତଥା ଦଳର ଲୋକସଭା ନିର୍ବାଚନ ମଣ୍ଡଳୀ ମିଡ଼ିଆ ସଂଯୋଜକ ଆଲୋକ ନାୟକଙ୍କ ସମେତ ଅନେକ ତୁଙ୍ଗ ନେତା ବିଜେଡିରେ ସାମିଲ ହୋଇଛନ୍ତି। ଅନ୍ୟପକ୍ଷରେ ବିଜେପି ଟିକଟ ପାଇଥିବା ଦଳରେ ନବାଗତ ନବୀନ ବଲାଙ୍ଗିର ସାଂସଦଙ୍କ ଟିକଟ କାଟିବା ପାଇଁ ବଳରାମ ଯାଦବ, ଶାନ୍ତନୁ ନାୟକ, ଅଶୋକ ଦୋରାଙ୍କ ସହ ମିଳିତ ପ୍ରୟାସ କରିଥିବା ଚର୍ଚ୍ଚାର ବିଷୟ ପାଲଟିଥିଲା। ଏପରକି ପ୍ରଧାନମନ୍ତ୍ରୀ ମୋଦୀଙ୍କ ଜନ୍ମ ଦିବସ ଅବସରରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ବିଶ୍ୱକର୍ମା ଯୋଜନା ପ୍ରାରମ୍ଭ ନେଇ ସାଂସଦ ସଙ୍ଗୀତା ସିଂଦେଓ, ବିଜେପି ଜିଲ୍ଲା ସଭାପତି ଶିବାଜୀ ମହାନ୍ତି ଟିଟିଲାଗଡ଼ଠାରେ ଏକ ବିଶାଳ ସମାବେଶ ଆୟୋଜନ କରିଥିବା ବେଳେ ନବୀନ ଏହାକୁ ଭଣ୍ଡୁର କରିବାକୁ ପୂର୍ଣ୍ଣ ପ୍ରୟାସ କରିଥିଲେ। ସମାନ୍ତରାଳ ଭାବରେ ନବୀନ ଉକ୍ତ ଦିବସରେ ସଙ୍ଗୀତାଙ୍କ ସମାବେଶଠାରୁ ଅନତି ଦୂରରେ ସଭା ଆୟୋଜନ କରି ମୋଦିଙ୍କ ଜନ୍ମଦିନ ପାଳନ କରିଥିଲେ। ଏହି ପରିପ୍ରେକ୍ଷିରେ ମାଟ୍ରିକ ଫେଲ ନବୀନଙ୍କଠାରୁ ଆମେ କୋଉ ଗୁଣ, ଦଳ ପ୍ରତି ଆନୁଗତ୍ୟ ଆଦି କୋଉ ଗୁଣରେ କମ ଥିଲୁ ବୋଲି ବିଜେପିର ସ୍ଥାନୀୟ ଛାମୁଆଠାରୁ ଆରମ୍ଭ କରି ତଳସ୍ତର ନେତାଏ ବର୍ତ୍ତମାନ ବିଜେଡି ମୁହାଁ ହୋଇଛନ୍ତି। ଏହି ପରିପ୍ରେକ୍ଷୀରେ ବିଜେପି ପ୍ରାର୍ଥୀ ନବୀନଙ୍କ ପାଇଁ ଅଡୁଆ ଦିନକୁ ଦିନ ବୃଦ୍ଧି ପାଉଥିବା ପରିଲକ୍ଷିତ ହୋଇଛି। ଅନ୍ୟପକ୍ଷରେ କଂଗ୍ରେସ ଏବଂ ବିଜେପିର ବହୁ ତୁଙ୍ଗ ନେତା ବିଜେଡିରେ ସାମିଲ ହୋଇଥିବା ନେଇ ବିଜେଡି ବିଧାୟକ ପ୍ରାର୍ଥୀନି ଟୁକୁନି ଏଥର ଅପେକ୍ଷାକୃତ ସୁବିଧା ସ୍ଥିତିରେ ରହିଥିବା ରାଜନୈତିକ ସମୀକ୍ଷକଙ୍କ ମହଲରେ ଆଲୋଚନା ହୋଇଛି।





■ କର୍ମୀଙ୍କୁ ନିର୍ବାଚନୀ ମନ୍ତ୍ର ଦେଲେ ପ୍ରଣବ ପ୍ରକାଶ

# ଘରେ ଘରେ ପହଞ୍ଚୁ ନବୀନଙ୍କ ବିକାଶ ବାର୍ତ୍ତା

**ସମ୍ବଲପୁର, ୧୧।୫(ସମିସ):** କୁଚିଣ୍ଡା ବିଧାନସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ବିଭିନ୍ନ ବ୍ଲକରେ ଶନିବାର ବିଜୁ ଜନତା ଦଳର କର୍ମୀ ସମ୍ମିଳନୀ ଆୟୋଜିତ ହୋଇଯାଇଛି। ଦଳର ସାଂଗଠନିକ ସମ୍ପାଦକ ତଥା ସମ୍ବଲପୁର ଲୋକସଭା ପ୍ରାର୍ଥୀ ପ୍ରଣବ ପ୍ରକାଶ ଦାସ ଯୋଗଦେଇ ଦଳର କର୍ମକର୍ତ୍ତାମାନଙ୍କ ଉତ୍ସାହ ବୃଦ୍ଧି କରିଛନ୍ତି। ପ୍ରଣବ କହିଛନ୍ତି, ସମ୍ବଲପୁର ବର୍ତ୍ତମାନ ରାଜ୍ୟ ରାଜନୀତିର ହଟସ୍ପଟ୍ ପାଲଟିଛି। ଏହି ଆସନ ହାତେଇବାକୁ ବିରୋଧୀ ମିଛ ପ୍ରତିଶ୍ରୁତିର ସାହାରା

**ଜୁନ୍ ୯ରେ ମୁଖ୍ୟମନ୍ତ୍ରୀଙ୍କ ଶପଥ ଗ୍ରହଣ ଉତ୍ସବକୁ ଆମେ ମୋଦୀଜୀଙ୍କୁ ନିମନ୍ତ୍ରଣ କରିବୁ**

ନେଉଛନ୍ତି। କିନ୍ତୁ ଆମେ ରାଜ୍ୟ ସରକାରଙ୍କ ବିକାଶ କାମର ତାଲିକା ନେଇ ଭୋଟର୍‌ଙ୍କ ପାଖରେ ପହଞ୍ଚିବା। ମୁଖ୍ୟମନ୍ତ୍ରୀ ଦେଇଥିବା ବିକାଶ ବାର୍ତ୍ତାକୁ ଘରେଘରେ ପହଞ୍ଚାଇବା ବୋଲି ପ୍ରଣବ କହିଛନ୍ତି।

କୁଚିଣ୍ଡା ବିଧାନସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ରେଙ୍ଗାଲି ବ୍ଲକର କର୍ମୀମାନଙ୍କୁ ନେଇ କେସାଇବାହାଲରେ ସମ୍ମିଳନୀ ଆୟୋଜନ କରାଯାଇଥିଲା। ଏହି ଅବସରରେ ପ୍ରଣବ ପ୍ରକାଶ କହିଥିଲେ ଯେ ମୁଖ୍ୟମନ୍ତ୍ରୀ ଆଗାମୀ ୧୨ବର୍ଷ ମଧ୍ୟରେ ଓଡ଼ିଶାକୁ ନମ୍ବର ୱାନ୍ କରିବାକୁ ଲକ୍ଷ୍ୟ ରଖିଛନ୍ତି। ତେଣୁ ବିଜେଡିର ଇସ୍ତାହାରରେ ସମସ୍ତ ବର୍ଗର ଲୋକଙ୍କ ଉନ୍ନତି ପାଇଁ ଯୋଜନା ରଖାଯାଇଛି। ମହିଳା ଓ ଯୁବବର୍ଗଙ୍କ ଉନ୍ନତିଠାରୁ ଆରମ୍ଭ କରି ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, କ୍ରୀଡ଼ା, ଗମନାଗମନ, ପରିବହନ ଭଳି ସବୁ କ୍ଷେତ୍ରରେ ଯୁଗାନ୍ତକାରୀ ପରିବର୍ତ୍ତନ କରି ଏକ ବିକଶିତ ଓଡ଼ିଶା ଗଠନ ପ୍ରତି ଦୃଷ୍ଟି ଦିଆଯିବ। ସେହିଭଳି ବିଏସ୍‌କେୱାଇ କାର୍ଡ ଓଡ଼ିଶାବାସୀଙ୍କ ପାଇଁ ବରଦାନ ସାବ୍ୟସ୍ତ ହୋଇଛି। କଲେଜ ଛାତ୍ରଛାତ୍ରୀଙ୍କୁ 'ନୂଆ-ଓ' ଛାତ୍ରବୃତ୍ତି ପ୍ରଦାନ କରାଯାଉଛି। ଏହି ସବୁ ଯୋଜନାକୁ ଆପଣମାନଙ୍କୁ ପ୍ରତି ଲୋକଙ୍କ ପାଖକୁ ପହଞ୍ଚାଇବାକୁ ପଡ଼ିବ ବୋଲି କହିଥିଲେ। ବିଜେପିକୁ ଟାର୍ଗେଟ୍ କରି ସେ କହିଥିଲେ ଯେ ବିଜେପି ସରକାର ଯାହା କହନ୍ତି, ତା'ର ଓଲଟା କରନ୍ତି। ଗତ ନିର୍ବାଚନରେ ପ୍ରତି ଆକାଉଣ୍ଟରେ ୧୫ଲକ୍ଷ ଟଙ୍କା ଜମା ହେବ ବୋଲି କହିଥିଲେ। କୃଷିବୀମା କଥା ବି କହିଥିଲେ। କିନ୍ତୁ କିଛି ବି ମିଳୁନି। ତେଣୁ ସମୟ ଆସିଛି ବର୍ତ୍ତମାନ ସେହି ନେତାଙ୍କୁ ଉଚିତ ଜବାବ ଦେବା।



ଗଣମାଧ୍ୟମ ପ୍ରତିନିଧିଙ୍କ ଏକ ପ୍ରଶ୍ନର ଉତ୍ତର ଦେଇ ପ୍ରଣବ ପ୍ରକାଶ କହିଥିଲେ, ମୁଖ୍ୟମନ୍ତ୍ରୀ ଓ ଦଳର ବରିଷ୍ଠ ନେତା କାର୍ତ୍ତିକ ପାଣ୍ଡିଆନ ବି କହିସାରିଛନ୍ତି ଯେ ଜୁନ୍ ୯ ତାରିଖରେ ବିଜେଡି ସରକାରର ଶପଥ ଗ୍ରହଣ ଉତ୍ସବ ହେବ। ଆମେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ନିମନ୍ତ୍ରଣ କରିବୁ ସେଥିରେ ଉପସ୍ଥିତ ରହିବା ପାଇଁ ବୋଲି ପ୍ରଣବ କହିଥିଲେ। ପରେ ପ୍ରଣବ କୁଚିଣ୍ଡା ବ୍ଲକର ବଙ୍କମା ଫୁଟବଲ ପଡ଼ିଆ ଏବଂ ଜମନକିରାସ୍ଥିତ ଗୁଣ୍ଡୁରୁଟୁଆଁଠାରେ କର୍ମୀମାନଙ୍କୁ ନିର୍ବାଚନ ପାଇଁ ଗୁରୁମନ୍ତ୍ର ଦେଇଥିଲେ। ଏହି କାର୍ଯ୍ୟକ୍ରମଗୁଡ଼ିକରେ ପ୍ରଣବ ପ୍ରକାଶ ଦାସଙ୍କ ସହ କୁଚିଣ୍ଡା ବିଧାୟକ ପ୍ରାର୍ଥୀ ରାଜେନ୍ଦ୍ର ଛତ୍ରିଆ, ଦେବଗଡ଼ ଓ କୁଚିଣ୍ଡା ବିଧାନସଭା ନିର୍ବାଚନମଣ୍ଡଳୀର ନିର୍ବାଚନ ପରିଚାଳନା ଦାୟିତ୍ୱରେ ଥିବା ବିଜୁ ଜନତା ଦଳର ବରିଷ୍ଠ ନେତା ସଞ୍ଜିତ ମହାନ୍ତି ଓ ଅନ୍ୟମାନେ ଉପସ୍ଥିତ ଥିଲେ।

ଜମୁଛି ନିର୍ବାଚନୀ ପ୍ରଚାର

# ମଙ୍ଗ ଧରିଛନ୍ତି ଭାଇ, ବନ୍ଧୁ ଓ କୁଟୁମ୍ବ

**ଯାଜପୁର,୧୧।୫(ସମିସ):** ଚାଲିଛି ବିଶ୍ୱର ସର୍ବବୃହତ ଗଣତନ୍ତ୍ରର ମହାପର୍ବ ସାଧାରଣ ନିର୍ବାଚନ ପ୍ରକ୍ରିୟା। ଏହି ପ୍ରକ୍ରିୟାରେ ଏବେ ପ୍ରାର୍ଥୀ ନିଜର ନାମାଙ୍କନପତ୍ର ଦାଖଲ କରୁଛନ୍ତି। ଯାଜପୁର ଜିଲ୍ଲାର ୭ଟି ବିଧାନସଭା ଓ ଗୋଟିଏ ଲୋକସଭା ନିର୍ବାଚନମଣ୍ଡଳୀ ପାଇଁ ଆସନ୍ତା ଜୁନ୍ ୧ ତାରିଖ ଦିନ ଭୋଟ ଗ୍ରହଣ କରାଯିବ। ଏଥିପାଇଁ ଏବେ ନାମାଙ୍କନପତ୍ର ଦାଖଲ ପ୍ରକ୍ରିୟା ଚାଲିଥିବା ବେଳେ ପ୍ରାର୍ଥୀମାନେ ପ୍ରଚାରରେ ଲାଗି ପଡ଼ିଛନ୍ତି। ପ୍ରଚାରର ମଙ୍ଗ ଧରିଛନ୍ତି ଭାଇ, ବନ୍ଧୁ ଓ କୁଟୁମ୍ବ। କେଉଁଠି ପୁଅ ପାଇଁ ବାପା ପ୍ରଚାର କରୁଛନ୍ତି ତ କେଉଁଠି ମାଆ ପାଇଁ ପୁଅ, ସ୍ୱାମୀ ପାଇଁ ସ୍ତ୍ରୀ ଓ ଭାଇ ପାଇଁ ଭାଇ ପ୍ରଚାର ମଙ୍ଗ ଧରିଛନ୍ତି। ଏଭଳି ଦୃଶ୍ୟ ପ୍ରାୟ ସବୁ ନିର୍ବାଚନମଣ୍ଡଳୀରେ ଦେଖିବାକୁ ମିଳୁଥିବା ବେଳେ ସବୁଠାରୁ ଅଧିକ ସୁକିନ୍ଦା, କୋରେଇ, ଧର୍ମଶାଳା ନିର୍ବାଚନ ମଣ୍ଡଳୀରେ ଦେଖିବାକୁ ମିଳୁଛି।

ସୁକିନ୍ଦା ନିର୍ବାଚନମଣ୍ଡଳୀରେ ଏଥର ବିଜେଡି ଦଳରୁ ପୁଣି ପ୍ରାର୍ଥୀ ହୋଇଛନ୍ତି ପ୍ରୀତିରଞ୍ଜନ ଘଡ଼ାଇ। ସେ ପୂର୍ବତନ ଅର୍ଥମନ୍ତ୍ରୀ ପ୍ରଫୁଲ୍ଲ ଘଡ଼ାଇଙ୍କ ପୁଅ। ପୂର୍ବରୁ ପ୍ରଫୁଲ୍ଲ ଏଠାରୁ ବହୁବାର ନିର୍ବାଚନ ବୈତରଣୀ ପାରି ହେବାରେ ସକ୍ଷମ ହୋଇଛନ୍ତି। ଯେବେଠାରୁ ପ୍ରଫୁଲ୍ଲଙ୍କ ବଦଳରେ ପୁଅ ପ୍ରୀତିରଞ୍ଜନଙ୍କୁ ଏଠାରୁ ଦଳୀୟ ଟିକଟ ମିଳିଛି, ସେବେଠାରୁ ପ୍ରୀତିରଞ୍ଜନଙ୍କ ସେନାପତି ସାଜିଛନ୍ତି ବାପା ପ୍ରଫୁଲ୍ଲ। ଛୋଟ ବଡ଼ ସମସ୍ୟାଠାରୁ ଆରମ୍ଭ କରି ସବୁ ବର୍ଗର ଭୋଟରଙ୍କୁ ମନେଇବାରେ ପ୍ରଫୁଲ୍ଲ ସିଦ୍ଧହସ୍ତ। ଦଳୀୟ ସମାବେଶ ହେଉ ଅବା କୌଣସି ନିମନ୍ତ୍ରଣ; ସବୁ ଜାଗାରେ ପୁଅର ଅନୁପସ୍ଥିତିକୁ ଅନୁଭବ କରିବାକୁ ଦେଇନାହାନ୍ତି ପ୍ରଫୁଲ୍ଲ। ଆଉ ନିର୍ବାଚନ ସମୟରେ ପଛକୁ ହଟିବେ ବା କେମିତି? ବୟସର ଅପରାହ୍ଣରେ ପହଞ୍ଚିଥିବା ପ୍ରଫୁଲ୍ଲଙ୍କ ଭିତରେ ଏବେ ବି ଯୁବ ସୁଲଭ ଦେଖିବାକୁ ମିଳୁଛି। ଦିନରାତି ଏକ କରି ନିଜ ପୁଅ ପାଇଁ ଦଳୀୟ ପ୍ରଚାରରେ ସାମିଲ ହେଉଛନ୍ତି। ଗାଁକୁ ଗାଁ ବୁଲି ବୁଲି ଦଳୀୟ ପ୍ରଚାରରେ ଲାଗି ପଡ଼ିଛନ୍ତି। ଶାସକ ବିଜୁ ଜନତା ଦଳର ସଫଳତା ସମ୍ପର୍କରେ ଲୋକଙ୍କୁ ଅବଗତ କରି ଭୋଟ ଭିକ୍ଷା କରିବାକୁ ଉଦ୍ୟମ ଜାରି





ରଖିଛନ୍ତି। ପ୍ରଫୁଲ୍ଲଙ୍କ ପ୍ରଚାରରେ ପ୍ରଭାବିତ ହୋଇ ଅନେକ ଭୋଟର ବିରୋଧୀ ଶିବିର ଛାଡ଼ି ଶାସକ ବିଜୁ ଜନତା ଦଳ ଗଡ଼ରେ ପହଞ୍ଚୁଛନ୍ତି।

ସେହିପରି କୋରେଇ ନିର୍ବାଚନମଣ୍ଡଳୀରେ ମଧ୍ୟ ଏଭଳି କିଛି ଦୃଶ୍ୟ ଦେଖିବାକୁ ମିଳିଛି। ଏଠାରେ ବିଜୁ ଜନତା ଦଳର ପ୍ରାର୍ଥୀ ହୋଇଛନ୍ତି କୋରେଇର ପୂର୍ବତନ ବିଧାୟକ ତଥା ପୂର୍ବତନ ବିରୋଧୀ ଦଳ ନେତା ସ୍ୱର୍ଗତ ଅଶୋକ ଦାସଙ୍କ ପତ୍ନୀ ସନ୍ଧ୍ୟାରାଣୀ ଦାସ। ସନ୍ଧ୍ୟା ବିଜୁ ଜନତା ଦଳର ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କ ମାଆ ହୋଇଥିବାରୁ ଏଥର ନିର୍ବାଚନରେ ପ୍ରଣବଙ୍କୁ ପ୍ରଚାରରେ ଦେଖିବାକୁ ମିଳୁଛି। ଗତ ୮ ତାରିଖରେ ଧନେଶ୍ୱରରେ ଅନୁଷ୍ଠିତ ମହାମିଶ୍ରଣ ସମାବେଶରେ ପ୍ରଣବ ସାମିଲ ହୋଇ ନିଜ ମାଆଙ୍କ ପାଇଁ ଭୋଟ ଭିକ୍ଷା କରିଥିଲେ। ନିଜ ପାଖରେ ଥିବା ସାଂଗଠନିକ ଦକ୍ଷତାକୁ ଉପଯୋଗ କରିବା ସହିତ ସରକାରଙ୍କ ସଫଳ ଯୋଜନାକୁ



ଲୋକଙ୍କ ପାଖରେ ପହଞ୍ଚାଇବାର ପ୍ରତିଶ୍ରୁତି ଦେଇ ପ୍ରଣବ ଭୋଟ ଭିକ୍ଷା କରୁଛନ୍ତି। ସେଦିନ ପ୍ରଣବଙ୍କୁ ଭେଟିବା ଓ ମିଶିବା ପାଇଁ କୋରେଇବାସୀଙ୍କ ଭିଡ଼କୁ ଦେଖି ସେ ଅତ୍ୟନ୍ତ ଭାବବିହ୍ୱଳ ହୋଇଯାଇଥିଲେ। ପ୍ରଣବଙ୍କୁ ବିଜେଡିର ସେନାପତି ଆଖ୍ୟା ମିଳିବା ପରେ କୋରେଇର ଏକାଧିକ ବିରୋଧୀ ନେତା କ୍ୟାମ୍ପ ବଦଳାଇ ବିଜେଡିରେ ସାମିଲ ହୋଇଛନ୍ତି। ସେ ଯଦିଓ ଚଳିତ ନିର୍ବାଚନରେ ସମ୍ବଲପୁର ଲୋକସଭା ଆସନରେ ପ୍ରାର୍ଥୀ ହୋଇଛନ୍ତି, ସେଠାରେ ନିର୍ବାଚନ ଶେଷ ପରେ ସଂପୂର୍ଣ୍ଣ ଭାବେ ନିଜ ମାଆଙ୍କ ପାଇଁ ପ୍ରଚାରରେ ଲାଗିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

ଅନ୍ୟପକ୍ଷରେ ବିଜେଡିରୁ ଯାଇ ବିଜେପିରୁ ପ୍ରାର୍ଥୀ ହୋଇଥିବା ଆକାଶ ଦାସନାୟକଙ୍କ ପାଇଁ ପ୍ରଚାରର ମଙ୍ଗ ଧରୁଛନ୍ତି ତାଙ୍କ ପତ୍ନୀ ଶୁଭ୍ରଜ୍ୟୋତି ଦାସ। ବିଭିନ୍ନ ସ୍ଥାନକୁ ଯାଇ ନିଜ ପତ୍ନୀଙ୍କ ପାଇଁ ଭୋଟ ଭିକ୍ଷା କରୁଥିବା ଦେଖିବାକୁ ମିଳିଛି। ଏପରିକି ନାମାଙ୍କନପତ୍ର ଦାଖଲ ସମୟରେ ପତ୍ନୀ ଶୁଭ୍ରଜ୍ୟୋତି ମଧ୍ୟ ଆକାଶଙ୍କ ସାଙ୍ଗରେ ଥିବା ଦେଖିବାକୁ ମିଳିଥିଲା।

କଥାରେ ଅଛି, ଯୁଦ୍ଧ କରିବାକୁ ଯିବ ଯଦି ସାଙ୍ଗରେ ଥିବ ଭାଇ। ଧର୍ମଶାଳାରେ ଭାଇ ପାଇଁ ଭାଇ ମଧ୍ୟ ପ୍ରଚାର କାର୍ଯ୍ୟରେ ଲାଗିଥିବା ଦେଖିବାକୁ ମିଳିଛି। ଧର୍ମଶାଳା ନିର୍ବାଚନମଣ୍ଡଳୀରେ ବିଜୁ ଜନତା ଦଳର ପ୍ରାର୍ଥୀ ହୋଇଛନ୍ତି ହେଭିୱେଟ୍ ନେତା ପ୍ରଣବ ବଳବନ୍ତରାୟ। ଲଗାତର ଦୁଇଥର ନିର୍ବାଚନରେ ବିଜୟୀ ହୋଇଥିବା ପ୍ରଣବ ଏଥର ହ୍ୟାଟ୍ରିକ୍ ଲକ୍ଷ୍ୟରେ ଅଛନ୍ତି। ପ୍ରଣବଙ୍କ ବାପା ସ୍ୱର୍ଗତ କଳ୍ପତରୁ ଦାସ ରାଜ୍ୟ ରାଜନୀତିରେ ଜଣେ ଚର୍ଚ୍ଚିତ ବ୍ୟକ୍ତି ଥିଲେ। ପୂର୍ବତନ ମନ୍ତ୍ରୀ ଓ ସାଂସଦ ସମୟରେ ୨୦୧୪ରେ ପ୍ରଣବ ତାଙ୍କର ନିର୍ବାଚନୀ କ୍ୟାରିୟର ଆରମ୍ଭ କରିଥିଲେ। ପ୍ରଣବଙ୍କୁ ରାଜନୀତି କ୍ଷେତ୍ରରେ ସହଯୋଗ କରୁଛନ୍ତି ତାଙ୍କ ଭାଇ ପ୍ରଭାତ ବଳବନ୍ତରାୟ। ପ୍ରଭାତ ଏବେ ଧର୍ମଶାଳା ବ୍ଲକ ଅଧ୍ୟକ୍ଷ ଅଛନ୍ତି। ତେଣୁ ଭାଇ ପ୍ରଣବଙ୍କୁ ନିର୍ବାଚନ କ୍ଷେତ୍ରରେ ସମ୍ପୂର୍ଣ୍ଣ ସହଯୋଗ କରୁଛନ୍ତି ପ୍ରଭାତ। ନିଜେ ସାମ୍ନାକୁ ନ ଯାଇ ନିର୍ବାଚନୀ ଗୋଟିଚାଳନା କରି ଭାଇଙ୍କୁ ହ୍ୟାଟ୍ରିକ ବିଜୟୀ କରିବା ଲକ୍ଷ୍ୟରେ ଥିବା ନେଇ ଚର୍ଚ୍ଚା ଜୋର ଧରିଛି।

# ନିର୍ବାଚନୀ ଇସ୍ତାହାରରେ ଜଳବାୟୁ ପରିବର୍ତ୍ତନର ମୁକାବିଲା

**ଭୁବନେଶ୍ୱର,୧୧।୫(ସମିସ):** ରାଜ୍ୟନୈତିକ ଦଳଗୁଡ଼ିକ ଏବେ ଜଳବାୟୁ ପରିବର୍ତ୍ତନ ପ୍ରସଙ୍ଗରେ ସମ୍ବେଦନଶୀଳ ହେଉଛନ୍ତି। ଦେଶ ତଥା ରାଜ୍ୟ ନିର୍ବାଚନଗୁଡ଼ିକରେ ଜଳବାୟୁ ପରିବର୍ତ୍ତନ ଓ ଏହାର ମୁକାବିଲା ନେଇ ପଦକ୍ଷେପକୁ ଗୁରୁତ୍ୱ ଦିଆଯାଉଛି। ଏହି ପ୍ରସଙ୍ଗକୁ ପ୍ରାଥମିକତା ଦେଇ ଜଳବାୟୁ ପରିବର୍ତ୍ତନ ସମ୍ପର୍କରେ ଅବଗତ ଥିବା ଗୋଷ୍ଠୀ ଓ ଜଳବାୟୁ ପରିବର୍ତ୍ତନ ମୁକାବିଲା ପାଇଁ କାର୍ଯ୍ୟ କରୁଥିବା ଗୋଷ୍ଠୀଙ୍କ ଆସ୍ଥାଭାଜକ ହେବା ପାଇଁ ରାଜନୈତିକ ଦଳଗୁଡ଼ିକ ପ୍ରୟାସ କରିଛନ୍ତି। ଚଳିତ ନିର୍ବାଚନରେ ଓଡ଼ିଶାର ୩ ପ୍ରମୁଖ ରାଜନୈତିକ ଦଳ ସେମାନଙ୍କ ଇସ୍ତାହାର ପ୍ରକାଶ କରିସାରିଛନ୍ତି। ତେବେ ୩ଟି ଯାକ ଦଳ ଜଳବାୟୁ ପରିବର୍ତ୍ତନର ମୁକାବିଲା ନେଇ ସେମାନଙ୍କ ଆଭିମୁଖ୍ୟ ସମ୍ପର୍କରେ ଇସ୍ତାହାରରେ ରାଜ୍ୟବାସୀଙ୍କୁ ଅବଗତ କରାଇଛନ୍ତି।

ବିଜେଡି ନିଜ ଇସ୍ତାହାରରେ ସାମଗ୍ରିକ ବିକାଶକୁ ଗୁରୁତ୍ୱ ଦେବା କଥା କହିଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିଜ ନିର୍ବାଚନୀ ଇସ୍ତାହାରରେ ପରିବେଶ ସୁରକ୍ଷାକୁ ସମଗୁରୁତ୍ୱ ପ୍ରଦାନ କରିଛନ୍ତି। ଇସ୍ତାହାରରେ କୁହାଯାଇଛି ଯେ ଜଳବାୟୁ ପରିବର୍ତ୍ତନର ମୁକାବିଲା ପାଇଁ ଜଳବାୟୁ ପରିବର୍ତ୍ତନ ପ୍ରଶମନ ରଣନୀତି ଏବଂ



ନବୀକରଣଯୋଗ୍ୟ ଶକ୍ତି ପାଇଁ ଲକ୍ଷ୍ୟ ସହିତ ଓଡ଼ିଶା 'ଜଳବାୟୁ ପରିବର୍ତ୍ତନ କାର୍ଯ୍ୟ ଯୋଜନା-୨୦୩୬' ପ୍ରସ୍ତୁତ କରାଯିବ। ସେହିପରି ରାଜ୍ୟରେ ବାତ୍ୟା ବିରୋଧରେ ଦୃଢ଼ ସୁରକ୍ଷା ସୃଷ୍ଟି କରିବା ପାଇଁ ହେନ୍ତାଳ ବଣର ବିସ୍ତାର ଜାରି ରଖିବାକୁ ବିଜେଡି ନିଷ୍ପତ୍ତି ନେଇଛି। ସେହିପରି ଜଙ୍ଗଲ ସୃଷ୍ଟି, ବୃକ୍ଷରୋପଣ ଏବଂ ସହରାଞ୍ଚଳ ସବୁଜୀକରଣ ଉପରେ ଅଧିକ ଗୁରୁତ୍ୱ ଦେବା ସହ ସମଗ୍ର ରାଜ୍ୟରେ ଗୋଷ୍ଠୀ ଭାଗୀଦାରି ସହ ଗ୍ରୀନ୍-ଜୋନ୍ ସୃଷ୍ଟି ଉପରେ ଗୁରୁତ୍ୱ ଦେବ ବୋଲି ବିଜେଡି କହିଛି।

- ବିଜେଡି-ବିଜେପି ଦେଇଛନ୍ତି ଏକାଧିକ ପ୍ରତିଶ୍ରୁତି
- 'ଜଳବାୟୁ ପରିବର୍ତ୍ତନ କାର୍ଯ୍ୟ ଯୋଜନା-୨୦୩୬' ପ୍ରସ୍ତୁତ କରିବ ବିଜେଡି
- ବାତ୍ୟା ବିରୋଧରେ ଦୃଢ଼ ସୁରକ୍ଷା ସୃଷ୍ଟି ପାଇଁ ହେନ୍ତାଳ ବଣର ବିସ୍ତାର ଲକ୍ଷ୍ୟ
- ରାଜ୍ୟରେ ପ୍ରତିବର୍ଷ ୨୦ ହଜାର ହେକ୍ଟର ଜମିରେ ବୃକ୍ଷରୋପଣ କରିବ ବିଜେପି

ସେହିପରି ରାଜ୍ୟ ବିଜେପି ପକ୍ଷରୁ ପ୍ରକାଶିତ ଇସ୍ତାହାରରେ ରାଜ୍ୟରେ ପ୍ରତିବର୍ଷ ସେମାନେ ୨୦ ହଜାର ହେକ୍ଟର ଜମିରେ ବୃକ୍ଷରୋପଣ କରିବାକୁ ଘୋଷଣା କରାଯାଇଛି। ଏଥିପାଇଁ ଦଳ ବୃକ୍ଷରୋପଣ ଡ୍ରାଇଭ୍ ଆରମ୍ଭ କରିବ ବୋଲି ନିଜ ଇସ୍ତାହାରରେ ଦର୍ଶାଇଛି। ସେହିପରି ରାଜ୍ୟରେ ବିସ୍ତୃତ ବନ୍ୟା ନିୟନ୍ତ୍ରଣ ଏବଂ ପରିଚାଳନା ନୀତି ପ୍ରସ୍ତୁତ କରିବା ସହ ରାଜ୍ୟ ଜଳବାୟୁ ନ୍ୟାୟିକ ମାଷ୍ଟର ପ୍ଲାନ୍ ପ୍ରସ୍ତୁତ କରିବାକୁ ବିଜେପି ଘୋଷଣା କରିଛି। ସେହିପରି ୨୦୩୦ ସୁଦ୍ଧା ଅକ୍ଷୟ ଶକ୍ତିର ଉତ୍ପାଦନ ପାଇଁ ପ୍ରସ୍ତାବିତ କ୍ଷମତାକୁ ୫୦୦୦ ମେଗାୱାଟ୍ ବୃଦ୍ଧି ସହ ୨୦୨୭ ସୁଦ୍ଧା ଅକ୍ଷୟ ଶକ୍ତିର ଉତ୍ପାଦନର ଅଂଶକୁ ମୋଟ୍ ବିଦ୍ୟୁତ୍ ଉତ୍ପାଦନର ୨୫ପ୍ରତିଶତକୁ ବୃଦ୍ଧି କରିବାକୁ ଦଳ ପକ୍ଷରୁ କୁହାଯାଇଛି। ସେହିପରି ୭ଟି ସହରରେ ବାୟୁ ପ୍ରଦୂଷଣ ନିୟନ୍ତ୍ରଣ ପାଇଁ ପଦକ୍ଷେପ ନେବା ସହ ୪୮୦କିମି ଉପକୂଳରେ ଜଙ୍ଗଲ ସୃଷ୍ଟି କରିବାକୁ ଦଳ ଗୁରୁତ୍ୱ ଦେଇଛି। ସେହିପରି ଗ୍ରୀନ୍ ପରିବହନ ନୀତି ଗ୍ରହଣ କରି ବିଦ୍ୟୁତ୍ ଚାଳିତ ଯାନବାହନର ବ୍ୟବହାରକୁ ଉତ୍ସାହିତ କରିବ ବୋଲି ଦଳ କହିଛି। କଂଗ୍ରେସ ପକ୍ଷରୁ ଜାରି ହୋଇଥିବା ଇସ୍ତାହାରରେ ଖଣିଜ ଉତ୍ତୋଳନ ସମୟରେ ପରିବେଶ ସୁରକ୍ଷାକୁ ଗୁରୁତ୍ୱ ଦିଆଯିବ ବୋଲି କୁହାଯାଇଛି। ସାଧାରଣତଃ ଗତ ନିର୍ବାଚନଗୁଡ଼ିକରେ ଜଳବାୟୁ ପରିବର୍ତ୍ତନ ପ୍ରସଙ୍ଗ କୌଣସି ନେତାଙ୍କ ମୁହଁରେ ଶୁଣିବାକୁ ମିଳୁ ନଥିଲା। ମାତ୍ର ଲଗାତାର ଭାବେ ଦେଶ ତଥା ରାଜ୍ୟ ଭୋଗୁଥିବା ପ୍ରାକୃତିକ ବିପର୍ଯ୍ୟୟ ଓ ଜଳବାୟୁ ପରିବର୍ତ୍ତନର ଭୟାବହତା ଏବେ ପ୍ରତ୍ୟେକଟି ମଣିଷଙ୍କ ସମସ୍ୟା ଭାବେ ଉଭା ହୋଇଛି। ତେଣୁ ରାଜନୈତିକ ଦଳଗୁଡ଼ିକୁ ଏହି ଦିଗ ପ୍ରତି ସମ୍ବେଦନଶୀଳ ହେବାକୁ ବାଧ୍ୟ ହେବା ସହ ବୈଶ୍ୱିକସ୍ତରରେ ମଧ୍ୟ ଜଳବାୟୁ ପରିବର୍ତ୍ତନ ମୁକାବିଲା ପାଇଁ ପଦକ୍ଷେପ ନେଇ ନିଜର ସ୍ୱତନ୍ତ୍ରତା ସୃଷ୍ଟି କରିବାକୁ ପ୍ରୟାସ କରିଛନ୍ତି।

## ଗଡ଼ୁଚାଲିଛି ତିନିରଥ...

## ଆରମ୍ଭ ହେଲା ତୁମ୍ବ କାମ

**ପୁରୀ, ୧୧।୫(ସମିସ):** ଶ୍ରୀଜଗନ୍ନାଥ ମହାପ୍ରଭୁ ହେଉଛନ୍ତି ବୈଦିକ ଦେବତା। ତାଙ୍କର ସମସ୍ତ ରୀତିନୀତି ବୈଦିକ ବିଧିସମ୍ମତ। ଏହି ବିଧି ଅନୁଯାୟୀ ପବିତ୍ର ଅକ୍ଷୟ ତୃତୀୟାରେ ରଥଖଳାରେ ମହାପ୍ରଭୁଙ୍କ ଆଜ୍ଞାମାଳ ବିଜେ ହେବା ପରେ ରଥ ନିର୍ମାଣ ଅନୁକୂଳ କରାଯାଇଥିଲା। ଶନିବାରଠାରୁ ବିଧିବଦ୍ଧ ଭାବେ ନିର୍ମାଣ କାମ ଆରମ୍ଭ ହୋଇଛି। ପ୍ରଥମେ କରତି ସେବକ ତୁମ୍ବ ପାଇଁ କାଠ କାଟିଥିଲେ। ଏହାପରେ ମହାରଣା ସେବକମାନେ ତୁମ୍ବ ନିର୍ମାଣ କାମ ଆରମ୍ଭ କରିଛନ୍ତି। ନନ୍ଦିଘୋଷ ରଥର ମୁଖ୍ୟ ବିଶ୍ୱକର୍ମା ବିଜୟ ମହାପାତ୍ର, ତାଳଧ୍ୱଜ ରଥର ମୁଖ୍ୟ ବିଶ୍ୱକର୍ମା ନରସିଂହ ମହାପାତ୍ର ଓ ଦର୍ପଦଳନ ରଥର ମୁଖ୍ୟ ବିଶ୍ୱକର୍ମା କୃଷ୍ଣଚନ୍ଦ୍ର



ମହାରଣାଙ୍କ ନେତୃତ୍ୱରେ କାମ ଚାଲିଛି। ସେମାନଙ୍କୁ ଭୋଇ ସର୍ଦ୍ଦାର ରବି ଭୋଇଙ୍କ ନେତୃତ୍ୱରେ ଭୋଇସେବକ ସହଯୋଗ କରୁଛନ୍ତି।

ତିନିବାଡ଼ର ତିନୋଟି ତୁମ୍ବ ପାଇଁ ପରମ୍ପରା ଅନୁଯାୟୀ, ହାତ କରତରେ କାଠ ଚିରଟ କରାଯାଇଛି। ପ୍ରଥମେ ତାଳଧ୍ୱଜ ରଥର ତୁମ୍ବ କାଠ ଚିରଟ ହେଲା ପରେ ନନ୍ଦିଘୋଷ ଏବଂ ଶେଷରେ ଦର୍ପଦଳନ ରଥର ତୁମ୍ବ କାଠ ଚିରଟ କରାଯାଇଥିଲା। କୁଅଁର ଦ୍ୱାରା କାଠକୁ ଗୋଲେଇ କରି ବାରିସିରେ ତୁମ୍ବ କଟାଯାଇଥିଲା। ପ୍ରତି ଚକରେ ତୁମ୍ବ ରହିଥାଏ। ଚକର ମଝି ଅଂଶକୁ ତୁମ୍ବ କୁହାଯାଏ। ତୁମ୍ବ ନିର୍ମାଣ ସରିବା ପରେ ଅର ଲାଗିଥାଏ। ଅରରେ ପହି ଖଞ୍ଜା ହୋଇ ଚକ ନିର୍ମାଣ କରାଯାଏ। ତୁମ୍ବ ମଝିରେ ଅଖ ପଶିବା ଲାଗି କଣା ରହିଥାଏ। ତିନିରଥ ପାଇଁ ମୋଟ ୪୨ଟି ତୁମ୍ବ ନିର୍ମାଣ କରାଯିବ। ନନ୍ଦିଘୋଷ ରଥ ପାଇଁ ୧୬ଟି, ତାଳଧ୍ୱଜ ୧୪ ଓ ଦର୍ପଦଳନ ରଥ ପାଇଁ ୧୨ଟି ତୁମ୍ବ ତିଆରି ହେବ। ତାଳଧ୍ୱଜ ରଥରେ ନାହାକା ତୁମ୍ବ ୨ଟି, ପଡ଼ି ନାହାକା ତୁମ୍ବ ୪ଟି, ବଡ଼ ଉଛୁଳା ତୁମ୍ବ ୪ ଏବଂ ସାନ ଉଛୁଳା ତୁମ୍ବ ୪ଟି ରହିବ। ଦର୍ପଦଳନ ରଥରେ ନାହାକା ତୁମ୍ବ ୪ଟି, ପଡ଼ି ନାହାକା ତୁମ୍ବ ୪ ଏବଂ ଉଛୁଳା ତୁମ୍ବ ୪ଟି ରହିଥାଏ। ସେହିପରି ନନ୍ଦିଘୋଷ ରଥରେ ନାହାକା ତୁମ୍ବ ୪ଟି, ପଡ଼ି ନାହାକା ତୁମ୍ବ ୪, ବଡ଼ ଉଛୁଳା ତୁମ୍ବ ୪ ଏବଂ ସାନ ଉଛୁଳା ତୁମ୍ବ ୪ଟି ରହିଥାଏ। ପ୍ରଥମ ପର୍ଯ୍ୟାୟରେ ରଥ ନିର୍ମାଣରେ ପ୍ରାୟ ୩୦ଜଣ ସେବକ ନିୟୋଜିତ ହୋଇଛନ୍ତି। ଆଗକୁ ସଂଖ୍ୟା ଆହୁରି ବୃଦ୍ଧି ପାଇବ।

# ତାଣ୍ଡବ ରଚିଲା କାଳବୈଶାଖୀ

## ଗଛ ପଡ଼ି ଭାଙ୍ଗିଲା ଦୁଇ ଘର; ୩ ଗୋରୁ ମୃତ

**କଲ୍ୟାଣସିଂହପୁର,୧୧।୫(ସମିସ):** ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ୍ ପୂଜାରୀଗୁଡ଼ା ପଞ୍ଚାୟତରେ ଆଜି କାଳବୈଶାଖୀର ତାଣ୍ଡବ ଦେଖିବାକୁ ମିଳିଛି। ବର୍ଷା, ପବନ ସାଙ୍ଗକୁ ଘନଘନ ବଜ୍ରପାତ ଯୋଗୁଁ ବ୍ୟାପକ କ୍ଷୟକ୍ଷତି ହୋଇଛି। ରେଖାଲଗୁଡ଼ା ଗ୍ରାମରେ ଗଛ ପଡ଼ି ଦୁଇ ଘର ଭାଙ୍ଗିବା ସହ ୩ ଗୋରୁଙ୍କର ମୃତ୍ୟୁ ହୋଇଥିବା ବେଳେ ବ୍ଲକ୍‌ର ବିଭିନ୍ନ ସ୍ଥାନରେ କ୍ଷୟକ୍ଷତି ଘଟିଥିବା ସୂଚନା ମିଳିଛି।

ଶନିବାର ଅପରାହ୍ଣ ୨ଟାରେ ହଠାତ୍ କଳାହାଣ୍ଡିଆ ମେଘ ଘୋଟି ଆସିବା ସହ ଜୋର୍‌ରେ ବର୍ଷା, ପବନ ହୋଇଥିଲା। ଏଥିରେ ରେଖାଲଗୁଡ଼ା ଗାଁ ବିଦ୍ୟାଳୟ ନିକଟରେ ଥିବା ପୁରୁଣା ବଡ଼ ତେନ୍ତୁଳି ଗଛ ଦୁଇଟି ଘର ଓ ତିନିଟି ଗୋରୁ ଉପରେ ପଡ଼ିଯାଇଥିଲା। ଫଳରେ ତୁଳସୀ ଦଳେଇ, କୌଶଲ୍ୟା ଦଳେଇଙ୍କ ଘର ଭାଙ୍ଗିଯାଇଥିବା ବେଳେ ସୁନୀଲ ହୁଇକା, ଲୋକିନାଥ ହୁଇକା, ନଟ ହୁଇକାଙ୍କ ଗୋଟିଏ ଗାଇ ଓ ଦୁଇଟି ବଳଦ ଉପରେ ଗଛ



ପଡ଼ିଯିବାରୁ ମୃତ୍ୟୁ ହୋଇଥିଲା। ଗ୍ରାମବାସୀଙ୍କଠାରୁ ସୂଚନା ପାଇ ଅଗ୍ନିଶମ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ଗଛ କାଟି ସଫା କରିଥିଲେ। ଅପରପକ୍ଷେ ଖବର ପାଇ ପଶୁ ଚିକିତ୍ସକ, ରାଜସ୍ୱ ନିରୀକ୍ଷକ ରାମ ଆଚାର୍ଯ୍ୟ, ସରପଞ୍ଚ ଅମିତା କାଡ୍ରାକା, ସମିତିସଭ୍ୟ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି। ଏ ସଂପର୍କରେ ତହସିଲଦାର ରଞ୍ଜନ କୁମାର ମାନସେଠ କହିଛନ୍ତି ଯେ ରାଜସ୍ୱ ନିରୀକ୍ଷକ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛନ୍ତି। ସରକାରଙ୍କ ନିୟମ ଅନୁଯାୟୀ ଯାହା ସହାୟତା ବ୍ୟବସ୍ଥା ରହିଛି, କ୍ଷତିଗ୍ରସ୍ତମାନଙ୍କୁ ତାହା ପ୍ରଦାନ କରାଯିବ।

## ବଜ୍ରପାତରେ ୨ ମୃତ

**ଲଙ୍ଗଳେଶ୍ୱର/ସୋସୋ, ୧୧।୫(ସମିସ):** ବଜ୍ରପାତ ଆଜି ରାଜ୍ୟରେ ୨ଜଣଙ୍କ ଜୀବନ ନେଇଛି। ବଜ୍ରପାତରେ ବାଲେଶ୍ୱର ଜିଲ୍ଲା ସିଂଲା ଥାନା ସାହୁଚକ ଗ୍ରାମର ମହିଳା ବିନତି ପୁଣ୍ଟି ଏବଂ କେନ୍ଦୁଝର ଜିଲ୍ଲା ହାଟଡିହୀ ବ୍ଲକ ବାଲିବରେଇ ପଞ୍ଚାୟତ ସାରକୁଣା ଶାସନର ଦେହୁରୀ ସାହିରେ ପଦୁ ପ୍ରଧାନ(୭୦)ଙ୍କ ମୃତ୍ୟୁ ଘଟିଛି। ଶନିବାର ଅପରାହ୍ନରେ କାଳବୈଶାଖୀ ପ୍ରଭାବରେ ପ୍ରବଳ ବର୍ଷା ସାଙ୍ଗକୁ ବଜ୍ରପାତ ହୋଇଥିଲା। ଏହି ସମୟରେ ଘର ନିକଟ ବିଲରୁ ବିନତି ଗୋରୁ ନେଇ ଘରକୁ ଫେରୁଥିବା ବେଳେ ବଜ୍ରପାତର ଶିକାର ହୋଇ ସଂଜ୍ଞାହୀନ ହୋଇ ପଡ଼ିଥିଲେ। ପରିବାର ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ବସ୍ତା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

ସେହିପରି ଦେହୁରୀ ସାହିର ବୃଦ୍ଧ ପଦୁ ପ୍ରଧାନ ଆଜି ଅପରାହ୍ଣରେ ବିଲକୁ ଛେଳି ଆଣିବାକୁ ଯାଇଥିବା ବେଳେ କାଳବୈଶାଖୀ ମାଡ଼ି ଆସିଥିଲା। ସେ ଛେଳି ଧରି ଆସୁଥିବା ବେଳେ ହଠାତ୍ ବଜ୍ରପାତ ହେବାରୁ ଗାଁ ଖେଳପଡ଼ିଆ ନିକଟରେ ଟଳି ପଡ଼ିଥିଲେ। ଖବର ପାଇ ଗାଁଲୋକ ସୋସୋ ପୁଲିସକୁ ସୂଚନା ଦେଇଥିଲେ। ପୁଲିସ ଘଟଣାସ୍ଥଳରେ ପହଞ୍ଚି ଶବକୁ ଜବତ କରିଛି। ବଜ୍ରପାତରେ ପଦୁଙ୍କ ଶରୀରର ଗୋଟିଏ ପଟ ପୋଡ଼ି ଯାଇଥିବା ପୁଲିସ୍ ସୂଚନା ଦେଇଛି।

## ବେତନଟୀରେ ଭାଙ୍ଗିଲା ୧୫ ଘର

**ବେତନଟୀ, ୧୧।୫(ସମିସ):** ଶନିବାର ଅପରାହ୍ଣରେ କାଳବୈଶାଖୀ ପ୍ରଭାବରେ ଦାନ୍ତିଆମୁହାଁ, ଧୋବଣିଶୋଳ, କୃଷ୍ଣଚନ୍ଦ୍ରପୁର, ନଙ୍ଗଳକଟା ଅଞ୍ଚଳରେ ବ୍ୟାପକ କ୍ଷୟକ୍ଷତି ହୋଇଛି। କାଳବୈଶାଖୀ ପ୍ରଭାବରେ ଗଛପଡ଼ି ୧୫ରୁ ଅଧିକ ଘର କ୍ଷତିଗ୍ରସ୍ତ ହୋଇଛି। ସୂଚନା ମୁତାବକ, ଦାନ୍ତିଆମୁହାଁ ଛକରେ ଥିବା ୩ଟି ଦୋକାନ ପବନରେ ଉଡ଼ି ଯାଇଥିବା ବେଳେ କୁଣ୍ଡେଇ ଛକରେ ୩ଟି ୧୧କେଭି ବିଦ୍ୟୁତ ଖୁଣ୍ଟକୁ ଧରାଶାୟୀ କରିଥିଲା। ସେହିପରି

**ଦାନ୍ତିଆମୁହାଁ, କୃଷ୍ଣଚନ୍ଦ୍ରପୁର, ନଙ୍ଗଳକଟା, ଧୋବଣିଶୋଳରେ ବ୍ୟାପକ କ୍ଷୟକ୍ଷତି**

ଧୋବଣିଶୋଳ ଗ୍ରାମର କ୍ଷେତ୍ରମୋହନ ମହାନ୍ତଙ୍କ ଆଜବେଷ୍ଟସ ଘରକୁ ମଧ୍ୟ ଉଡ଼ାଇ ନେଇଛି। ଅନୁରୂପ ଭାବେ କୃଷ୍ଣଚନ୍ଦ୍ରପୁର ଅଞ୍ଚଳରେ ବିଶାଳ ଗଛ ଭାଙ୍ଗି ବ୍ୟାପକ କ୍ଷତି ଘଟିବା ସହିତ ନଙ୍ଗଳକଟା ଚର୍ଚ୍ଚ ଛକ ଅଞ୍ଚଳରେ ୧୫ରୁ ଅଧିକ ଘର ଉପରେ ବିଶାଳକାୟ ଗଛ ପଡ଼ି ରହିଛି। ଗଛ ତଳେ ଚାପିହୋଇ ଟାଇଲ ଏବଂ ଆଜବେଷ୍ଟସ ଘରଗୁଡ଼ିକ ବିଶେଷ ଭାବରେ କ୍ଷତିଗ୍ରସ୍ତ



ହୋଇଛି। ଖବର ପାଇ କୃଷ୍ଣଚନ୍ଦ୍ରପୁର ରାଜସ୍ୱ ନିରୀକ୍ଷକ ମଙ୍ଗଳ ମାହାଲି ଘଟଣାସ୍ଥଳରେ ପହଞ୍ଚି କ୍ଷୟକ୍ଷତିର ଆକଳନ କରିବା ସହିତ ଉପରିସ୍ଥ ଅଧିକାରୀଙ୍କୁ ଜଣାଇଛନ୍ତି। ବେତନଟୀ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାରକାର୍ଯ୍ୟ ଜାରି ରଖିଛନ୍ତି। ଝଡ଼ତୋଫାନ ପାଇଁ ଦାନ୍ତିଆମୁହାଁ, କୃଷ୍ଣଚନ୍ଦ୍ରପୁର ଏବଂ ନଙ୍ଗଳକଟା ଆଦି ଅଞ୍ଚଳରେ ବିଦ୍ୟୁତ୍ ସରବରାହ ବନ୍ଦ ରହିଛି।

## ଶନିଶ୍ଚରଙ୍କ ପୂଜା ବେଳେ ପଡ଼ିଲା ବଜ୍ର; ୬ ମହିଳା ଗୁରୁତର

**ଅନୁଗୋଳ,୧୧।୫(ସମିସ):** ଅନୁଗୋଳ ଜିଲ୍ଲା ସଦର ଥାନା ଅନ୍ତର୍ଗତ ବଲାସିଂହା ଗ୍ରାମର ବାଲିସାହିଠାରେ ଶନିଦେବଙ୍କ ପୂଜା ଚାଲିଥିବା ବେଳେ ବଜ୍ରପାତରେ ୬ଜଣ ଗୁରୁତର ହୋଇଛନ୍ତି। ସୂଚନାନୁଯାୟୀ, ବଲାସିଂହା ଗ୍ରାମର ୩୦ରୁ ଊର୍ଦ୍ଧ୍ୱ ମହିଳା ବାଲିସାହି ଅଞ୍ଚଳରେ ଏକ ଅଶ୍ୱତ୍ଥ ଗଛ ନିକଟରେ ଥିବା ଶନିଦେବଙ୍କ ପୂଜାର୍ଚ୍ଚନା କରୁଥିଲେ। ଦିନ ପ୍ରାୟ ୨ଟା ବେଳେ ହଠାତ୍ କାଳବୈଶାଖୀ ବର୍ଷା ହେବା ସହ ବଜ୍ରପାତ ହୋଇଥିଲା। ପୂଜା କରୁଥିବା ୬ ମହିଳା ଏଥିରେ ଗୁରୁତର ଆହତ ହୋଇଥିଲେ। ସେମାନଙ୍କୁ ଗୁରୁତର ଅବସ୍ଥାରେ





୧୦୮ ଆମ୍ବୁଲାନ୍ସ ଯୋଗେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ସେମାନେ ହେଲେ, ଝରଣା ବାରିକ (୩୦), ସାଗରିକା ସାହୁ (୨୫), ଡଲି ସାହୁ (୨୫), ସସ୍ମିତା ବାରିକ (୩୦), ଚିଲୀ ସାହୁ (୩୫) ସୁମିତ୍ରା ଦାସ (୩୦)। ଗୁରୁତରମାନଙ୍କ କାନକୁ ଭଲ ଭାବେ ଶୁଭାଯାଉ ନଥିବା ସେମାନେ କହିଛନ୍ତି। ଶେଷ ସୂଚନା ମୁତାବକ, ଗୁରୁତରଙ୍କ ମଧ୍ୟରୁ କିଛି ଜଣଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି।

## ଶ୍ରୀମେଟାଲିକ୍ସ କାରଖାନାରେ ଦୁର୍ଘଟଣା; ଜଣେ ମୃତ

**ବଡ଼ବିଲ, ୧୧।୫ (ସମିସ):** କେନ୍ଦୁଝର ଜିଲ୍ଲା ରୁଗୁଡ଼ି ଥାନା ଲୋଇଡ଼ାପଦାସ୍ଥିତ ଶ୍ରୀମେଟାଲିକ୍ସ କାରଖାନାରେ ଦୁର୍ଘଟଣା ଘଟି ଜଣେ ବସ୍ ଚାଳକଙ୍କ ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ମିଳିଥିବା ସୂଚନା ଅନୁଯାୟୀ କାରଖାନା ପରିସରରେ ଥିବା କ୍ୟାଣ୍ଟିନ ନିକଟରେ ଡ୍ରାଇଭର ବସ୍ ରଖି ତଳେ ଛିଡ଼ା ହୋଇଥିବା ବେଳେ ତାଙ୍କ ଉପରେ ଏକ ଲୋଡର (ନଂ ଓଡି୦୯କେ୮୨୪୦) ଚଢ଼ି ଯିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ମୃତକ ହେଲେ, ବଡ଼ବିଲ ପିଏଚ୍‌ଡି ଭଞ୍ଜକଲୋନୀ ଅଞ୍ଚଳର ମହେଶ ରାମ କର୍ମାକର। ଖବରପାଇ ପରିବାର ଲୋକ ବଡ଼ବିଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ମୃତଦେହକୁ ଗ୍ରହଣ କରିଛନ୍ତି। ତେବେ ମୃତକଙ୍କ ପରିବାରକୁ କୌଣସି କ୍ଷତିପୂରଣ ମିଳିନାହିଁ। ପ୍ରଥମେ ଶବ ବ୍ୟବଚ୍ଛେଦ କରେଇ ଦାହ କଲା ପରେ ସରକାରଙ୍କ ନିୟମ ଅନୁଯାୟୀ କ୍ଷତିପୂରଣ ଦିଆଯିବ ବୋଲି କାରଖାନା କର୍ତ୍ତୃପକ୍ଷ କହିଛନ୍ତି। ପରିବାର ତରଫରୁ ୩୦ଲକ୍ଷ ଟଙ୍କା ଓ ଜଣକୁ ସ୍ଥାୟୀ ଚାକିରି ଦେବା ପାଇଁ ଦାବି କରାଯାଇଥିବା ପରିବାରଲୋକ ସୂଚନା ଦେଇଛନ୍ତି।

## ଖରା ପାଇଁ ସକାଳେ ଓ ଅପରାହ୍ଣରେ ଭତ୍ତା ବଣ୍ଟନ

**ଭୁବନେଶ୍ୱର,୧୧।୫(ସମିସ):** ପ୍ରଚଣ୍ଡ ଖରାରେ ହିତାଧିକାରୀମାନେ ଭତ୍ତା ନେବା ପାଇଁ ଯିବେ ନାହିଁ। ସେମାନଙ୍କୁ ସକାଳେ ଏବଂ ଅପରାହ୍ଣରେ ଭତ୍ତା ବଣ୍ଟନ କରାଯିବ। ରାଜ୍ୟରେ ଜାରି ରହିଥିବା ଭୀଷଣ ରୌଦ୍ରତାପକୁ ଦୃଷ୍ଟିରେ ରଖି ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପକ୍ଷରୁ ଏପରି ନିର୍ଦ୍ଦେଶନାମା ଜାରି କରାଯାଇଛି। ବିଭାଗ ପକ୍ଷରୁ ସମସ୍ତ ଜିଲ୍ଲାପାଳମାନଙ୍କୁ ପତ୍ର ଲେଖି କୁହାଯାଇଛି ଯେ ଆଗାମୀ କିଛି ଦିନ ପର୍ଯ୍ୟନ୍ତ ରାଜ୍ୟରେ ଗ୍ରୀଷ୍ମପ୍ରବାହ ଜାରି ରହିବା ସମ୍ଭାବନା ଅଛି। ମେ'ରେ ମଧୁବାବୁ ପେନସନ୍ ଯୋଜନାର ହିତାଧିକାରୀମାନଙ୍କୁ ଆସନ୍ତା ୧୫ ତାରିଖରୁ ଭତ୍ତା ବଣ୍ଟନ ହେବ। ସାଧାରଣତଃ ଏହି ଭତ୍ତା ବରିଷ୍ଠ ନାଗରିକ, ଭିନ୍ନକ୍ଷମ ଏବଂ ଅନ୍ୟ ସମ୍ବେଦନଶୀଳ ବର୍ଗର ହିତାଧିକାରୀଙ୍କୁ ପ୍ରଦାନ କରାଯାଇଥାଏ। ତେଣୁ ସେମାନଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ସକାଳ ୧୧ ସୁଦ୍ଧା ଏବଂ ଅପରାହ୍ଣରେ ୩.୩୦ ପରଠାରୁ ଭତ୍ତା ବଣ୍ଟନ କରାଯିବ। ଭତ୍ତା ବଣ୍ଟନ ୧୫ ତାରିଖରୁ ଆରମ୍ଭ ହୋଇ ୨୦ ତାରିଖ ମଧ୍ୟରେ ଶେଷ ହେବା ଜରୁରୀ। ପ୍ରତ୍ୟେକ ଦିନ କେତେସଂଖ୍ୟକ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ ହେଲା, ତାହାର ଦୈନିକ ରିପୋର୍ଟ ବିଭାଗ ନିକଟରେ ପହଞ୍ଚିବା ଆବଶ୍ୟକ। ମେ' ପାଇଁ ୩୬, ୫୧,୮୧୨ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ ପାଇଁ ୩୭୨.୨୦ କୋଟି ଟଙ୍କା ଜାରି କରାଯାଇଛି।

## ପୋଲିଂ କର୍ମଚାରୀ ନେଇ ଯାଉଥିବା ବସ୍ ଓଲଟିଲା

**ବ୍ରହ୍ମପୁର,୧୧।୫ (ସମିସ):** ବ୍ରହ୍ମପୁରରୁ ଚିକିଟି ନିର୍ବାଚନମଣ୍ଡଳୀ ଅଭିମୁଖେ ପୋଲିଂ କର୍ମଚାରୀଙ୍କୁ ନେଇ ଯାଉଥିବା ଏକ ମିନି ବସ୍ ଓଲଟି ପଡ଼ିଛି। ଏଥିରେ ସମସ୍ତ ପୋଲିଂ କର୍ମଚାରୀ ଅଳ୍ପକେ ବର୍ତ୍ତିଥିବା ଜଣାଯାଇଛି। ସୂଚନା ଅନୁସାରେ ୮ଜଣ

**ଅଳ୍ପକେ ବର୍ତ୍ତିଲେ ପୋଲିଂ ପାର୍ଟି**

ପୋଲିଂ କର୍ମଚାରୀଙ୍କୁ ନେଇ ଶନିବାର ଅପରାହ୍ଣରେ ଯାଉଥିବା ମିନିବସ୍ ଚିକିଟି ବ୍ଲକ ଅନ୍ତର୍ଗତ ପୀତାତଳି ଗ୍ରାମ ନିକଟରେ ଓଲଟି ପଡ଼ିଥିଲା। ଏହି ବସ୍‌ରେ ପୋଲିଂ କର୍ମଚାରୀମାନେ ଭାୟା ସୋରଲ ଜଙ୍ଗସନ, ପିତାତଳି, ଧାନଘର ଦେଇ ଜରଡ଼ା ଯାଉଥିଲା। ପିତାତଳି ଗ୍ରାମ ନିକଟରେ ଭରସାମ୍ୟ ହରାଇ ରାସ୍ତା କଡ଼କୁ ଓଲଟି ପଡ଼ିଥିବା ଦେଖି ସ୍ଥାନୀୟ ଲୋକେ ଘଟଣାସ୍ଥଳରେ ପହଞ୍ଚି ସମସ୍ତଙ୍କୁ ଉଦ୍ଧାର କରିଛନ୍ତି। ଏଥିରେ ସାମାନ୍ୟ ଆହତ ହୋଇଥିବା କର୍ମଚାରୀଙ୍କ ଚିକିଟି ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା କରାଯାଇଥିବା ଜଣାଯାଇଛି।



## ଦୁର୍ଘଟଣାରେ ପୋଲିଂ ଅଧିକାରୀଙ୍କ ମୃତ୍ୟୁ

**ଭୁବନେଶ୍ୱର/ଉମରକୋଟ/କୋଷାଗୁମୁଡ଼ା, ୧୧।୫ (ସମିସ):** ନବରଙ୍ଗପୁର ଜିଲ୍ଲାରେ କର୍ତ୍ତବ୍ୟରତ ଜଣେ ପଞ୍ଚମ ପୋଲିଂ ଅଧିକାରୀ ଅଲେଖ ରାନ୍ଧାରୀଙ୍କର ଦୁର୍ଘଟଣାରେ ମୃତ୍ୟୁ ଘଟିଛି। ସେ ଡିସ୍ପର୍ସାଲ୍ ସେଣ୍ଟର୍‌ରୁ ବୁଥ୍ ଅଭିମୁଖେ ଯାଉଥିବା ବେଳେ ଉମରକୋଟ ନିକଟରେ ଏକ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। ଏକ ବାଇକ୍ ତାଙ୍କୁ ଧକ୍କା ଦେଇଥିଲା। ଏଥିରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଶ୍ରୀ ରାନ୍ଧାରୀ ନବରଙ୍ଗପୁର ଜିଲ୍ଲାର

**୧୫ଲକ୍ଷ ଟଙ୍କାର ସହାୟତା ଘୋଷଣା କଲେ ମୁଖ୍ୟ ନିର୍ବାଚନ ଅଧିକାରୀ**

ଏକ ଉଚ୍ଚ ବିଦ୍ୟାଳୟରେ ଚତୁର୍ଥ ଶ୍ରେଣୀ କର୍ମଚାରୀ ରୂପେ କାର୍ଯ୍ୟରତ ଥିଲେ। ତାଙ୍କ ଘର କୋଷାଗୁମୁଡ଼ା ବ୍ଲକ୍ କକଡ଼ି ସେମଲା ଗ୍ରାମରେ। ଏହି ଘଟଣା ପ୍ରଘଟ ହେବା ପରେ ମୁଖ୍ୟ ନିର୍ବାଚନ ଅଧିକାରୀ ନିକୁଞ୍ଜ ବିହାରୀ ଧଳ ଏଥିରେ ଗଭୀର ଶୋକପ୍ରକାଶ କରିବା ସହ ସ୍ୱର୍ଗତ ରନ୍ଧାରୀଙ୍କ ଶୋକସନ୍ତପ୍ତ ପରିବାରବର୍ଗଙ୍କ ପ୍ରତି ଗଭୀର ସମବେଦନା ଜଣାଇଛନ୍ତି। ତାଙ୍କ ପରିବାରବର୍ଗଙ୍କୁ ବିଧି ମୁତାବକ ସାହାଯ୍ୟ ବ୍ୟତିରେକ ଭାରତ ନିର୍ବାଚନ ଆୟୋଗଙ୍କ ଘୋଷଣା ମତେ ୧୫ଲକ୍ଷ ଟଙ୍କାର ଅତିରିକ୍ତ ଅନୁକମ୍ପାମୂଳକ ସହାୟତା ରାଶି ପ୍ରଦାନ କରାଯିବ ବୋଲି ଶ୍ରୀ ଧଳ ଘୋଷଣା କରିଛନ୍ତି। ଏହାସହ ଶୀଘ୍ର ବିଧି ମୁତାବକ ବିହିତ ପ୍ରକ୍ରିୟା କାର୍ଯ୍ୟକାରୀ କରିବାକୁ ନବରଙ୍ଗପୁର ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।







## ଲୋକକଥା



ବିରୋଧୀଙ୍କ ହୃଦ ହାଣି ହୋଇଯାଏ
ଶଙ୍ଖର ସଙ୍କଳ୍ପ ଶୁଣି,
ରାଇଜକୁ ନମ୍ବର ୱାନ୍ କରିବାକୁ
ପ୍ରସ୍ତୁତି ତ ଚାଲିଲାଣି ।
ପଦୁଅଁ ପିଲେହି ପାଣି,
ସବୁ ନାରାବାଜି ଯାତରାକୁ ଲୋକେ
ଫମ୍ପା-ଫମ୍ପା ବୋଲିଲେଣି !!

## ବିଜେଡିରେ ମିଶିଲେ ପୂର୍ବତନ କାଉନସିଲର

**ସମ୍ବଲପୁର, ୧୧।୫ (ସମିସ):** ସମ୍ବଲପୁର ବିଧାୟକ ପ୍ରାର୍ଥୀ ରୋହିତ ପୂଜାରୀଙ୍କ ସାକ୍ଷୀପଡ଼ାସ୍ଥିତ ଆବାସିକ କାର୍ଯ୍ୟାଳୟରେ ସମ୍ବଲପୁର ମ୍ୟୁନିସିପାଲଟିର ଦୁଇଜଣ ପୂର୍ବତନ କାଉନସିଲର ବିଜୁ ଜନତା ଦଳରେ ଯୋଗଦାନ କରିଛନ୍ତି। କଂଗ୍ରେସ ଦଳର ବରିଷ୍ଠ ନେତା ତଥା ୩୨ ନମ୍ବର ୱାର୍ଡର ପୂର୍ବତନ କାଉନସିଲର ରାଜେନ୍ଦ୍ର ଗଡ଼ତିଆ ଏବଂ ବିଜେପି ଦଳର ବରିଷ୍ଠ ନେତା ତଥା ୱାର୍ଡ ନମ୍ବର ୧୯ର ପୂର୍ବତନ କାଉନସିଲର ଦିଲୀପ ସାହୁ ବିଜୁ ଜନତା ଦଳରେ ଯୋଗଦାନ କରିଛନ୍ତି। ସମ୍ବଲପୁର ବିଧାୟକ ପ୍ରାର୍ଥୀ ରୋହିତ ପୂଜାରୀ ସେମାନଙ୍କୁ ଉତ୍ତରୀୟ ଏବଂ ପୁଷ୍ପମାଲ୍ୟ ଦେଇ ଦଳକୁ ସ୍ୱାଗତ କରିଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନୀତି ଆଦର୍ଶ, ସ୍ୱଚ୍ଛ ଶାସନରେ ଅନୁପ୍ରାଣିତ ହୋଇ ସେମାନେ ବିଜୁ ଜନତା ଦଳକୁ ଆପଣାଇଥିବା କହିଥିଲେ। ପ୍ରଣବ ପ୍ରକାଶଙ୍କ ଭଳି ଜଣେ ଦକ୍ଷ ନେତୃତ୍ୱ ଓ ରୋହିତ ପୂଜାରୀଙ୍କ ଭଳି ମେଳାପୀ ବ୍ୟକ୍ତିଙ୍କ



ନେତୃତ୍ୱରେ ସମ୍ବଲପୁର ସହର ଆଗାମୀ ଦିନରେ ବିକାଶ ପଥରେ ଆଗେଇବ। ତେବେ ଏହି ଦୁଇଜଣ ନେତା ବିଜେଡି ଦଳରେ ମିଶିବା କଂଗ୍ରେସ ଓ ବିଜେପି ପାଇଁ କ୍ଷତିକାରକ ସାବ୍ୟସ୍ତ ହେବ ବୋଲି ଏବେ ଚାରିଆଡେ ଆଲୋଚନା ହେଉଛି।

## ଦୁର୍ଘଟଣାରେ ମା'-ପୁଅ ମୃତ

**ଛତ୍ରପୁର, ୧୧।୫ (ସମିସ):** ଚମାଖଣ୍ଡି ଥାନା ଅନ୍ତର୍ଗତ ରଘୁନାଥପୁର ଛକ ନିକଟ ରିଲାଏନ୍ସ ପେଟ୍ରୋଲ ପମ୍ପ ସମ୍ମୁଖ ଜାତୀୟ ରାଜପଥରେ ଶନିବାର ଏକ ସଡ଼କ ଦୁର୍ଘଟଣାରେ ମା' ଓ ପୁଅଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଚମାଖଣ୍ଡି ଥାନା ଅନ୍ତର୍ଗତ ମାଟିଖାଲ ଗ୍ରାମର ଖଗେଶ୍ୱର ସାହୁ ଓ ତାଙ୍କ ମା'ରମାଦେବୀ ସାହୁ। ଖଗେଶ୍ୱର ବାଇକ୍ ନଂ(ଓଡି୦୭ଜି ୩୫୭୪)ଯୋଗେ ବ୍ରହ୍ମପୁରରୁ ନିଜ ଗ୍ରାମ ମାଟିଖାଲ ଅଭିମୁଖେ ଆସୁଥିବା ବେଳେ ଏକ ଅଜଣା ଗାଡ଼ି ତାଙ୍କୁ ଧକ୍କା ଦେଇଥିଲା। ଏଥିରେ ଘଟଣାସ୍ଥଳରେ ହିଁ ଦୁହିଁଙ୍କ ମୃତ୍ୟୁ ଘଟିଥିଲା। ପୁଲିସ ଘଟଣାସ୍ଥଳରୁ ମୃତଦେହଦ୍ୱୟକୁ ଜବତ କରି ବ୍ରହ୍ମପୁର ଏମ୍‌କେସିଜି ମେଡିକାଲକୁ ବ୍ୟବଚ୍ଛେଦ ନିମନ୍ତେ ପଠାଇଛି। ଏହାସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ କରୁଥିବା ଚମାଖଣ୍ଡି ଥାନା ଏଏସ୍‌ଆଇ ଅରୁଣ କୁମାର ରାଉତ କହିଛନ୍ତି।

ପ୍ରଣବଙ୍କ ମାରାଥନ ପ୍ରଚାର

# 'ନବୀନଙ୍କୁ ଷଷ୍ଠ ଥର ପାଇଁ ମୁଖ୍ୟମନ୍ତ୍ରୀ ମୁକୁଟ ପିନ୍ଧାଇବା'







**ରେଢ଼ାଖୋଲ, ୧୧।୫(ସମିସ)**

ରେଢ଼ାଖୋଲ ସ୍ଥିତ ବିଜୁପଟ୍ଟନାୟକ କଲ୍ୟାଣ ମଣ୍ଡପ ଠାରେ ହଜାର ହଜାର କର୍ମୀଙ୍କୁ ନେଇ ଏଥର ଯୋଡ଼ି ଶଙ୍ଖ ନାରାରେ ବିଜେଡ଼ି କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମିଳନୀରେ ସାଂସଦ ପ୍ରାର୍ଥୀ ପ୍ରଣବ ପ୍ରକାଶ ଦାସ ଯୋଗଦେଇ ରେଢ଼ାଖୋଲରେ ନବୀନଙ୍କ ସାମଗ୍ରିକ ବିକାଶ ବିଷୟରେ କର୍ମୀଙ୍କୁ ବୁଝାଇଥିଲେ। ଏହା ସହ ରେଢ଼ାଖୋଲରେ ବିକାଶକୁ କିଭଳି ତ୍ୱରାନ୍ୱିତ କରାଯିବ ଏବଂ ଯୋଡ଼ିଶଙ୍ଖରେ ଭୋଟଦେଇ ଷଷ୍ଠ ଥର ନବୀନଙ୍କୁ ମୁଖ୍ୟମନ୍ତ୍ରୀର ମୁକୁଟ ପିନ୍ଧାଇବା ସେ ବିଷୟରେ ଆସିଥିବା ପୁରୁଷ ଓ ମହିଳା କର୍ମୀଙ୍କୁ ନିବେଦନ କରିଥିଲେ। ଏହାପରେ ରେଢ଼ାଖୋଲ ଅଞ୍ଚଳରେ କ୍ରୀଡା କ୍ଷେତ୍ରରେ ରାଜ୍ୟବାହାରେ ସୁନାମ ଅର୍ଜନ କରିଥିବା କ୍ରୀଡ଼ାବିତମାନଙ୍କୁ ସମ୍ମାନିତ କରିଥିଲେ। ବିରୋଧୀ ଆସି ମିଥ୍ୟା ପ୍ରତିଶ୍ରୁତି ଦେବେ କିନ୍ତୁ ଆମେ କଥା କମ କାମ ବେଶୀରେ ଧ୍ୟାନ ଦେଉ। ଯାହା ଆମ ବିଜୁ ପରିବାରରେ ସଂସ୍କାର ରହିଆସିଛି। ତାଙ୍କ ସହିତ ଏହି କର୍ମୀସମ୍ମିଳନୀ ସଭାରେ ବିଧାନସଭା ପ୍ରାର୍ଥୀ ପ୍ରସନ୍ନ ଆଚାର୍ଯ୍ୟ ଯୋଗଦେଇ ନବୀନ ପଟ୍ଟନାୟକ ମହିଳା ମାଆମାନଙ୍କ ପାଇଁ ସବୁବେଳେ ଚିନ୍ତିତ, ସେମାନେ କିଭଳି ଭାବରେ ସ୍ୱାବଲମ୍ବୀ ହେବେ ଏବଂ ସେମାନଙ୍କ ପରିବାର କିଭଳି ଖୁସିରେ ରହିବେ ସେ ବିଷୟରେ ସମସ୍ତ ଯୋଜନା କରିଛନ୍ତି। ଏଣୁ ଯିଏ ଆପଣଙ୍କମାନଙ୍କ ପାଇଁ ଚିନ୍ତିତ ଓ ସହରର ସାମଗ୍ରିକ ବିକାଶ କରୁଛନ୍ତି ତାଙ୍କ ପାଇଁ ଆଜି ସେ ସମୟ ଆସିଛି। ଯୋଡ଼ି ଶଙ୍ଖରେ ଭୋଟ ଦେଇ ଷଷ୍ଠଥର ମୁଖ୍ୟମନ୍ତ୍ରୀ କରି ନବୀନ ପଟ୍ଟନାୟକଙ୍କୁ ବିଜୟର ମୁକୁଟ ପିନ୍ଧାଇବା ବୋଲି ପ୍ରସନ୍ନ ଆଚାର୍ଯ୍ୟ କର୍ମୀଙ୍କୁ ଅନୁରୋଧ କରିଥିଲେ। ଏହି ସମ୍ମିଳନୀରେ ରେଢ଼ାଖୋଲ ବ୍ଲକ ଅଧ୍ୟକ୍ଷ ପ୍ରଦୀପ ପ୍ରଧାନ, ରେଢ଼ାଖୋଲ ବ୍ଲକ ବିଜେଡି ସଭାପତି ଉଦିତ ତ୍ରିପାଠୀ, ନାକଟିଦେଉଳ ବ୍ଲକ ଉପାଧ୍ୟକ୍ଷ ଜିତେନ୍ଦ୍ର ପ୍ରଧାନ, ନାକଟିଦେଉଳ ବ୍ଲକ ବିଜେଡି ସଭାପତି ମୁଲିଆ ରାଉଳ, ରେଢ଼ାଖୋଲ ନଗର ସଭାପତି ସିଦ୍ଧାର୍ଥ ପ୍ରଧାନ, ପୂର୍ବତନ ଏନଏସି ଉପାଧ୍ୟକ୍ଷ ସୁନୀଲ ପ୍ରଧାନ, ଜିଲ୍ଲା ଉପସଭାପତି ଅନାଦି ସାହୁ, ଜିଲ୍ଲା ସାଧାରଣ ପୁରୁଷୋତ୍ତମ ଅଗ୍ରୱାଲ, ଜିଲ୍ଲା ସମ୍ପାଦକ ଲକ୍ଷ୍ମଣ ପ୍ରଧାନ, ବିଜେଡ଼ି ବରିଷ୍ଠ ନେତା ଅରୁଣ କୁମାର ପ୍ରଧାନ, ରେଢ଼ାଖୋଲ ବ୍ଲକ ଯୁବ ସଭାପତି ସୂର୍ଯ୍ୟକାନ୍ତ ପ୍ରଧାନ, ନଗର ଯୁବ ସଭାପତି ବିକାଶ ଦାସ, ଛାତ୍ର ସଭାପତି ଶିବଶମ୍ଭୁ ନନ୍ଦ, ପୂର୍ବତନ ଏନଏସି କାଉନସିଲର ରାଜୀବ ଲୋଚନ ପ୍ରଧାନ, ଦତ୍ତ କୁମାର ବିଶ୍ୱାଳ, ନନ୍ଦୁ ମୀରୀ, ରାଜୁ ମୁଖୀ ପ୍ରମୁଖ ସମେତ ବିଭିନ୍ନ ପଞ୍ଚାୟତର ସରପଞ୍ଚ ସମିତି ସଭ୍ୟ ଏବଂ ଦଳର ଛାମୁଆ ସଂଗଠକ ଯୋଗ ଦେଇଥିଲେ।

## ବିରୋଧୀଙ୍କୁ ତେରଛା ବାଣ

ରେଢ଼ାଖୋଲ ବିଜେଡି କର୍ମୀସମ୍ମିଳନୀ ଏଥର ଯୋଡିସଙ୍ଖ ସଭାରେ ସାଂସଦ ପ୍ରାର୍ଥୀ ପ୍ରଣବ ପ୍ରକାଶ ଦାସ ବିରୋଧୀଙ୍କୁ ତେରଛା ବାଣ ମାରିଛନ୍ତି। ଦଶ ବର୍ଷ କ୍ଷମତାରେ ଥାଇ କିଛି କରିପାରିଲେ ନାହିଁ। ମଧ୍ୟପ୍ରଦେଶରେ ୨୦ବର୍ଷ ଶାସନରେ ରହି କିଛି ନାହିଁ ଏବେ ଏଠି ସବୁକିଛି କରିଦେବୁ ସବୁବେଳେ ମିଥ୍ୟା ପ୍ରତିଶ୍ରୁତି ମିଥ୍ୟାର ପ୍ରଚାର, ଖଜୁରୀ ଗଛର କି ଗୁଣ ଗାଇବି ମୂଳରୁ ପାହାଚ ପାହାଚ ବୋଲି ଅଟ୍ଟହାସ୍ୟ କରି କହିଥିଲେ।ଏଥି ସହିତ ବିଜେଡି ବିଧାୟକ ପ୍ରାର୍ଥୀ ପ୍ରସନ୍ନ ଆଚାର୍ଯ୍ୟ ମଧ୍ୟ ତେରଛା ବାଣ ମାରି କହିଥିଲେ ଭାରତ ବର୍ଷରେ ଏମିତି କୋଉ ଶକ୍ତି ନାହିଁ ଯେ ବିଜୁ ଜନତାଦଳକୁ ରେଢ଼ାଖୋଲରେ ଓ ଓଡ଼ିଶାରେ ହରେଇ ଦେବା ବୋଲି କହିଥିଲେ।

# ଲୋକାଭିମୁଖୀ ଯୋଜନାକୁ ମନ୍ତ୍ର କରି ଗୁଣ୍ଡୁରୁଚୁଆଁରେ ପ୍ରଚାର

**ଜମନକିରା, ୧୧।୫(ସମିସ) :** ସମ୍ବଲପୁର ସଂସଦୀୟ କ୍ଷେତ୍ର ତଥା କୁଚିଣ୍ଡା ବିଧାନସଭା ନିର୍ବାଚନ ମଣ୍ଡଳୀର ବିଭିନ୍ନ ସ୍ଥାନରେ ସମ୍ବଲପୁର ବିଜେଡି ସାଂସଦ ପ୍ରାର୍ଥୀ ପ୍ରଣବ ପ୍ରକାଶ ଦାସଙ୍କ ମାରାଥନ ପ୍ରଚାର ହୋଇଯାଇଛି।ଆଜି ଜମନକିରା ବ୍ଲକ ଗୁଣ୍ଡୁରୁଚୁଁଆ ଠାରେ ବିଜେଡିର ଏକ ନିର୍ବାଚନୀ ସଭା ତଥା କାର୍ଯ୍ୟକର୍ତ୍ତା ବୈଠକ ଅନୁଷ୍ଠିତ ହୋଇଥିଲା। ଉକ୍ତ ସଭାରେ ପ୍ରାୟ ପାଞ୍ଚ ହଜାର ଜନସମାଗମକୁ ସମ୍ବୋଧିତ କରି ଶ୍ରୀଯୁକ୍ତ ଦାସ କହିଥିଲେ ସେ ଜମନକିରା ବ୍ଲକକୁ ଗତ ପଞ୍ଚାୟତ ନିର୍ବାଚନ ବେଳେ ଆସିଥିଲେ ଏବଂ ଲୋକଙ୍କ ସହ ମିଶିଥିଲେ। ସେଥର ଜମନକିରା ବ୍ଲକର ଜନସାଧାରଣ ଏକଜୁଟହୋଇ ଜିଲ୍ଲାପରିଷଦ ଜୋନ-୧ ଓ ଜୋନ-୨ରବିଜେଡି ପ୍ରାର୍ଥୀଙ୍କୁ ଜିତାଇ ଥିଲେ। ଏବେ ଏକଜୁଟ ହେବାର ସମୟ ଆସିଛି। ୨୦୧୯ କୁଚିଣ୍ଡା ବିଧାନସଭା ନିର୍ବାଚନରେ ନିର୍ବାଚନମଣ୍ଡଳୀ ବାସୀ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଦଳୀୟ ବିଧାୟକ ଦେଇଥିଲେ। କୁଚିଣ୍ଡା ନିର୍ବାଚନ ମଣ୍ଡଳୀର ଯାହା ଉନ୍ନତି ସାଧନ ହୋଇଛି ତାହା କେବଳ ମୁଖ୍ୟମନ୍ତ୍ରୀଙ୍କ ଯୋଗୁଁ ସମ୍ଭବ ହୋଇଛି। ସ୍କୁଲ, କଲେଜଠୁ ଆରମ୍ଭ କରି ହସପିଟାଲ, ମନ୍ଦିର, ମସଜିଦ ଚର୍ଚ୍ଚ ସବୁ କ୍ଷେତ୍ରରେ ମୁଖ୍ୟମନ୍ତ୍ରୀଙ୍କ ଅତୁଳନୀୟ ଅବଦାନ ରହିଛି। ସେ ସାଢେ ଚାରିକୋଟି ଓଡ଼ିଶାବାସୀଙ୍କ ସୁଖଦୁଃଖର ସାଥୀ। ମୁଖ୍ୟମନ୍ତ୍ରୀଙ୍କ କଥା କମ କାମ ବେଶୀ। ଏଣୁ ଓଡ଼ିଶାର ସର୍ବାଙ୍ଗୀନ ବିକାଶ ପାଇଁ ଯୁବବର୍ଗଙ୍କ ଉନ୍ନତି ଠାରୁ ଆରମ୍ଭ କରି ସହରୀକରଣ, ନିବେଶ ଏବଂ ଅର୍ଥନୈତିକ ବିକାଶ, ଶକ୍ତି ନିରାପତ୍ତା, ମଧ୍ୟବିତ୍ତ ପରିବାରର ଉନ୍ନତି, ମହିଳା ସଶକ୍ତିକରଣ, ସାମାଜିକ ନିରାପତ୍ତା, ଚାଷୀଙ୍କ ଉନ୍ନତି ପାଇଁ ବିଭିନ୍ନ ଯୋଜନା, ଭାଷା, ଐତିହ୍ୟ ଓ ସଂସ୍କୃତିର ଉନ୍ନତି ପାଇଁ ମୁଖ୍ୟମନ୍ତ୍ରୀ ପ୍ରତିବଦ୍ଧ। ବିଜେପିର ଅଛେଦିନ କୁଆଡେ ଗଲା। ୨୦୧୯ ନିର୍ବାଚନରେ ଜିତିଥିବା ବିଜେପି ସାଂସଦଙ୍କ ନିଜ ସଂସଦୀୟ କ୍ଷେତ୍ରରେ ଦିନେ ହେଲେ ଦେଖା ମିଳି ନଥିଲା। ବିକାଶ କଥା ପଚାରେ କିଏ ବୋଲି ବିଜେପିକୁ ଟାର୍ଗେଟ କରି ପ୍ରଣବ ପ୍ରକାଶ ପ୍ରଶ୍ନ କରିଥିଲେ। ଏଣୁ ବିଜେପିର ମିଥ୍ୟା ପ୍ରତିଶ୍ରୁତିରେ ଭାଷି ନଯାଇ ସେ ଯୋଡ଼ି ଶଙ୍ଖରେ ଭୋଟ ଦେବାପାଇଁ ଜନସାଧାରଣଙ୍କୁ ନିବେଦନ କରିଥିଲେ।






# ନିର୍ବାଚନ ବେଳେ ନିଶା କାରବାର; ଯୁବବର୍ଗ ପ୍ରଭାବିତ



**କୁଚିଣ୍ଡା, ୧୧।୫(ସମିସ):** ତ୍ରୀ ସ୍ତରୀୟ ପଞ୍ଚାୟତ ନିର୍ବାଚନ ହେଉକି ସାଧାରଣ ନିର୍ବାଚନ ସମୟ ନିଶାକାରବାର ବୃଦ୍ଧି ପାଇଥାଏ। ଗ୍ରାମ, ସହର ସବୁଠି ନିଶାଦ୍ରବ୍ୟର ଚୋରାଚାଲାଣ ମଧ୍ୟ ବଢ଼ିଯାଏ। ଏଥିରେ ବିଶେଷ ଭାବେ ଯୁବ ବର୍ଗ ପ୍ରଭାବିତ ହେଉଥିବା ଦେଖିବାକୁ ମିଳିଥାଏ। ପଥ ଭ୍ରଷ୍ଟ ସମାଜରେ ଦିନକୁ ଦିନ ମଦ୍ୟପ ସଂଖ୍ୟା ବୃଦ୍ଧି ପାଉଛି। ଅତି କମ ବୟସରୁ ନିଶା ପ୍ରତି ଆକୃଷ୍ଟ ହୋଇ ନିଶାଡ଼ି ହୋଇ ଅସାମାଜିକ, ଅପରାଧିକ କାମ କରିବାକୁ ପଛାଉ ନାହାନ୍ତି। ବିଭିନ୍ନ ସମୟରେ ପୁଲିସର ହାବୁଡ଼ରେ ପଡ଼ି ଲଜ୍ଜିତ ହେଉଛନ୍ତି। ଅନେକ ଅଭିଭାବକ ମଧ୍ୟ ନିଜ ପିଲାଙ୍କୁ ଏସବୁ ଜିନିଷରୁ ଦୁରେଇ ରହିବାକୁ ବାରଣ କରୁନଥିବା ଆଲୋଚନା ହେଉଛି। ଏବେ କୁଚିଣ୍ଡା ଅଞ୍ଚଳର ବହୁ ସ୍ଥାନରେ କୋମଳ ମତି ପଥ ଭ୍ରଷ୍ଟ ଛାତ୍ର, ଯୁବକ ମାନେ ଦଳ ଦଳ ହୋଇ ମଧ୍ୟ ରାତ୍ରି ପର୍ଯ୍ୟନ୍ତ ମଦ ଗଞ୍ଜେଇ, ପାଉଚମଦ ଓ ଅନ୍ୟ ନିଶା ସେବନ କରୁଛନ୍ତି। ଏହାର ଫଳ ସ୍ୱରୂପ ଭଙ୍ଗା ମଦ ବୋତଲ, ଖାଲି ମଦ ବୋତଲ ଗଦା ଗଦା ପଲିଥିନ ମଦ ପାଉଚ ଏଣେ ତେଣେ ପଡ଼ିରହୁଥିବାରୁ ଦେଖିବାକୁ ମିଳୁଛି। ସବୁଠାରୁ ବଡ଼ ଆଶ୍ଚର୍ଯ୍ୟର ବିଷୟ ହେଲା, ଅଞ୍ଚଳରେ ଯଦି ଯେ କୌଣସି ନିର୍ବାଚନ ଆରମ୍ଭ ହୁଏ, ତେବେ କିଛି ନୂତନ ମଦୁଆ ସୃଷ୍ଟି କରୁଛନ୍ତି କେତେକ ରାଜନୈତିକ ଦଳ। ନିର୍ବାଚନ ପ୍ରଚାର ପାଇଁ ଯୁବକଙ୍କୁ ନିୟୋଜିତ କରି ବାଇକରେ ତେଲ ପକାଇବା ପାଇଁ ଓ କିଛି ହାତ ଖର୍ଚ୍ଚ ଦେଉଛନ୍ତି। ଅଧିକାଂଶ ଦେଶୀ ବିଦେଶୀ ମଦ ସହ ଦଳୀୟ ଝଣ୍ଡା ଦେଇ ରାଜନୈତିକ ଦଳର ନେତା ମାନେ ଏମାନଙ୍କୁ ଦଳ କାର୍ଯ୍ୟରେ ବ୍ୟବହାର କରି ଯୁବ ବର୍ଗକୁ ପଥ ଭ୍ରଷ୍ଟ କରୁଥିବା ଅଭିଯୋଗ ହେଉଛି। ଯେଉଁଦିନ ପ୍ରଚାରରେ ଯାଉ ନାହାନ୍ତି କିମ୍ବା ନିର୍ବାଚନ ସରିଲେ ଯୁବ ଗୋଷ୍ଠୀ ଆଉ ପଛକୁ ଫେରି ନପାରି ଏହାପରେ ଯେଣେ ତେଣେ ପ୍ରକାରେ ଅର୍ଥ ଯୋଗାଡ଼ କରି ନିଶା ସେବନ କରୁଛନ୍ତି। ଧୂତ ବାଇକ ଚାଳନା ହେଉ କିମ୍ବା ନିଶା ଶକ୍ତ ଅବସ୍ଥାରେ ଦୁର୍ଘଟଣା ଗ୍ରସ୍ତ ହୋଇ ଡାକ୍ତର ଖାନାକୁ ଚିକିତ୍ସା ପାଇଁ ଆସୁଛନ୍ତି। ବହୁ ସମୟରେ ବିଭିନ୍ନ ପ୍ରକାର ଅପରାଧ ବଢ଼ି ଯାଉଛି ଏବଂ ମାନବ ସମାଜ ଦିନକୁ ଦିନ ମୂଳ ଲକ୍ଷ୍ୟରୁ ଦୁରେଇ ଯାଉଛି ବୋଲି ବୁଦ୍ଧି ଜୀବୀ ମହଲରେ ଚର୍ଚ୍ଚାର ବିଷୟ ସାଜିଛି।

**ଅବକାରୀ ବିଭାଗ ଧରପଗଡ଼ ଦାବି**

# ମିଛ ପ୍ରତିଶ୍ରୁତି ଲେଖି ଭୋଟରଙ୍କୁ ଭ୍ରମିତ କରୁଛି ବିଜେପି

- ଲେଖାଯାଉଥିବା ପ୍ରତିଶ୍ରୁତି ବିଜେପିର ମେନିଫେଷ୍ଟୋରେ ନାହିଁ
- ବାରମ୍ବାର ଆଦର୍ଶ ଆଚରଣବିଧି ଉଲଂଘନ କରୁଛି ବିଜେପି

**ସମ୍ବଲପୁର, ୧୧।୫(ସମିସ):** ସମ୍ବଲପୁରରେ ବିଜେପି ଦାଦାଗିରି କରୁଛି। ଆଦର୍ଶ ଆଚରଣବିଧିର ସମସ୍ତ ନିୟମ ନୀତିକୁ ଜଳାଞ୍ଜଳି ଦେଇ ପ୍ରଚାର ନାଁରେ ସରକାରୀ କାନ୍ଥ ଗୁଡିକରେ ବିଜ୍ଞାପନ ମୋହର ମାରୁଛି। ନିର୍ବାଚନ ଆଦର୍ଶ ଆଚରଣବିଧି ଉଲଂଘନ କରିବାରେ ଭାରତୀୟ ଜନତା ପାର୍ଟି ଓ ତାର ନେତାମାନେ ଅଭ୍ୟସ୍ତ ହୋଇଥିବା ବେଳେ ସେମାନଙ୍କ ବିରୋଧରେ ଶନିବାର ସମ୍ବଲପୁର ଜିଲ୍ଲା ରିଟର୍ଣ୍ଣିଂ ଅଫିସରଙ୍କୁ ସାକ୍ଷାତ କରି ଲିଖିତ ଅଭିଯୋଗ କରିଛି ବିଜୁ ଜନତା ଦଳ।



ଦଳର ମୁଖପାତ୍ର ସଞ୍ଜୟ ବାବୁଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ପୂର୍ବାହ୍ନରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲା। ସାଙ୍ଗରେ ବିଜୁ ଜନତା ଦଳର ମୁଖପାତ୍ର ଡ. ଲେନିନ୍ ମହାନ୍ତି ଉପସ୍ଥିତ ଥିଲେ। ଜିଲ୍ଲାପାଳ ତଥା ରିଟର୍ଣ୍ଣିଂ ଅଫିସରଙ୍କୁ ଭେଟି ଭାରତୀୟ ଜନତା ପାର୍ଟି ବାରମ୍ବାର ନିର୍ବାଚନ ଆଦର୍ଶ ଆଚରଣବିଧି ଉଲଂଘନ କରୁଥିବା ଦୃଷ୍ଟିକୁ ଆଣିଥିଲା। ଜିଲ୍ଲାପାଳଙ୍କ ଜରିଆରେ ନିର୍ବାଚନ ଆୟୋଗଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଭାଜପାର ନେତାମାନେ ନିର୍ବାଚନ ସମୟରେ ମନମୁଖୀ କାର୍ଯ୍ୟ କରୁଛନ୍ତି। ପ୍ରଥମତଃ ସରକାରୀ କାନ୍ଥରେ ନିର୍ବାଚନୀ ବିଜ୍ଞାପନ ମାରୁଛନ୍ତି। ସମ୍ବଲପୁର ସହରରେ ଥିବା ବିଭିନ୍ନ ସରକାରୀ କାର୍ଯ୍ୟାଳୟର କାନ୍ଥରେ ଦଳୀୟ ଚିତ୍ର କରୁଛନ୍ତି। ପୁଣି ଯେଉଁ ପ୍ରତିଶ୍ରୁତି ସମ୍ପର୍କରେ ଲେଖାଯାଉଛି ତାହା ସମ୍ପୂର୍ଣ୍ଣ ମିଛ ଅଟେ। କାରଣ ଭାରତୀୟ ଜନତା ପାର୍ଟି ତରଫରୁ ଜାରି କରାଯାଇଥିବା ମେନିଫେଷ୍ଟୋରେ ସେ ସମ୍ପର୍କରେ କିଛି ଉଲ୍ଲେଖ କରାଯାଇନାହିଁ। କାନ୍ଥ ଗୁଡିକରେ ମିଛ ପ୍ରତିଶ୍ରୁତି ଉଲ୍ଲେଖ କରି ସାଧାରଣଙ୍କ ଭୋଟରଙ୍କୁ ଭ୍ରମିତ କରୁଥିବା ବିଜୁ ଜନତା ଦଳ ଅଭିଯୋଗ ଆଣିଛି। ଏଦିଗରେ ଧ୍ୟାନଦେଇ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦଳ ପକ୍ଷରୁ ଦାବି କରାଯାଇଛି। ଏଠାରେ ବିଜୁ ଜନତା ଦଳର ମୁଖପାତ୍ର ସଞ୍ଜୟବାବୁ କହିଥିଲେ ଯେ ଭାରତୀୟ ଜନତା ପାର୍ଟିକୁ ପରାଜୟ ଚିନ୍ତା ଘାରିଲାଣି। ସମ୍ବଲପୁରରେ ପ୍ରଣବ ପ୍ରକାଶ ଦାସଙ୍କ ବଳ ବୃଦ୍ଧି ପାଉଥିବା ଦେଖି ସେମାନଙ୍କର ନିଦ ହଜିଯାଇଛି। ତେଣୁକରି ତାଙ୍କୁ ନିର୍ବାଚନରେ ଚେକ୍ ଦେବାକୁ ବିଜେପି ମିଛ ପ୍ରତିଶ୍ରୁତିର ସାହାରା ନେଉଛି। ବିଗତ ନିର୍ବାଚନରେ ମଧ୍ୟ ଏଭଳି ଧୂଆଁବାଣ ମାରି ଜିତିଥିଲା। କିନ୍ତୁ ଚଳିତ ନିର୍ବାଚନରେ ବିଜେପିର ଷଡଯନ୍ତ୍ର କାମ କରିବନି। ଲୋକେ ସେମାନଙ୍କର ଚାଲ ବୁଝିସାରିଲେଣି ବୋଲି ସଞ୍ଜୟ ବାବୁ କହିଛନ୍ତି।



# ବସ୍‌ରୁ ଜବତ ହେଲା ୧୨ କେଜି ଗଞ୍ଜେଇ; ଜଣେ ମହିଳା ଗିରଫ



**ରେଢ଼ାଖୋଲ, ୧୧।୫(ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ଏନଏସି ଅନ୍ତର୍ଗତ ପୁରୁଣାଗଡ଼ ଗ୍ରାମ ନିକଟ ଛକ ଠାରେ ଶନିବାର ଦିନ ବେଆଇନ ଚୋରା ଚାଲାଣ ୧୨ କେଜି ଗଞ୍ଜେଇ ଜବତ ସହିତ ଜଣ ଅଭିଯୁକ୍ତ ମହିଳାକୁ ଗିରଫ କରି କୋର୍ଟ ଚାଲାଣ କରିଛି ରେଢ଼ାଖୋଲ ଅବକାରୀ ବିଭାଗ। ଗିରଫ ମହିଳା ଜଣକ ହେଲେ ଉତ୍ତରପ୍ରଦେଶ କୁସିନଗର ଜିଲ୍ଲା ବର୍ବପତ୍ତି ଥାନା ଚୌବେୟା ପଟଖଉଲି ଗ୍ରାମର ବାସିନ୍ଦା ରିଙ୍କୁ ଦେବୀ (୩୬)। ସୂଚନା ଯୋଗ୍ୟ ଯେ ପୁରୁଣାଗଡ଼ ଗ୍ରାମ ନିକଟ ଛକରେ ରେଢ଼ାଖୋଲ ଅବକାରୀ ବିଭାଗ ଗଞ୍ଜେଇ ଚୋରା ଚାଲାଣ ନେଇ ବିଶେଷ ସୂତ୍ରରୁ ଖବର ପାଇଥିଲା। ଅଧିକାରୀ ଦୂର୍ବାଦଳ ବିଶ୍ୱାଳଙ୍କ ନେତୃତ୍ୱରେ ଓଆଇସି ଯାଦବ ପ୍ରଧାନ ସହିତ ଅବକାରୀ ବିଭାଗ କର୍ମଚାରୀମାନେ ଏକ ଘୋରଇ ଯାତ୍ରୀବାହୀ ବସରେ ଚଢ଼ାଉ କରିଥିଲେ। ଏଥିରେ ଉକ୍ତ ରିଙ୍କୁ ଦେବୀଙ୍କ ପାଖରୁ ଏକ ବସ୍ତାରେ ୧୨ କେଜି ଗଞ୍ଜେଇ ଜବତ କରାଯାଇଥିଲା। ଗଞ୍ଜେଇ ବୌଦ୍ଧ ଜିଲ୍ଲାରୁ ରେଢ଼ାଖୋଲ ଦେଇ ରାଜ୍ୟ ବାହାରକୁ ତଥା ଉତ୍ତରପ୍ରଦେଶକୁ ଚାଲାଣ ହେଉଥିବା ନେଇ ଜଣାପଡ଼ିଛି। ଏ ସଂକ୍ରାନ୍ତରେ ରେଢ଼ାଖୋଲ ଅବକାରୀ ବିଭାଗ ଏନଡିପିଏସ୍ ଏକ୍ଟ ଅନୁଯାୟୀ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରି ମହିଳାକୁ କୋର୍ଟ ଚାଲାଣ କରାଯାଇଥିବା ଜଣାପଡ଼ିଛି।

# ବିଶ୍ୱଶାନ୍ତି ମହାବିଷ୍ଣୁ ଯଜ୍ଞ ପାଇଁ କଳସ ଶୋଭାଯାତ୍ରା




**ନାକଟିଦେଉଳ, ୧୧।୫(ସମିସ):** ନାକଟିଦେଉଳ ବ୍ଲକର ସର୍ବପୁରାତନ ଯଜ୍ଞ ପୀଠ ସରାପାଲି ନିକଟ କୁଞ୍ଜବନ ଯଜ୍ଞ ପୀଠରେ ମହାବିଷ୍ଣୁ ଯଜ୍ଞ ପାଇଁ ଆଜି କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସପ୍ତମଣ୍ଡଳୀ ଅନ୍ତର୍ଭୁକ୍ତ ୨୧ଟି ଗ୍ରାମରୁ ଶତାଧିକ ମହିଳା ସାମିଲ ହୋଇ ଟିକିରା ଓ ଚମ୍ପାଳି ନଦୀର ସଙ୍ଗମ ସ୍ଥଳରୁ ପୂଜାର୍ଚ୍ଚନା କରି କଳସୀରେ ଜଳ ଆଣି କୁଞ୍ଜବନ ପୀଠରେ ସ୍ଥାପନ କରିଥିଲେ। ରେଙ୍ଗାଲପାଲି ଆଶ୍ରମର ମଠାଧୀଶ ଶ୍ରୀ ଶ୍ରୀ ଶ୍ରୀ ସ୍ୱରୂପାନନ୍ଦ ପୁରୀଜି ମହାରାଜଙ୍କ ପୌରୋହିତ୍ୟରେ ଏହି ବିଶ୍ୱ ଶାନ୍ତି ମହାବିଷ୍ଣୁ ଯଜ୍ଞ ତଥା ଚତୁର୍ବିଂଶ ପ୍ରହର ନାମ ଯଜ୍ଞ ୧୧ ତାରିଖରୁ ଆରମ୍ଭ ହୋଇ ୧୫ ତାରିଖରେ ପୂର୍ଣ୍ଣାହୁତି ପଡ଼ିବ ବୋଲି କମିଟି ପକ୍ଷରୁ ପ୍ରକାଶ ହୋଇଛି। ମହାବିଷ୍ଣୁ ଯଜ୍ଞ କମିଟି କୁଞ୍ଜବନ ଉନ୍ନୟନ ମଞ୍ଚର ସମସ୍ତ କାର୍ଯ୍ୟକର୍ତ୍ତା ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

ଗାଁ ମୁହାଁ ରାଜନୈତିକ ଦଳ

# ପରିବାରଙ୍କୁ ଭେଟୁଛନ୍ତି; ଦଳୀୟଅଫିସ ଖୋଲିଛନ୍ତି

**ସମ୍ବଲପୁର, ୧୧।୫(ସମିସ)**

ମେ ୨୫ ତାରିଖ ସମ୍ବଲପୁର ଲୋକସଭା ସହିତ ୭ ଗୋଟି ବିଧାନସଭାରେ ମତଦାନ ହେବ। ଜିଲ୍ଲା ପ୍ରଶାସନ, ପୁଲିସ ପ୍ରଶାସନ ଭଳି ଦାୟିତ୍ୱରେ ଥିବା ବ୍ଲକ ସ୍ତରର ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚି ଯାଇଛି। ମତଦାନ କେନ୍ଦ୍ର ଗୁଡ଼ିକରେ ଥିବା ସମସ୍ୟା ଗୁଡ଼ିକ ପରିଦର୍ଶନ କରି ଏହା ତୁରନ୍ତ ସମାଧାନ କରାଯାଉଛି। ଅନ୍ୟପଟେ ରାଜନୀତି ସରଗରମ ହୋଇଛି। ତିନି ପ୍ରମୂଖ ଦଳ ବିଜେଡି, ବିଜେପି, କଂଗ୍ରେସ ପୁରାଦମରେ ପ୍ରଚାର କରୁଛନ୍ତି। ବଡ ସଭା ସମିତି ଅନୁଷ୍ଠିତ ହେଉଛି। ପ୍ରାର୍ଥୀ ଓ ନେତାମାନେ ଜନ ସମାବେଶରେ ଦଳର କାର୍ଯ୍ୟପନ୍ଥା, ନିର୍ବାଚନୀ ଇସ୍ତିହାର ତାଲିକା ଦେଉଥିବା ବେଳେ ଅନ୍ୟ ଦଳକୁ ସମାଲୋଚନା କରୁଛନ୍ତି। ସଭା ସମିତିରେ ପ୍ରଚାର ସିମିତ ନ କରି ଗାଁ ମୁହାଁ ହୋଇ ପ୍ରତି ପରିବାର ପାଖକୁ ଯାଇ ଭୋଟ ଭିକ୍ଷା କରୁଛନ୍ତି। ବିଜେଡି ନିଆରା ଢଙ୍ଗରେ ପ୍ରଚାର ପ୍ରସାର କରି ଲୋକଙ୍କ ମନରେ ଛାପ ଛାଡ଼ିବା ପାଇଁ ପ୍ରୟାସ କରୁଛି। ଡିଜେ, ସାଉଣ୍ଡ, ଏଲ୍‌ଇଡି ଭ୍ୟାନ୍ ସହିତ ବେନର ପୋଷ୍ଟର ନେଇ ପ୍ରାର୍ଥୀ ସହିତ ସମର୍ଥକମାନେ ପ୍ରଚାର କରୁଛନ୍ତି। ସୋସିଆଲ ମିଡିଆରେ ବିଜେଡି 'ନବୀନ ଓଡ଼ିଶା' କାହାଣୀ ମଣ୍ଡଳୀରେ ଦଳୀୟ କାର୍ଯ୍ୟକ୍ରମ ସାଙ୍ଗକୁ ବାଇକ୍ ରାଲି ଓ ଶୋଭାଯାତ୍ରା ଦେଖିବାକୁ ମିଳୁଛି। ତେବେ ଏ ସବୁ ଭିତରେ ଭୋଟ୍ ପୂର୍ବରୁ କିପରି ପ୍ରତ୍ୟେକ ଭୋଟରଙ୍କ ପାଖରେ ପହଞ୍ଚି ହେବ ଓ ନିଜ ପ୍ରାର୍ଥୀଙ୍କ ସପକ୍ଷରେ ସମର୍ଥନ ବଢ଼ିପାରିବ ସେ ନେଇ ସବୁ ଦଳ ପ୍ରୟାସ କରୁଛନ୍ତି। ଦଳ ପକ୍ଷରୁ ଦିଆଯାଇଥିବା ଇସ୍ତିହାର ଲୋକଙ୍କୁ ଦେଇ ଆକୃଷ୍ଟ କରୁଛନ୍ତି। ପ୍ରଚାରରେ ବିଜେଡି ପ୍ରଚାରକୁ ଜୋରଦାର କରିଦେଇଛି। ଏଥିରେ ରାଜ୍ୟ ସରକାରଙ୍କ ପକ୍ଷରୁ ହୋଇଥିବା ବିକାଶମୂଳକ କାର୍ଯ୍ୟ ସମ୍ପର୍କରେ ପ୍ରଚାରରେ ଗୁରୁତ୍ୱ ଦିଆଯାଉଛି। ଇନ୍‌ଷ୍ଟାଗ୍ରାମ, ଫେସବୁକ୍ ଓ ଟୁଇଟର୍ ଆଦିରେ ବିଜେଡିର ପ୍ରଚାର ଅଭିଯାନ ବେଶ୍ ଶକ୍ତିଶାଳୀ ରହିଛି। ରାଜ୍ୟ ସରକାରଙ୍କ ରୂପାନ୍ତରଣ କାର୍ଯ୍ୟଗୁଡ଼ିକୁ ଲୋକଙ୍କ ପାଖରେ ପହଞ୍ଚାଇବାକୁ କାର୍ଯ୍ୟ ଜାରି ରହିଛି। ବିଜେଡି ପ୍ରଚାରକୁ ଜନସାଧାରଣ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଶଂସା କରୁଛନ୍ତି। ବିଜେଡି ଯେଉଳି ଭାବେ ପ୍ରଚାର କରୁଛି ସବୁ ଆଡେ ଚର୍ଚ୍ଚାର ବିଷୟ ହୋଇଛି। ବିଜେଡିର ବିଧାନସଭାର ବିଭିନ୍ନ ଗ୍ରାମ ଛକ ଗୁଡିକରେ ଅଫିସ ଖୋଲା ଯାଇଛି। ଟିମ ୱାର୍କ ଭାବେ ବିଜେଡି କର୍ମୀମାନେ ଗ୍ରାମର ପ୍ରତ୍ୟେକ ପରିବାର ପାଖକୁ ଯାଇ ଭୋଟ ଭିକ୍ଷା କରୁଛନ୍ତି। ଯେଉଳି ଭାବେ ସଂଗଠିତ ହୋଇ ବିଜେଡି କାମ କରୁଛି ତୃଣମୂଳ ସ୍ତରରେ ଦଳକୁ ଆହୁରି ଶସକ୍ତ କରୁଛି। ବ୍ଲକ ଓ ପଞ୍ଚାୟତ ବୁଥ ସ୍ତରର ଥିବା ନେତା କର୍ମୀ ମାନଙ୍କ ମତ ନେଇ ଦଳ ପ୍ରଚାର ଅଭିଯାନ କରୁଛନ୍ତି। ସେପଟେ ବିଜେପି ପ୍ରଚାର କରୁଥିବା ବେଳେ ଆଗରେ ରହୁଥିବା ବେଳେ ବିଜେପି ମଧ୍ୟ କରୁଛି। ଭୋଟ କିଭଳି ଦଳକୁ ଆସିବ ଜନତାଙ୍କୁ ସଚେତନ କରାଯାଉଛି। ଏହି ଦୁଇ ଦଳ କ୍ଷେତ୍ରସ୍ତରରେ ପ୍ରଚାରକୁ ଗୁରୁତ୍ୱ ଦେଇଥିବା ବେଳେ ବିଜେଡି ସାମାଜିକ ଗଣମାଧ୍ୟମରେ ଜନ ସମର୍ଥନ ମିଳୁଥିବା ଦେଖା ଦେଇଛି। ସବୁ ସଭାରେ ହଜାର ହଜାର ସଂଖ୍ୟାରେ ଜନ ସମାଗମ ହେଉଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିକାଶ ମୂଳକ କାମ ଜନତାକୁ ଆକୃଷ୍ଟ କରୁଥିବା ଜଣାପଡୁଛି। ସଭା ସ୍ଥଳରେ କଂଗ୍ରେସ ମଧ୍ୟ ପ୍ରଚାର ଜୋର କରିଛି।





# ବିଜେଡିର ମିଶ୍ରଣ ପର୍ବ: ବିଭିନ୍ନ ଦଳର ସମର୍ଥକଙ୍କ ଯୋଗଦାନ



**ବରଗଡ଼, ୧୧।୫(ସମିସ):** ବରଗଡ଼ର ପଧାନପାଲି ଓ ପିପିଲିପାଲି ଗ୍ରାମର ଶତାଧିକ ବିଭିନ୍ନ ଦଳର ସମର୍ଥକ ବିଜେଡିରେ ଯୋଗ ଦେଇଛନ୍ତି। ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆଦର୍ଶରେ ଅନୁପ୍ରାଣୀତ ହୋଇ ବିଜେଡିରେ ଯୋଗ ଦେଇଥିବା ଉଲ୍ଲେଖ କରିଥିଲେ। ଯୋଗ ଦାନ କରିଥିବା ଯୁବକ ମାନଙ୍କ ମଧ୍ୟରେ ଶୁକ୍ଲା ଖମାରୀ, ଶୁଭମ ଖମାରୀ, କ୍ରିଷ୍ଣା ଭୋଇ, ବାବଲୁ ପଧାନ, ବନମାଳୀ ଖମାରୀ, ପବନ ପ୍ରଧାନ, ଫ୍ଲିଣ୍ଟପ ପ୍ରଧାନ, ଆଲୋକ ପ୍ରଧାନ, ଅର୍ଜୁନ ବାରିକ, କ୍ରିଷ୍ଣା ବାରିକ, କରଣ ବାରିକ, ପପୁ ବାରିକଙ୍କ ସମେତ ଶତାଧିକ ବିଭିନ୍ନ ଦଳର ସମର୍ଥକ ବିଧାୟକ ଦେବେଶ ଆଚାର୍ଯ୍ୟଙ୍କ ଉପସ୍ଥିତିରେ ଆଗାମୀ ଦିନରେ ବିଜେଡି ପାଇଁ ନିଷ୍ଠାର ସହିତ କାମ କରିବେ ବୋଲି ସଂକଳ୍ପ ନେଇଥିଲେ।

# ଆଜି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବରଗଡ଼ ଗସ୍ତ

**ବରଗଡ଼, ୧୧।୫(ସମିସ)**

ଆସନ୍ତା କାଲି ରବିବାର ୧୨ ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବରଗଡ଼ ଗସ୍ତରେ ଆସି ଜର୍ଜ ହାଇସ୍କୁଲ ପଡ଼ିଆରେ ଅନୁଷ୍ଠିତ ହେବାକୁ ଥିବା ନିର୍ବାଚନୀ ସଭାରେ ଉଦ୍‌ବୋଧନ ଦେବାର କାର୍ଯ୍ୟକ୍ରମ ରହିଛି। ଏଥିପାଇଁ ଜର୍ଜ ହାଇସ୍କୁଲ ପଡ଼ିଆରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପାଇଁ ସଭା ସ୍ଥଳ ସହ ଅସ୍ଥାୟୀ ହେଲିପେଡ ନିର୍ମାଣ ହୋଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅପରାହ୍ନ ୪ ଟାରେ ଜର୍ଜ ହାଇସ୍କୁଲ ପଡ଼ିଆ ସ୍ଥିତ ଅସ୍ଥାୟୀ ହେଲିପେଡରେ ଓହ୍ଲାଇ ଜନସାଧାରଣଙ୍କୁ ସମ୍ବୋଧନ କରି ବରଗଡ଼ ବିଜୁ ଜନତା ଦଳର ସାଂସଦ ଓ ବିଧାୟକ ପ୍ରାର୍ଥୀ ମାନଙ୍କ ପାଇଁ ଆଶୀର୍ବାଦ



କାମନା କରିବେ। ଚଳିତ ନିର୍ବାଚନରେ ବିଭିନ୍ନ ଦଳର ଷ୍ଟାର୍ ପ୍ରଚାରକଙ୍କ ପ୍ରଚାର ରେ ବରଗଡ଼ କମ୍ପୁଛି। ବୁଧବାର ବିଜେଡିର ଷ୍ଟାର ପ୍ରଚାରକ ୫ ଟି ଚେୟାରମେନ କାର୍ତ୍ତିକ ପାଣ୍ଡିଆନ ନିର୍ବାଚନ ପ୍ରଚାରରେ ଆସି ବରଗଡ଼ରେ ରୋଡ ସୋ' କରିବା ସହ ବିଭିନ୍ନ ଗୋଷ୍ଠୀ ସମୁଦାୟଙ୍କୁ ଭେଟି ବିଜେଡି ପାଇଁ ଭୋଟ ପ୍ରଚାର କରି ଯାଇଛନ୍ତି। ତେବେ ତିନି ପରେ ପୁଣି ମୁଖ୍ୟମନ୍ତ୍ରୀଙ୍କ ବରଗଡ଼ ଗସ୍ତ ରାଜନୀତି ମଇଦାନକୁ ଅଧିକ ଗରମ କରିଦେଇଛି। ତେବେ ମୁଖ୍ୟମନ୍ତ୍ରୀଙ୍କ ବରଗଡ଼ ଗସ୍ତ ପଶ୍ଚିମ ଓଡ଼ିଶାକୁ ପ୍ରଭାବିତ କରିବ ବୋଲି ରାଜନୈତିକ ବିଶେଷଜ୍ଞମାନେ ମତପ୍ରକାଶ କରିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବରଗଡ଼ ଆଗମନର ଠିକ୍ ଗୋଟିଏ ଦିନ ପୂର୍ବରୁ ୧୧ ତାରିଖ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଧ୍ୟ ବରଗଡ଼ ଆସି ନିର୍ବାଚନ ପ୍ରଚାରରେ ସାମିଲ ହେଇାଛନ୍ତି। ଜାତୀୟ ଦଳର ଶୀର୍ଷ ନେତୃମଣ୍ଡଳୀଙ୍କ ଘନ ଘନ ବରଗଡ଼ ଗସ୍ତ ପରେ ଜିଲ୍ଲା ରାଜନୀତିରେ ଆଲୋଡନ ସୃଷ୍ଟି ହୋଇଛି। ମୁଖ୍ୟମନ୍ତ୍ରୀଙ୍କ ବରଗଡ଼ ଆଗମନ ପାଇଁ ଜିଲ୍ଲା ବିଜେଡିର ନେତା ଓ କର୍ମୀଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ଦେଖା ଦେଇଛି।

# ପଡ଼ୋଶୀ ନେତାଙ୍କ ଭରସାରେ କଂଗ୍ରେସ

**ପଦ୍ମପୁର, ୧୧।୫ (ସମିସ):** ଆଉ ପ୍ରାୟ ସପ୍ତାହ ପରେ ହେବ ସାଧାରଣ ନିର୍ବାଚନ। ଏଥିପାଇଁ ତିନି ପ୍ରମୁଖ ଦଳ ବିଜେଡି ଭାଜପା ଓ କଂଗ୍ରେସର ପ୍ରାର୍ଥୀ ମାନେ ନିଜ ଉଦ୍ୟମ ଚଳାଇଛନ୍ତି। ଭାଜପା ଓ ବିଜେଡି ପ୍ରାର୍ଥୀଙ୍କ ରାଜ୍ୟ ସ୍ତରୀୟ ନେତା ଆସି ନିଜ ନିଜ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କରିଥିବା ବେଳେ କଂଗ୍ରେସର ଏ ପର୍ଯ୍ୟନ୍ତ କୌଣସି ରାଜ୍ୟ ସ୍ତରୀୟ ନେତା ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର ପାଇଁ ଆସି ନାହାନ୍ତି। ନିର୍ବାଚନ ପାଖେଇ ଆସୁଥିବା ବେଳେ କୌଣସି ବଡ଼ ନେତା ଆସିବାର ସମ୍ଭାବନା ନାହିଁ ବୋଲି ଜଣେ ଦଳୀୟ କର୍ମକର୍ତ୍ତା କହିଛନ୍ତି। ଏ ଭଳି ସ୍ଥିତରେ କଂଗ୍ରେସର ରାଜ୍ୟ ସଂଗଠନ ମଧ୍ୟ ପଦ୍ମପୁରକୁ ଗୁରୁତ୍ୱ ଦେଉନଥିବା କୁହାଯାଉଛି। ପଦ୍ମପୁର ନିର୍ବାଚନ ମଣ୍ଡଳୀରେ କଂଗ୍ରେସର ଦଳୀୟ ପ୍ରାର୍ଥୀ ଟଙ୍କଧର ସାହୁଙ୍କ ପାଇଁ ଛତିଶଗଡ଼ ସରାଇପାଲି ବିଧାୟୀକା ଚାତୁରୀ ନନ୍ଦ କେବଳ ଗୋଟିଏ ସଭାରେ ନିର୍ବାଚନ ପ୍ରଚାର କରି ଫେରିଯାଇଛନ୍ତି। ବିଜେଡି ପାଇଁ କାର୍ତ୍ତିକ ପାଣ୍ଡିଆନ ଓ ଭାଜପା ପାଇଁ ସମୀର ମହାନ୍ତି ପ୍ରଚାର କରି ଭୋଟରଙ୍କୁ ଆକୃଷ୍ଟ କରିଛନ୍ତି।

# ବିରମାଲ ଗ୍ରାମରେ ବିଜେଡିର ଘରକୁ ଘର ପ୍ରଚାର

**ବରଗଡ଼, ୧୧।୫(ସମିସ) :** ବରଗଡ଼ ସଦର ବ୍ଲକ ବିରମାଲ ଗ୍ରାମରେ ବିଜୁ ଜନତା ଦଳ ତରଫରୁ ଘରକୁ ଘର ପ୍ରଚାର କରାଯାଇଥିଲା। ବିରମାଲ ଠାରେ ବିଧାୟକଙ୍କ ପତ୍ନୀ ନାରୀ ନେତ୍ରୀ ମାହେଶ୍ୱତା ଆଚାର୍ଯ୍ୟ, ପୂର୍ବତନ ବ୍ଲକ ଅଧକ୍ଷା ମଞ୍ଜୁ ପଣ୍ଡା, ସ୍ଥାନୀୟ ସରପଞ୍ଚ ସୁଷମା ଆଚାର୍ଯ୍ୟ, ସଦାଶିବ ସାହୁ, ବିଜୁ ପଣ୍ଡା, କ୍ଷୀରୋଦ ସାହୁ, ଡ. ରାଜେଶ ସାହୁ, କୃଷ୍ଣ ଦାସ, ଲଳିତ ବାରିକ, କୁନୁ ଆଚାର୍ଯ୍ୟଙ୍କ ସମେତ ଶତାଧିକ ମହିଳା ଏହି କାର୍ଯ୍ୟକ୍ରମରେ ସାମିଲ ହୋଇ ଘରକୁ ଘର ଯାଇ ଭୋଟରଙ୍କୁ ଭେଟି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱକୁ ଆହୁରି ସୁଦୃଢ଼ କରିବା ପାଇଁ ବିଜେଡି ବିଧାନସଭା ପ୍ରାର୍ଥୀ ଦେବେଶ ଆଚାର୍ଯ୍ୟ ଓ ବରଗଡ଼ ଲୋକସଭା ପ୍ରାର୍ଥିନୀ ପରିଣୀତା ମିଶ୍ର ଙ୍କୁ ଶଙ୍ଖରେ ଦୁଇଥର



ଆଶୀର୍ବାଦ ପ୍ରଦାନ କରିବା ପାଇଁ ନିବେଦନ କରିଥିଲେ। ଏହି ଅବସରରେ ଗ୍ରାମରେ ଏକ ଭବ୍ୟ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ମହିଳା ମାନେ ଏହି ଶୋଭାଯାତ୍ରାରେ ରାଜ୍ୟ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ଲୋକଙ୍କୁ ଅବଗତ କରାଇ ଥିଲେ।

# ପାଣି ପମ୍ପ ଚୋରି ଅଭିଯୋଗ

**ଭେଡେନ, ୧୦।୫(ସମିସ):** ଭେଡେନ ଥାନା ଅନ୍ତର୍ଗତ ଭେଡେନ ସ୍ଥିତ ଜିରା ନଦୀରେ ଚାଷ କାର୍ଯ୍ୟ ପାଇଁ ଲଗାଯାଇ ଥିବା ଲିଫ୍ଟ ପଏଣ୍ଟରୁ ମଟର ଚୋରି ହୋଇଥିବା ଅଭିଯୋଗ ହୋଇଛି। ଘଟଣାରୁ ପ୍ରକାଶ ଯେ, ଜିରା ନଦୀ ବ୍ରିଜ ତଳେ ଚାଷୀମାନେ ଚାଷକାର୍ଯ୍ୟ ପାଇଁ ବସାଇଥିବା ଲିଫ୍ଟ ପଏଣ୍ଟରୁ ଦୁର୍ବୃତ୍ତ ମାନେ ରାତିରେ ମଟର ଚୋରି କରି ନେଇଯାଇଛନ୍ତି। ସକାଳୁ ଚାଷୀମାନେ ଏହାଦେଖି ଭେଡେନ ଥାନାରେ ଅଭିଯୋଗ କରିଥିଲେ। ଏବେ ଧାନ ଅମଳ ହେବାକୁ ବସିଲାଣି ଧାନଗଛ ପାଇଁ ଏବେ ପାଣି ନିହାତି ଦରକାର, ଏହି ସମୟରେ ମଟର ଚୋରି ହେବା ଦ୍ୱାରା ଚାଷୀମାନେ ଚିନ୍ତାରେ ପଡ଼ିଯାଇଛନ୍ତି। ଅଞ୍ଚଳରେ ବିଭିନ୍ନ ସ୍ଥାନରୁ ଚୋରମାନେ ରାତିରେ ମଟର ଚୋରି କରୁଥିବାର ଅଭିଯୋଗ ହେଉଛି। ତେଣୁ ପୋଲିସ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ଚୋର ରେକେଟକୁ ଧରିବା ପାଇଁ ଅଞ୍ଚଳର ଚାଷୀମାନେ ଦାବି କରିଛନ୍ତି।

# ବରଗଡ଼ରେ ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ

**ବରଗଡ଼, ୧୧।୫(ସମିସ):** ରାଷ୍ଟ୍ରୀୟ ଆଇନ ସେବା ପ୍ରାଧିକରଣ, ନୂଆଦିଲ୍ଲୀ ଏବଂ ଓଡ଼ିଶା ରାଜ୍ୟ ଆଇନ ସେବା ପ୍ରାଧିକରଣ, କଟକଙ୍କ ନିର୍ଦ୍ଦେଶ କ୍ରମେ ବରଗଡ଼ ଜିଲ୍ଲା ଆଇନ ସେବା ପ୍ରାଧିକରଣ ଆନୁକୂଲ୍ୟରେ ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ସିଭିଲ କୋର୍ଟ ପରିସରରେ ଅନୁଷ୍ଠିତ ହୋଇଯାଇଅଛି। ଜିଲ୍ଲା ଓ ଦୌରାଜଜ୍ ତଥା ଜିଲ୍ଲା ଆଇନସେବା ପ୍ରାଧିକରଣ ଅଧକ୍ଷା ଲୁନା ମହାନ୍ତିଙ୍କ ତତ୍ୱାବଧାନରେ ଆୟୋଜିତ ଏହି ଲୋକ ଅଦାଲତରେ ସମସ୍ତ ପ୍ରକାରର ବିଚାରାଧିନ ମକଦ୍ଦମା ଯଥା ଦେୱାନୀ ଓ ଫୌଜଦାରି (ସାଲିସ ଯୋଗ୍ୟ), ମୋଟର ଦୁର୍ଘଟଣା ଜନିତ କ୍ଷତିପୂରଣ, ବ୍ୟାଙ୍କ ଋଣ, ବିଦ୍ୟୁତ ଓ ଜଳଯୋଗାଣ, ପାରିବାରିକ ସମସ୍ୟା, ଜମି ଅଧିଗ୍ରହଣ, ଶ୍ରମ ବିବାଦ, ଚେକ୍ ବାଉନ୍ସ ମାମଲାର ଆପୋଷ ସହମତିରେ ସମାଧାନ କରାଯାଇଥିଲା। ଉକ୍ତ ଲୋକ ଅଦାଲତରେ ୫୭୪୫ ଗୋଟି ପ୍ରାକ୍ ମୋକଦ୍ଦମା ମାମଲା ଏବଂ ୪୨୧୦ ଗୋଟି ବିଚାରଧିନ ମୋକଦ୍ଦମା ମାମଲାର ବିଚାର ପାଇଁ ବିଭିନ୍ନ ଅଦାଲତ, ବିଭିନ୍ନ ବ୍ୟାଙ୍କ, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପ୍ରମୁଖଙ୍କ ତରଫରୁ ବିଚାରକୁ ନିଆଯାଇଥିଲା। ଉକ୍ତ ମକଦ୍ଦମା ମାନଙ୍କ ମଧ୍ୟରୁ ୯୬ ଗୋଟି ପ୍ରାକ୍ ମୋକଦ୍ଦମା ମାମଲା ଏବଂ ୧୯୪୮ ଗୋଟି ବିଚାରଧିନ ମୋକଦ୍ଦମା ମାମଲାର ବିଚାର ହୋଇ ପ୍ରାକ ମାମଲା ବାବଦକୁ ୪୬, ୮୫, ୧୦୪/- ଟଙ୍କା ଏବଂ ବିଚାରଧିନ ମାମଲା ବାବଦକୁ ୬୪, ୭୪, ୨୫୯/- ଟଙ୍କା ଆଦାୟ ହୋଇଥିଲା। ଉକ୍ତ ଲୋକ ଅଦାଲତକୁ ବରଗଡ଼ ଜିଲ୍ଲା ଆଇନ ସେବା ପ୍ରାଧିକରଣର ଅଧକ୍ଷା ଶ୍ରୀମତୀ ମହାନ୍ତି ଏବଂ ସଚିବ କମଳାକାନ୍ତ ରାଉତ ପରିଚାଳନାରେ ଅନୁଷ୍ଠିତ ହୋଇଥିବା ବେଳେ ପାରିବାରିକ ଅଦାଲତର ବିଚାରପତି ସିଦ୍ଧାର୍ଥ ସାହୁ, ଅତିରିକ୍ତ ଜିଲ୍ଲା ବିଚାରପତି ସଂଘମିତ୍ରା ଶର୍ମା, ରେଜିଷ୍ଟ୍ରାର (ସିଭିଲ୍ କୋର୍ଟ) ବିଜୁ କଲ୍ୟାଣ ପାତ୍ରୀ, ବରିଷ୍ଠ ଦେବାନୀ ବିଚାରପତି (ଏଲଆର ଏଣ୍ଡ ଏଲଟିଭି) ବର୍ଷା ଶର୍ମା, ବରିଷ୍ଠ ଦେବାନୀ ବିଚାରପତି (ମହିଳା ଅଦାଲତ) ପ୍ରଜ୍ଞା ଲଳିତ ମିଶ୍ର, ଉପଖଣ୍ଡିୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ସବ୍ୟସଚି ପ୍ରଧାନ, ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ପ୍ରଥମ ଶ୍ରେଣୀ ମନସୀନି ମହାପାତ୍ର, ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ପ୍ରଥମ ଶ୍ରେଣୀ ମଧୁସ୍ମିତା ମହାପାତ୍ର, ବିଭିନ୍ନ ଅଦାଲତଗୁଡିକୁ ପରିଚାଳନା କରିଥିଲେ।



# ସ୍ନେହାଙ୍ଗିନୀ ଛୁରିଆଙ୍କ ପଥପ୍ରାନ୍ତ ସଭା

**ଥୁଆପାଲି, ୧୧।୫(ସମିସ):** ଅତାବିରା ନିର୍ବାଚନ ମଣ୍ଡଳୀ ବିଧାନସଭା ବିଜେଡି ପ୍ରାର୍ଥିନୀ ସ୍ନେହାଙ୍ଗିନୀ ଛୁରିଆ ଭେଡେନ ବ୍ଲକର ବିଭିନ୍ନ ଅଞ୍ଚଳରେ ପଥପ୍ରାନ୍ତ ସଭା ମାଧ୍ୟମରେ ନିର୍ବାଚନ ପ୍ରଚାର କରିଥିଲେ। ସଂକ୍ରିଡା ପଞ୍ଚାୟତ ଅର୍ନ୍ତଗତ ଝରାପାଲି ମାର୍କେଟ ଥୁଆପାଲିର ଗାନ୍ଧୀଜୀପଡ଼ା, କ୍ରାନ୍ତିପଡ଼ା ନିର୍ବାଚନ ପ୍ରଚାର କରିଥିଲେ। ପରେ ଝରାପାଲି ମାର୍କେଟ ଠାରେ ବିଜେଡି ନିର୍ବାଚନ ଅଫିସ ଉଦଘାଟନ କରିଥିଲେ। ବରିଷ୍ଠ ବିଜେଡି ନେତା ଉର୍କୁଲୁ ତାଣ୍ଡି, ଭେଡେନ ବ୍ଲକ ଅଧକ୍ଷା ସୁପ୍ରଭା ମହାଲିଙ୍ଗ, ଉପାଧ୍ୟକ୍ଷ ଡୋଳାମଣି କ୍ଷେତି, ଜିଲ୍ଲା ପରିଷଦ ସଭ୍ୟ ସତ୍ୟଜିତ ପୁରୋହିତ, ଆରଏମସି ଉପାଧ୍ୟକ୍ଷ ସୁବାଷ ଚନ୍ଦ୍ର ହୋତା, ସଂକ୍ରିଡା ସରପଞ୍ଚ ଜୟନ୍ତୀ ସେଠ, ସମିତି ସଭ୍ୟ ଚାଷୀଗିରି ନଇ, ସଂକ୍ରିଡା ପେକ୍ସ ସଭାପତି ସୁବ୍ରତ କୁମାର ଚାନ୍ଦ, ରଶ୍ମିରଞ୍ଜନ ପାତ୍ରୀ, ବହୁସଂଖ୍ୟାରେ ବିଜେଡିର କର୍ମକର୍ତ୍ତା ଉପସ୍ଥିତ ଥିଲେ। ପରେ ଏକ ବିରାଟ ରୋଡ ସୋ ଅନୁଷ୍ଠିତ ହୋଇଥିଲା। ରେମଣ୍ଡା ଗ୍ରାମରେ ସମଲେଶ୍ୱରୀ ଦେବୀଙ୍କ ଦର୍ଶନ ପରେ ଏକ ପଥପ୍ରାନ୍ତ ସଭା ଅନୁଷ୍ଠିତ ହୋଇଥିଲା। ରେମଣ୍ଡା ସରପଞ୍ଚ ଉଦ୍ଧବ ବାରିକ ସମେତ ରେମଣ୍ଡା ଅଞ୍ଚଳର ବିଶିଷ୍ଟ ଶିକ୍ଷାବିତ୍, ସମାଜସେବୀ ଓ ବିଜେଡି ର କର୍ମକର୍ତ୍ତା ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଶ୍ରୀମତୀ ଛୁରିଆ ତାଙ୍କ ବକ୍ତବ୍ୟରେ ନବୀନ ପଟ୍ଟନାୟକ ସରକାରଙ୍କ ସମୟରେ ରେମଣ୍ଡାରେ ହୋଇଥିବା ଉନ୍ନତିମୂଳକ କାର୍ଯ୍ୟର ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ।

# ବୁଢ଼ି ଅଞ୍ଚଳରେ ବାଲ୍ମୀକି ନାଏକ; ସମର୍ଥନ ପାଇଁ ନିବେଦନ

**ପଦ୍ମପୁର, ୧୧।୫ (ସମିସ):** ନିର୍ବାଚନ ତାରିଖ ଯେତେ ପାଖେଇ ଆସୁଛି ପ୍ରାର୍ଥୀଙ୍କ ପ୍ରଚାର ସେତେ ଜୋରରେ ବୃଦ୍ଧି ପାଉଛି। ପଦ୍ମପୁର ନିର୍ବାଚନ ମଣ୍ଡଳୀର ଆମ ଆଦମୀ ପାର୍ଟି ବିଧାୟକ ପ୍ରାର୍ଥୀ ବାଲ୍ମୀକି ନାଏକ ଦିନରାତି ଏକ କରି ତାଙ୍କ ପ୍ରଚାର ଜାରି ରଖିଛନ୍ତି। କେତେ ବେଳେ ପଥପ୍ରାନ୍ତ ନାଟକ ମାଧ୍ୟମରେ ତ କେତେ ବେଳେ ବିରାଟ ରାଲି କରି ଲୋକଙ୍କୁ ନିବେଦନ କରୁଛନ୍ତି। ଆଜି ଗୋଠୁଗୁଡା ସରପଞ୍ଚ ପ୍ରୀତମ ନାଏକଙ୍କ ନେତୃତ୍ୱରେ ପଦ୍ମପୁର ନିର୍ବାଚନ ମଣ୍ଡଳୀ ପାଇକମାଲ ବ୍ଲକ ଅନ୍ତର୍ଗତ ବୁଢ଼ି ଅଞ୍ଚଳ ଭାବେ ପରିଚିତ ଲହଣ୍ଡିପୁର, ଲୁହୁରାକୋଟ, ଗଣ୍ଡିଡ଼ିହି, ଲଖମରା, କୁଲାଣ୍ଡି, ପୁଝାରିପାଲି, ଦର୍ଲିପାଲି, ବମ୍ରିତ, ସମ୍ବଲପୁରୀ ଇତ୍ୟାଦି ଗ୍ରାମରେ ଘରକୁ ଘର ବୁଲି ଭୋଟଭିକ୍ଷା କରିଥିଲେ। ନିଜର ଶତାଧିକ କର୍ମୀଙ୍କ ସହ ପହଞ୍ଚି ଆମ ଆଦମୀ ପାର୍ଟିକୁ ଭୋଟ୍ ଦେବାକୁ ନିବେଦନ କରିଥିଲେ।



# ମତଦାନରୁ ବଞ୍ଚିତ ହେବେ ପୋଲିଂ କର୍ମଚାରୀ

**ପଦ୍ମପୁର, ୧୧।୫ (ସମିସ):** ସାଧାରଣ ନିର୍ବାଚନ ପାଇଁ ନିୟୋଜିତ ପୋଲିଂ ଅଧିକାରୀଙ୍କ ପଦ୍ମପୁର ରାଜବୋଡ଼ାସମ୍ବର ଉଚ୍ଚ ବିଦ୍ୟାଳୟ ଓ ବାଳିକା ଉଚ୍ଚ ବିଦ୍ୟାଳୟରେ ତାଲିମ କାର୍ଯ୍ୟକ୍ରମ ସହ ସେମାନଙ୍କ ମତଦାନ କେନ୍ଦ୍ର ଖୋଲା ଯାଇଥିଲା। ଶହ ଶହ ସଂଖ୍ୟାରେ ପୋଲିଂ କର୍ମଚାରୀ ମତଦାନ ସାବ୍ୟସ୍ତ ପାଇଁ ଧାଡିରେ ଛିଡ଼ା ହୋଇଥିଲେ। କିନ୍ତୁ ତ୍ରୁଟିପୂର୍ଣ୍ଣ ଭାବେ ଅନେକ ଅଧିକାରୀଙ୍କ ନାମ ତାଲିକାରେ ନ ଥିବାରୁ ମତଦାନ କରି ପାରିନାହାନ୍ତି। ସେମାନେ ମତଦାନ ଦିନ ପୋଲିଂ ଦାୟିତ୍ୱରେ ରହୁଥିବାରୁ ମତଦାନରୁ ବଞ୍ଚିତ ହେବେ। ତେଣୁ ତାଲିକାରେ ନାମ ନ ଥିବା ପୋଲିଂ ଅଧିକାରୀଙ୍କୁ ମତଦାନ ପାଇଁ ପୁନଃ ସୁଯୋଗ ଦେବାକୁ ନିର୍ବାଚନ ପରିଚାଳନା ଅଧିକାରୀ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହୋଇଛି।

# ଅମ୍ବାଭୋନା ବ୍ଲକରେ କଂଗ୍ରେସର ପ୍ରଚାର

**ଅମ୍ବାଭୋନା, ୧୧।୫(ସମିସ):** ଅମ୍ବାଭୋନା ବ୍ଲକ ଅନ୍ତର୍ଗତ ଦ୍ୱାରୀ, ଇଛାପୁର, କୁମ୍ଭୋ, ଜାମପାଲି, କଣ୍ଡପଲା, ବଡ଼ଧରା, ରୁଚିଦା, କପାଶିରା ଆଦି ଗ୍ରାମରେ କଂଗ୍ରେସର ମାରାଥନ ପ୍ରଚାର ହୋଇଛି। ବରଗଡ଼ ଲୋକସଭା ସାଂସଦ ପ୍ରାର୍ଥୀ ସଞ୍ଜୟ ଭୋଇ, ଭଟଲି ବିଧାୟକ ପ୍ରାର୍ଥୀ ବ୍ରହ୍ମା ମହାକୁଡ଼, ଆଇନଜୀବୀ ବିରେନ୍ଦ୍ର ହାତୀ, ଦୁବରାଜ ପଧାନ, ମହେନ୍ଦ୍ର ପଧାନ, ଦିଗ ପ୍ରସାଦ ଦାଶ, ବିପିନ୍ଦ୍ର ମହାକୁଡ଼, ମାଧବ ପଧାନ ପ୍ରମୁଖ ଗାଁ ଗାଁ ବୁଲି କଂଗ୍ରେସର ଇସ୍ତାହାର ଓ ଗ୍ୟାରେଣ୍ଟି କାର୍ଡ ବଣ୍ଟନ କରି ଭୋଟଭିକ୍ଷା କରିଥିଲେ।

# ବିଜେଡିରୁ ଇସ୍ତଫା ଦେଲେ ସାଧୁ ନେପାକ

**ବରଗଡ଼, ୧୧/୫(ସମିସ):** ଶନିବାର ପୂର୍ବତନ ବିଧାୟକ ସାଧୁ ନେପାକ ବିଜେଡିରୁ ଇସ୍ତଫା ଦେଇଛନ୍ତି। ସେ ତାଙ୍କ ଇସ୍ତଫା ପତ୍ର ବିଜେଡି ସଭାପତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିକଟକୁ ପଠାଇ ଥିବା ଜଣାପଡ଼ିଛି। ୨୦୦୯ ରେ ସେ ବରଗଡ଼ କଂଗ୍ରେସ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। ୨୦୧୪ ନିର୍ବାଚନରେ ପରାଜୟ ବରଣ କରିଥିବା ବେଳେ ୨୦୧୯ ରେ ଦଳ ତାଙ୍କୁ ଟିକେଟ ଦେଇ ନଦେବାରୁ ସେ କଂଗ୍ରେସ ଛାଡି ବିଜେଡିରେ ଯୋଗ ଦେଇଥିଲେ। ବିଜେଡିରେ ଯୋଗଦେବା ପରେ ତାଙ୍କୁ ରାଜ୍ୟ ଯୋଜନା ବୋର୍ଡ଼ ସଦସ୍ୟ ଭାବେ ନିଯୁକ୍ତ କରାଯାଇ ରାଜ୍ୟମନ୍ତ୍ରୀ ପାହ୍ୟା ପ୍ରଦାନ କରାଯାଇଥିଲା। ଚଳିତ ନିର୍ବାଚନରେ ଟିକେଟ ଆଶାୟୀ ଥିବା ଶ୍ରୀ ନେପାକ ବିଜେଡି ପ୍ରାଥମିକ ସଦସ୍ୟ ପଦ ଓ ରାଜ୍ୟ ଯୋଜନା ବୋର୍ଡ ସଦସ୍ୟ ପଦରୁ ଇସ୍ତଫା ଦେଇଥିବା ଜଣାଇଛନ୍ତି।

# ବିଜେପିରୁ ଇସ୍ତଫା ଦେଲେ ଡା. ସୁଶୀଳ ଶର୍ମା



**ପଦ୍ମପୁର, ୧୧।୫ (ସମିସ):** ବିଜେପି ଦଳ ଛାଡ଼ିଲେ ବରଗଡ଼ ଜିଲ୍ଲା ବରିଷ୍ଠ ନେତା ତଥା ପୂର୍ବତନ ବିଧାୟକ ମୁରାରୀ ମିଶ୍ରଙ୍କ ଜାମାତା ଡା. ସୁଶୀଳ ଶର୍ମା। ଦଳର ସଭାପତି ମନମୋହନ ସାମଲଙ୍କ ପାଖକୁ ତାଙ୍କର ଇସ୍ତଫାପତ୍ର ପଠାଇଛନ୍ତି। ଦଳ ପାଇଁ ସେ କଠିନ ପରିଶ୍ରମ କରିଥିଲେ ମଧ୍ୟ ତାଙ୍କ ପ୍ରତି ଦଳ ଆସ୍ଥା ରଖି ପାରି ନ ଥିଲା। ଦଳରେ ତାଙ୍କୁ ପ୍ରତ୍ୟାଖ୍ୟାନ କରାଯାଇଛି ବୋଲି ଇସ୍ତଫା ପତ୍ରରେ ଡା.ଶର୍ମା ଉଲ୍ଲେଖ କରିଛନ୍ତି। ସୂଚନା ଅନୁସାରେ ଡା. ଶର୍ମା ବିଜେପୁର ବିଧାନସଭା ଆସନରୁ ପ୍ରାର୍ଥୀ ହେବା ପାଇଁ ଆଶାୟୀ ଥିଲେ। ମାତ୍ର ଦଳ ତାଙ୍କୁ ଟିକେଟ ଦେଇ ନଥିଲା। ତେଣୁ ସେ ଦଳ ଛାଡ଼ିଥିବା କହିଛନ୍ତି। ତେବେ ଏହାପରେ ତାଙ୍କର ଆଭିମୁଖ୍ୟ କଣ ହେବ ତାଙ୍କ ଉପରେ ସମସ୍ତଙ୍କ ନଜର ରହିଛି।

# କେଜ୍ରିୱାଲଙ୍କୁ ଜାମିନ ପରେ ବରଗଡ଼ରେ କର୍ମୀଙ୍କ ଖୁସି

**ବରଗଡ଼, ୧୧।୫ (ସମିସ):** ଦିଲ୍ଲୀ ମୁଖ୍ୟମନ୍ତ୍ରୀ ତଥା ଆମ୍ ଆଦମୀ ପାର୍ଟିର ମୁଖ୍ୟ ଅରବିନ୍ଦ କେଜ୍ରିୱାଲଙ୍କୁ ସୁପ୍ରିମ କୋର୍ଟଙ୍କ ନିର୍ଦ୍ଦେଶ ପରେ ଶୁକ୍ରବାର ବେଲ ପ୍ରଦାନ କରାଯାଇଛି। ସେ ଜେଲରୁ ମୁକ୍ତ ହେବା ପରେ ଦେଶସାରା ତାଙ୍କ ପାର୍ଟିର କର୍ମୀ ଓ ଶୁଭେଚ୍ଛୁ ଆନନ୍ଦ ପ୍ରକଟ କରିଛନ୍ତି। ବରଗଡ଼ରେ ମଧ୍ୟ ଆମ୍ ଆଦମୀ ପାର୍ଟିର କାର୍ଯ୍ୟକର୍ତ୍ତା ମାନେ ଗାନ୍ଧୀ ଛକରେ ଉତ୍ସବ ପାଳନ କରିଥିଲେ। ଜିଲ୍ଲା ଆବାହକ ଭବାନୀ ସାହୁ ସମେତ ଅସିତ ସାହୁ, ସ୍ୱରୂପ ଭୋଇ, ମାରିୟମ ବାର୍ଲା, ଅମିତାଭ ପାତ୍ର, ମମତା ବେହେରା, ଅବିନାଶ ବାଗ, ସାଲାଉଦ୍ଦୀନ, ରମେଶ ପତି ଓ ଅନ୍ୟ ମାନେ ଉପସ୍ଥିତ ଥିଲେ। ଏହି ଖବର ସମସ୍ତ ଦେଶ ପ୍ରେମୀ, ଗଣତନ୍ତ୍ର ପ୍ରେମୀ, ସମ୍ବିଧାନକୁ ସମ୍ମାନ ଦେଉଥିବା ଲୋକଙ୍କ ମଧ୍ୟରେ ଖୁସିର ଲହରୀ ଆଣି ଦେଇଛି ବୋଲି ଶ୍ରୀ ସାହୁ କହିଛନ୍ତି। ଗତ ୨୧ ମାର୍ଚ୍ଚରୁ ତଥାକଥିତ ମଦ ଦୁର୍ନୀତି ମାମଲାରେ ସେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଦ୍ୱାରା ଗିରଫ ହୋଇ ଜେଲରେ ଥିଲେ।

# ଝାରବନ୍ଧ ବ୍ଲକରେ ବିଧାୟିକା ବର୍ଷା ସିଂ ବରିହାଙ୍କ ପ୍ରଚାର

**ପଦ୍ମପୁର /ଝାରବନ୍ଧ, ୧୧।୫ (ସମିସ)**

ଝାରବନ୍ଧ ବ୍ଲକ ଅନ୍ତର୍ଗତ କୁମ୍ଭିରା, ଚଣ୍ଡିଭଟା, ଅମଠି ଓ ଝାରବନ୍ଧ ପଞ୍ଚାୟତରେ ବିଧାୟକ ପ୍ରାର୍ଥୀନୀ ବର୍ଷା ସିଂ ବରିହା ମାରାଥନ ପ୍ରଚାର କରିଛନ୍ତି। ବିଗତ ଦିନରେ ହୋଇଥିବା ଉନ୍ନୟନମୂଳକ କାମ ଗୁଡିକର ହିସାବ ଦେବା ସହିତ ଆଗାମୀ ସାଧାରଣ ନିର୍ବାଚନରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଷଷ୍ଠ ଥର ପାଇଁ ମୁଖ୍ୟମନ୍ତ୍ରୀ କରିବା ପାଇଁ ବିଧାନସଭା ପାଇଁ ତାଙ୍କୁ ଓ ଲୋକସଭା ପାଇଁ ପରିଣିତା ମିଶ୍ରଙ୍କୁ ଶଙ୍ଖ ଚିହ୍ନରେ ଭୋଟ ଦେଇ ଜୟଯୁକ୍ତ କରିବା ପାଇଁ ନିବେଦନ କରିଥିଲେ। ଏହି ପ୍ରଚାରରେ ବିଜେଡି ବ୍ଲକ ସଭାପତି ଯତୀନ୍ଦ୍ର ହାତୀ, ବରିଷ୍ଠ ନେତା ନନ୍ଦଲାଲ ମହାପାତ୍ର, ଜବାହରଲାଲ ସିଂ ବରିହା, ବିଦ୍ୟୁତ ରଞ୍ଜନ ପଧାନ, ମାନଭଞ୍ଜନ ବେହେରା, ଜିଲ୍ଲା ପରିଷଦ ସଭ୍ୟ ସୁଶୀଲ ମରେଇ ଯୋଗ ଦେଇଥିଲେ। ସେହିପରି ତୁର୍ଲା ଗ୍ରାମରେ ବିଜେଡିର ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ମେହେର, ବନିତା ସାହୁ, ଉଷା ମେହେର, ସୀତା ପ୍ରଧାନ, ଜୟନ୍ତୀ ମିର୍ଦ୍ଧା, ପ୍ରତିମା ମିର୍ଦ୍ଧା, ରୁକ୍ମିଣୀ ମେହେର,



ବିଧାୟିକା ବର୍ଷା ସିଂ ବରିହାଙ୍କ ଉପସ୍ଥିତିରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଝାରବନ୍ଧ ବ୍ଲକ ତୁର୍ଲା ଗ୍ରାମର ଗୁଲ୍ଲୁ ଅଗ୍ରୱାଲଙ୍କ ସମେତ ୧୪ ଜଣ ବିଜେପି ମହିଳା କର୍ମୀ ଅନ୍ନପୂର୍ଣ୍ଣା ସାହୁ, ବାସନ୍ତୀ ଗୀତାଞ୍ଜଳି ମେହେର, ଶାନ୍ତି ସାହୁ, ସାବିତ୍ରୀ ରଣା, ବବିତା ଅଗ୍ରୱାଲ, ରୁନୁ ସାହୁ, ସେବତୀ ପଧାନ ବିଜେଡି ରେ ସାମିଲ ହୋଇଛନ୍ତି। ସମସ୍ତଙ୍କୁ ଦଳ ତରଫରୁ ଉପଢୌକନ ଦେଇ ସ୍?ାଗତ କରାଯାଇଥିଲା।

# କେଛୋଦାଦର ପଞ୍ଚାୟତରେ କର୍ମୀ ସମ୍ମିଳନୀ, ପ୍ରଚାରରେ ବର୍ଷାଙ୍କ ସ୍ୱାମୀ

**ପଦ୍ମପୁର, ୧୧।୫ (ସମିସ):** ପାଇକମାଲ ବ୍ଲକ କେଛୋଦାଦରରେ ପଞ୍ଚାୟତସ୍ତରୀୟ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଯୁବନେତା ଭୋଜରାଜ ସିଂ ବରିହାଙ୍କ ଅଧକ୍ଷତାରେ ଆୟୋଜିତ ଏହି ସମ୍ମିଳନୀରେ ପାଇକମାଲ ବ୍ଲକ ଅଧକ୍ଷା ଭାବନା ସିଂ, ବରିଷ୍ଠ ବିଜେଡି ନେତା ରାଜେନ୍ଦ୍ର ରାଉତ, ଚିତ୍ତରଞ୍ଜନ ପ୍ରଧାନ, ପୂର୍ବତନ ସରପଞ୍ଚ ଧବଳେଶ୍ୱର ସାହୁ ପ୍ରମୁଖ ଯୋଗଦେଇ ଆଗାମୀ ସାଧାରଣ ନିର୍ବାଚନରେ ବର୍ଷା ସିଂ ବରିହା ତଥା ଲୋକସଭା ପ୍ରାର୍ଥିନୀ ପରିଣିତା ମିଶ୍ରଙ୍କୁ ଶଙ୍ଖ ଚିହ୍ନରେ ଭୋଟ ଦେଇ ଜୟଯୁକ୍ତ କରିବା ଆହ୍ୱାନ ଦେଇଥିଲେ। ମୁଖ୍ୟ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟି ଥିଲେ ବିଧାୟକ ପ୍ରାର୍ଥିନୀ ବର୍ଷା ସିଂ ବରିହାଙ୍କ ସ୍ୱାମୀ ସ୍ମୃତି ସୌରଭ ବଳିଆର ସିଂ। ସେ ପଦ୍ମପୁର ନିର୍ବାଚନ ମଣ୍ଡଳୀର ସର୍ବାଙ୍ଗୀନ ଉନ୍ନତି ପାଇଁ ତାଙ୍କ ପତ୍ନୀ ବର୍ଷାଙ୍କୁ ଭୋଟ ଦେବା ପାଇଁ ନିବେଦନ କରିଥିଲେ। ସ୍ମୃତି ସୌରଭଙ୍କୁ ପାଖରେ ପାଇ ଦଳୀୟ କର୍ମୀ ମଧ୍ୟ ବେଶ ଉତ୍ସାହିତ ଥିବା ପରିଲକ୍ଷିତ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ପାଇକମାଲ ବ୍ଲକ ଯୁବ ବିଜେଡି ସଭାପତି ଗୌତମ ସିଂ ପରିଚାଳନା କରିଥିବା ବେଳେ ପଞ୍ଚାୟତର ସମସ୍ତ ଦଳୀୟ କର୍ମୀଙ୍କ ଓ ଗ୍ରାମବାସୀ ଉପସ୍ଥିତ ଥିଲେ।



# ମୁଁ ଏ ଚୁଡ଼ି

ସୁନିତା ପ୍ରଧାନ



॥ ୧ ॥

ମୁଁ ଯେବେ ତା' ଘରକୁ ପ୍ରଥମ ଥର ଯାଇଥିଲି ସେ ମୋତେ ଦେଖି ଖୁବ୍ ଖୁସି ହୋଇଥିଲା। ଆମ ଗପସପ ଭିତରେ କେତେବେଳେ ଯେ, ମୋ' ଫେରିବା ସମୟ ହେଇଯାଇଥିଲା, ଆମର ନିଘା ନଥିଲା। ମୁଁ ଫେରିବା ବେଳେ ସେ ମୋ' ହାତକୁ ଧରି କହିଲା, ଶୁଣେ ସାଙ୍ଗ ପାଖକୁ ଆସି ଏମିତି କ'ଣ ଖାଲି ହାତରେ ଚାଲି ଯିବୁ,କହି ମୋ ଆଡ଼କୁ ବଢ଼େଇ ଦେଇଥିଲା ଗୋଟେ ଦାମୀ ଶାଢ଼ି, କିଛି ରଙ୍ଗିନ ଚୁଡ଼ି,ଅଳତା ସିନ୍ଦୂରର ଗୋଟିଏ ଛୋଟ ବକ୍ସ। ମୁଁ ତା' ଆଡ଼କୁ ଚାହିଁ କହିଲି, ତୁ ସିନା ଏତେ ସବୁ ଦେଇ ପାରୁଚୁ। ମୁଁ କ'ଣ ତୋତେ ମାନିଲା ଭଳି କିଛି ଦେଇ ପାରିବି? ହଁ, କାହିଁକି ନୁହଁ! ମୁଁ ଆଶ୍ଚର୍ଯ୍ୟ ହୋଇ ତା' ମୁହଁକୁ ଚାହିଁଲି। ତା' ଷ୍ଟାଟସ୍ ଆଉ ମୋ' ଷ୍ଟାଟସ୍ ଭିତରେ ଆକାଶ ପାତାଳ ଫରକ୍। କାହିଁ ରାଣୀ, କାହିଁ ଚାକରାଣୀ! ସେ ମୋତେ ଟିକେ ହଲେଇ ଦେଇ କହିଲା, କ'ଣ ଏତେ ଭାବୁଚୁ ଯେ! ତୁ ଯୋଉ ସବୁଜ ଚୁଡ଼ି ପିନ୍ଧିଚୁ ସେଇ ଚୁଡ଼ିର ରଙ୍ଗ ଆଉ ଡିଜାଇନ୍ ମୋତେ ଭାରି ଭଲ ଲାଗୁଚି। ତୁ ଆର ଥରକୁ ଯେବେ ଆସିବୁ ଠିକ୍ ଏଇ ରଙ୍ଗର ଏଇ ଡିଜାଇନ୍‌ର ଚୁଡ଼ି ମୋ' ପାଇଁ ଆଣି ଦେବୁ। ମୁଁ 'ହଁ' କହି ତା'ଠାରୁ ବିଦାୟ ନେଇ ଚାଲି ଆସିଲି। ସେଥର ତା' ଘରକୁ ଯିବା ବେଳେ ତାକୁ ସର୍‌ପ୍ରାଇଜ୍ ଦେବା ନିମନ୍ତେ ବିନା ଫୋନ୍‌ରେ ତା' ଘରକୁ ଚାଲିଗଲି। ଯିବା ବେଳେ ମୁଁ ତା' ପସନ୍ଦର ସେଇ ସବୁଜ ଚୁଡ଼ି ଦୁଇ ଡଜନ୍ ନେଇ ଯାଇଥିଲି। ତା' ଗୋରା ହାତକୁ ସେ ଚୁଡ଼ି ଖୁବ୍ ମାନିବ ଓ ଚୁଡ଼ି ସବୁ ଦେଖି ସେ ଖୁବ୍ ଖୁସି ହେଇଯିବ, ଏକଥା ଭାବି ମୋ' ମନଟା ଖୁସିରେ ନାଚି ଉଠୁଥିଲା। ତା' ଗେଟ୍ ପାଖରେ ପହଞ୍ଚିବା ବେଳେ ତା' ଘର ଆଗରେ ଥିଲା ଅସମ୍ଭବ ଭିଡ! ଭିଡ଼କୁ ଆଡ଼େଇ ମୁଁ ଆଗକୁ ଯାଇ ଯାହା ଦେଖିଲି, ମୋ' ହାତରୁ ଚୁଡ଼ି ବକ୍ସଟି ଖସି ସବୁ ତକ ଚୁଡ଼ି ବିଛାଡ଼ି ହୋଇପଡ଼ିଲା। କେହି ଜଣେ କହୁଥିଲେ, ସେ ନୂଆ ଚୁଡ଼ି ମୁଠାକ ଆଣ! ଅହ୍ୟ ଡେଙ୍ଗୁରା ବଜେଇ ଯିବା କେତେ ଜଣଙ୍କ ଭାଗ୍ୟରେ ଥାଏ!!

॥ ୨ ॥

ସେ ଯେତେବେଳେ ବି ଆମ ଘରକୁ ଆସେ ସବୁ ଦିନ ତା' ସହ କିଛି ନା କିଛି ଗୋଟାଏ ଦୁର୍ଘଟଣା ଘଟିଥାଏ। କେବେ ମୁଣ୍ଡରେ ବ୍ୟାଣ୍ଡେଜ୍ ପଡ଼ିଥାଏ, ତ କେବେ ଆଖିଫୁଲି ନାଲି ହୋଇ ଯାଇଥାଏ। କେବେ ଓଠଫାଟି ରକ୍ତ ଝରୁ ଥାଏ ତ କେବେ ହାତଗୋଡ଼ ଖଣ୍ଡିଆଖାବରା ହୋଇ ଥାଏ। ସେ ଯାହା ବି ହେଉ ସେ କିନ୍ତୁ ତା' କାମରେ କେବେ କିଛି ଖିଲାପ କରେନା। ନିୟମିତ ଭାବେ ଆସି ତା' କାମ କରି ଚାଲି ଯାଏ। ସେଦିନ କଣ ହେଲା କେଜାଣି ସେ ଦିନ ସାରା ଘରକୁ ଆସିଲା ନାହିଁ କି ଫୋନ୍ କରି କିଛି ଜଣେଇଲା ନାହିଁ। ତା'ର ହଠାତ୍ କ'ଣ ହେଲା ଭାବି ମୁଁ ବ୍ୟସ୍ତ ହୋଇ ପଡ଼ିଲି। ତା' ବସ୍ତିର ଆଉ ଗୋଟିଏ ଝିଅ ଆମ କଲୋନୀରେ କାମ କରେ। ତା'ଠାରୁ ଖବର ନେଇ ତା' ଘରକୁ ଯିବି ଭାବିଲା ବେଳକୁ, ସେ ଆସି ଆମ ଦୁଆରେ ହାଜର। ତାକୁ ଦେଖି ମୁଁ ଚମକି ପଡ଼ିଲି। ତା' ଭୂଲତାର ଟିକେ ଉପରକୁ ଫୁଲି ଏତେ ବଡ଼ ଆବୁ! ଡାହାଣ ଆଖି ତଳଟି ଫୁଲି କଳା ପଡ଼ି ଅତି ବୀଭତ୍ସ ଦିଶୁଥିଲା। ଦୁଇ ଫୁଙ୍ଗୁଳା ହାତର ଅନେକ ଜାଗାରେ ଆଞ୍ଚୁଡ଼ା କଟା ଦାଗର ଚିହ୍ନ ସ୍ପଷ୍ଟ ବାରି ହୋଇ ପଡୁଥିଲା। ମୋତେ ଦେଖି ଟିକେ ଫିକା ହସ ହସି କହିଲା, ମାଆ ଆଜି ସକାଳୁ ତା'ର ନିଶା ଟିକେ ଅଧିକ ହୋଇ ଯାଇଥିଲା। ଛୋଟ କଥାକୁ ନେଇ ମୋ' ସହ ଝଗଡ଼ା କରି ମୋତେ ବାଡ଼େଇ ଦେଖନ୍ତୁ ମୋର କି ଅବସ୍ଥା କରିଛି! ତା'ର ଦୁଇ ହାତ ଦେଖେଇ କହିଲା, ତୋର କିଛି ପୁରୁଣା ଚୁଡ଼ି ଥିଲେ ଦେ ମାଆ। ସେ ଥାଉଥାଉ ଏମିତି ଖାଲି ହାତରେ ରହିଲେ ତା'ର ଅମଙ୍ଗଳ ହେବ। ତା' ଲାଗି ତ ମୋର ଏଇ ଶଙ୍ଖା ସିନ୍ଦୂର। ତା' କଥା ଶୁଣି ମୁଁ ତାକୁ କ'ଣ କହିବି, କିଛି ଭାବି ପାରୁ ନଥିଲି। ଯୋଉ ଲୋକ ତାକୁ ବାଡ଼େଇ ଏତେ ସରି କରିଛି, ତଥାପି ତାରି ମଙ୍ଗଳ ପାଇଁ ସେ ଚୁଡ଼ି ପିନ୍ଧିବ! ଆଶ୍ଚର୍ଯ୍ୟ ହେଉଥିଲି ତଥାପି ତା ସ୍ତ୍ରୀ ମନର ମର୍ଯ୍ୟାଦାକୁ ରଖିବା ପାଇଁ ତା' ହାତକୁ ବଢ଼େଇ ଦେଇଥିଲି ମୁଠାଏ ଚୁଡ଼ି...।

॥ ୩ ॥

ମେଡିକାଲ୍ ବେଡ୍‌ରେ ଶୋଇ ଛାତରେ ଲାଗିଥିବା ସିଲିଂ ଫ୍ୟାନ୍‌କୁ ଅପଲକ୍ ନୟନରେ ଚାହିଁ କ'ଣ ସବୁ ଭାବି ଚାଲିଥିଲା ସୁରେଖା। ଘଟଣାଟି ଯେ, ନିଶ୍ଚେ ଗୁରୁତର ଏ କଥା ତା' ମୁହଁର ଭାବଭଙ୍ଗୀରେ ସ୍ପଷ୍ଟ ଅନୁମେୟ। କାରଣ ରାତି ପାହିଲେ ସେ ମେଡିକାଲ୍‌ରୁ ଡିସ୍‌ଚାର୍ଜ ହୋଇ ଘରକୁ ଯିବ ଅଥଚ ସେ ଖୁସି ହେବା ବଦଳରେ ଚିନ୍ତାଗ୍ରସ୍ତ ଲାଗୁଥିଲା। ତା' ପରଦିନ ସେ ଘରେ ପହଞ୍ଚିଲା। ଘରେ ପହଞ୍ଚିବା ପରେ ସୁରେଖା ନିଜ ଶାଢ଼ି କାନିରେ ହାତଟିକୁ ଲୁଚେଇ ଲୁଚେଇ ବୁଲୁଥିଲା। ଏହା ଦେଖି ତା' ଶାଶୂ ତାକୁ ଡାକି ପଚାରିଲେ କ'ଣ ହେଇଚି ତୋର? ଏ ହାତଟିକୁ ଏମିତି କାହିଁକି ଘୋଡ଼େଇ ରଖିଚୁ। ଏହା କହି ତାକୁ ଜୋର୍ କରି ଅଟକେଇ ତା' ହାତରୁ ଲୁଗାଟିକୁ କାଢ଼ି ଦେଲେ ତା' ଶାଶୂ। ସୁରେଖାର ଡାହାଣ ହାତରେ କିଛି ପାଣି ଚୁଡ଼ି ବ୍ୟତୀତ ଆଉ କିଛି ନଥିଲା। ଏହା ଦେଖି ତା' ଶାଶୂ ରାଗିଲା ଭଳି ଗମ୍ଭୀର ସ୍ୱରରେ କହିଲେ ତୋର ଏଇ ହାତରେ ଏବେ ଏବେ ଅପରେସନ୍ ହୋଇଛି। ଅପରେସନ୍ ହାତରେ କିଛି ପିନ୍ଧିବା ପାଇଁ ତୋତେ ପରା ଡାକ୍ତର ମନା କରିଥିଲେ। ତଥାପି ତୁ କାହିଁକି ଏ ଚୁଡ଼ିଗୁଡ଼ିକ ପିନ୍ଧିଚୁ। ଏ ଚୁଡ଼ି ବାଜି ତୋର ଯଦି କିଛି ହୋଇ ଯାଏ ତେବେ... ସୁରେଖା କାନ୍ଦ କାନ୍ଦ ହୋଇ କହିଲା ମାଆ ହାତରେ ଚୁଡ଼ି ନଥିଲେ ବାର ଲୋକ ବାର କଥା କହିବେ। ସ୍ୱାମୀ ଥାଉ ଥାଉ ସ୍ତ୍ରୀ କେମିତି ବିଧବା ବେଶ ଧରିଛି କହି ମୋତେ ନିନ୍ଦା ଅପବାଦ ଦେବେ। ଏହା ଛଡ଼ା ମୁଁ ଖାଲି ହାତରେ ରହିଲେ ମୋ' ସ୍ୱାମୀଙ୍କ ଅମଙ୍ଗଳ ହେବ। ଏସବୁ ଜାଣି ଶୁଣି ମୁଁ କେମିତି ଶୂନ୍ୟ ହାତରେ ରହିବି। ତା' ଶାଶୂ ସୁରେଖା କଥା ଶୁଣି ତାକୁ କୋଳକୁ ଟାଣି ଆଣି କହିଲେ ମାଆରେ ଯୋଉ ଲୋକ ତୋତେ ସ୍ୱାମୀ ବିଷୟରେ କିଛି ପଚାରିବ, ତା' ଆଗରେ ନେଇ ତୋ' ସ୍ୱାମୀକୁ ଛିଡ଼ା କରେଇ ଦେବୁ। କହିବୁ ଇୟେ ହେଉଛନ୍ତି ମୋ' ସ୍ୱାମୀ। ଏହାଛଡ଼ା କିଏ କହିଲା ଚୁଡ଼ି ନ ପିନ୍ଧିଲେ ସ୍ୱାମୀର ଅମଙ୍ଗଳ ହୁଏ ବୋଲି! ଏ ସବୁ ଏ ସମାଜ ଗଢ଼ିବା ନିୟମ। ବେଳେ ବେଳେ ପରିବାରର ମଙ୍ଗଳ ପାଇଁ ସମାଜର ନିୟମକୁ ବଦଳାଇବାକୁ ପଡ଼େ। ତୁ ନିଜେ ନିଜର ଯତ୍ନ ନେଇ ଶୀଘ୍ର ସୁସ୍ଥ ହୋଇ ଉଠିଲେ ମୋ' ପୁଅର ମଙ୍ଗଳ ହିଁ ମଙ୍ଗଳ। ଏହା କହି ସୁରେଖା ହାତରୁ ତା' ଶାଶୂ ବାହାର କରି ଦେଇଥିଲେ ଚୁଡ଼ି ମୁଠାକ।■

ଲକ୍ଷ୍ମୀପୁର, କୋରାପୁଟ
ମୋ: ୭୭୪୯୮୫୦୫୭୫

## ପତ୍ରିକା ପରିଚୟ

### ସେଇ ଆଖି

**ହେମନ୍ତ କୁମାର ବିଶ୍ୱାଳ**





ଶାନ୍ତିସେନା ପବ୍ଲିକେଶନ୍ସ
ଜଗତସିଂହପୁର
ପ୍ରଥମ ପ୍ରକାଶନ: ୨୦୨୪
ମୂଲ୍ୟ: ୧୫୦ ଟଙ୍କା

ନିକଟ ଅତୀତରେ ପ୍ରକାଶ ପାଇଛି ହେମନ୍ତ କୁମାର ବିଶ୍ୱାଳଙ୍କ ରଚିତ 'ସେଇ ଆଖି' ଗଳ୍ପ ପୁସ୍ତକ। ଏହି ପୁସ୍ତକରେ ମୋଟ ଛୟାଳିଶଟି ଗପ ସଂକଳିତ ହୋଇଛି। 'ଜରାଶ୍ରମ ଓ ବାପା', 'ବନ୍ଧୁ', 'ପ୍ରଜାପତିର ମୃତ୍ୟୁ', 'ଅନ୍ଧପ୍ରେମ', 'ପ୍ରଶ୍ନବାଚୀ', 'ଅବ୍ୟକ୍ତ ପ୍ରେମ', 'ଇତିରୁ ଆରମ୍ଭ', 'ଠିକଣା ନଥିବା ଚିଠି', 'ସ୍ୱର୍ଗକୁ ଚିଠି', 'ଲିଭ୍ ଇନ୍ ରିଲେସନ୍', 'ଜେଜେ', 'ବୋହୂ' ଆଦି ଗପଗୁଡ଼ିକ ମନଛୁଆଁ ହୋଇଛି। 'ବନ୍ଧୁ' ଗପରେ ପ୍ରକୃତ ବନ୍ଧୁତ୍ୱର ଭାବ ଉକୁଟି ଉଠିଛି। ରୁଦ୍ର ବାବୁ କିଭଳି ନିଜ ପିଲାଦିନର ସାଙ୍ଗ ଘନିଆକୁ ସହଯୋଗର ହାତ ବଢ଼ାଇଛନ୍ତି, ତାହାକୁ ଗାଳ୍ପିକ ଅତି ମାର୍ମିକ ଭାବେ ବର୍ଣ୍ଣନା କରିଛନ୍ତି। ସେହିପରି 'ଅବ୍ୟକ୍ତ ପ୍ରେମ' ଗପରେ ସୁଧାଂଶୁ ବାବୁ ନିଜର ହୃଦୟର କଥା ସହପାଠିନୀଙ୍କୁ କହିପାରିନାହାନ୍ତି, ତାହା ପ୍ରତିଫଳିତ ହୋଇଛି ଏହି ଗଳ୍ପରେ। ଏହି ପୁସ୍ତକର ଅନେକ ଗପ ପାରିବାରିକ ସଂପର୍କ, ପ୍ରେମ,ଆଶାନିରାଶା,ଦ୍ୱନ୍ଦ୍ୱ,ସଂଘାତ, ସାମାଜିକ ପ୍ରତିବଦ୍ଧତାକୁ ନେଇ ରଚିତ। କେତେକ ଗପରେ ସାମାଜିକ ବାସ୍ତବତାର ଚିତ୍ର ପ୍ରସ୍ଫୁଟିତ ହୋଇ ଉଠିଛି। ସାମାଜିକ କଥାବସ୍ତୁ, ସରଳ ଭାଷା, କଥନୀୟ ଶୈଳୀରେ ରଚିତ ଏହି ପୁସ୍ତକର ଗପଗୁଡ଼ିକ ପାଠକମାନଙ୍କୁ ଭଲ ଲାଗିବ ବୋଲି ଆଶା କରାଯାଏ।■

### ଗଳ୍ପ ଗଞ୍ଜାମ ୨୦୨୪

**ସଂପାଦକ: ଭାଗୀରଥି ବେହେରା**





ଗଞ୍ଜାମ କବିତାଘର
ଲିଟେରାରୀଟ୍ରଷ୍ଟ
ଆଙ୍କୁଲି, ବ୍ରହ୍ମପୁର, ଗଞ୍ଜାମ
ସଂସ୍କରଣ : ୨୦୨୪
ମୂଲ୍ୟ: ୨୦୦ ଟଙ୍କା

ଯୁବ ସାହିତ୍ୟିକ ଭାଗୀରଥି ବେହେରାଙ୍କ ସଂପାଦନାରେ ପ୍ରକାଶ ପାଇଛି 'ଗଳ୍ପ ଗଞ୍ଜାମ ୨୦୨୪'। ଅନ୍ୟ ସଂସ୍କରଣ ଭଳି 'ଗଳ୍ପ ଗଞ୍ଜାମ ୨୦୨୪' ମଧ୍ୟ ଆକର୍ଷଣୀୟ ହୋଇଛି। ଏହି ପୁସ୍ତକରେ ମୋଟ ଏକଚାଳିଶଟି ଗଳ୍ପ ସଂକଳିତ ହୋଇଛି। ପ୍ରତିଟି ଗଳ୍ପ ସ୍ୱତନ୍ତ୍ର ଓ ଭିନ୍ନ ସ୍ୱାଦର। ଗାଳ୍ପିକା ଲକ୍ଷ୍ମୀ ଚାନ୍ଦଙ୍କ 'ଛାତ' ଗଳ୍ପଟି କରୋନା ପୃଷ୍ଠଭୂମି ଉପରେ ଆଧାରିତ। ସେହିପରି ଡକ୍ଟର ସ୍ମୃତି ପଟ୍ଟନାୟକଙ୍କ 'ପ୍ରାପ୍ତି' ଏକ ପ୍ରେମ ଗପ। 'ସୋମେନ୍' ଓ 'ତଟିନୀ'ର ପ୍ରେମ ଓ ବିଚ୍ଛେଦକୁ ନେଇ ଏହି ଗପର କାହାଣୀ ଗତିଶୀଳ ହୋଇଛି। ଜଣେ ନୂଆ ବୋହୂର ବେଦନାର କଥା ଲିପିବଦ୍ଧ ହୋଇଛି ଗୋପୀନାଥ ଦାଶଙ୍କ 'ଅସରନ୍ତି ଅଶ୍ରୁଧାର' ଗପରେ। ସେହିପରି ଭାଗୀରଥି ବେହେରାଙ୍କ 'ନିଖୋଜ ଈଶ୍ୱର', ମନୋରମା ସାହୁଙ୍କ 'ହାତମୁଠାରୁ ଖସି ଯାଉଥିବା ମୁହୂର୍ତ୍ତ', ଭାରତୀ ପାତ୍ରଙ୍କ 'ଭୋକର ଭୂଗୋଳ ଊର୍ଦ୍ଧ୍ୱରେ', ଡକ୍ଟର ମମତାରାଣୀ ନାୟକଙ୍କ 'ପରିବାର', ଗଦାଧର ପାତ୍ରଙ୍କ 'ମୋ ଘର ମଶାଣି ଭୂଇଁରେ', ଲଳିତ କୁମାର ସ୍ୱାଇଁଙ୍କ 'ପୋଡ଼ାମୁହଁ' ଆଦି ଗପଗୁଡ଼ିକ ହୃଦୟସ୍ପର୍ଶୀ ହୋଇଛି। ଏହି ପୁସ୍ତକର ଗପଗୁଡ଼ିକ ଓଡ଼ିଆ କଥା ସାହିତ୍ୟକୁ ସମୃଦ୍ଧଶାଳୀ କରିବ ବୋଲି ଆଶା କରାଯାଏ।■

## ରାତିପକ୍ଷୀ: ତପନ ଭାଇ

ଅଜୟ ସ୍ୱାଇଁ



ତମେ ଉଦାସପଣ ଆଣିଛ
ରାତିପକ୍ଷୀଠୁ, କହୁଥିଲ।
ନିରବ ରାତିରେ, ଆମ ଆଗରେ
ଥିଲେ ଧୂସର ରଙ୍ଗର
କିଛି ଡରକୁଳା ପକ୍ଷୀ।
ଆମେ ଯାଉଥିଲେ,
ଆତ୍ମହତ୍ୟା ଉଦ୍ଦେଶ୍ୟରେ
ସ୍ୱପ୍ନ ସହରର ଶେଷଆଡ଼େ।

ତପନ ଭାଇ...
ତୁମ ଓଠରେ ଥିଲା କବିତା
ମାନସିଂଙ୍କର ।
ଯାହାକୁ ତୁମେ ଜହ୍ନ ଆଲୁଅରେ
ଗୋଳେଇ
ଶୁଣଉଥିଲ ମତେ ...
ମତେ ଦିଶୁଥିଲେ
ଶାଳିଆ ନଈ କୂଳେ କୂଳେ
ଅସଂଖ୍ୟ ପରୀ...
(କାଳେ ଏମିତି ଜହ୍ନରାତିରେ
ପୃଥିବୀକୁ ଓହ୍ଲାନ୍ତି ପରୀମାନେ)
ସେମାନଙ୍କ ଧଳାଡେଣାରେ
ଅସଂଖ୍ୟ ନୀଳତାରା।

ଯାହା ସେମାନେ ବୋଧେ
ଧାର ଆଣିଥିବେ,
ନିହାରିକା ମଣ୍ଡଳରୁ।
ତପନ ଭାଇ! ତୁମେ ସ୍ୱପ୍ନ ପାଳ
ବଢ଼ାଅ, ପୁଣି ଖର୍ଚ୍ଚ କରିଦିଅ
ଅକାତରେ,
ତୁମେ ବି ଅଭିମାନ କର
ଦୁଃଖ ଉପରେ...
ମୃତ୍ୟୁ ଉପରେ...
କି ପ୍ରେମ ଉପରେ ।
ଧୂଳି ଧୂସରିତ ଜୀବନ ଉପରେ।
ତୁମେ ବି କବିତା ଲେଖ
ତିଳ ତିଳ ହୋଇ ଜଳୁଥିବା
ଚିତ୍ରକଳ୍ପକୁ ନେଇ ନିରବରେ ...
କେବେ କେବେ ଶୁଣାଅ ମତେ
ଓ ରାତିପକ୍ଷୀମାନଙ୍କୁ
ତୁମ ଇଚ୍ଛାରେ...
ଏମିତି ଏକ ଜହ୍ନ ରାତିରେ... ॥

ଏବେ ଅଛି ଜହ୍ନରାତି... ଶାଳିଆ ନଈ
ରାତିପକ୍ଷୀ...
ଅବିକଳ ସେମିତି
ଖାଲି ଯା' ତୁମେ ନାହଁ...
ଗୋଟେ ଛଟପଟ ପବନର ଆତ୍ମା ନେଇ
ତୁମେ ଉଡ଼ି ଚାଲିଚ...
ତୁମ ପରୀମାନେ ଛିଟ ଶାଢ଼ି ପିନ୍ଧି
ଆସୁଛନ୍ତି କି ନାହିଁ ଶାଳିଆକୁ ..
ରାତିପକ୍ଷୀମାନଙ୍କ ସହ ତୁମର ଚାଲିଛି କି ନାହିଁ
ପଦ୍ୟାନ୍ତର?
ମୁଁ ତ ଆଉ ପାଉନି ତୁମକୁ
ଏଣୁ ମୁଁ ନାଚାର। ■

## ଏ ସପ୍ତାହର କବିତା

### ମିଛ ମାୟା ଭରା

ରଂଜନ କୁମାର ଦାସ





ଏ ମିଛମାୟାମାନଙ୍କ ବ୍ୟତୀତ
ଆଉ କ'ଣ ବା ହରେଇବାକୁ ଅଛି ମୋର ?

ମୁଁ ତ ହରେଇସାରିଚି
ସବୁ ମୋର ସ୍ୱାଧୀନତା, ସବୁ ଇଚ୍ଛା, ସବୁ କାମନା
ସବୁ ସ୍ୱପ୍ନ, ସବୁ ସ୍ୱାଧିକାର
ଖାଲି ଯାହା ମୋ' ଚାରିପଟେ ଘେରି ରହିଛନ୍ତି
ଅନେକ ଅନାବଶ୍ୟକ ଦାୟିତ୍ୱର ଭିଡ଼
ମିଛ ମୁରବିପଣ ଓ ଅନେକ ଜାରଜ ହିସାବପତ୍ର ।

ମୁଁ ଯେତେ ଚାହୁଁଚି ମୁକ୍ତି ପାଇବାକୁ
ସେ ସ୍କନ୍ଧାରୂଢ଼ ବେତାଳଠାରୁ
ସେ କହି ଚାଲୁଚି ମତେ କାହାଣୀ ପରେ କାହାଣୀ
ଛନ୍ଦି ଦଉଚି ମତେ ପ୍ରଶ୍ନ ଜାଲରେ ।

ଏ ମାୟାର ଅନ୍ତ ନାହିଁ ବୋଲି ମୁଁ ଜାଣେ
ହେଲେ ମୁଁ ଛାଡ଼ିପାରେନି ସେ ଶ୍ମଶାନଘାଟ
ସେ ଶାଳ୍ମଳୀ ବୃକ୍ଷ ।
ଯେତେଥର ଛାଡ଼ିବାକୁ ଚେଷ୍ଟାକରେ
ସେ ମାୟାବୀ ବେତାଳ ମତେ ଡରାଏ, ଧମକାଏ
ଛନ୍ଦି ଦିଏ କଥା ଛଳରେ ।

ନା ଏଥର ଆଉ ନୁହେଁ
ଢେର ଦେଲିଣି ମୁଁ ତା'ର ତମାମ ପ୍ରଶ୍ନର ଉତ୍ତର
ଢେର କଲାଣି ସେ ମତେ ଦହଗଂଜ
ରାଜଧର୍ମ ଛାଡ଼ି ମୁଁ କାନ୍ଧେଇ ବୁଲୁଚି ସେ ବେତାଳକୁ ।

ପ୍ରତିଥର ମୋ ନିଜର ଭୟ ହିଁ ମତେ ଖାଇ ଗୋଡ଼ଉଚି
ଜାଣିଶୁଣି ମୁଁ ନିରବ ରହିଲେ
ମସ୍ତକ ମୋର ଶତଧା ବିଦୀର୍ଣ୍ଣ ହେବ ବୋଲି ଡରାଇ ଦେଇଚି।

ଏ ବେତାଳର ମାୟାଜାଲରେ
ଘାଣ୍ଟି ହେବା ହିଁ ତ ଭବିଷ୍ୟତ ଆମର
ସବୁ ଜାଣି ମଧ୍ୟ ତା'ର ଯୋଜନା ପାଖରେ
ମଥାନତ ହେବାକୁ ପଡୁଚି
ନା ମୁଁ ଛାଡ଼ିପାରୁଚି ବେତାଳକୁ
ନା ବେତାଳ ଛାଡୁଚି ମତେ !! ■

ମୋ: ୯୪୩୭୨୮୭୫୧୨

# 'ବର୍ଣ୍ଣବୋଧ'ରେ ଭାଷା ଚେତନା

ସଂଗ୍ରାମ କେଶରୀ ପୃଷ୍ଟି



ମନର ଭାବକୁ ପ୍ରକାଶ କରିବାର ସର୍ବଶ୍ରେଷ୍ଠ ମାଧ୍ୟମ ହେଉଛି ଭାଷା। ଏହି ଭାଷା କାରଣରୁ ହିଁ ମଣିଷ ଇତର ପ୍ରାଣୀଙ୍କ ଅପେକ୍ଷା ସର୍ବଶ୍ରେଷ୍ଠ ପ୍ରାଣୀର ମର୍ଯ୍ୟାଦା ଲାଭ କରିପାରିଛି। ଭାଷାକୁ ନେଇ ସମୃଦ୍ଧ ହୋଇଛି ଆମର ସାହିତ୍ୟ। ଭାଷାକୁ ପ୍ରଭାବଶାଳୀ ଢଙ୍ଗରେ ପରିବେଷଣ କରାଗଲେ ତାହା ସାହିତ୍ୟର ରୂପ ଧାରଣ କରିଥାଏ । ସେ ସାହିତ୍ୟ ହିଁ ଚେତନାର ଉନ୍ମେଷ ଘଟାଏ। ବ୍ୟକ୍ତିତ୍ୱକୁ ବିକଶିତ କରିଥାଏ । ସାମାଜିକ, ଆଧ୍ୟାତ୍ମିକ, ସାଂସ୍କୃତିକ ବିଭବର ଉନ୍ନତି ପରିପ୍ରେକ୍ଷୀରେ ଏହାର ଭୂମିକା ଥାଏ ଗୁରୁତ୍ୱପୂର୍ଣ୍ଣ। ସମାଜକୁ ଦିଗ୍‌ଦର୍ଶନ ଦେଉଥିବା ସାହିତ୍ୟ କାଳଜୟୀ ପାଲଟିଥାଏ। ମନୁଷ୍ୟର ସାମଗ୍ରିକ ବିକାଶ କ୍ଷେତ୍ରରେ ଭାଷାର ଭୂମିକା ଅତୀବ ମହତ୍ତ୍ୱପୂର୍ଣ୍ଣ।

ଏବେ ଆମେ ଫେରିଯିବା ଅତୀତର ଉତ୍କଳକୁ। ଯେଉଁଠି ଦିନେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ପରିପ୍ରେକ୍ଷୀରେ ଖୋଜାଯାଇଥିଲା ଓଡ଼ିଆ ଭାଷାକୁ, ଯେଉଁଠି ଭରି ରହିଥିଲା ପ୍ରଚୁର ମିଠାପଣ, ଅଜସ୍ର ସମ୍ମୋହନ ଓ ଆତ୍ମୀୟତା। ହେଲେ ସେତେବେଳେ ଆମ ଭାଷା ଶିକ୍ଷା ପାଇଁ ବହିର ଅଭାବ ପରିଲକ୍ଷିତ ହୋଇଥିଲା। ଖୋଜାପଡ଼ିଥିଲା ଖଣ୍ଡିଏ ବହି, ଯାହାକି ଆମ ଭାଷା ଶିକ୍ଷା ପାଇଁ ସହଜ ଓ ସୁଗମ ହୋଇପାରିବ। ମାତ୍ର ଆମକୁ ନିରାଶ ହେବାକୁ ପଡ଼ିଥିଲା। ଏ ପରିପ୍ରେକ୍ଷୀରେ ଅଣ୍ଟା ଭିଡ଼ି ବାହାରି ପଡିଥିଲେ ଭକ୍ତକବି ମଧୁସୂଦନ ରାଓ। ମନରେ ଅଦମ୍ୟ ଇଚ୍ଛା ତଥା ଓଡ଼ିଆ ଭାଷା ପ୍ରତି ଏକ ସମର୍ପିତ ଭାବନେଇ ଆରମ୍ଭ କଲେ ତାଙ୍କ ଲେଖନୀ। ରାତିରାତି ଉଜାଗର ରହି ଲେଖିଲେ ସେ ଓଡ଼ିଆ ଭାଷାର ଜୀବନର ବୋଧ – 'ବର୍ଣ୍ଣବୋଧ'। ଯାହା ପାଲଟିଯାଇଥିଲା ଓଡ଼ିଆ ଜାତିର ଏକ ଅମୂଲ୍ୟ ସଂପତ୍ତି। ସେପଟେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ପାଇଁ କିଛି ବୀରପୁତ୍ର ଅକ୍ଳାନ୍ତ ଚେଷ୍ଟା ଜାରି ରଖିଥିବାବେଳେ ଏପଟେ ଭାଷାର ମର୍ଯ୍ୟାଦା ରକ୍ଷା କରିବାପାଇଁ ନିଜକୁ ଉତ୍ସର୍ଗ କରିଦେଇଥିଲେ ଭକ୍ତକବି ମଧୁସୂଦନ ରାଓ।

'ବର୍ଣ୍ଣବୋଧ' ରଚନା ପଛରେ ଥିଲା ଭକ୍ତକବିଙ୍କ ଏକ ସୁନ୍ଦର ପରିକଳ୍ପନା, ଯାହାର ଫଳ ସ୍ୱରୂପ ଏହି କ୍ଷୁଦ୍ର ପୁସ୍ତକଟି ଆଜି ଓଡ଼ିଆ ଜାତିର ଅମୂଲ୍ୟ ନିଧି ପାଲଟି ଯାଇଛି। ପ୍ରଚ୍ଛଦପଟରେ ସ୍ଥାନ ପାଇଥିଲା କୌତୁକିଆ ବିଲେଇର ଛବି। ଯାହା ପୁସ୍ତକର ମର୍ଯ୍ୟାଦା ବୃଦ୍ଧି କରିବା ସହିତ ପିଲାମାନଙ୍କ ପାଇଁ ଆଣିଦେଇଥିଲା ଅପୂର୍ବ ଉତ୍ସାହ ଓ ପ୍ରେରଣା। ସାଧାରଣତଃ ପିଲାଙ୍କ ମନରେ ବିଲେଇ ପ୍ରତି ଥାଏ ସ୍ନେହ ଆଦରପୂର୍ଣ୍ଣ ବ୍ୟବହାର। ପାଖେପାଖେ ଥାଇ ଲସରପସର ହେଉଥିବା ବିଲେଇ ପ୍ରତି ସମ୍ବେଦନଶୀଳତା ହିଁ ପୁସ୍ତକରେ ଦର୍ଶାଯାଇଛି, ଯାହା ବର୍ଣ୍ଣବୋଧର ବୈଶିଷ୍ଟ୍ୟ । ସେହିପରି ମଲାଟ ପଛରେ ରହିଛି ଆମ ଜାତୀୟ ସଙ୍ଗୀତ - "ଜନଗଣ ମନ ଅଧିନାୟକ ଜୟ ହେ ... ।" ତା' ସହିତ ଫରଫର ହୋଇ ଉଠୁଥିବା ଜାତୀୟ ପତାକାର ଛବି। ଏହା ମଧ୍ୟରେ କବି ପିଲାଙ୍କ ମନରେ ଜାତୀୟତା ଭାବ ଉଦ୍ରେକ କରିବା ସହିତ ଅଖଣ୍ଡ ଭାରତର ସ୍ୱାଧୀନତା ପରିପ୍ରେକ୍ଷୀରେ ଏ ମାଟିର ମହାପୁରୁଷଙ୍କ ବଳିଦାନ, ଅବଦାନ, ତ୍ୟାଗ ଓ ତିତିକ୍ଷାର କଥା ଓ ଗାଥାର ସ୍ମୃତିଚାରଣ କରିଛନ୍ତି ।





'ବର୍ଣ୍ଣବୋଧ' ରଚନା ପଛରେ ଥିଲା ଭକ୍ତକବିଙ୍କ ଏକ ସୁନ୍ଦର ପରିକଳ୍ପନା, ଯାହାର ଫଳ ସ୍ୱରୂପ ଏହି କ୍ଷୁଦ୍ର ପୁସ୍ତକଟି ଆଜି ଓଡ଼ିଆ ଜାତିର ଅମୂଲ୍ୟ ନିଧି ପାଲଟି ଯାଇଛି। ପ୍ରଚ୍ଛଦପଟରେ ସ୍ଥାନ ପାଇଥିଲା କୌତୁକିଆ ବିଲେଇର ଛବି। ଯାହା ପୁସ୍ତକର ମର୍ଯ୍ୟାଦା ବୃଦ୍ଧି କରିବା ସହିତ ପିଲାମାନଙ୍କ ପାଇଁ ଆଣିଦେଇଥିଲା ଅପୂର୍ବ ଉତ୍ସାହ ଓ ପ୍ରେରଣା।

ଓଡ଼ିଆ ଭାଷା ଚେତନାର ଏକ ପ୍ରମୁଖ ଦସ୍ତାବିଜ ହେଉଛି ମଧୁସୂଦନ ରାଓଙ୍କ 'ବର୍ଣ୍ଣବୋଧ'। ଓଡ଼ିଆ ଭାଷାର ବର୍ଣ୍ଣ ସମୂହକୁ ଏଥିରେ ସ୍ଥାନିତ କରାଇ କବି ଓଡ଼ିଶାର ଅଧିବାସୀମାନଙ୍କୁ ଓ ଓଡ଼ିଆ ଭାଷାର ଅନୁଗାମୀମାନଙ୍କୁ ଓଡ଼ିଆ ଭାଷା ଶିକ୍ଷା ଦେବା ପାଇଁ ଯେଉଁ ପ୍ରୟାସ କରିଥିଲେ, ବାସ୍ତବିକ ତାହା ଚିର ସ୍ମରଣୀୟ। 'ମାତ୍ରା', 'ଫଳା', 'ରେଫ୍', 'ଅନୁସ୍ୱାର', 'ବିସର୍ଗ', 'ଚନ୍ଦ୍ରବିନ୍ଦୁ' ଓ 'ଯୁକ୍ତାକ୍ଷର' ପ୍ରୟୋଗ କରି ସୁନ୍ଦର ଓ ସାର୍ଥକ ଶବ୍ଦ ଗଠନର ରୀତି ସଂପର୍କରେ ମାର୍ଗଦର୍ଶନ ଦେଇଥାଏ 'ବର୍ଣ୍ଣବୋଧ'। ଶବ୍ଦ ସହିତ ବାକ୍ୟ ଗଠନର ଶୈଳୀ ଶିଖାଏ ବର୍ଣ୍ଣବୋଧ ।

ଭକ୍ତକବି ମଧୁସୂଦନ ରାଓ ଥିଲେ ଏକାଧାରରେ ଜଣେ କବି ତଥା ଶିଶୁ ସାହିତ୍ୟିକ। ଶିଶୁ ମନସ୍ତତ୍ତ୍ୱକୁ ସମ୍ଭବତଃ ସେ ଗଭୀର ଅଧ୍ୟୟନ କରିଥିଲେ। ତେଣୁ ଶିଶୁ ଉପଯୋଗୀ ଭାଷାରେ 'ବର୍ଣ୍ଣବୋଧ'ର ପରିକଳ୍ପନା କରିଥିଲେ। ପିଲାଙ୍କ ନିତ୍ୟ ନୈମିତ୍ତିକ କାର୍ଯ୍ୟର ଅବତାରଣା କରିବା ସହିତ ସେମାନଙ୍କୁ ସଠିକ୍ ମାର୍ଗରେ ଯିବାପାଇଁ ଏଥିରେ ପରାମର୍ଶ ଦିଆଯାଇଛି। ସଂପର୍କ ଓ ଆତ୍ମୀୟତା ମଧ୍ୟରେ ଆଜି ବି ମନେପକାଇଦିଏ 'ବର୍ଣ୍ଣବୋଧ'ର ସେହି ଅବର୍ଣ୍ଣନୀୟ ହୃଦୟସ୍ପର୍ଶୀ ଭାଷା ଓ ଆବେଗ :

"ଚକାଚକା ଭଉଁରୀ, ମାମୁଁ ଘର ଚଉଁରୀ।
ମାମୁଁ ମାଡ଼ ଖାଇଲି, ଭୂଇଁରେ ମୁଁ ଶୋଇଲି।
ମାଇଁ ମୋତେ ଧଇଲେ, ଦୁଧ ଭାତ ଖୋଇଲେ।
ଭଲ ପିଲା ମୁହିଁରେ, ମୋ ପରି କେ ନାହିଁରେ।"

ଛୋଟ ଓ ଆକର୍ଷଣୀୟ ପଦାବଳୀ ମାଧ୍ୟମରେ ଶିଶୁଙ୍କ ସୂକ୍ଷ୍ମ ଚେତନାକୁ ଜାଗ୍ରତ କରିବାର ମହାର୍ଘ ସୁଯୋଗ ଆଣିଦେଇଥାଏ ବର୍ଣ୍ଣବୋଧ। ହରିଣ, ଅରଣା ମଇଁଷି, କାଉ, ହାତୀ, ବିଲୁଆ, ବିଲେଇ, ମୟୂର, ଶୃଗାଳ, ବାଘ, ଛେଳି, ଗାଈ ବାଛୁରି, ହଂସ, ବଗବଗୁଲୀ, କୁକୁର, ଭଲ୍ଲୁକ, ଅଶ୍ୱ, କୁମ୍ଭୀର, କୁକ୍କୁଟ, ଗଣ୍ଡା, ପେଚା, ବେଙ୍ଗ ପରି କିଛି ଜୀବଜନ୍ତୁମାନଙ୍କ ସଂପର୍କରେ ସୂଚନା ଦେବାରେ ଏ ପୁସ୍ତକ ଏକ ବିଶେଷ ଭୂମିକା ଗ୍ରହଣ କରିପାରିଛି।

'ବର୍ଣ୍ଣବୋଧ' ପଢ଼ି ହିଁ ଆମେ ଆଜି ଉପଲବ୍ଧି କରିପାରୁଛୁ : "ବିଲୁଆ ବଡ଼ ଚତୁର, ପଇଡ଼ ବଡ଼ ମଧୁର ।" ଆଜି ବିଲେଇକୁ ଡରି ମୂଷାଟିଏ ଜୀବନ ବିକଳରେ ପଳେଇଗଲା ବେଳକୁ ମନେପଡୁଛି 'ବର୍ଣ୍ଣବୋଧ'ର ସେହି ମର୍ମସ୍ପର୍ଶୀ ଭାଷା : "ଅଇଲାଣି ବିଲେଇ, ମୂଷା ଯିବ ପଳେଇ ।" ସପ୍ତାହର ସାତ ବାରର କଥା, ବର୍ଷକର ଛଅ ଋତୁର କଥା, ଓଡ଼ିଆ ବାରମାସର କଥା, ଇଂରାଜୀ ବାରମାସର କଥା ସହିତ ସଂଖ୍ୟା, ଗଣନା ପୁଣି ପଣିକିଆ ପାଇଁ ଆମେ ଆଜି ଆମ ପିଲାଙ୍କୁ ନେଇଯାଉଛୁ 'ବର୍ଣ୍ଣବୋଧ' ପାଖକୁ। ମେଟ୍ରିକ ପ୍ରଣାଳୀ ମାଧ୍ୟମରେ ଓଜନ , ଦୈର୍ଘ୍ୟମାପ , ଭୂମିମାପ, ସମୟ ପରିମାପ, ତରଳ ପଦାର୍ଥ ମାପ, ଭାରତୀୟ ସରକାରୀ ଜମି ମାପ ଆଦି ପ୍ରସଙ୍ଗକୁ ପିଲାଙ୍କ ପାଇଁ ସହଜ ଢଙ୍ଗରେ ଦର୍ଶାଯାଇଛି 'ବର୍ଣ୍ଣବୋଧ'ରେ। ଭକ୍ତକବିଙ୍କ ଭକ୍ତିପୂର୍ଣ୍ଣ ପ୍ରାର୍ଥନା "କି ସୁନ୍ଦର ଆହା, କି ଆନନ୍ଦ ମୟ, ଏହି ବିଶାଳ ସଂସାର..." ଆଜି ମଧ୍ୟ ଓଡ଼ିଆଙ୍କ ପ୍ରାଣରେ ସୃଷ୍ଟି କରିପାରୁଛି ଶିହରଣ।

ଓଡ଼ିଆ ଅସ୍ମିତାର କଥା ଓ ଗାଥାର ନିରବ ସାକ୍ଷର ହେଉଛି ବର୍ଣ୍ଣବୋଧ। ଏହାର ପୃଷ୍ଠାରେ ପୃଷ୍ଠାରେ ଗୁଞ୍ଜରିତ ହେଉଛି ଓଡ଼ିଆଙ୍କ ଆବେଗ। ଖାଣ୍ଟି ଓଡ଼ିଆର ପ୍ରତିନିଧିତ୍ୱ କରୁଥିବା ବର୍ଣ୍ଣବୋଧ ମଧ୍ୟରେ ଭକ୍ତକବି ମଧୁସୂଦନ ରାଓ ଯେପରି ଭାଷା ଚେତନା ଓ ଭାଷା ଭାବନାର କମନୀୟ ସମନ୍ୱୟ ସ୍ଥାପନ କରିଛନ୍ତି, ସେଥିପାଇଁ ତାହା ଆଜି କୋଟିକୋଟି ଓଡ଼ିଆଙ୍କ ମଉଡ଼ମଣି ପାଲଟିଛି। ପ୍ରତିଟି ଓଡ଼ିଆଙ୍କ ଧମନୀରେ ବର୍ଣ୍ଣବୋଧର ପ୍ରବାହ ଚିର ଜାଜ୍ଜଲ୍ୟମାନ। ଲିଖିତ ଭାଷା କ୍ଷେତ୍ରରେ ଆମେ ଆଜି ଯେଉଁ ସଫଳତା ହାସଲ କରିଛୁ, ତା'ର ସମସ୍ତ ଶ୍ରେୟ ନିଶ୍ଚିତ 'ବର୍ଣ୍ଣବୋଧ' ପାଖକୁ ହିଁ ଯିବ। ■

ଶିକ୍ଷକ, କିଶୋରନଗର ଉଚ୍ଚ ବିଦ୍ୟାଳୟ
ରାଜ କିଶୋରନଗର , ଅନୁଗୋଳ
ମୋ : ୯୪୩୭୫୪୭୧୪୬

# ଗଞ୍ଜ ମଣ୍ଡି

## ଓଡ଼ିଶା



**ରାଜ୍ୟରେ ଚାଷ କ୍ଷେତ୍ରରେ ସ୍ୱତନ୍ତ୍ର ଭୂମିକା ବହନ କରିଛି ଗଞ୍ଜାମ ଜିଲ୍ଲା । ବିଭିନ୍ନ ସମୟରେ ଭିନ୍ନ ଭିନ୍ନ ଶସ୍ୟ, ଫୁଲ ଓ ଖାଦ୍ୟଶସ୍ୟ ଉତ୍ପାଦନରେ ଏଠାକାର ଚାଷୀ ସିଦ୍ଧହସ୍ତ । ଗଞ୍ଜାମର ଚାଷ ମଧ୍ୟରେ କିଆଫୁଲର ସ୍ୱତନ୍ତ୍ର ସ୍ଥାନ ରହିଛି; ଯାହା ଚାଷୀଙ୍କ ଜୀବନଜୀବିକା ସହିତ ଜଡ଼ିତ । ଏହି ଫୁଲ ଏବେ ସମଗ୍ର ବିଶ୍ୱକୁ ମହକ ଯୋଗାଉଛି । ଅତର ପ୍ରସ୍ତୁତି ପାଇଁ ଗଞ୍ଜାମ କିଆଫୁଲର ଚାହିଦା ବିଶ୍ୱ ଦରବାରରେ ସର୍ବାଧିକ ରହିଛି । ଯାହା ଉପରେ କେବଳ ଜିଲ୍ଲାବାସୀଙ୍କ ଜୀବନଜୀବିକା ନିର୍ଭର କରୁନାହିଁ; ବରଂ କିଆଫୁଲ ଏବେ ଗଞ୍ଜାମକୁ ବିଶ୍ୱସ୍ତରରେ ଏକ ସ୍ୱତନ୍ତ୍ର ପରିଚୟ ଦେଇଛି ।**

ଗଞ୍ଜାମରୁ କ୍ଷୀରସିନ୍ଧୁ ମହାନ୍ତିଙ୍କ ରିପୋର୍ଟ

# କିଆଫୁଲର ସୁଗନ୍ଧ ମହକୁଛି ବିଶ୍ୱ

## ଋଷିକୂଲ୍ୟାରୁ ବାହୁଦା ବିସ୍ତୀର୍ଣ୍ଣ କିଆବାଡ଼



ସମୁଦ୍ର ଉପକୂଳିଆ ଏହି ଚାଷ ଜିଲ୍ଲାର ଋଷିକୂଲ୍ୟା ମୁହାଁଣଠାରୁ ଆରମ୍ଭ ହୋଇ ବାହୁଦା ନଦୀ ଯାଏଁ ଲମ୍ବିଛି । ଜିଲ୍ଲାର ପ୍ରଥମ ଉତ୍ପାଦ ଭାବେ କିଆଫୁଲରୁ ଅତର ପ୍ରସ୍ତୁତି କ୍ଷେତ୍ରରେ ଜିଆଇ ଟ୍ୟାଗ୍ ମିଳିଛି । 'ଗଞ୍ଜାମ କେଓ୍ୱଡା ଫୁଲ ଓ ଅତର ଏକ ସ୍ୱତନ୍ତ୍ର ଉତ୍ପାଦ । କେଓ୍ୱଡା ତେଲ ଡିଷ୍ଟିଲେସନ୍ ପ୍ରକ୍ରିୟା ଦ୍ୱାରା ପ୍ରସ୍ତୁତ । ପ୍ରସାଧନ ସାମଗ୍ରୀ, ସାବୁନ୍, କେଶ ତେଲ, ଅଗରବତି ଇତ୍ୟାଦିରେ ବ୍ୟବହାର ଏବଂ ସୁଗନ୍ଧିତ ଖାଦ୍ୟ ପାଇଁ ଏହା ଅତର ତିଆରିରେ ବ୍ୟବହୃତ ହୁଏ । ସେହିଭଳି କିଆ ଫୁଲ ଜିଆଇ ଆବେଦନ ନମ୍ବର -୨୨୯ ପ୍ରକାରନ୍ତେ ଏକ ସ୍ୱତନ୍ତ୍ର ଚାଷ ହୋଇଥିବା ବେଳେ ଏହାକୁ ୨୦୧୨ମସିହା ମାର୍ଚ୍ଚ ୧୯ ତାରିଖରେ ଜିଆଇ ଟ୍ୟାଗ୍ ସାର୍ଟିଫିକେଟ ମିଳିଛି ।



### କରୋନାରେ ଥିଲା ମଜଭୁତ ସ୍ଥିତି

କରୋନା ସମୟରେ ଜୀବନଜୀବିକା ହାହାକାର ପରିସ୍ଥିତି ଦେଖା ଦେଇଥିଲା । କିନ୍ତୁ ଏହି ସମୟରେ କିଆଫୁଲ ତାର ସ୍ଥିତି ମଜଭୁତ ରଖିଥିବା କୁହାଯାଏ । କରୋନା ସମୟରେ ବିଭିନ୍ନ ବ୍ୟବସାୟ ଓ ଚାଷ କିଛିମାତ୍ରାରେ ବାଧାପ୍ରାପ୍ତ ହୋଇଥିଲେ ହେଁ କିଆଫୁଲ ତାର ସ୍ଥିତି ବଜାୟ ରଖିଥିଲା ।

### ଗାଁ ଗାଁରେ କିଆ ଭାଟି

କିଆ ଚାଷ ହେଉଥିବା ଅଞ୍ଚଳରେ କିଆ ତୈଳ ବା ଅତର ଅର୍କ ପ୍ରସ୍ତୁତି ପାଇଁ ଜିଲ୍ଲାରେ ୧୪୦ରୁ ଅଧିକ କିଆଫୁଲ ଭାଟି ରହିଛି । ଚାଷୀ ଫୁଲ ଅମଳ କଲାପରେ ଏଜେଣ୍ଟ ଜରିଆରେ ଅଥବା ସିଧାସଳଖ ଭାଟିରେ ଆଣି ଫୁଲ ଦେଇଥାନ୍ତି । ଏଠାରେ କିଆଫୁଲରୁ ଅତର ଅର୍କ ପ୍ରସ୍ତୁତ କରାଯାଇଥାଏ । ଏଥିଦ୍ୱାରା ବାର୍ଷିକ ୨ଲକ୍ଷ ଲୋକ ରୋଜଗାର ପାଉଛନ୍ତି । ଏଥିରେ ଚାଷୀ, ଭାଟି କର୍ମଚାରୀ, ଶ୍ରମିକ, ମାଲିକ ପ୍ରମୁଖ ସାମିଲ ଅଛନ୍ତି । ବର୍ତ୍ତମାନ ଗୋଟିଏ କିଆଫୁଲର ଦର ୮.୫୦ଟଙ୍କାରୁ ଆରମ୍ଭ ହୋଇ ୧୨ଟଙ୍କା ପର୍ଯ୍ୟନ୍ତ ରହିଛି । ଏହା ଦିନକୁ ଦିନ ବୃଦ୍ଧି ମଧ୍ୟ ପାଉଛି । ସିଜନ୍ ଦେଖି ଏହାର ଦରବୃଦ୍ଧି ଘଟୁଛି ।

### ସୁଗନ୍ଧିତ କେଓ୍ୱଡ଼ା: ପ୍ରତିବର୍ଷ ବଢୁଛି ୧୦ ପ୍ରତିଶତ

ଦୁନିଆର ସବୁଠାରୁ ସୁଗନ୍ଧିତ 'ଗଞ୍ଜାମ କେଓ୍ୱଡ଼ା ଫୁଲ' । ଏହାର ସୁଗନ୍ଧ ସମଗ୍ର ବିଶ୍ୱରେ ସର୍ବାଗେ ରହିଛି । ଏଥିପାଇଁ ଗଞ୍ଜାମ ଜିଲ୍ଲାର ସ୍ୱତନ୍ତ୍ର ପରିଚୟ ମଧ୍ୟ ରହିଛି । ଗଞ୍ଜାମ ଜିଲ୍ଲାର ଛତ୍ରପୁର, ଗୋପାଳପୁର ଓ ଚିକିଟି ନିର୍ବାଚନ ମଣ୍ଡଳୀର ବିଭିନ୍ନ ଅଞ୍ଚଳରେ ଏହି ଚାଷ ହୋଇଥାଏ । ୨୦୦ରୁ ଅଧିକ ଗ୍ରାମର ଲୋକେ କିଆଫୁଲ ଚାଷ ଉପରେ ନିର୍ଭରଶୀଳ । ଏହା କେବଳ ଚାଷ ନୁହେଁ ବରଂ ଅନେକ ପରିବାରର ଜୀବନଜୀବିକାର ମୁଖ୍ୟ ରାହା ମଧ୍ୟ । କିଆଫୁଲ ବର୍ଷକୁ ଦୁଇଥର ଫୁଟିଥାଏ । ଦୁଇଟି ସିଜନ୍‌ରେ ଏହା ଆଦାୟ ହୋଇ ବାହାରକୁ ଚାଲାଣ ହୋଇଥାଏ । ଧାନ ଚାଷଠାରୁ ଏହାର ଅଧିକ ଲାଭଦାୟକ । ସାଧାରଣତଃ ସମୁଦ୍ର ଉପକୂଳବର୍ତ୍ତୀ ଇଲାକାରେ ଏହା ବ୍ୟାପକ ମାତ୍ରାରେ ଚାଷ ହେଉଛି । ଜିଲ୍ଲାରେ ବାଲିଆ ମାଟିଥିବା ଅଞ୍ଚଳରେ ଏହି ଚାଷ ବିଶେଷ ଭାବରେ ହୋଇଥାଏ । ଭୌଗୋଳିକ ଦୃଷ୍ଟିକୋଣରୁ ଜିଲ୍ଲାରେ ୬ ହଜାରରୁ ଅଧିକ ହେକ୍ଟର ଜମିରେ କିଆଫୁଲ ଚାଷ ହେଉଛି । ପ୍ରତିବର୍ଷ କିଆ ଚାଷ ୧୦ପ୍ରତିଶତ ବଢ଼ିବା ସହ ଉତ୍ପାଦନ ମଧ୍ୟ ବଢୁଛି ।




### ଖାଦ୍ୟରେ କିଆଜଳ

ସୁଗନ୍ଧିତ କିଆ ଫୁଲର ଜଳ ବିରିୟାନି ଭଳି ଖାଦ୍ୟ ପଦାର୍ଥରେ ବ୍ୟବହାର କରାଯାଇଥାଏ । ବର୍ତ୍ତମାନ ବଜାରରେ କିଆ ଜଳର ଦର ୧୦୦ରୁ ୧୫୦ ଟଙ୍କା ମଧ୍ୟରେ ରହିଛି । ଏହି ଦର ଅନ୍ୟ ରାଜ୍ୟରେ ବେଶ ଅଧିକ ବି ରହିଛି । ବିଶେଷ ଭାବେ କହିବାକୁ ଗଲେ ଦେଶ ବିଦେଶରେ କିଆଫୁଲ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି ।




### ■ ବୈଷୟିକ ସହାୟତା

କିଆଫୁଲ ଚାଷୀଙ୍କୁ ବୈଷୟିକ ସହାୟତା ଯୋଗାଇଦେବା ପାଇଁ ବ୍ରହ୍ମପୁରଠାରେ କିଆଫୁଲ ଉଦ୍ୟୋଗ ସହାୟତା କେନ୍ଦ୍ର କାର୍ଯ୍ୟ କରୁଛି, ଯାହା ରାଜ୍ୟ ସରକାରଙ୍କ ଅଧୀନରେ କାମ ରହିଛି । ପୂର୍ବରୁ ଚାଷୀ ଫୁଲର ଟେଷ୍ଟିଂ ଓ ବିଭିନ୍ନ ଯାବତୀୟ ଆବଶ୍ୟକତା ବିଷୟରେ ତଥ୍ୟ ପାଇଁ ବାହାର ରାଜ୍ୟ ଉପରେ ନିର୍ଭର କରୁଥିଲେ । ଏହି ସହାୟତା କେନ୍ଦ୍ର ଏବେ ଚାଷୀଙ୍କୁ ଏସବୁ କ୍ଷେତ୍ରରେ ସହଯୋଗ କରୁଛି । ସେହିଭଳି କିଆଫୁଲ ଚାଷୀଙ୍କ ଲାଗି ରାଜ୍ୟ ସରକାର ପୂର୍ବରୁ ସହାୟତା ମଧ୍ୟ ଦେଇଛନ୍ତି ।

### ■ ବୟସ ବଢ଼ିଲେ ଅଧିକ ଫୁଲ

କିଆଫୁଲ ଚାଷରେ ବିଶେଷ ଭାବେ ପାଣିର ଆବଶ୍ୟକତା ହେଉଥିଲେ ହେଁ କିଛି ସ୍ଥାନରେ ଏହାର ଆବଶ୍ୟକତା ଏତେଟା ନ ଥିବା ଲକ୍ଷ୍ୟ କରାଯାଇଛି । ଭଲ ଉତ୍ପାଦନ ଲକ୍ଷ୍ୟରେ ଚାଷୀ କ୍ଷେତରେ ଖତ ବା କମ୍ପୋଷ୍ଟ ପକାଇଥାନ୍ତି । ବର୍ତ୍ତମାନ ୧୮ରୁ ୨୦ବର୍ଷର ଗଛ ସିଜନ୍‌ରେ ୪୦ଟି ଫୁଲ ଦେଇପାରୁଥିବା ବେଳେ ୪୦ରୁ ୪୫ ବର୍ଷର ଗଛରେ ୪୫ରୁ ଅଧିକ ଫୁଲ ହୋଇଥାଏ । ଅର୍ଥାତ୍ ଗଛ ପରିପକ୍ୱ ହେଲେ ଏହାର ଫୁଲ ଉତ୍ପାଦ ଅଧିକ ହୋଇଥାଏ । ଏହି ଚାଷ ପାଇଁ ଅଧିକ ସରକାରୀ ସହାୟତା ମଧ୍ୟ ଆବଶ୍ୟକତା ଥିବା କିଛିଚାଷୀ ମତବ୍ୟକ୍ତ କରିଛନ୍ତି ।

### ବିଦେଶକୁ ଯାଏ ଅତର

କିଆଫୁଲର ବାସ୍ନା ନିଆରା । ଏହାର ସୁଗନ୍ଧ ମଧ୍ୟ ସ୍ୱତନ୍ତ୍ର । ଏଣୁ କୋଣଅନୁକୋଣରେ ଧନୀବ୍ୟକ୍ତିମାନେ ଏହାର ବିପୁଳ ବ୍ୟବହାର କରିଥାନ୍ତି । ଏଣେ କିଆଫୁଲ ଭାଟି କରିଥିବା ମାଲିକମାନେ ପ୍ରାୟତଃ ଅନ୍ୟରାଜ୍ୟର ହୋଇଥିବା ବେଳେ ସେମାନେ ଏଠାରେ ପ୍ରସ୍ତୁତ ଅତର ଓ ଅର୍କ ଅନ୍ୟ ରାଜ୍ୟ ଓ ବିଦେଶକୁ ପଠାଇ ବିଶେଷ ଲାଭବାନ ହୋଇଥାନ୍ତି । ସ୍ଥାନୀୟ ଉଦ୍ୟୋଗୀମାନେ ଏଥିରେ ସାମିଲ ହେଲେ ରାଜ୍ୟର ଅର୍ଥନୀତିରେ ଏହା ସହାୟକ ହେବ ବୋଲି ମତ ପ୍ରକାଶ ପାଇଛି ।



### ■ ବାର୍ଷିକ ୫୦ କୋଟିର ବେପାର

କିଆଫୁଲରୁ ଅତର, ତେଲ ଓ ଅର୍କ ପ୍ରସ୍ତୁତ ହୋଇଥାଏ । ବାହାର ରାଜ୍ୟରେ ଏହାର ବିଶେଷ ଚାହିଦା ରହିଛି । ୨୦୦୪-୦୫ ମସିହା ବେଳକୁ ଜିଲ୍ଲାରେ ବାର୍ଷିକ ୨ କୋଟି କିଆଫୁଲ ଉତ୍ପାଦନ ହେଉଥିଲା । ଫାଇଲିନ୍ ବାତ୍ୟା ସମୟରେ ୩୦ ପ୍ରତିଶତ ଗଛ ନଷ୍ଟ ହୋଇଗଲା । ପରବର୍ତ୍ତୀ ସମୟରେ ଚାଷୀ ପୁଣି ଗଛ ଲଗାଇଥିଲେ ଓ ଚାଷ ପ୍ରତି ଗୁରୁତ୍ୱ ଦେଇଥିଲେ । ଯାହାଦ୍ୱାରା ୨୦୧୭-୧୮ ମସିହା ବେଳକୁ ଏହାର ନୂଆ ଉତ୍ପାଦନ ଆରମ୍ଭ ହୋଇଥିଲା । ବର୍ତ୍ତମାନ ୫ କୋଟିରୁ ଅଧିକ ଫୁଲ ଉତ୍ପାଦନ ହେଉଥିବା ଜଣାପଡ଼ିଛି । ପ୍ରତିବର୍ଷ ୪୦-୫୦ କୋଟି ଟଙ୍କାର ବ୍ୟବସାୟ ହେଉଥିବା କିଆଫୁଲ ଉଦ୍ୟୋଗ ସହାୟତା କେନ୍ଦ୍ର ପକ୍ଷରୁ ସୂଚନା ମିଳିଛି । ଅତର ବାହାରିବା ପରେ ନଷ୍ଟ ହୋଇଯାଉଥିବା କିଆଫୁଲକୁ ବିଭିନ୍ନ ଖାଦ୍ୟ ସାମଗ୍ରୀରେ ବାସ୍ନା ପାଇଁ ମଧ୍ୟ ବ୍ୟବହାର କରାଯାଇଥାଏ । ପାନ ମସଲା ଓ ଗୁଟ୍‌ଖାରେ ମଧ୍ୟ କିଆ ବର୍ଜ୍ୟ ବ୍ୟବହୃତ ହେଉଥିବା ଜଣାପଡ଼ିଛି । କିଆଫୁଲ ତେଲର ଦର କିଲୋ ପିଛା ୪ ଲକ୍ଷରୁ ଅଧିକ ଟଙ୍କା ଥିବାବେଳେ ଅତର ଲିଟର ପିଛା ୧୦ହଜାରରୁ ୫୦ ହଜାର ଟଙ୍କା ଯାଏଁ ରହିଥିବା କିଆଫୁଲ ଉଦ୍ୟୋଗ ସହାୟତା କେନ୍ଦ୍ର ପକ୍ଷରୁ କୁହାଯାଇଛି ।

### ରାଜ୍ୟ ସରକାରଙ୍କ ସ୍ୱତନ୍ତ୍ର ସହାୟତା

ଗତବର୍ଷ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶରେ ତତ୍କାଳୀନ '୫-ଟି' ସଚିବ ତଥା ବର୍ତ୍ତମାନ '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ ଗଞ୍ଜାମ ଗସ୍ତ ସମୟରେ ସ୍ଥାନୀୟ କିଆ ଫୁଲ ଚାଷୀମାନଙ୍କ ପକ୍ଷରୁ ବିଭିନ୍ନ ଆପତ୍ତି ଅଭିଯୋଗ ଆସିଥିଲା । ସେ ସବୁର ସମାଧାନ ପାଇଁ ରାଜ୍ୟ ସରକାର ପ୍ରଚେଷ୍ଟା କରିଥିଲେ । ଏହିକ୍ରମରେ ଗଞ୍ଜାମର କିଆଫୁଲ ଚାଷୀଙ୍କୁ ମଧ୍ୟ ଜାତୀୟ ଉଦ୍ୟାନ କୃଷି ଅଧୀନରେ ପ୍ରୋତ୍ସାହନ ଦିଆଯାଉଛି । ଉଦ୍ୟାନ କୃଷି ମିଶନର ସହାୟତା ସହିତ ରାଜ୍ୟ ବଜେଟରୁ କିଆଫୁଲ ଚାଷ ପାଇଁ ଅତିରିକ୍ତ ସହାୟତା ମଧ୍ୟ ଦିଆଯିବାକୁ ନିଷ୍ପତ୍ତି ହୋଇଛି । କିଆଫୁଲ ଚାଷ ସ୍ଥାନଗୁଡ଼ିକର ସାଇଣ୍ଟିଫିକ୍ ମେପିଂ କରାଯିବାକୁ ମଧ୍ୟ ନିଷ୍ପତ୍ତି ହୋଇଥିଲା । ଏହିକ୍ରମରେ ଅନେକ ଉପକୃତ ମଧ୍ୟ ହୋଇଛନ୍ତି । ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାରେ କିଆଫୁଲ ପ୍ରକ୍ରିୟାକରଣ ୟୁନିଟ୍‌କୁ ସାମିଲ କରିବା ପାଇଁ ଯୋଜନାର ନିୟମାବଳୀରେ ଆବଶ୍ୟକ ପରିବର୍ତ୍ତନ କରାଯିବା ସହିତ ଗଞ୍ଜାମ ଜିଲ୍ଲାରେ କିଆଫୁଲ ଚାଷକୁ ପ୍ରୋତ୍ସାହିତ କରିବାକୁ ବୈଷୟିକ ସହାୟତା ଯୋଗାଇ ଦେବା ପାଇଁ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ କିମ୍ବା ଅନ୍ୟ କୌଣସି ଭାରତୀୟ କୃଷି ଗବେଷଣା ପ୍ରତିଷ୍ଠାନର ସହାୟତା ନିଆଯିବ ବୋଲି ରାଜ୍ୟ ସରକାର ନିଷ୍ପତ୍ତି ନେଇଥିଲେ ।

# ଗୁଡ୍ ମର୍ଣ୍ଣିଂ ରିପୋର୍ଟର

# ବାଦୁଡ଼ି ସୁରକ୍ଷାରେ ଗ୍ରାମବାସୀ

ବାଦୁଡ଼ି ପକ୍ଷୀଙ୍କ ଇତିହାସ ଢ଼େର ପୁରୁଣା। ବହୁ ପୁରୁଣା ସେହି ବୟସ୍କ ଗଛ ଗୁଡ଼ିକ ଡାଳକୁ ଭରସା କରି ରହି ଆସୁଛନ୍ତି ପ୍ରାୟ ୫ ହଜାରରୁ ଊର୍ଦ୍ଧ୍ୱ ବିରଳ ପ୍ରଜାତିର ବାଦୁଡ଼ି। ବରଗଛ ଓହଳରେ ଓହଳି ଛନ୍ତି, ଓସ୍ତ ଗଛ ଡାଳରେ ଅସ୍ତଗାମୀ ସୂର୍ଯ୍ୟ ଙ୍କ ସୁନ୍ଦର ସୂର୍ଯ୍ୟାସ୍ତକୁ ଦେଖୁଛନ୍ତି ଦଶ ଦଶନ୍ଧିରୁ ଅଧିକ ବର୍ଷ ହେବ। ବଣିଆସାହିରେ ବଣରଭ୍ରମ ସୃଷ୍ଟି କରୁଥିବା ବିଶାଳ ଡାଳରେ ବାଦୁଡ଼ିଙ୍କ ରାଜୁତି ଏଠାକାର ଲୋକଙ୍କ ସୁଖ ଦୁଃଖ ସହିତ ଜଡ଼ିତ ହୋଇ ସାଜିଛନ୍ତି ମୁକ ସାକ୍ଷୀ।

ଲୋକ କଥା ଅନୁସାରେ ଏ ବାଦୁଡ଼ି ଖାଲି କବାଟବନ୍ଧର ବାସିନ୍ଦା ନୁହଁନ୍ତି ବରଂ ବିପଦକୁ ବାସନ୍ଧ କରୁଥିବା ଦରକାରୀ ସମ୍ପର୍କ ଟିଏ। ଯେତେବେଳେ ଏହି ଅଞ୍ଚଳକୁ କୌଣସି ବିପଦ ଛୁଇଁବାକୁ ଆସିଛି ତାର ଯଥେଷ୍ଟ ପୂର୍ବରୁ ବାଦୁଡ଼ିମାନେ ଦେଇଛନ୍ତି ଆଗୁଆ ସୂଚନା। ଲୋକଙ୍କୁ ସତର୍କ କରିଛି, ସୂଚନା ଦେଇଛି, ଉଜୁଡିଯିବା ପୂର୍ବରୁ ସଜାଡ଼ି ଦେଇଛି ଏ ବାଦୁଡ଼ି ଙ୍କ ବାର୍ତ୍ତା। ବିଶେଷ କରି ପ୍ରାକୃତିକ ବିପର୍ଯ୍ୟୟ ପୂର୍ବରୁ ହିଁ ଆସନ ବିପତ୍ତି ର ସୂଚନା ଦେଇଥାନ୍ତି ବୋଲି ଗାଁର ଅବସରପ୍ରାପ୍ତ ଶିକ୍ଷକ ଭାସ୍କର ମହାରଣା କୁହନ୍ତି। ଗାଁରୁ ବାଦୁଡ଼ି ଉଡ଼ିଗଲେ ଗ୍ରାମବାସୀ ନିଶ୍ଚିତ ହୁଅନ୍ତି ବିପଦ ସମ୍ବନ୍ଧରେ। ଏପରିକି ୧୯୯୯ ମସିହା ମହାବାତ୍ୟା ସମୟରେ ବାଦୁଡ଼ିମାନେ ଡେଣାଝାଡ଼ି ଉଡ଼ିବାରେ କେବଳ ନିଜକୁ ରକ୍ଷା କରି ନ ଥିଲେ ବରଂ ଅଞ୍ଚଳବାସୀଙ୍କୁ ମଧ୍ୟ ଦେଇଥିଲେ ମହାବାତ୍ୟାର ଆଗୁଆ ସୂଚନା।

ବାଦୁଡ଼ିଙ୍କ ଭରସାର ଆକାଶ ବଣିଆସାହି। କିଛି ବନ୍ଧନ ଏମିତି ଥାଏ ଯାହା ଚିରକାଳ ବାନ୍ଧି ହୋଇ ରହିଯାଏ। କବାଟବନ୍ଧର ଏ ଗଛ ପ୍ରେମକୁ ବାଦୁଡିମାନେ ପର କରିପାରୁ ନାହାଁନ୍ତି। ସତରେ ଏ ବାଦୁଡ଼ି ପକ୍ଷୀ ଗୁଡ଼ା ବି କବାଟବନ୍ଧର ସ୍ଥାୟୀ ବାସିନ୍ଦା।ୟ

କାହିଁ କେଉଁ କାଳରୁ କବାଟବନ୍ଧରେ ସମ୍ପର୍କର ସେତୁବନ୍ଧ ବାନ୍ଧିଥିବା ବାଦୁଡିଙ୍କ ଜୀବନ ଏବେ ବିପଦ ମୁଖରେ। ୪୪ ଡ଼ିଗ୍ରୀ ତାପମାତ୍ରାରେ ଯେତେବେଳେ ସମଗ୍ର ଜୀବଜଗତ ଜଳିଯାଉଛି ସେତେବେଳେ ଏବାଦୁଡ଼ି ବା ବାଦ ପଡନ୍ତେ କେମିତି। ଗ୍ରୀଷ୍ମପ୍ରବାହ ପାଇଁ ଅସହ୍ୟ ତାତି ତାଙ୍କ ସହନଶୀଳତାକୁ ଟପି ଯାଉଛି। ପ୍ରାୟ ୧୦ ପୂର୍ବେ ଗ୍ରାମବାସୀ ଏବଂ ବନ ବିଭାଗର ମିଳିତ ଅନୁକୂଲ୍ୟାରେ କବାଟବନ୍ଧରେ ଏକ କମିଟି ଗଠନ କରାଯାଇଥିଲା। ଉଭୟ ଙ୍କ ମିଳିତ ପ୍ରୟାସରେ ବାଦୁଡ଼ିଙ୍କୁ ତାତି ଦାଉରୁ ରକ୍ଷା କରିବା ପାଇଁ ଗଛ ଉପରେ ଜଳ ସିଞ୍ଚନ କରାଯାଉଥିଲା। ଏହା ଦ୍ୱାରା ତାଙ୍କୁ ସାମାନ୍ୟ ଆଶ୍ୱସ୍ତି ମିଳୁଥିଲା। କିନ୍ତୁ ଅଳ୍ପ କିଛି ଦିନ ପରେ ବନ ବିଭାଗର ଆନ୍ତରିକତା ଅଭାବରୁ ତାର ସହଯୋଗରେ ତାଲା ପକାଇ ଦେଇଛି। ବାଦୁଡିଙ୍କ ସୁରକ୍ଷା ପାଇଁ କୌଣସି ପ୍ରକାର ସହଯୋଗ କରୁ ନାହିଁ। ଯଦିଓ ଗ୍ରାମବାସୀଙ୍କ ସହଯୋଗରେ ନଳକୂପ ତିଆରି କରି ତା ସାହାଯ୍ୟରେ ଗାଁ ଲୋକ ବାଦୁଡିଙ୍କୁ ଗରମରୁ ରକ୍ଷା କରିବା ପାଇଁ ପାଣି ଛିଞ୍ଚୁଛନ୍ତି।

ବାଦୁଡ଼ି ଏକ ବିରଳ ପ୍ରଜାତିର ପକ୍ଷୀ। ଯାହାଙ୍କ ଜୀବନ ଏବେ ଧ୍ୱଂସର ଦ୍ୱାରା ଦେଶରେ। ବିଲୁପ୍ତ ହେବାକୁ ଯାଉଥିବା ଏ ବିରଳ ପ୍ରଜାତିକୁ ସୁରକ୍ଷା ଦେବାପାଇଁ ସମସ୍ତେ ଅଣ୍ଟା ଭିଡନ୍ତୁ ନ ହେଲେ ଏ ବାଦୁଡ଼ି ଜାତି ବିପଦରୁ ବାଦ ପଡ଼ିବନି। ଏବିରଳ ପ୍ରଜାତିକୁ ସୁରକ୍ଷା ପାଇଁ ସରକାର ଆଗେଇ ଆସିବାକୁ ସମାଜସେବୀ ସଦାନନ୍ଦ ମହାରଣା ଦାବି କରିଛନ୍ତି।



ବସନ୍ତ ମଲ୍ଲିକ
କବାଟବନ୍ଧ

ଯାଜପୁର ଛାତିରେ ସୌନ୍ଦର୍ଯ୍ୟ ଓ ଗାରିମାକୁ ଦ୍ୱିଗୁଣିତ କରୁଛି ବ୍ରାହ୍ମଣୀ ନଦୀ କୂଳରେ ଧର୍ମଶାଳା ବ୍ଲକ ଅନ୍ତର୍ଗତ କବାଟବନ୍ଧ ଗାଁ। କୁଳୁକୁଳୁ ହୋଇ ପ୍ରବାହିତ ହେଉଥିବା ବ୍ରାହ୍ମଣୀ ନଦୀ ର କୂଳରେ ଶାନ୍ତ ସରଳ ପରିବେଶରେ କବାଟବନ୍ଧ ଆକାଶର ବାଦଲ ସହିତ ବଣିଆସାହି ନିକଟରେ ରହୁଥିବା ବାଦୁଡ଼ିଙ୍କ ବନ୍ଧନ ଯେମିତି ପ୍ରକୃତି ପ୍ରେମର ଇନ୍ଧନ ଯୋଗାଇଛି। ବାଦୁଡ଼ି ସହିତ ଏ ମାଟିର ରହିଛି ଅତୁଟ ବନ୍ଧନ।





ନିରାଶ୍ରୟ ଗାଈଗୋରୁଙ୍କ ଆଶ୍ରୟସ୍ଥଳ ପାଲଟିଛି ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ ମଥୁରା ପଞ୍ଚାୟତର ଦନ୍ତାପାଲି ଗ୍ରାମରେ ଥିବା 'ମାହେଶ୍ୱରୀ' ଗୋଶାଳା ଏବଂ ଜରାଶ୍ରମ। କୃତିବାସ ପଲିଆ ଏବଂ ନିର୍ଗୁଣ ମହାକୁଡ଼ଙ୍କ ନିଜସ୍ୱ ପ୍ରଚେଷ୍ଟା ତଥା ଉପଦେଷ୍ଟା କେଦାରନାଥ ସାହୁଙ୍କ ପ୍ରେରଣାରେ ଏକ ଟ୍ରଷ୍ଟ ଗଠନ କରି ନିରାଶ୍ରୟ ଗାଈଗୋରୁଙ୍କ ସେବା କରାଯାଉଛି।

# ନିରାଶ୍ରୟ ଗାଈଗୋରୁଙ୍କ ଆଶ୍ରୟ 'ମାହେଶ୍ୱରୀ'



ଦିବ୍ୟ ରଞ୍ଜନ ପଟ୍ଟନାୟକ
ବୌଦ୍ଧ

୨୦୨୦ ମସିହା ଜାନୁଆରୀ ୧ ତାରିଖରେ ନିରାଶ୍ରୟ ଗାଈଗୋରୁଙ୍କ ଆଶ୍ରୟ ପାଇଁ ମାହେଶ୍ୱରୀ ଗୋଶାଳା ଏବଂ ଜରାଶ୍ରମ ନାମକ ଥଇଥାନ କେନ୍ଦ୍ର ଆରମ୍ଭ ହୋଇଛି। ବର୍ତ୍ତମାନ ରାସ୍ତା ଉପରେ ବୁଲା ଗାଈଗୋରୁଙ୍କ ଉପସ୍ଥିତି ଏକ ସାଧାରଣ ଦୃଶ୍ୟ ହୋଇଥିବା ବେଳେ, ଏମାନଙ୍କ ଯୋଗୁଁ ଗମନାଗମନ ବାଧାପ୍ରାପ୍ତ ହେବା ସହ ଅନେକ ସମୟରେ ସଡ଼କ ଦୁର୍ଘଟଣାମାନ ଘଟୁଛି। ବର୍ଦ୍ଧିତ ଜନସଂଖ୍ୟା ଏବଂ ଆଧୁନିକ ଚାଲିଚଳଣି ଯୋଗୁଁ ଗୁହାଳ ସଂଖ୍ୟା ଅତି ନଗଣ୍ୟ ଥିବାରୁ ନିରାଶ୍ରୟ ଗାଈଗୋରୁଙ୍କ ସଂଖ୍ୟା ମଧ୍ୟ ବୃଦ୍ଧି ପାଉଛି। ତେଣୁ ଗୋସୁରକ୍ଷା ସହିତ ନିରାଶ୍ରୟ ଗୋରୁଗାଈଙ୍କ ଥଇଥାନ ଏବଂ ଗୋ ଆଧାରିତ କୁଟୀରଶିଳ୍ପ ମାଧ୍ୟମରେ ଅର୍ଥନୈତିକ ବିକାଶ ଉଦ୍ଦେଶ୍ୟ ନେଇ ଏହି ଦୁଇଜଣ ବ୍ୟକ୍ତି ଆରମ୍ଭ କରିଛନ୍ତି ଏହି ଥଇଥାନ ପ୍ରକଳ୍ପ। ଆରମ୍ଭରେ ଅଳ୍ପ କିଛି ବୁଲା ଗାଈଗୋରୁ ଏଠାରେ ଥଇଥାନ ହୋଇଥିବା ବେଳେ ପରବର୍ତ୍ତୀ ସମୟରେ ଏଠାରେ ୩୮୬ ନିରାଶ୍ରୟ ଗୋରୁଗାଈ ପ୍ରତିପାଳିତ ହେଉଥିଲେ। ଏଥିମଧ୍ୟରେ ବୌଦ୍ଧ ଏନ୍ଏସି ସହିତ ହୋଇଥିବା ଗୋଶାଳାର ବୁଝାମଣାପତ୍ର ପ୍ରକାରେ ସହରର ୧୫୦ ବୁଲା ଗାଈଗୋରୁ ଏବଂ ବିଭିନ୍ନ ସମୟରେ ବେଆଇନ ଗୋ ଚାଲାଣ ସମୟରେ ଉଦ୍ଧାର ହୋଇଥିବା କିଛି ଗାଈଗୋରୁ ରଖାଯାଇଛି। ସେଥି ମଧ୍ୟରୁ ଦୁଧିଆଳୀ ଗାଈ, ଛୁଆ, ବଛା ମିଶାଇ ୨୦୦ରୁ ଊର୍ଦ୍ଧ୍ୱ ଗୋରୁଗାଈଙ୍କୁ ସ୍ଥାନୀୟ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ଚାଷୀଙ୍କୁ ସହମତି ଭିତ୍ତିରେ ପର୍ଯ୍ୟାୟକ୍ରମେ ବଣ୍ଟନ କରାଯାଇଥିବା ବେଳେ ବର୍ତ୍ତମାନ ଏଠାରେ ୧୬୨ ନିରାଶ୍ରୟ ଗାଈଗୋରୁ ପ୍ରତିପାଳିତ ହେଉଛନ୍ତି। ସ୍ଥାନୀୟ ପୃଷ୍ଠପୋଷକ ଭାଗ୍ୟଧର ମହାକୁଡ଼ଙ୍କ ଦ୍ୱାରା ପ୍ରଦତ୍ତ ୩.୫୫ ଏକର ଜମିରେ ପରିଚାଳିତ ଏହି କେନ୍ଦ୍ରରେ ଗାଈଗୋରୁଙ୍କ ପାଇଁ ଚାଳଛପର ଆଶ୍ରୟସ୍ଥଳ ନିର୍ମାଣ କରାଯାଇଛି ଏବଂ ୮ ଜଣ ଗୋସେବକ ସେବିକା ନିୟୋଜିତ ହୋଇଛନ୍ତି। ତେବେ ଏତେ ସଂଖ୍ୟକ ଗାଈଗୋରୁଙ୍କ ରକ୍ଷଣାବେକ୍ଷଣ, ପାରିଶ୍ରମିକ, ଗୋଖାଦ୍ୟ ଜନିତ ଆର୍ଥିକ ବୋଝ ଗୋଶାଳା ମୁଖ୍ୟଙ୍କ ପାଇଁ ମୁଣ୍ଡବ୍ୟଥା ସୃଷ୍ଟି କରୁଛି। ଟ୍ରଷ୍ଟର ଶହେରୁ ଅଧିକ ସାଧାରଣ ସଦସ୍ୟଙ୍କ ସଭ୍ୟ ଚାନ୍ଦା ଏବଂ ବଦାନ୍ୟ ବ୍ୟକ୍ତିଙ୍କ ସାହାଯ୍ୟରେ ଜେଣ ତେଣ ଗୋଶାଳାର ଦୈନନ୍ଦିନ ଖର୍ଚ୍ଚ ଭରଣା କରାଯାଉଛି। ଖର୍ଚ୍ଚ ତୁଳନାରେ କ୍ଷୀର, ଖତ ଇତ୍ୟାଦି ବିକ୍ରିରୁ ହେଉଥିବା ଆୟ ନଗଣ୍ୟ ବୋଲି କହନ୍ତି ଅନୁଷ୍ଠାନର ମୁଖ୍ୟ। ତେବେ ଏଠାରୁ ଗୋମୂତ୍ର ଏବଂ ଗୋବର ବିକ୍ରି ପାଇଁ ସୁନ୍ଦରଗଡ଼ର ଭୂମିଶ୍ରୀ ଫାର୍ମର୍ସ ପ୍ରଡ୍ୟୁସର କମ୍ପାନୀ ସହିତ ବୁଝାମଣାପତ୍ର ହୋଇଥିଲେ ହେଁ ଆବଶ୍ୟକ ଭିତ୍ତିଭୂମି ଅଭାବରୁ ତାହା ସମ୍ଭବପର ହୋଇପାରୁନାହିଁ। ଆଗାମୀ ଦିନରେ ଗୋବରରୁ ଜିଆ ଖତ, ଗୋମୂତ୍ର ଫିନାଇଲ, ଜୈବିକ ସାର ଭଳି ଗୋଆଧାରିତ କୁଟୀର ଶିଳ୍ପ ଜରିଆରେ ଅର୍ଥନୈତିକ ଅଭିବୃଦ୍ଧି ପାଇଁ ଅନୁଷ୍ଠାନର ଯୋଜନା ଥିବା ଜଣାପଡ଼ିଛି। ତେବେ ରାଜ୍ୟ ସରକାରଙ୍କ ପ୍ରାଣୀ ସମ୍ପଦ ବିଭାଗ ଅନୁଦାନରେ ୬୮୦୦ ବର୍ଗ ଫୁଟ ପରିମିତ ଜାଗାରେ ୧୫୦ ଗୋରୁଙ୍କ ରହିବା କ୍ଷମତା ବିଶିଷ୍ଟ ଏକ ସ୍ଥାୟୀ ଗୋରୁ ଆଶ୍ରୟସ୍ଥଳୀ ବର୍ତ୍ତମାନ ନିର୍ମାଣାଧୀନ ରହିଛି। ଯାହା ବି ହେଉ ଭାରତୀୟ ସଂସ୍କୃତିରେ ଗୋମାତାର ଆଖ୍ୟା ପାଇଥିବା ଗୋରୁଗାଈ ନିରାଶ୍ରୟ ଏବଂ ଅବହେଳିତ ଅବସ୍ଥାରେ ଥିବାବେଳେ ଗୋସୁରକ୍ଷା ପାଇଁ ମାହେଶ୍ୱରୀ ଗୋଶାଳାର ଏଭଳି ମହତ ସୂତ୍ରପାତ ନିଶ୍ଚିତ ଭାବେ ଏକ ପ୍ରଶଂସଯୋଗ୍ୟ ପଦକ୍ଷେପ।







ମାଆ ଓ ସମସ୍ତ ମାତୃ ବ୍ୟକ୍ତିବିଶେଷ ଯେଉଁମାନେ ଆମକୁ ପୋଷଣ, ମାର୍ଗଦର୍ଶନ ଏବଂ ସମର୍ଥନ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି ତାଙ୍କ ପ୍ରତି କୃତଜ୍ଞତା ଏବଂ ସ୍ନେହ ପ୍ରକାଶ କରିବା ପାଇଁ ମାତୃ ଦିବସକୁ ପାଳନ କରାଯାଏ। ଆଦାନୀ ଫାଉଣ୍ଡେସନର ଉତ୍ଥାନ ପ୍ରକଳ୍ପ ଦ୍ୱାରା ଭଦ୍ରକ ଧାମରା ଅଞ୍ଚଳର କଇଥଖୋଲା ଗ୍ରାମବାସିନ୍ଦା ରୀନା ଦାସ ସ୍ଥାନୀୟ ପିଲାମାନଙ୍କ ପ୍ରାଥମିକ ଶିକ୍ଷାର ଉନ୍ନତି ଦିଗରେ ବିଦ୍ୟାଳୟର ଶିକ୍ଷକଙ୍କ ସହିତ ମିଶି କାମ କରିବା ସହିତ ବିଦ୍ୟାଳୟର ବିଭିନ୍ନ କାର୍ଯ୍ୟକଳାପରେ ନିଜକୁ ନିୟୋଜିତ କରି ବେଶ ଆଦରର ପାତ୍ର ହୋଇପାରିଛନ୍ତି।

# ନିଆରା ମାଆ ରୀନା



ସମ୍ପୂର୍ଣ୍ଣା ଦାସ
ଭୁବନେଶ୍ୱର

୧୯୧୪ ମସିହାରେ ମାତୃ ଦିବସକୁ ଆନୁଷ୍ଠାନିକ ଭାବରେ ପ୍ରତିବର୍ଷ ମେ' ମାସର ଦ୍ୱିତୀୟ ରବିବାରରେ ପାଳନ କରାଯାଉଛି। ଆଦାନୀ ଫାଉଣ୍ଡେସନ ମାତୃଦିବସକୁ ଏକ ସ୍ମରଣୀୟ ଦିବସ ଭାବେ, ନିଜର ପାରିପାର୍ଶ୍ୱରେ ଥିବା ସ୍ୱୟଂ ସହାୟକ ଗୋଷ୍ଠି, ସ୍ଥାନୀୟ ମହିଳାମାନଙ୍କ ସହ ବିଦ୍ୟାଳୟସ୍ତରରେ ପାଳନ କରି ଆସୁଅଛି।

ରୀନା ଦାସ ଭଦ୍ରକ ଧାମରା ଅଞ୍ଚଳର କଇଥଖୋଲା ଗ୍ରାମର ବାସିନ୍ଦା ଏବଂ ତିନି ସନ୍ତାନର ମା'। ରିନାଙ୍କ ଜୀବନ ଏକ ଅପ୍ରତ୍ୟାଶିତ ମୋଡ଼ ନେଇଥିଲା ଯେତେବେଳେ ୨୦୧୮ ମସିହାରେ ସେ ନିଜ ସ୍ୱାମୀ ଏବଂ କୋଭିଡରେ ନିଜ ପିତାଙ୍କୁ ହରାଇଥିଲେ। ଏହାପରେ, ସମାଜ ସେବାକୁ ନିଜର ବୃତ୍ତି ଭାବେ ଗ୍ରହଣ କରି ସେ ଯଥା କୁନି କୁନି ପିଲାଙ୍କ ଭବିଷ୍ୟତ ଗଢି ଏକ ଉଚ୍ଚକୋଟିର ନାଗରିକ କରିବା ପାଇଁ ସେ ବଦ୍ଧ ପରିକର ହୋଇ ଆଦାନୀ ଫାଉଣ୍ଡେସନର ଉତ୍ଥାନ ପ୍ରକଳ୍ପରେ ୨୦୧୯ ମସିହାରେ ଶରତ ପ୍ରସାଦ ପ୍ରାଥମିକ ବିଦ୍ୟାଳୟରେ ଏକ ସ୍ୱେଚ୍ଛାସେବୀ ଭାବେ ଯୋଗଦାନ କରିଥିଲେ।

ଆଦାନୀ ଫାଉଣ୍ଡେସନର ଉତ୍ଥାନ ପ୍ରକଳ୍ପ ଦ୍ୱାରା, ରିନା ପିଲାମାନଙ୍କ ପ୍ରାଥମିକ ଶିକ୍ଷାର ଉନ୍ନତି ଦିଗରେ ବିଦ୍ୟାଳୟର ଶିକ୍ଷକଙ୍କ ସହିତ ମିଶି କାମ କରିବା ସହିତ ବିଦ୍ୟାଳୟର ବିଭିନ୍ନ କାର୍ଯ୍ୟକଳାପରେ ନିଜକୁ ନିୟୋଜିତ କରି ବେଶ ଆଦରର ପାତ୍ର ହୋଇପାରିଛନ୍ତି। ତାଙ୍କର ପ୍ରତିବଦ୍ଧତା ସ୍ଥାନୀୟ ଅଭିଭାବକ ଶିକ୍ଷା ବିଭାଗ ଓ ବିଦ୍ୟାଳୟ ପରିଚାଳନା କମିଟି (ଏସ୍ଏମସି) ଦ୍ୱାରା ଉଚ୍ଚ ପ୍ରଶଂସନୀୟ ହୋଇପାରିଛି। ସ୍ଥାନୀୟ ଅଭିଭାବକମାନେ ରୀନାଙ୍କୁ ଏକ ଶିକ୍ଷକ ତୁଳନାରେ ନିଜ ଘରର ସଦସ୍ୟ ଭାବେ ତାଙ୍କ ପିଲାଙ୍କୁ ଆଦର୍ଶ ମଣିଷ କରିବାରେ ଗ୍ରହଣ କରିଛନ୍ତି।

## ରୀନାଙ୍କ ମତ -

'ଅଦାନୀ ଫାଉଣ୍ଡେସନର ଉତ୍ଥାନ ପ୍ରକଳ୍ପରେ ଏକ ସହାୟକ ଭାବରେ ମୋର ଯୋଗଦାନ ମୋ ଜୀବନ ଏବଂ ମୋ ପିଲାମାନଙ୍କ ଭବିଷ୍ୟତ ପାଇଁ ଏକ ବହୁତ ବଡ ସଫଳତା। ୨୦୧୮ରେ ମୋର ସ୍ୱାମୀଙ୍କ ଦେହାନ୍ତ ପରେ ମୁଁ ଏକ ପ୍ରକାର ନିରାଶ୍ରୟ ହୋଇଯାଇଥିଲି। ତିନୋଟି ଛୁଆଙ୍କୁ ଧରି ମୁଁ ମୋ ବାପା ଓ ଭାଇଙ୍କ ଉପରେ ନିର୍ଭରଶୀଳ ହୋଇପଡ଼ିଥିଲି। ୨୦୧୯ରେ ଅଦାନୀ ଫାଉଣ୍ଡେସନର ଉତ୍ଥାନ ପ୍ରକଳ୍ପରେ ମୋର ଯୋଗଦାନ ମୋ ପାଇଁ ଏକ ନୂତନ ଆଲୋକ ରଶ୍ମି ଭାବେ ଦେଖା ଦେଇଥିଲା। କୋଭିଡ ସମୟରେ ମୋର ପିତାଙ୍କ ଦେହାନ୍ତ ହୋଇଥିଲା, ହେଲେବି ଅଦାନୀ ଫାଉଣ୍ଡେସନର କର୍ମକର୍ତ୍ତାଙ୍କ ଅନବରତ ଉତ୍ସାହ ଓ ପ୍ରେରଣା ଯୋଗୁଁ ମୁଁ ଆଜି ନିଜ ଗୋଡରେ ଠିଆ ହୋଇପାରିଛି ଏବଂ ନିଜର ପିଲାମାନଙ୍କର ଯତ୍ନ ନେଇପାରୁଛି।

'ଉତ୍ଥାନ ପ୍ରକଳ୍ପ ମାଧ୍ୟମରେ, ଆଦାନୀ ଫାଉଣ୍ଡେସନ୍ ୩୦୦୦ରୁ ଅଧିକ ଛାତ୍ରଛାତ୍ରୀଙ୍କ ଶିକ୍ଷଣ ଫଳାଫଳକୁ ଉନ୍ନତ ଏବଂ ୧୦୦ରୁ ଅଧିକ ସରକାରୀ ବିଦ୍ୟାଳୟରେ ଶିକ୍ଷାର ପରିବେଶକୁ ସୁଦୃଢ କରିବା କରିବା ଦିଗରେ କାର୍ଯ୍ୟ କରିଆସୁଛି।

ରୀନାଙ୍କର ମାଆ 'ଭାବେ ସ୍ଥାନୀୟ ପିଲାଙ୍କର ଶିକ୍ଷାର ଉନ୍ନତି ଆଣିବାର ପ୍ରତିବଦ୍ଧତା, ଅବଦାନ ଏବଂ ଅନବରତ ଚେଷ୍ଟା ଯୋଗୁଁ ଅଦାନୀ ଫାଉଣ୍ଡେସନ ଆଜି ଏହି ମାତୃତ୍ୱ ଦିବସରେ ରୀନାଙ୍କୁ କୃତଜ୍ଞତା ଜଣାଇବା ସହ ତାଙ୍କର ନିରବଚ୍ଛିନ୍ନ ପ୍ରୟାସ ପାଇଁ ଶୁଭକାମନା ଜଣାଉଛି।






## ଦିନକ ପରେ ପ୍ରଥମ ପର୍ଯ୍ୟାୟ ଭୋଟ / ସରିଲା ପ୍ରଚାର, ବୁଥ୍‌ମୁହାଁ ପୁଲିଂ ପାର୍ଟି

**ଭୁବନେଶ୍ୱର, ୧୧।୫ (ସମିସ):** ଆସନ୍ତା ୧୩ ତାରିଖରେ ରାଜ୍ୟରେ ପ୍ରଥମ ପର୍ଯ୍ୟାୟ ମତଦାନ ପାଇଁ ଭୋଟ ପଡ଼ିବାକୁ ଯାଉଥିବା ବେଳେ ଶନିବାର ପ୍ରଚାର କାର୍ଯ୍ୟକ୍ରମରେ ବିରାମ ଲାଗିଛି। ଶେଷ ଦିନରେ ନିଜନିଜ ଦଳର ପ୍ରାର୍ଥୀଙ୍କ ପାଇଁ ବିଭିନ୍ନ ଦଳର ହେଭିୱେଟ ଜୋର୍‌ଦାର ପ୍ରଚାର କରିଛନ୍ତି। ସନ୍ଧ୍ୟା ୬ଟା ପରେ ବିଭିନ୍ନ ଦଳର ବାହାର ନେତାମାନେ ଅଞ୍ଚଳ ଛାଡୁଥିବା ବେଳେ ସ୍ଥାନୀୟ ପ୍ରଶାସନ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରିଛି।

ସୂଚନାଯୋଗ୍ୟ ଯେ ପ୍ରଥମ ପର୍ଯ୍ୟାୟରେ ବ୍ରହ୍ମପୁର, ନବରଙ୍ଗପୁର, କୋରାପୁଟ ଓ କଳାହାଣ୍ଡି ଲୋକସଭା କ୍ଷେତ୍ର ଏବଂ ଏହା ଅଧୀନରେ ଆସୁଥିବା ୨୮ ବିଧାନସଭା ଆସନ ପାଇଁ ମତଦାନ ହେବ। ୪ଲୋକସଭା କ୍ଷେତ୍ର ପାଇଁ ମୋଟ ୩୭ଜଣ ପ୍ରାର୍ଥୀ ରହିଛନ୍ତି। ୩୭ଜଣଙ୍କ ମଧ୍ୟରୁ ମଇଦାନରେ ୩୦ ଜଣ ପୁରୁଷ ଏବଂ ୭ ଜଣ ମହିଳା ପ୍ରାର୍ଥୀ ଅବତୀର୍ଣ୍ଣ ହୋଇଛନ୍ତି। ସେହିପରି ୨୮ଟି ବିଧାନସଭା ଆସନ ପାଇଁ ମୋଟ ୨୪୩ଜଣ ପ୍ରାର୍ଥୀ ରହିଛନ୍ତି।

**୪ ଲୋକସଭା, ୨୮ ବିଧାନସଭା ପାଇଁ ପ୍ରତିନିଧି ବାଛିବେ ଜନତା**

ସେମାନଙ୍କ ମଧ୍ୟରେ ୨୧୪ଜଣ ପୁରୁଷ ଏବଂ ୨୯ଜଣ ମହିଳା ପ୍ରାର୍ଥୀ ରହିଛନ୍ତି। କୋରାପୁଟ, କଳାହାଣ୍ଡି ଓ ବ୍ରହ୍ମପୁର ଲୋକସଭା କ୍ଷେତ୍ର ପାଇଁ ୧୧ଜଣ ଲେଖାଏଁ ପ୍ରାର୍ଥୀ ଏବଂ ନବରଙ୍ଗପୁରରେ ୪ଜଣ ପ୍ରାର୍ଥୀ ରହିଛନ୍ତି। ଝରିଗାଁ, ନବରଙ୍ଗପୁର ଓ ଡାବୁଗାଁ ପାଇଁ ସର୍ବନିମ୍ନ ୩ଜଣ ଲେଖାଏଁ ପ୍ରାର୍ଥୀ ରହିଛନ୍ତି। ବ୍ରହ୍ମପୁର ବିଧାନସଭା କ୍ଷେତ୍ର ପାଇଁ ସର୍ବାଧିକ ୧୭ ପ୍ରାର୍ଥୀ ରହିଛନ୍ତି। ପ୍ରଥମ ପର୍ଯ୍ୟାୟ ମତଦାନ ପାଇଁ ପୁଲିଂ ପାର୍ଟିଗୁଡ଼ିକ ବୁଥ୍‌ମୁହାଁ ହୋଇଥିବା ବେଳେ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି ପ୍ରାୟତଃ ଶେଷ ହୋଇଛି। ବିଶେଷକରି ପୁଲିସ ପ୍ରଶାସନ ପକ୍ଷରୁ ବ୍ଲକିଂ ଏବଂ ଚେକିଂ ପ୍ରକ୍ରିୟାକୁ କଡ଼ାକଡ଼ି କରାଯାଉଛି। ଏହି ଲୋକସଭା କ୍ଷେତ୍ର ସୀମାକୁ ଲାଗିଥିବା ଅଞ୍ଚଳରେ ତନଖି ପ୍ରକ୍ରିୟାକୁ କଡ଼ାକଡ଼ି କରାଯାଇଥିବା ବେଳେ ପ୍ରତିଟି ଗାଡ଼ିର ଯାଞ୍ଚ କରାଯାଉଛି। ସୁରକ୍ଷା ବ୍ୟବସ୍ଥା ପାଇଁ ପ୍ରାୟ ୧୦୪ କମ୍ପାନୀ ସିଏପିଏଫ୍ ନିୟୋଜିତ ହୋଇଥିବା ବେଳେ ରାଜ୍ୟ ପୁଲିସ ପ୍ରଶାସନ ମଧ୍ୟ ଏଥିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛନ୍ତି।

# ଆଜି ୧୯ ଜିଲ୍ଲାରେ କାଳବୈଶାଖୀ

**ଭୁବନେଶ୍ୱର, ୧୧।୫ (ସମିସ):** ଆସନ୍ତାକାଲି ରାଜ୍ୟର ଅଧିକାଂଶ ଜିଲ୍ଲାରେ କାଳବୈଶାଖୀ ସମ୍ଭାବନା ରହିଛି। ପ୍ରାୟ ୧୯ଜିଲ୍ଲାରେ କାଳବୈଶାଖୀ ସମ୍ଭାବନା ଥିବା ବେଳେ ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ ଓ ଯାଜପୁର ଜିଲ୍ଲାର କେତେକ ସ୍ଥାନରେ ପ୍ରବଳ ବର୍ଷା ହୋଇପାରେ। ଏନେଇ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ବିସ୍ତୃତ ସୂଚନା ପ୍ରଦାନ କରାଯାଇଛି। କେନ୍ଦ୍ରର ସୂଚନା ଅନୁଯାୟୀ, ରବିବାର କନ୍ଧମାଳ, ବୌଦ୍ଧ, ଅନୁଗୋଳ, ଢେଙ୍କାନାଳ, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଯାଜପୁର ଓ କଟକ ଜିଲ୍ଲାରେ କାଳବୈଶାଖୀ ସମ୍ଭାବନା ରହିଛି। ଏହି ସମୟରେ ଉପରୋକ୍ତ ଜିଲ୍ଲାର କେତେକ ସ୍ଥାନରେ ୪୦ରୁ ୫୦କିଲୋମିଟର ବେଗରେ ପବନ ବହିପାରେ। ସେଥିପାଇଁ ଉପରୋକ୍ତ ଜିଲ୍ଲାଗୁଡ଼ିକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ଏହାବ୍ୟତୀତ ସୁନ୍ଦରଗଡ଼, ସମ୍ବଲପୁର, ଦେବଗଡ଼,

**୪ ଜିଲ୍ଲାରେ ପ୍ରବଳ ବର୍ଷା ସମ୍ଭାବନା**

ଖୋର୍ଦ୍ଧା, କେନ୍ଦ୍ରାପଡ଼ା, ନୟାଗଡ଼, ଜଗତସିଂହପୁର, ପୁରୀ ଓ ଗଞ୍ଜାମ ଜିଲ୍ଲାରେ ମଧ୍ୟ କାଳବୈଶାଖୀ ସମ୍ଭାବନା ରହିଛି। ଏହି ଜିଲ୍ଲାଗୁଡ଼ିକରେ ଘଣ୍ଟା ପ୍ରତି ୩୦ରୁ ୪୦ କିଲୋମିଟର ବେଗର ପବନ ବହିବ ବୋଲି କେନ୍ଦ୍ର ପକ୍ଷରୁ ଆକଳନ କରାଯାଇଛି। ସେହିପରି ୧୩ ତାରିଖରେ ମଧ୍ୟ ରାଜ୍ୟର ଅଧିକାଂଶ ଜିଲ୍ଲାରେ କାଳବୈଶାଖୀ ସମ୍ଭାବନା ରହିଛି ବୋଲି ପାଣିପାଗ କେନ୍ଦ୍ର କହିଛି।

ଅପରପକ୍ଷେ ଶନିବାର ରାଜ୍ୟର ୯ ସହରରେ ଦିନ ତାପମାତ୍ରା ୪୦ ଡିଗ୍ରୀ ଏବଂ ତଦୂର୍ଦ୍ଧ୍ୱ ରେକର୍ଡ ହୋଇଛି। ନୂଆପଡ଼ାରେ ସର୍ବାଧିକ ଦିନ ତାପମାତ୍ରା ୪୩ ଡିଗ୍ରୀ ରେକର୍ଡ କରାଯାଇଛି। ତାଲିକାରେ ୪୧.୫ଡିଗ୍ରୀ ସହ ଝାରସୁଗୁଡ଼ା ଦ୍ୱିତୀୟ ସ୍ଥାନରେ ରହିଥିବା ବେଳେ ସମ୍ବଲପୁର, ହୀରାକୁଦ ଓ ବୌଦ୍ଧରେ ୪୧.୨ ଡିଗ୍ରୀ ରେକର୍ଡ ହୋଇଛି। ସେହିପରି ବଲାଙ୍ଗୀରରେ ୪୦.୫ ଡିଗ୍ରୀ, ସୁନ୍ଦରଗଡ଼ ଓ ଭବାନୀପାଟଣାରେ ୪୦.୨ ଡିଗ୍ରୀ ଏବଂ ଟିଟିଲାଗଡ଼ରେ ପାରଦ ୪୦ ଡିଗ୍ରୀ ଛୁଇଁଛି।

## ଅବଶିଷ୍ଟାଂଶ...

### ଦିନକରେ ୩୦୦...

ନେଇ ବିଭିନ୍ନ ନଦୀଜଳ ସ୍ତର ଅଚାନକ ଭାବେ ବୃଦ୍ଧି ପାଇବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି। ମିଳିଥିବା ଖବର ଅନୁସାରେ ଉତ୍ତରପୂର୍ବ ପ୍ରଦେଶ ବଦ୍‌ଖସାନ ସମେତ କେନ୍ଦ୍ରୀୟ ପ୍ରଦେଶ ଘୋର ଏବଂ ପଶ୍ଚିମ ପ୍ରଦେଶ ହେରାତ୍ ମଧ୍ୟ ସର୍ବାଧିକ ପ୍ରଭାବିତ ହୋଇଛି। ଏହିସବୁ ପ୍ରଦେଶରେ ବନ୍ୟା ଆସିବାରୁ ସର୍ବାଧିକ ମାଟି ଘର ଧ୍ୱଂସ ହୋଇଯାଇଛି। ଅଧିକାଂଶ ସ୍ଥାନରେ ଏବେ ଲୋକମାନେ ପାଣି ଭିତରେ ଫସି ରହିଥିବା ସେମାନଙ୍କୁ ଉଦ୍ଧାର କରିବାକୁ ତାଲିବାନ ସରକାରଙ୍କ ପକ୍ଷରୁ ଉଦ୍ୟମ ଜାରି ରହିଛି। ସମଗ୍ର ଆଫଗାନିସ୍ତାନରେ ଜରୁରୀକାଳୀନ ସ୍ଥିତି ଘୋଷଣା କରାଯାଇଥିଲା ବେଳେ ଜାତିସଂଘ ସମେତ ବହୁ ଆନ୍ତର୍ଜାତିକ ସଂସ୍ଥା ସହାୟତା କରିବାକୁ ପହଞ୍ଚିଛନ୍ତି। ବନ୍ୟାରେ ଆହତ ହୋଇଥିବା ଲୋକଙ୍କୁ ଉଦ୍ଧାର କରାଯାଇ ଶିବିରରେ ରଖାଯାଉଥିବା ବେଳେ ସେମାନଙ୍କ ଚିକିତ୍ସା ପାଇଁ ମଧ୍ୟ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଉଛି। ବନ୍ୟା ଦ୍ୱାରା ଅଧିକାଂଶ ପ୍ରଦେଶର ଚାଷ ଜମିରେ ପଙ୍କ ମାଡ଼ି ଯାଇଥିବାରୁ ଏହା ମଧ୍ୟ ଲୋକଙ୍କ ଆର୍ଥିକ ସ୍ଥିତିକୁ ଆହୁରି ପ୍ରଭାବିତ କରିବାର ଆଶଙ୍କା ବଢ଼ାଇଛି।

### ୧୦ ତାରିଖରେ...

ପ୍ରାର୍ଥୀ ଏବଂ ବିଧାୟକ ପ୍ରାର୍ଥୀଙ୍କୁ ବିଜୟୀ କରାଇବାକୁ ନିବେଦନ କରିଥିଲେ। କଂଗ୍ରେସ ଓ ତା'ର ସହଯୋଗୀ ଦଳମାନେ ରାଷ୍ଟ୍ରପତିଙ୍କ ଲଗାତାର ଅପମାନ କରୁଛନ୍ତି ବୋଲି ଉଲ୍ଲେଖ କରି ଶ୍ରୀ ମୋଦୀ କଂଗ୍ରେସକୁ ନିଶାଣ କରିଥିଲେ।

ବଲାଙ୍ଗିର ସମାବେଶରେ ଶ୍ରୀ ମୋଦୀ ଓଡ଼ିଶା ବିଷୟରେ ବିଭିନ୍ନ ପ୍ରସଙ୍ଗ ଉଠାଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଆକ୍ଷେପ କରିଥିଲେ। ଜନସମାବେଶକୁ ସମ୍ବୋଧିତ କରି ମୋଦୀ କହିଥିଲେ, ପ୍ରାକୃତିକ ସମ୍ପଦରେ ଭରପୂର ଥାଇ ବି ୨୪ ବର୍ଷ ହେଲା ଓଡ଼ିଶାର ପ୍ରଗତି ହୋଇନାହିଁ। କାଗଜ ନ ଦେଖି ନବୀନ ବାବୁ ଓଡ଼ିଶାର ୩୦ ଜିଲ୍ଲାର କ୍ୟାପିଟାଲ ନାଁ କହିପାରିବେନି। ନିଜ ନିର୍ବାଚନମଣ୍ଡଳୀର ଗାଁର ନାଁ ମଧ୍ୟ ସେ ଜାଣି ନ ଥିବେ। ଓଡ଼ିଆ ଭାଷା, ସଂସ୍କୃତି ଆଜି ବିପନ୍ନ ହୋଇଛି। ବିଜେପି ସରକାର ଆସିଲେ ଓଡ଼ିଆ ଭାଷା, ସଂସ୍କୃତି ଓ ଐତିହ୍ୟର ସୁରକ୍ଷା ଦେବ ବୋଲି ମୋଦୀ କହିଲେ।

### ଆଗାମୀ ୧୦ ବର୍ଷରେ...

ଆପଣଙ୍କ ନଜରରେ ଯୋଗ୍ୟ ହେଲେ ନାହିଁ! ଆପଣ ଭାରତ ରତ୍ନ ବାଣ୍ଟିଲା ବେଳେ ଓଡ଼ିଶାର ବରପୁତ୍ର ବିଜୁ ବାବୁଙ୍କୁ ବି ଭୁଲିଗଲେ।"

ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି, ଚାଷୀମାନଙ୍କ କଲ୍ୟାଣ ପାଇଁ ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍ଏସ୍‌ପି) ଦୁଇ ଗୁଣା କରିବେ ବୋଲି ଆପଣ ନିଜେ କହିଥିଲେ। ଆପଣ ତାକୁ ବି ଭୁଲିଗଲେ। ଓଡ଼ିଶାର ଲୋକଙ୍କୁ ମନେ ରଖି ଉପକୂଳ ରାଜପଥ ନିର୍ମାଣ କରିବାର ଥିଲା; ତାହା ବି ଆପଣ ଭୁଲିଗଲେ। ଓଡ଼ିଶାର ସମ୍ପଦ କୋଇଲା ଆପଣ ନେଉଛନ୍ତି; କିନ୍ତୁ କୋଇଲା ରୟାଲ୍ଟି ବଢ଼ାଇବା କଥା ୧୦ ବର୍ଷ ହେଲା ମନେ ପଡୁନାହିଁ। କେବଳ ନିର୍ବାଚନ ସମୟରେ ଓଡ଼ିଶାକୁ ମନେ ପକାଇଲେ କିଛି ଲାଭ ନାହିଁ। ୨୦୧୪ ଓ ୨୦୧୯ରେ ଆପଣ ଯେଉଁ ପ୍ରତିଶ୍ରୁତି ଦେଇଥିଲେ ତାକୁ ମନେ ରଖିଛନ୍ତି ତ? ଆପଣ କହିଥିବା ଦରବୃଦ୍ଧି ହ୍ରାସ, ଦୁଇ କୋଟି ଚାକିରି ଦେବା କଥା ଓଡ଼ିଶାବାସୀ ମନେ ରଖିଛନ୍ତି। ପେଟ୍ରୋଲ, ଡିଜେଲ୍, ଏଲ୍‌ପିଜି ଦର ହ୍ରାସ କରିବା କଥା ମଧ୍ୟ ଲୋକେ ମନେ ରଖିଛନ୍ତି। ସବୁ ଜାଗାରେ ମୋବାଇଲ୍ ଟାୱାର ବସାଇବା, ଜିଏସ୍‌ଟି ଛାଡ଼ କରିବା ପାଇଁ ଆପଣ ଯେଉଁ ପ୍ରତିଶ୍ରୁତି ଦେଇଥିଲେ, ସବୁ କିଛି ଓଡ଼ିଶାବାସୀ ମନେ ରଖିଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ଏହି ଭିଡିଓ ମାଧ୍ୟମରେ ମୋଦୀଙ୍କୁ ଚେତାଇ ଦେଇଥିଲେ।

### ଓଡ଼ିଶା ପାଇଁ...

ଭୋଟ ମାଗୁଛନ୍ତି। କେନ୍ଦ୍ର ସରକାରଙ୍କ ରିପୋର୍ଟ ଅନୁସାରେ ଓଡ଼ିଶାରେ ଅପପୁଷ୍ଟି ହାର ୨୯% ଓ ଗୁଜରାଟରେ ୪୦% ଅପପୁଷ୍ଟିର ଶିକାର। ଓଡ଼ିଶାର ମୁଣ୍ଡପିଛା ଋଣଠାରୁ ଗୁଜରାଟର ମୁଣ୍ଡପିଛା ଋଣ ଯଥେଷ୍ଟ ଅଧିକ। ରକ୍ତହୀନତା କ୍ଷେତ୍ରରେ ମଧ୍ୟ ଓଡ଼ିଶାଠାରୁ ଗୁଜରାଟ ଅଧିକ ରହିଛି। ଓଡ଼ିଶାର ପିଲାମାନେ ବ୍ଲାକ୍ ବୋର୍ଡରେ ପାଠ ପଢୁଛନ୍ତି, କିନ୍ତୁ ଓଡ଼ିଶାର ପିଲାମାନେ ସ୍ମାର୍ଟବୋର୍ଡରେ ପଢୁଛନ୍ତି। ଯଦି ପାରିବେ ବିଜେପି ଓ ପ୍ରଧାନମନ୍ତ୍ରୀ ଭାରତକୁ ଏକ ନମ୍ବର କରନ୍ତୁ, ଓଡ଼ିଶାକୁ ଏକ ନମ୍ବର କରିବା ପାଇଁ ନବୀନ ବାବୁ ଯଥେଷ୍ଟ ବୋଲି କହିଛନ୍ତି କାର୍ତ୍ତିକ ପାଣ୍ଡିଆନ। ଅନୁରୂପ ଭାବରେ କେନ୍ଦ୍ରମନ୍ତ୍ରୀଙ୍କୁ ଶାଣିତ ଆକ୍ରମଣ କରି ସେ କହିଛନ୍ତି ଯେ ସବୁଜାଗାରେ ପରିବର୍ତ୍ତନର ହାୱା ବହୁଛି ବୋଲି ଆପଣ କହୁଛନ୍ତି; କିନ୍ତୁ ଓଡ଼ିଶାରେ ସବୁଆଡ଼େ ନବୀନ ଝଡ଼ ବହୁଛି। ତିନି ଚତୁର୍ଥାଂଶ ବହୁମତରେ ଆସି ନବୀନ ବାବୁ ଯଦି ମୁଖ୍ୟମନ୍ତ୍ରୀ ନ ହେବେ ମୁଁ ରାଜନୀତି ଛାଡ଼ିଦେବି ବୋଲି ଜଣେ ଛୋଟ କର୍ମଚାରୀ ହୋଇ କହୁଛି; ମାତ୍ର ତାଙ୍କ ଦଳ ଯଦି ନ ଆସିବ ତେବେ କେନ୍ଦ୍ରମନ୍ତ୍ରୀ ରାଜନୀତି ଛାଡ଼ିଦେବେ କି ବୋଲି ସେ ପ୍ରଶ୍ନ କରିଛନ୍ତି। ଆପଣଙ୍କ ଦଳ ସରକାର ଗଠନ କରିବେ ବୋଲି ଆପଣଙ୍କର ବା ଆପଣଙ୍କ ଦଳର କର୍ମୀମାନଙ୍କର ବିଶ୍ୱାସ ନାହିଁ ଏହା ସ୍ପଷ୍ଟ। ଜୁନ ୯ରେ ଦିନ ୧୧.୩୦ ରୁ ୧.୩୦ ମଧ୍ୟରେ ନବୀନ ପଟ୍ଟନାୟକ ପୁଣି ଥରେ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବେ ଏବଂ ସନ୍ଧ୍ୟାବେଳେ ନିର୍ବାଚନ ଇସ୍ତାହାରକୁ ରାଜ୍ୟ ମନ୍ତ୍ରୀମଣ୍ଡଳରେ ପାସ୍ କରିବେ। ନବୀନ ବାବୁ ଓଡ଼ିଶାବାସୀଙ୍କ ପାଇଁ ମିଶନ ଶକ୍ତି, ମମତା, କାଳିଆ, ଲକ୍ଷ୍ମୀ ବସ୍, ମଧୁବାବୁ ନେସନ୍ ଆଦି ବହୁ ଜନକଲ୍ୟାଣକାରୀ ଯୋଜନା ଦେଇଛନ୍ତି, ସେଥିପାଇଁ ସେ ଓଡ଼ିଶାବାସୀଙ୍କ ହୃଦୟକୁ ଜିତିଛନ୍ତି। ଓଡ଼ିଶାବାସୀଙ୍କ ଆଶୀର୍ବାଦରେ ନବୀନ ଇଞ୍ଜନ ଜୋରରେ ଚାଲିଛି ବୋଲି ଶ୍ରୀ ପାଣ୍ଡିଆନ୍ ଦୃଢ଼ ସ୍ୱରରେ କହିଛନ୍ତି। ଓଡ଼ିଶାରେ ବିଜେପି ବାରମ୍ବାର ପରାଜୟ ମୁହଁ ଦେଖି ହାଲିଆ ହୋଇଗଲାଣି। ସେଥିପାଇଁ ପ୍ରଧାନମନ୍ତ୍ରୀ ଦଳୀୟ ନେତା ଓ କର୍ମୀଙ୍କୁ ବୁଷ୍ଟର ଡୋଜ୍ ଦେବାକୁ ଆସିଛନ୍ତି ବୋଲି ସେ କଟାକ୍ଷ କରିଛନ୍ତି।

ସେ ଆହୁରି କହିଛନ୍ତି ଯେ ଦଶବର୍ଷ ମଧ୍ୟରେ କଟକ-ସମ୍ବଲପୁର ରାସ୍ତା ହୋଇପାରିଲା ନାହିଁ, କିନ୍ତୁ ଆମ ମୁଖ୍ୟମନ୍ତ୍ରୀ ୩ ବର୍ଷରେ ବିଜୁ ଏକ୍ସପ୍ରେସ-ୱେ କରି ଦେଖେଇଦେଲେ। ଇତିମଧ୍ୟରେ ପ୍ରଧାନମନ୍ତ୍ରୀ ଓଡ଼ିଶାରେ ବହୁତ ଶିଳାନ୍ୟାସ କରିଛନ୍ତି, । କିନ୍ତୁ ସେଥିମଧ୍ୟରୁ କେତୋଟିର ଉଦ୍‌ଘାଟନ ହୋଇଛି ? ବାରମ୍ବାର ଦାବି ସତ୍ତ୍ୱେ ଓଡ଼ିଶାକୁ ସ୍ୱତନ୍ତ୍ର ପାହ୍ୟା ବା ଧାନକେନ୍ଦ୍ରୀତ ରାଜ୍ୟର ମାନ୍ୟତା କାହିଁକି ମିଳୁନାହିଁ? ଓଡ଼ିଶାରେ ଇଣ୍ଡିଆନ ଅଏଲ, ଏନ୍‌ଟିପିସି ଭଳି ବହୁ ରାଷ୍ଟ୍ରୀୟ କମ୍ପାନୀ ରହିଛି, ଏଥିରେ ଓଡ଼ିଆ ପିଲାଙ୍କୁ କାହିଁକି ନିଯୁକ୍ତି ମିଳୁନାହିଁ? ପ୍ରଧାନମନ୍ତ୍ରୀ ଏହାପ୍ରତି ଦୃଷ୍ଟି ଦିଅନ୍ତୁ । ପେଟ୍ରୋଲ, ଡିଜେଲ, ଏଲ୍‌ପିଜି ଦରଦାମ ବଢ଼ିବ ନାହିଁ ବୋଲି ଗ୍ୟାରେଣ୍ଟି ଦିଅନ୍ତୁ। ଓଡ଼ିଶାରେ ଉପକୂଳ ରାଜପଥ କାମ୧୦ ବର୍ଷ ହେଲା ଆଗେଇପାରୁନାହିଁ। କୋଇଲା ରୟାଲଟି ବୃଦ୍ଧି ପାଇଁ ବାରମ୍ବାର ଅନୁରୋଧ ସତ୍ତ୍ୱେ କେନ୍ଦ୍ର ସରକାର ଶୁଣୁ ନାହାନ୍ତି। ଓଡ଼ିଶାରେ ବିପୁଳ କୋଇଲା ସମ୍ପଦ ରହିଛି, କିନ୍ତୁ ରୟାଲଟି ବାବଦରେ କେନ୍ଦ୍ର ନେଉଛି କୋଟି କୋଟି ଟଙ୍କା ଓଡ଼ିଶା ପାଉଛି କେବଳ ପ୍ରଦୂଷଣ। ଗ୍ରୀନସେସ୍ ବାବଦକୁ ଯେତିକି ନେଉଛନ୍ତି ସେଥିରେ ଓଡ଼ିଶାର ସବୁ ସ୍କୁଲ ରୂପାନ୍ତର ହୋଇଯାଇଥାନ୍ତା । ଏଥିପ୍ରତି ପ୍ରଧାନମନ୍ତ୍ରୀ ଦୃଷ୍ଟି ଦେବାର ଆବଶ୍ୟକତା ଅଛି। ଅତୀତରେ କନ୍ଧମାଳରେ ବିଜେପି ଦଙ୍ଗା କରିଥିଲା; ଆଜି ମୁଖ୍ୟମନ୍ତ୍ରୀଙ୍କ ପ୍ରଚେଷ୍ଟାରେ କନ୍ଧମାଳରେ ଶାନ୍ତି ଅଛି, ସମସ୍ତେ ଭାଇଚାରାରେ ରହିଛନ୍ତି ବୋଲି ଶ୍ରୀ ପାଣ୍ଡିଆନ କହିଛନ୍ତି ।

ଅନୁରୂପ ଭାବରେ ଅତ୍ୟନ୍ତ ବିନମ୍ରତାର ସହ ଶ୍ରୀ ପାଣ୍ଡିଆନ୍ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ କହିଛନ୍ତି ଯେ; ଜୁନ ୪ ତାରିଖରେ ନବୀନ ପଟ୍ଟନାୟକ ସରକାରଙ୍କର ଅବସାନ ଘଟିବ ବୋଲି ଆପଣ କହୁଛନ୍ତି। ପ୍ରଥମେ ଆପଣ ଦଳର ମୁଖ୍ୟମନ୍ତ୍ରୀ ଚେହେରାକୁ ଆଗକୁ ଆଣନ୍ତୁ, ଏହାପରେ ଦେଖିବେ ଓଡ଼ିଶାବାସୀ କିପରି ଉଚିତ ଜବାବ ଦେଉଛନ୍ତି। ଆମ ମୁଖ୍ୟମନ୍ତ୍ରୀ ଲୋକଙ୍କୁ ଯେଉଁ କଥା ଦିଅନ୍ତି ତାକୁ ମନେ ରଖନ୍ତି ଓ ଆନ୍ତରିକତାର ସହ ହୃଦୟରୁ ପାଳନ କରନ୍ତି। ସେଥିପାଇଁ ନବୀନ ପଟ୍ଟନାୟକ ୨୪ ବର୍ଷ ଧରି ଲୋକଙ୍କ ହୃଦୟରେ ଅଛନ୍ତି, ଲୋକଙ୍କ ହୃଦୟରୁ ତାଙ୍କୁ କେହି ବି ଦୂର କରିପାରିବେ ନାହିଁ। ନବୀନ ବାବୁ ମୁଖ୍ୟମନ୍ତ୍ରୀ ଥିବା ପର୍ଯ୍ୟନ୍ତ ଓଡ଼ିଶାବାସୀଙ୍କୁ କେବେ ବି ସେ ହଇରାଣ ହେବାକୁ ଦେବେ ନାହିଁ। ସେଥିପାଇଁ ପ୍ରତି ମାସରେ ବିଏସ୍‌କେୱାରେ ସେ ୩୦୦ କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ଅଥଚ ଭାରତ ସରକାର ସମଗ୍ର ଭାରତ ବର୍ଷ ପାଇଁ ବର୍ଷକୁ ୬ ହଜାର କୋଟି ଟଙ୍କା ରଖିଛନ୍ତି। ଗ୍ରାମାଞ୍ଚଳବାସୀଙ୍କ ସୁବିଧା ପାଇଁ ରାଜ୍ୟ ସରକାରଙ୍କ ପାଣ୍ଠିରୁ ଆମ ବ୍ୟାଙ୍କ ଖୋଲାଯାଇଛି। ଆମ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଲୋକଙ୍କ ପାଇଁ ଯାହା କରିଥାନ୍ତି ତାକୁ ଅନ୍ୟ ରାଜ୍ୟମାନେ ଅନୁସରଣ କରନ୍ତି । ଏବେ ନିର୍ବାଚନ ଆସିଲା ବିଜେପି ଦଳର ଏମ୍ଏସ୍‌ପି କଥା ମନେ ପଡ଼ିଲା, ୧୦ ବର୍ଷ ହେଲା ମନେ ପଡୁନଥିଲା। ଯଦି ଭାରତ ସରକାର ଚାହିଁଥାନ୍ତେ ତାହେଲେ ଗୋଟେ ମିନିଟରେ କରିପାରିଥାନ୍ତେ। ନିର୍ବାଚନରେ ହାରିବା ଦେଖି ଚାଷୀଙ୍କ କଥା ମନେ ପଡୁଛି। ଚାଷୀ ଆନ୍ଦୋଳନ କରି ଭାରତରେ ବହୁ ଚାଷୀ ବଳିଦାନ ଦେଇଛନ୍ତି। ଏମ୍ଏସ୍‌ପି ଯଦି ଆଗରୁ ବଢ଼େଇଥାନ୍ତେ ତେବେ ଏହା ଘଟି ନଥାନ୍ତା । ଆମ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସମସ୍ତଙ୍କ ହୃଦୟରେ ଅଛନ୍ତି, ଓଡ଼ିଶାବାସୀଙ୍କ ସୁଖଦୁଃଖରେ ଅଛନ୍ତି। ମୁଖ୍ୟମନ୍ତ୍ରୀ ସବୁବେଳେ ଲୋକଙ୍କ ପ୍ରତି ଉତ୍ତରଦାୟୀ ହୋଇ ରହିଥାନ୍ତି, ସେଥିପାଇଁ ସବୁ କାମର ସେ ହିସାବ ଦେଇଥାନ୍ତି। ଆଦିବାସୀ ଭାଇ ଭଉଣୀମାନଙ୍କୁ ସେ ବହୁତ ଭଲ ପାଆନ୍ତି। ସେମାନଙ୍କ କଳା, ସଂସ୍କୃତି ଓ ପରିଚୟର ସୁରକ୍ଷା ପାଇଁ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଗଠନ କରିଛନ୍ତି ଯାହା ଦେଶରେ ବିରଳ। ଜୁଲାଇ ମାସରୁ ଓଡ଼ିଶାର ଜନସାଧାରଣଙ୍କୁ ଆଉ ବିଜୁଳି ବିଲ ଦେବାକୁ ପଡ଼ିବ ନାହିଁ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ନବୀନ ବାବୁ ଲୋକଙ୍କୁ ବିଜୁଳୀ ମାଗଣାରେ ଦେଉଛନ୍ତି ଜାଣି ବିରୋଧୀଙ୍କୁ କରେଣ୍ଟ ଲାଗିଗଲାଣି। ବିରୋଧୀ ନିର୍ବାଚନ ସମୟରେ ଟୁରିଷ୍ଟ ଭଳି ଆସୁଛନ୍ତି, ବଡ଼ ବଡ଼ କଥା କହୁଛନ୍ତି। କିନ୍ତୁ ସେମାନଙ୍କ କଥାକୁ କେହି ବିଶ୍ୱାସ କରୁନାହାନ୍ତି। ଓଡ଼ିଶାର ଚାଷୀ, ମା' ଛାତ୍ରଛାତ୍ରୀ ଓ ସବୁବର୍ଗର ଲୋକଙ୍କ ଭଲପାଇବା ନବୀନ ବାବୁଙ୍କୁ ଶକ୍ତି ଦେଉଛି ବୋଲି ସେ କହିଛନ୍ତି। ରଘୁନାଥପାଲ୍ଲୀ ଓ ବୀରମିତ୍ରପୁରରେ ଚାଲିଥିବା ବିକାଶମୂଳକ କାର୍ଯ୍ୟର ହିସାବ ଲୋକଙ୍କୁ ସେ ଦେଇଥିଲେ, ଏବଂ ବିଜୁ ଜନତା ଦଳର କର୍ମୀର ଉଦ୍ୟମ ଓ ନିଷ୍ଠା ଆଗରେ ଦୁନିଆର ସବୁ ଶକ୍ତି ହାର ମାନିବ ବୋଲି ସେ କର୍ମୀମାନଙ୍କ ମନୋବଳ ବୃଦ୍ଧି କରିବା ପାଇଁ ଉଦବୋଧନ ଦେଇଥିଲେ। କାର୍ଯ୍ୟକ୍ରମରେ ସାଂସଦ ପ୍ରାର୍ଥୀ ଦିଲ୍ଲୀପ ତିର୍କୀ, ରଘୁନାଥପାଲ୍ଲୀ ବିଧାୟକ ପ୍ରାର୍ଥୀ ଅର୍ଚ୍ଚନା ରେଖା ବେହେରା, ବୀରମିତ୍ରପୁର ରୋହିତ ଜୋସେଫ୍ ତିର୍କୀ ଓ ବଣାଇ ବିଧାୟକ ପ୍ରାର୍ଥୀ ଭୀମସେନ୍ ଚୌଧୁରୀ ଉଦବୋଧନ ମାଧ୍ୟମରେ ସେମାନଙ୍କୁ ଭୋଟ ଦେଇ ନବୀନ ପଟ୍ଟନାୟକଙ୍କ ହାତମୁଠା ଟାଣ କରିବା ପାଇଁ ନିବେଦନ କରିଥିଲେ ।

### ୧୦ବର୍ଷ ପରେ ହେଲାନାହିଁ...

ଧରାଇ ଦେଇଛନ୍ତି କେନ୍ଦ୍ର ସରକାର। ରାଉରକେଲାରେ ମେଡ଼ିକାଲ କଲେଜ ଖୋଲାଯିବା କେବଳ ସ୍ଥାନୀୟ ପ୍ରସଙ୍ଗ ନୁହେଁ; ସମଗ୍ର ପଶ୍ଚିମ ଓଡ଼ିଶାର ସ୍ୱାର୍ଥ ସହ ଏହା ଅଙ୍ଗାଙ୍ଗୀ ଭାବରେ ଜଡ଼ିତ । ବୁର୍ଲା ମେଡ଼ିକାଲ କଲେଜ ରାଉରକେଲାଠାରୁ ୨୦୦ କିଲୋମିଟର ଦୂର । ସୁନ୍ଦରଗଡ଼ ଜିଲ୍ଲାର ପ୍ରାୟ ୨୦ ଲକ୍ଷ ଜନସାଧାରଣଙ୍କ ସହ ନିକଟବର୍ତ୍ତୀ ଜିଲ୍ଲାର ଜନସାଧାରଣ ସ୍ୱାସ୍ଥ୍ୟ ସେବା ନିମନ୍ତେ କଟକ ଓ ଭୁବନେଶ୍ୱର ଉପରେ ନିର୍ଭରଶୀଳ । ସେହିପରି ପଡ଼ୋଶୀ ଝାଡ଼ଖଣ୍ଡର ଉପାନ୍ତ ଅଞ୍ଚଳବାସୀ ରାଉରକେଲାର ଆଇଜିଏସ୍ ଓ ଅନ୍ୟାନ୍ୟ ଡ଼ାକ୍ତରଖାନା ଉପରେ ନିର୍ଭର କରିଥାଆନ୍ତି । ଏହାକୁ ଦୃଷ୍ଟିରେ ରଖି ସ୍ଥାନୀୟ ଜନସାଧାରଣ ବିଭିନ୍ନ ସମୟରେ ରାଉରକେଲାରେ ମେଡ଼ିକାଲ କଲେଜ ସ୍ଥାପନ ନିମନ୍ତେ ଦାବି କରି ଆସିଛନ୍ତି । ବିଭିନ୍ନ ଶ୍ରମିକ ସଂଗଠନ, ସାମାଜିକ ଅନୁଷ୍ଠାନ ସହ ରାଉରକେଲା ବଣିକ ସଂଘ ମଧ୍ୟ ବିଭିନ୍ନ ସମୟରେ ଏହି ପ୍ରସଙ୍ଗକୁ ଉଠାଇଛନ୍ତି । ୨୦୧୪ରେ ସୁନ୍ଦରଗଡ଼ ଲୋକସଭା ଆସନ ଓ ରାଉରକେଲା ବିଧାନସଭା ଆସନରେ ବିଜେପିର ବିଜୟ ପଛରେ ଏହି ମେଡ଼ିକାଲ କଲେଜ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା । ରାଉରକେଲା ଆଇଜିଏସର୍‌କୁ ମେଡ଼ିକାଲ କଲେଜ କରାଯିବ ବୋଲି ଖୋଦ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଘୋଷଣା ସ୍ଥାନୀୟ ଜନସାଧାରଣଙ୍କୁ ଉତ୍ସାହିତ କରିଥିଲା। ମାତ୍ର ରହସ୍ୟମୟ ଭାବରେ ଏହି ମେଡ଼ିକାଲ କଲେଜ ଘୋଷଣାରୁ ଓହରି ଯାଇଛନ୍ତି କେନ୍ଦ୍ର ସରକାର । ଯାହାର ପ୍ରତିବାଦ କରି ୨୦୧୯ ନିର୍ବାଚନର ଅବ୍ୟବହିତ ପୂର୍ବରୁ ତତ୍‌କାଳୀନ ବିଜେପି ବିଧାୟକ ଦିଲ୍ଲୀପ ରାୟ ବିଜେପିରୁ ଇସ୍ତଫା ଦେଇଥିଲେ। ଇତିମଧ୍ୟରେ ଢ଼େର ବର୍ଷ ବିତିଯାଇଛି, ମାତ୍ର ଆଇଜିଏର୍‌ରେ ମେଡ଼ିକାଲ କଲେଜ ହୋଇ ପାରିନାହିଁ। ବରଂ ମେଡ଼ିକାଲ କଲେଜ ବଦଳରେ ଆଇଜିଏର୍‌କୁ ସୁପର ସ୍ପେସାଲିଟିର ଲଲିପପ୍ ଧରାଇ ଦେଇଛନ୍ତି । ଯାହାକୁ ନେଇ ବିଭିନ୍ନ ସମୟରେ ରାଜ୍ୟ ସରକାର ନିରାଶା ବ୍ୟକ୍ତ କରିଛନ୍ତି । ଆଇଜିଏର୍‌କୁ ମେଡ଼ିକାଲ କଲେଜ କରିବାକୁ ଦାବି କରିଛନ୍ତି । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କେନ୍ଦ୍ର ସରକାରଙ୍କୁ ଓ ରାଜ୍ୟ ଖଣି ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ ତତ୍‌କାଳୀନ ଇସ୍ପାତ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ ଏହାକୁ କାର୍ଯ୍ୟକାରୀ କରାଗଲା ନାହିଁ। ଏପରିକି ସୁନ୍ଦରଗଡ଼ରେ ରାଜ୍ୟର ଦ୍ୱିତୀୟ ଏମ୍ସ ସ୍ଥାପନ ନିମନ୍ତେ ମୁଖ୍ୟମନ୍ତ୍ରୀ କେନ୍ଦ୍ର ନିକଟରେ କରିଥିବା ଦାବି ମଧ୍ୟ ଏଯାଏ ଝୁଲି ରହିଛି । ସୁନ୍ଦରଗଡ଼ ଓ ରାଉରକେଲା ଏକ ଆଦିବାସୀ ବହୁଳ ଅଞ୍ଚଳ। ଏହି ଜିଲ୍ଲାରୁ ବହୁ ପରିମାଣର ଲୁହା ପଥର, ଖଣି, କୋଇଲା ଏବଂ ଲକ୍ଷ ଲକ୍ଷ ଲୋକଙ୍କ ପରିଶ୍ରମ ବଳରେ ଦେଶର ଆର୍ଥିକ ପ୍ରଗତି ହେଉଛି। ରାଉରକେଲା ଇସ୍ପାତ କାରଖାନା ଆଜି ଯଦି ଦେଶ ବିଦେଶରେ ସୁନାମ ଅର୍ଜନ କରିଛି ତାହା କେବଳ ସୁନ୍ଦରଗଡ଼ ଏବଂ ରାଉରକେଲାବାସୀଙ୍କ ଅବଦାନ ପାଇଁ ସମ୍ଭବ ହୋଇଛି। ଆଇଜିଏର୍ ଏକ ମେଡିକାଲ କଲେଜ ହୋଇଥିଲେ ଆଖ ପାଖ ଅଞ୍ଚଳର ବହୁ ଲୋକ ବିଶେଷଭାବେ ଉପକୃତ ହୋଇଥାନ୍ତେ। ଗତ ୧୦ ବର୍ଷ ଧରି ସୁନ୍ଦରଗଡ଼ରେ ବିଜେପିର ସାଂସଦ ଅଛନ୍ତି । କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କିଛିକାଳ ଇସ୍ପାତ ମନ୍ତ୍ରଣାଳୟର ଦାୟିତ୍ୱ ମଧ୍ୟ ନେଇଥିଲେ। ଖୋଦ୍ ପ୍ରଧାନମନ୍ତ୍ରୀ ମେଡ଼ିକାଲ କଲେଜ ସ୍ଥାପନ ପାଇଁ ମଧ୍ୟ ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ଏହା ସତ୍ତ୍ୱେ ରାଉରକେଲା ଆଇଜିଏର୍‌ରେ ମେଡ଼ିକାଲ କଲେଜ ସ୍ଥାପନ ହୋଇ ପାରିଲା ନାହିଁ ।

**ଆମ୍ବ ପରବ ବେଳର ବଚସାରୁ ହତ୍ୟାକାଣ୍ଡ**

## ଦାଦାର ଗଳା କାଟି ହତ୍ୟା କଲା ପୁତୁରା

**ଏମଭି ୭୯/କାଲିମେଲା, ୧୧।୫ (ସମିସ):** ଆମ୍ବ ପରବ ପୂଜା ପାଇଁ ଘରେ ଥିଲା ଉତ୍ସବର ମାହୋଲ। ଏହି ସମୟରେ କୌଣସି କଥାକୁ ନେଇ ଦାଦା-ପୁତୁରାଙ୍କ ମଧ୍ୟରେ ବଚସା ହେବାରୁ ଉତ୍‌କ୍ଷିପ୍ତ ହୋଇ ପୁତୁରା ତାଳକଟା କାତିରେ ଦାଦାର ଗଳାକାଟି ହତ୍ୟା କରିଦେଲା। ଏଭଳି ଲୋମଟାଙ୍କୁରା ଘଟଣା ଦେଖିବାକୁ ମିଳିଛି ଏମ୍‌ଭି ୭୯ ଥାନା ତେଲରାଇ ପଞ୍ଚାୟତ ଅନ୍ତର୍ଗତ ଇପିଗୁଡ଼ା ଗ୍ରାମରେ।

ସୂଚନା ମୁତାବକ, ଶନିବାର ସକାଳୁ ଏହି ଗ୍ରାମରେ ଆଦିବାସୀ ସମ୍ପ୍ରଦାୟଙ୍କ ଆମ୍ବ ପରବ ଅବସରରେ ପୂଜା ଚାଲିଥିଲା। ଏହି ସମୟରେ ଗ୍ରାମର ମୁକା ପଡ଼ିଆମି (୪୨) ଓ ତାଙ୍କ ପୁତୁରା ରାମା ପଡ଼ିଆମିଙ୍କ ମଧ୍ୟରେ କୌଣସି କାରଣରୁ ବଚସା ହୋଇଥିଲା। ବହୁ ସମୟ ଧରି ଉଭୟଙ୍କ ମଧ୍ୟରେ ବଚସା ସହ ଟଣାଓଟରା ହୋଇଥିଲା। ଏଥିରେ ରାମା ଉତ୍‌କ୍ଷିପ୍ତ ହୋଇ ମୁକାଙ୍କ ଗଳାକୁ ଚାପି ଧରି ଏକ ତାଳକଟା କାତି ସାହାଯ୍ୟରେ ଗଳା କାଟି ଶରୀରରୁ ମୁଣ୍ଡକୁ ଅଲଗା କରିଦେଇଥିଲା। ହତ୍ୟାକାଣ୍ଡ ଏତେ ଜଘନ୍ୟ ଥିଲା ଯେ ମୁକାଙ୍କ ଗଳା କଟିବା ପରେ ଶରୀର ଛାଟିପିଟି ହୋଇ ମୁଣ୍ଡଠାରୁ ପ୍ରାୟ ୧୨ରୁ ୧୫ ଫୁଟ୍ ଦୂରରେ ଛିଟିକି ପଡ଼ିଥିଲା। ଏଭଳି ଲୋମଟାଙ୍କୁରା ହତ୍ୟାକାଣ୍ଡ ଦେଖି ଗ୍ରାମବାସୀ ଭୟଭୀତ ହୋଇଯାଇ ଏଣେତେଣେ ଲୁଚି ଯାଇଥିଲା ବେଳେ ହତ୍ୟାକାରୀ ରାମା ମଧ୍ୟ କିଛି ସମୟ ଚିତ୍କାର କରି ନିଜ ଘରେ ଲୁଚି ରହିଥିଲା। ଖବର ପାଇ ଏମଭି ୭୯ ଥାନାର ସବ ଇନ୍ସପେକ୍ଟର ବୁଲୁ ପଟ୍ଟନାୟକ ଏକ ଟିମ ନେଇ ଗ୍ରାମରେ ପହଞ୍ଚିବା ସହ ରାମାର ଘରକୁ ଚାରିପଟୁ ଘେରଉ କରି ତାକୁ ଗିରଫ କରିଥିଲେ।

## ବାପା-ମା' ଛେଉଣ୍ଡ ଶିଶୁଙ୍କୁ ସହଯୋଗର ହାତ ବଢ଼ାଇଲେ ପ୍ରଣବ ପ୍ରକାଶ



**ସମ୍ବଲପୁର, ୧୧।୫(ସମିସ):** ନେତାଙ୍କ ପାଇଁ ଜନତା ନୁହେଁ, ଜନତାଙ୍କ ପାଇଁ ନେତା। କିଛି ଦିନ ତଳେ ଏକଥା କହିଥିବା ଲୋକପ୍ରିୟ ନେତା ପ୍ରଣବ ପ୍ରକାଶ ବାପା-ମା' ଛେଉଣ୍ଡ ଶିଶୁଙ୍କୁ ସହଯୋଗର ହାତ ବଢ଼ାଇ ପୁଣିଥରେ ମାନବିକତା ଦେଖାଇଛନ୍ତି। ଗତ ୯ତାରିଖ ଦିନ ପ୍ରଣବ ପ୍ରଚାର ପାଇଁ ସମ୍ବଲପୁରର ବିହାରି ପଡ଼ାକୁ ଯାଇଥିବା ସମୟରେ ସେମାନଙ୍କ ବିଷୟରେ ଜାଣିବାକୁ ପାଇଥିଲେ। ରାଣୀ କୁମାରୀ, ରାଗିନୀ କୁମାରୀ, ଚାହତ କୁମାରୀ ଓ ଅର୍ଣ୍ଣବ ସାହୁ। ଏହି ଚାରି ଭାଇଭଉଣୀଙ୍କର ବାପା ମା' ସଂସାର ଛାଡ଼ି ଚାଲିଯାଇଛନ୍ତି। ଚାରି ଶିଶୁଙ୍କ ବାପା ରବୀନ୍ଦ୍ର ପ୍ରସାଦଙ୍କ ଦେହାନ୍ତ ପୂର୍ବରୁ ହୋଇଥିବା ବେଳେ ଗତ କିଛିଦିନ ତଳେ ମା' ପୁନମ ଦେବୀଙ୍କ ଦେହାନ୍ତ ହୋଇଥିଲା। ବାପା ମା' ଛେଉଣ୍ଡ ହେବା ପରେ ତାଙ୍କ ସମ୍ପର୍କୀୟ ମାଉସୀ ଶୋଭାଦେବୀଙ୍କ ପାଖରେ ସେମାନେ ରହୁଛନ୍ତି। ଏକଥା ପ୍ରଣବ ଜାଣିବା ପରେ ନିଜକୁ ସମ୍ଭାଳି ପାରି ନଥିଲେ। ସମାଜସେବୀ ସିଦ୍ଧାର୍ଥ ଶାହାଙ୍କ ସହିତ କଥାବାର୍ତ୍ତା କରି ସେମାନଙ୍କ ସହଯୋଗ କରିବାକୁ କହିଥିଲେ। ପ୍ରଣବ ପ୍ରକାଶଙ୍କ ନିବେଦନ କ୍ରମେ ଶ୍ରୀ ଶାହା ଓ ତାଙ୍କର ଟିମ୍ ବିହାରୀପଡ଼ା ଯାଇ ଶିଶୁମାନଙ୍କୁ ଭେଟିଥିଲେ। ସେମାନଙ୍କ ପାଠପଢ଼ା ଓ ଅନ୍ୟାନ୍ୟ ସୁବିଧା ସହଯୋଗ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଏହି ସମୟରେ ଦୁଲାଲ ଚନ୍ଦ୍ର ରାୟ, ଭଗତ ଶର୍ମା, ଡଲି ସାହୁ, ଜିତୁ ଗଡ଼ଲି, ନମନ ସିଂ, ଟାଇଗର, ପିଣ୍ଟୁ, ରାଜା, ଶିବ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ପ୍ରଣବ ପ୍ରକାଶଙ୍କର ସହଯୋଗ ପାଇଁ ସମସ୍ତେ ତାଙ୍କୁ ଧନ୍ୟବାଦ ଜଣାଇଛନ୍ତି। ସମ୍ବଲପୁର ପାଇଁ ଏଭଳି ଜଣେ ଦରଦୀ ନେତା ଦରକାର ବୋଲି ଏବେ ଚାରିଆଡ଼େ ଆଲୋଚନା ହେଉଛି।

## କୋରାପୁଟ୍ ସର୍କଲ ଜେଲ୍‌ରେ ମହିଳା କଏଦୀଙ୍କ ନାଗିନ୍ ଡ୍ୟାନ୍ସ

**ଭୁବନେଶ୍ୱର, ୧୧।୫(ସମିସ):** କୋରାପୁଟ ସର୍କଲ ଜେଲ୍ ଭିତରେ ମହିଳା କଏଦୀଙ୍କ ନାଗିନ୍-ଡ୍ୟାନ୍ସ। ଏହାର ଏକ ଭିଡିଓ ଏବେ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ଜେଲ୍ ବିଭାଗ ଅଡୁଆରେ ପଡ଼ିଛି। ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ଏ ସଂପର୍କରେ ଏକାଧିକ ବ୍ୟକ୍ତି ଅଭିଯୋଗ କରିବା ପରେ ଜେଲ ବିଭାଗ ଖୋଳତାଡ଼ ଆରମ୍ଭ କରିଛି। ଏହି ଭିଡିଓ ହୋଲିରେ ରେକର୍ଡ ହୋଇଥିବା ଜଣାପଡୁଛି। ତେବେ ଜେଲ୍ ଭିତରକୁ କିଏ ମୋବାଇଲ୍ ନେଇ ଏଭଳି ଭିଡିଓ ରେକର୍ଡିଂ କଲା, ତାହାକୁ ନେଇ ପ୍ରଶ୍ନ ଉଠୁଛି। ଭିଡିଓରେ ଜଣେ ମହିଳା କଏଦୀ ନାଗିନ୍ ଡ୍ୟାନ୍ସ କରୁଥିବା ବେଳେ ଅନ୍ୟ ମହିଳା କଏଦୀମାନେ ତାଳିମାରି ଏହାର ମଜା ନେଉଛନ୍ତି। ଅପରପକ୍ଷେ ଅନ୍ୟ ଜଣେ କଏଦୀ ଏହାର ଭିଡିଓ କରୁଥିବା ଦେଖିବାକୁ ମିଳୁଛି।

**୩୦ଜିଲ୍ଲାରେ ରାଷ୍ଟ୍ରୀୟ ଲୋକ ଅଦାଲତ**

## ୧, ୪୮, ୮୨୦ ମାମଲାର ଫଇସଲା

**କଟକ, ୧୧।୫(ସମିସ)** ଜାତୀୟ ଆଇନ ସେବା ପ୍ରାଧିକରଣ ପକ୍ଷରୁ ରାଜ୍ୟ ଆଇନ ସେବା ପ୍ରାଧିକରଣ ଆନୁକୂଲ୍ୟରେ ରାଜ୍ୟବ୍ୟାପୀ ୩୦ଗୋଟି ଜିଲ୍ଲା ଓ ବିଭିନ୍ନ ତାଲୁକସ୍ତରରେ ଆଜି ଚଳିତ ବର୍ଷର ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ ୧, ୪୮, ୮୨୦ଟି ମାମଲା ଫଏସଲା ହୋଇଛି ଓ ମୋଟ ୧୨୭,୬୪,୮୪, ୧୯୨ଟଙ୍କା କ୍ଷତିପୂରଣ ରାଶି ସ୍ଥିରୀକୃତ ହୋଇଛି। ଏଥି ମଧ୍ୟରେ ପ୍ରାକ୍ ମକଦ୍ଦମାସ୍ତରୀୟ ୪୫୫୧ଟି ମାମଲା ଓ ବିଚାରାଧୀନ କୋର୍ଟ ମାମଲା ୧୧୭୫୨ଟି ଓ ୧, ୩୨, ୫୧୭ଟି ରାଜସ୍ୱ ମାମଲା ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ଫଏସଲା କରାଯାଇଛି। ଫଏସଲା ହୋଇଥିବା ବିଚାରାଧୀନ ମାମଲାଗୁଡ଼ିକ ମଧ୍ୟରେ ୨୮୫ଟି ଫୌଜଦାରୀ (କ୍ରିମିନାଲ କମ୍ପାଉଣ୍ଡେବଲ), ଏନଆଇ ଆକ୍ଟ ମାମଲା ୧୩୨୮ଟି, ଋଣ ଅସୁଲି ମାମଲା ୭୪୪ଟି, ୬୨୦ଟି ବ୍ୟାଙ୍କ ଋଣ, ୬୦୧ଟି ମୋଟରଯାନ ଦୁର୍ଘଟଣାଜନିତ, ୫୧୩ଟି ପାରିବାରିକ ଓ ବୈବାହିକ ବିବାଦ, ୮ଟି ଜମି ଅଧିଗ୍ରହଣ ବିବାଦ, ୨୩ଟି ବିଦ୍ୟୁତ, ଜଳ ବିଲ୍ ସମ୍ପର୍କିତ, ୪୯ଟି ଶ୍ରମ ଓ ନିୟୋଜନ ସମ୍ପର୍କିତ, ୧, ୩୨, ୫୧୭ଟି ରାଜସ୍ୱ ମାମଲା ୭ଟି ଚାକିରି, ଖାଉଟି ମାମଲା ୨୧ଟି, ୭ଟି ରାଜ୍ୟ ଶିକ୍ଷା ଟ୍ରିବ୍ୟୁନାଲ ମାମଲା, ଗୋଟିଏ ଇଣ୍ଡଷ୍ଟ୍ରିଆଲ ଟ୍ରିବ୍ୟୁନାଲ ମାମଲା, ୧୩୩୮ଟି ଅନ୍ୟାନ୍ୟ ଦେୱାନୀ ମାମଲା ଓ ୬୮୩୫ଟି ଅନ୍ୟାନ୍ୟ ଅପରାଧିକ ମାମଲା ଅନ୍ତର୍ଭୁକ୍ତ ବୋଲି ରାଜ୍ୟ ଆଇନସେବା ପ୍ରାଧିକରଣ ପକ୍ଷରୁ ସୂଚନା ଦିଆଯାଇଛି।

ହାଇକୋର୍ଟ ମୁଖ୍ୟ ବିଚାରପତି ତଥା ରାଜ୍ୟ ଆଇନ ସେବା ପ୍ରାଧିକରଣର ମୁଖ୍ୟ ପୃଷ୍ଠପୋଷକ ଜଷ୍ଟିସ ଚକ୍ରଧାରୀ ଶରଣ ସିଂହ ଓ ବିଚାରପତି ତଥା ଓଡ଼ିଶା ରାଜ୍ୟ ଆଇନ ସେବା ପ୍ରାଧିକରଣର କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ଜଷ୍ଟିସ ବିଦ୍ୟୁତ ରଞ୍ଜନ ଷଡଙ୍ଗୀଙ୍କ ପ୍ରତ୍ୟକ୍ଷ ମାର୍ଗଦର୍ଶନରେଏହି ଲୋକ ଅଦାଲତ ରାଜ୍ୟର ବିଭିନ୍ନ ଜିଲ୍ଲା, ତାଲୁକ ଓ ଟ୍ରିବ୍ୟୁନାଲ ସ୍ତରରେ ଅନୁଷ୍ଠିତ ହୋଇଥିଲା।


**AFFIDAVIT**

I, Saraswati Sahoo, aged about 53 years, W/o- Sibabrata Behera, resident of At /Po. Bandhatia, P.s. - Dhamnagar, Dist.- Bhadrak, Odisha-756117, declare by this affidavit No.658 dt-10.05.2024 that now onwards I shall be known as **Saraswati Sahoo** for all future purposes.

**AFFIDAVIT**

I, Mani Baid, W/o- Arvind Baid, resident of Baid Mansion,Kath-agoda sahi, Po/Ps- Purighat,Dist- Cuttack,Odisha, Pin-753001, declare by this affidavit no. 64AA176635 Dtd. 30/10/2023 that now onwards I shall be known as **MANI BOTHRA** for all future purposes.

**AFFIDAVIT**

By virtue of an affidavit before the Notary Public, Bargarh, I, Bhubaneswar Padhan, S/o- Seshadeb Padhan, resident of Bandhapali, P.O.- Ghess, P.S.- Melchhamunda, Dist.- Bargarh state that my father's name is **"Seshadeb Padhan"**. but inadvertently my father's name is mentioned as Shesadev Padhan in my educational certificates. Hence **Seshadeb Padhan** and **Shesadev Padhan** is one and same person. My father will be known as **Seshadeb Padhan** in all instant and purposes.

केनरा बैंक Canara Bank | सिंडिकेट Syndicate

ଅଞ୍ଚଳ କାର୍ଯ୍ୟାଳୟ, ପ୍ଲଟ୍ ନଂ.: ୧୫୫୬(ଅଂଶ) ଏବଂ ପ୍ଲଟ୍ ନଂ.: ୧୫୬୧(ଅଂଶ), ଜାଗମରା, ଖଣ୍ଡଗିରି, ଭୁବନେଶ୍ୱର-୭୫୧୦୩୦, ଫୋନ୍ ନଂ: ୦୬୭୪-୨୩୫୩୧୨୦

**ଦଖଲ ନୋଟିସ୍**
(ସ୍ଥାବର ସମ୍ପତ୍ତିଗୁଡିକ ନିମନ୍ତେ)

ନିମ୍ନସ୍ୱାକ୍ଷରକାରୀ **କାନାରା ବ୍ୟାଙ୍କର** କ୍ଷମତାପ୍ରାପ୍ତ ଅଧିକାରୀ, ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟ୍‌ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩(୧୨) ଏବଂ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ୍ ୩ ରେ ପ୍ରଦାନ କରାଯାଇଥିବା କ୍ଷମତା ପ୍ରୟୋଗ କରାଯାଇ ନିମ୍ନ ପ୍ରଦତ୍ତ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତାମାନଙ୍କୁ ଡିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ପ୍ରଦତ୍ତ ରାଶି ସହିତ ସୁଧ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ ୬୦ ଦିନ ମଧ୍ୟରେ ପରିଶୋଧ କରିବାକୁ କୁହାଯାଇଥିଲା । ଯେହେତୁ, ଋଣଗ୍ରହୀତା ଋଣ ପରିଶୋଧ କରିବାରେ ବିଫଳ ହେଲେ ତେଣୁ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତା ଏବଂ ସର୍ବସାଧାରଣଙ୍କୁ ଏହି ନୋଟିସ୍ ମାଧ୍ୟମରେ ଜଣାଇ ଦିଆଯାଉଛି କି ଏହି ଆକ୍ଟର ଧାରା ୧୩(୪)ସହିତ କଥିତ ରୁଲ୍ସର ରୁଲ୍ ୮ ଏବଂ ୯ ଅନୁଯାୟୀ ପ୍ରଦତ୍ତ କ୍ଷମତାବଳରେ ନିମ୍ନସ୍ୱାକ୍ଷରକାରୀ ନିମ୍ନ ପ୍ରଦତ୍ତ ସମ୍ପତ୍ତିକୁ **ଦଖଲ** କରିଛନ୍ତି । ଏତଦ୍‌ଦ୍ୱାରା ବିଶେଷ କରି ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତା ଏବଂ ସର୍ବସାଧାରଣଙ୍କୁ ସତର୍କ କରାଇ ଦିଆଯାଉଛି କି, ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଯଦି ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର କରନ୍ତି, ତେବେ **କାନାରା ବ୍ୟାଙ୍କର, ଦିଗପହଣ୍ଡି ଶାଖା** ନିକଟରେ ନିମ୍ନଲିଖିତ ବକେୟା ରାଶି ସହିତ ସେବାବଦ ସୁଧ ଏବଂ ଖର୍ଚ୍ଚ ପାଇଁ ଉତ୍ତରଦାୟୀ ରହିବେ। **ଏତଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି ସରଫେଶୀ ଆକ୍ଟର ଧାରା ୧୩(୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।**

| ଦିଗପହଣ୍ଡି ଶାଖା / ଋଣଗ୍ରହୀତା/ ଗ୍ୟାରେଣ୍ଟିଦାତାମାନଙ୍କ ନାମ ଓ ଠିକଣା | (କ) ସ୍ଥାବର ସମ୍ପତ୍ତିଗୁଡିକର ସଂପୂର୍ଣ୍ଣ ବିବରଣୀ / (ଖ)ଧାରା ୧୩(୨) ନୋଟିସ୍ ତାରିଖ / (ଗ) ଧାରା ୧୩ (୪) ନୋଟିସ୍ ତାରିଖ / (ଘ) ବକେୟା ପରିମାଣ |
|---|---|
| ଋଣଗ୍ରହୀତା: ଶ୍ରୀମତୀ ବଡ଼ପିଲି ସରସ୍ୱତୀ ପାତ୍ର, ସ୍ୱାମୀ: ବଡ଼ପିଲି ତ୍ରିନାଥ ପାତ୍ର / ଗ୍ୟାରେଣ୍ଟିଦାତା: ଶ୍ରୀ ବଡ଼ପିଲି ତ୍ରିନାଥ ପାତ୍ର, ପିତା: ବଡ଼ପିଲି ମାଗୁଣି ପାତ୍ର, ଉଭୟଙ୍କ ଠିକଣା- ସା: ଗୁଣ୍ଡପଡା, ପୋ: ଗୁହାଳପୁର, ଥାନା: ଦିଗପହଣ୍ଡି, ଜିଲ୍ଲା: ଗଞ୍ଜାମ, ଓଡିଶା, ପିନ୍-୭୬୧୦୦୭ | କ) ଶ୍ରୀ ବଡ଼ପିଲି ତ୍ରିନାଥ ପାତ୍ରଙ୍କ ନାମରେ ଥିବା ଜମି ଏବଂ ଗୃହ ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୨୧୦, ପ୍ଲଟ୍ ନଂ.: ୪୨୧, କ୍ଷେତ୍ର: ଏକର୦.୦୬୪ ଡିସିମିଲି, ମୌଜା: ଗୁଣ୍ଡପଡା, ତହସିଲ: ଦିଗପହଣ୍ଡି, ଜିଲ୍ଲା: ଗଞ୍ଜାମ, ରାଜ୍ୟ: ଓଡିଶା, ଏହାର ଚାରିପାର୍ଶ୍ୱରେ ଉତ୍ତର: ରାସ୍ତା, ଦକ୍ଷିଣ: ରାସ୍ତା, ପୂର୍ବ: ଗୁଣ୍ଡ ଚନ୍ଦ୍ରମଣୀ ପାତ୍ରଙ୍କ ଗୃହ, ପଶ୍ଚିମ: ନରସିଂହ ପାତ୍ରଙ୍କ ଘରବାରୀ / ଖ) ୦୩.୦୨.୨୦୨୪ / ଗ) ୦୯.୦୫.୨୦୨୪/ ଘ) ୦୩.୦୨.୨୦୨୪ ସୁଦ୍ଧା ଟ.୬,୩୭,୮୦୭.୪୭ (ଛଅ ଲକ୍ଷ ସଇଁତିରିଶ ହଜାର ଆଠ ଶହ ସାତ ଟଙ୍କା ଏବଂ ସତଚାଳିଶ ପଇସା ମାତ୍ର) ଏବଂ ସେବାବଦ ସୁଧ ଓ ଅନ୍ୟାନ୍ୟ ଖର୍ଚ୍ଚ। |

ସ୍ଥାନ: ଭୁବନେଶ୍ୱର
ତାରିଖ: ୧୦.୦୫.୨୦୨୪

ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ
କାନାରା ବ୍ୟାଙ୍କ

# ୩୬ତମ ଏବିଏସ୍‌ଏସ୍ ଶୀତଳ ଷଷ୍ଠୀ



**ବଲାଙ୍ଗିର, ୧୧।୫(ସମିସ):** ୩୬ତମ ଏବିଏସ୍‌ଏସ୍ ଶୀତଳ ଷଷ୍ଠୀ ଯାତ୍ରାର ଥାଳ ଉଠିଲା। ସିଦ୍ଧେଶ୍ୱର ବାବାଙ୍କର ନୃସିଂହ ମନ୍ଦିର ପ୍ରାଙ୍ଗଣରେ କନ୍ୟାପିତା ଗୋପାଳ ବରାଇ ଓ ତାଙ୍କର ଧର୍ମପତ୍ନୀ ସୁଷମା ବରାଇ, ବରପିତା ସନ୍ତୋଷ ପଟ୍ଟନାୟକ ଓ ତାଙ୍କ ଧର୍ମପତ୍ନୀ ସ୍ୱସ୍ତିରେଖା ନାୟକ କର୍ତ୍ତା ଭାବେ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହିଥିଲେ। ସଭାପତି ସମୀର ସାହାଣି, ଉପସଭାପତି ବଳରାମ ରାଉତ, ସମ୍ପାଦକ ବଣ୍ଟି ମିଶ୍ର, ସହ-ସମ୍ପାଦକ ଦୁଷ୍ମନ୍ତ ଚୋପଦାର, କୋଷାଧ୍ୟକ୍ଷ ସଞ୍ଜୀବ ସାହୁ, ପିଙ୍କୁ, ଅନାଦି, ବେଲାର, କୁନୁ, ବିକି, ବବୁଲୁ, ସିବା, ସୁରଞ୍ଜିତ ସାହାଣୀ, ଗୁରୁବାବୁ, ନିର, ବିଭୁ, ସୋନୁ, ଦେବାଶିଷ ପୁରୋହିତଙ୍କ ସହିତ ପଡ଼ାର ବହୁ ପୁରୁଷ ଓ ମହିଳା ଉପସ୍ଥିତ ଥିଲେ।

# ପ୍ରଚାରରେ ଆଜି ଆସୁଛନ୍ତି ନବୀନ

**ବଲାଙ୍ଗିର, ୧୧।୫(ସମିସ)**

ନିର୍ବାଚନ ପୂର୍ବରୁ ବଲାଙ୍ଗିରରେ ଦୁଇ ପ୍ରମୁଖ ରାଜନୈତିକ ଦଳ ବିଜେଡି ଓ ବିଜେପିର ହାଇଭୋଲଟେଜ୍ ପ୍ରଚାର। ଶନିବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବିଜେପି ପ୍ରାର୍ଥୀମାନଙ୍କ ପାଇଁ ପ୍ରଚାର କରିଥିବାବେଳେ ରବିବାର ଆସୁଛନ୍ତି ମୁଖ୍ୟମନ୍ତ୍ରୀ ତଥା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ। ସେ ନିଜେ ଚଳିତ ସାଧାରଣ ନିର୍ବାଚନରେ ବଲାଙ୍ଗିର ଜିଲ୍ଲା କଣ୍ଟାବାଞ୍ଜି ବିଧାନସଭା ଆସନରୁ

## ସିନ୍ଧେକେଲା, ମୁରିବାହାଲ ଓ ବଲାଙ୍ଗିରରେ ନିର୍ବାଚନୀ ସଭା

ନିର୍ବାଚନ ଲଢୁଛନ୍ତି। ତାଙ୍କର ଏହି ଗସ୍ତରେ ସେ ତିନୋଟି ନିର୍ବାଚନୀ ସଭାରେ ଯୋଗଦେଇ ବିଜେଡି ପ୍ରାର୍ଥୀମାନଙ୍କ ଭୋଟ୍ ମାଗିବେ। ତାଙ୍କର ଏହି ଗସ୍ତକୁ ନେଇ ବଲାଙ୍ଗିର ଜିଲ୍ଲା ପୁଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ଜିଲ୍ଲାରେ ତିନୋଟି ସଭା ସାରିବା ପରେ ସେ ଏଠାରେ ବିଶ୍ରାମ କରିବାର ମଧ୍ୟ ବ୍ୟବସ୍ଥା ରହିଛି। କୋଶଳ କଳାମଣ୍ଡପ ପଡ଼ିଆରେ ଅନୁଷ୍ଠିତ ହେଉଥିବା ଏହି ନିର୍ବାଚନୀ ସଭାରେ ବଲାଙ୍ଗିର ଲୋକସଭା ପ୍ରାର୍ଥୀ ସୁରେନ୍ଦ୍ର ସିଂ ଭୋଇ, ସଦର ବିଧାୟକ ପ୍ରାର୍ଥୀ କଳିକେଶ



ନାରାୟଣ ସିଂହଦେଓ, ଲୋଇସିଂହା ବିଧାୟକ ପ୍ରାର୍ଥୀ ନିହାର ରଞ୍ଜନ ବେହେରା। ଟିଟିଲାଗଡ଼ ବିଧାୟକ ପ୍ରାର୍ଥୀ ଟୁକୁନି ସାହୁ, ପାଟଣାଗଡ଼ ବିଧାୟକ ପ୍ରାର୍ଥୀ ସରୋଜ ମେହେର, ସୋନପୁର ବିଧାୟକ ପ୍ରାର୍ଥୀ ନିରଞ୍ଜନ ପୂଜାରୀ ଓ ବୀରମହାରାଜପୁର ବିଧାୟକ ପ୍ରାର୍ଥୀ ପଦ୍ମନାଭ ବେହେରାଙ୍କ ପାଇଁ ଭୋଟଭିକ୍ଷା କରିବେ।

ସୂଚନା ଅନୁସାରେ ସକାଳ ୯.୫୫ରେ ମୁଖ୍ୟମନ୍ତ୍ରୀ ହେଲିକପ୍ଟରରେ ବାହାରି ୧୦.୪୦ରେ ଉତ୍କେଳା ଏୟାରଷ୍ଟ୍ରିପରେ ପହଞ୍ଚିବେ। ସେଠାରୁ ପୁଣି ବାହାରି ସେ ୧୧ଟାରେ କଣ୍ଟାବାଞ୍ଜି ବିଧାନସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ବଙ୍ଗୋମୁଣ୍ଡା ବ୍ଲକ ସିନ୍ଦେଧକେଲା ରେ ଅନୁଷ୍ଠିତ ନିର୍ବାଚନୀ ସଭାରେ ଯୋଗଦେବେ। ସେଠାରୁ ୧୧.୪୦ ରେ ବାହାରି ମୁରିବାହାଲ ଗଉଁଣ ପଡ଼ିଆରେ ଅନୁଷ୍ଠିତ ନିର୍ବାଚନୀ ସଭାରେ ଯୋଗଦେଇ ନିଜ ପାଇଁ ପ୍ରଚାର କରିବା ସହ ସମର୍ଥନ ଭିକ୍ଷା କରିବେ। ମୁରିବାହାଲ କାର୍ଯ୍ୟକ୍ରମ ସରିବା ପରେ ୧୨.୩୦ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବଲାଙ୍ଗିର ଅଭିମୁଖେ ବାହାରିବେ। ଅପରାହ୍ନ ୧୨.୫୦ରେ ପହଞ୍ଚି ବଲାଙ୍ଗିର କୋଶଳ କଳାମଣ୍ଡପ ପଡ଼ିଆରେ ଅନୁଷ୍ଠିତ ନିର୍ବାଚନୀ ସଭାରେ ଯୋଗଦେଇ ବିଜେଡି ପ୍ରାର୍ଥୀଙ୍କୁ ବିପୁଳ ଜନ ସମର୍ଥନ ଦେବାକୁ ନିବେଦନ କରିବେ। ୧.୩୫ ରେ ବଲାଙ୍ଗିର ନିର୍ବାଚନୀ ସଭା ସମାପ୍ତ କରି ମୁଖ୍ୟମନ୍ତ୍ରୀ ସର୍କିଟ୍ ହାଉସକୁ ଯିବେ। ସେଠାରେ ବିଶ୍ରାମ କରିବା ପରେ ୩.୩୦ ରେ ସେ ବରଗଡ଼ ଅଭିମୁଖେ ଗସ୍ତ କରିବେ ବୋଲି ଜଣାପଡ଼ିଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଏହି ଗସ୍ତକୁ ନେଇ ଜିଲ୍ଲା ପୁଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ତିନୋଟି ସଭାସ୍ଥଳରେ ପୁଲିସ ଫୋର୍ସ ମୁତୟନ କରାଯାଇଛି। ବଲାଙ୍ଗିରରେ ବିଜେଡି ପ୍ରତି ଲୋକଙ୍କ ସମର୍ଥନ ରହିଥିବା ବେଳେ ଯେହେତୁ ମୁଖ୍ୟମନ୍ତ୍ରୀ ନିର୍ବାଚନୀ ପ୍ରଚାର ରେ ଆସୁଛନ୍ତି ତେଣୁ ଏହି ସଭାରେ ବହୁ ଜନସମାଗମ ହେବେ ବୋଲି ଜଣାପଡ଼ୁଛି।

# ବିଜେପି ଛାଡିଲେ ତିନି ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ

**ସଇଁତଳା, ୧୧।୫(ସମିସ):** ଗୋଟିଏ ପଟେ ଆଜି ଜିଲ୍ଲାକୁ ପ୍ରଧାନ ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ




ଗସ୍ତ ଥିବା ବେଳେ ଅନ୍ୟ ପଟେ ଟିଟିଲାଗଡ଼ ନିର୍ବାଚନ ମଣ୍ଡଳୀରେ ବିଜେପିକୁ ବଡ଼ ଝଟକା ଲାଗିଛି। ଆଜି ବିଜେପି ଛାଡ଼ି ଟିଟିଲାଗଡ଼ ନିର୍ବାଚନ ମଣ୍ଡଳୀର ତିନି ପ୍ରମୁଖ ବିଜେପି ନେତା ବିଜେଡିରେ ଯୋଗଦେଇଛନ୍ତି। ଗୁଡଭେଲା ବ୍ଲକ ୬ ନମ୍ବର ଜୋନର ପୂର୍ବତନ ବିଜେପି ଜିଲ୍ଲା ପରିଷଦ ସଭ୍ୟ କଳ୍ପନା ପ୍ରଧନୀ, ୫ ନମ୍ବର ଜୋନର ପୂର୍ବତନ ବିଜେପି ଜିଲ୍ଲା ପରିଷଦ ସଭ୍ୟ ମିନାରାଣୀ ପ୍ରଧାନୀ, ସଇଁତଳା ୩୨ ନମ୍ବର ଜୋନର ପୂର୍ବତନ ବିଜେପି ଜିଲ୍ଲା ପରିଷଦ ସଭ୍ୟ ସରୋଜିନୀ ସାହୁ ଓ ଜିଲ୍ଲା ବିଜେପି ଉପ ସଭାପତି ରାଜେଶ ସାହୁ ଆଜି ବିଜେପି ଛାଡି ବିଜେଡି ରେ ଯୋଗଦେଇଛନ୍ତି। ରାଜ୍ୟ ସରକାରଙ୍କ ନିତି ଆଦର୍ଶ ଓ ଟିଟିଲାଗଡ଼ ବିଜେଡି ବିଧାୟିକା ପ୍ରାର୍ଥୀ ଟୁକୁନି ସାହୁଙ୍କ ଆଦର୍ଶ ଓ ତାଙ୍କ ନେତୃତ୍ୱକୁ ସ୍ୱୀକାର କରି ଶନିବାର ଏହି

## ଇସ୍ତଫା ପରେ ବିଜେଡିରେ ଯୋଗଦାନ

ପୂର୍ବତନ ଜିଲ୍ଲାପରିଷଦ ସଭ୍ୟମାନେ ବିଜେପି ଛାଡି ବିଜେଡି ରେ ଯୋଗ ଦେଇଛନ୍ତି। ଆଗାମୀ ଦିନରେ ମନ୍ତ୍ରୀ ଟୁକୁନି ସାହୁଙ୍କ ହାତମୁଠାକୁ ଟାଣ କରିବା ସହ ରାଜ୍ୟ ସରକାରଙ୍କ ବିଭିନ୍ନ ବିକାଶମୁଖୀ ଯୋଜନାକୁ ସଇଁତଳା ତଥା ଗୁଡଭେଲା ଅଞ୍ଚଳରେ ପହଞ୍ଚାଇବାକୁ ନିଷ୍ପତ୍ତି ନେଇଥିଲେ। ଲୋଟସ ଷଡ଼ଙ୍ଗୀ ଓ ସଇଁତଳା ସରପଞ୍ଚ ସୁବ୍ରତ ନାଗ ଉପସ୍ଥିତ ଥିଲେ।

# ଖଲିଆପାଲିରେ କର୍ମୀ ସମ୍ମିଳନୀ

**ଦହିତା, ୧୧।୫ (ସମିସ):** ପଦ୍ମପୁର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଖଲିଆପାଲି ପଞ୍ଚାୟତରେ ଏକ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ ସଭାପତି ଟିକେ ମେହେରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବ୍ଲକ ବିଜେଡି ଯୁବ ସଭାପତି ଦୁଷ୍ମନ୍ତ ପଟେଲ, ପଞ୍ଚାୟତ ଯୁବ ସଭାପତି ସଚି ବାଗ, ସମିତି ସଭ୍ୟ ଭବାନି ସାମିନି ଯୋଗଦେଇ ଆଗାମୀ ସାଧାରଣ ନିର୍ବାଚନରେ ଦଳୀୟ ବିଧାୟକ ପ୍ରାର୍ଥୀନୀ ବର୍ଷା ସିଂ ବରିହା ଓ ଲୋକସଭା ପ୍ରାର୍ଥନୀ ପରିଣିତା ମିଶ୍ରଙ୍କୁ ଭୋଟ ଦେଇ ଜୟଯୁକ୍ତ କରିବା ପାଇଁ ନିବେଦନ କରିଥିଲେ।



# ପଦ୍ମପୁରରେ ପ୍ରଭୁ ପର୍ଶୁରାମଙ୍କ ଜୟନ୍ତୀ ଶୋଭାଯାତ୍ରା



**ପଦ୍ମପୁର, ୧୧।୫ (ସମିସ):** ପଦ୍ମପୁର ବ୍ରାହ୍ମଣ ସମାଜ ପର୍ଶୁରାମ ବାହିନୀ ଓ ଗାୟତ୍ରୀ ବାହିନୀର ମିଳିତ ଆନୁକୂଲ୍ୟରେ ଭଗବାନ ପର୍ଶୁରାମଙ୍କ ଜୟନ୍ତୀ ପାଳନ ହୋଇଯାଇଛି। ଉଭୟ ବ୍ରାହ୍ମଣ ସମାଜ ଗାୟତ୍ରୀ ବାହିନୀ ଓ ପର୍ଶୁରାମ ବାହିନୀର କର୍ମକର୍ତ୍ତା ଏକ ବର୍ଣ୍ଣାଢ୍ୟ ଶୋଭାଯାତ୍ରାରେ ନଗର ପରିକ୍ରମା କରିଥଲେ। ଏହି ଶୋଭାଯାତ୍ରାକୁ ବିଭିନ୍ନ ଛକରେ ସ୍ୱାଗତ କରାଯାଇଥିଲା। ଶୋଭାଯାତ୍ରା ପରେ ସମସ୍ତ ବ୍ରାହ୍ମଣ ପରିବାରଙ୍କୁ ସ୍ଥାନୀୟ ବ୍ରାହ୍ମଣ କଲ୍ୟାଣ ମଣ୍ଡପରେ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା। ବ୍ରାହ୍ମଣ ସମାଜର ସଭାପତି ଜୟନାରାୟଣ ତ୍ରିପାଠୀ, ଚନ୍ଦ୍ର ଶେଖର ତ୍ରିପାଠୀ, ପର୍ଶୁରାମ ବାହିନୀର ଭରତ ପଣ୍ଡା, ଅରବିନ୍ଦ ପାଣିଗ୍ରାହୀ, ପ୍ରମୋଦ ମିଶ୍ର, ଅମିୟ ପୁରୋହିତ, ଦିବ୍ୟ କିଶୋର ପଣ୍ଡା, ଶୁରେଶ ପଣ୍ଡା ପ୍ରମୁଖଙ୍କ ସମେତ ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।



# କବି ଜୟଦେବଙ୍କ ଜୟନ୍ତୀ

**ବଲାଙ୍ଗିର, ୧୧।୫(ସମିସ):** ପବିତ୍ର ଅକ୍ଷୟ ତୃତୀୟା ଅବସରରେ ଶବରୀ ନାରାୟଣ ଧର୍ମଶାଳା, ଇନ୍ଦିରାନଗର ଠାରେ କବିଶ୍ରୀ ଜୟଦେବଙ୍କ ଜୟନ୍ତୀ ମହାସମାରୋହରେ ପାଳିତ ହୋଇଯାଇଛି। ପ୍ରଥମେ ମହାପ୍ରଭୁ ଶବରୀ ନାରାୟଣ ଓ କବିଶ୍ରୀ ଜୟଦେବଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ପୂଜାର୍ଚ୍ଚନା କରାଯାଇଥିଲା। ଗୁରୁଶ୍ରୀ କ୍ଷମା ସାଗର ଯୋଷୀ ଜୟଦେବ କଳା ସଂସଦ ବଲାଙ୍ଗିର ପ୍ରଥମେ ଜୟଦେବଙ୍କ ରଚିତ ଦଶ ଅବତାର ସଙ୍ଗିତ ଆବୃତି କରିଥିଲେ। କଣ୍ଠଶିଳ୍ପୀ ନିଳାଚଳ ହୋତା, ବୁଦ୍ଧି ସାଗର ଯୋଷୀ, ରାହାସ ବିହାରୀ ଭୋଇ, ଟଙ୍କଧର ମିଶ୍ର, ବିକ୍ରମ ଚରଣ ସାହୁ, ସନ୍ତୋଷ କୁମାର ରଣଜିତ, ଯଥା ବିଶ୍ୱାଳ, ପ୍ରଦୀପ ପଟ୍ଟନାୟକ, ଦିଲ୍ଲୀପ କୁମାର ସିଂହଦେଓ, ରୋହିଣୀ ନାୟକ ବିଭିନ୍ନ ଭଜନ ପରିବେଷଣ କରିଥିଲେ।


**Format C-1**

(for candidate to publish in Newspapers, TV)

**Declaration about criminal cases**

(As per the judgement dated 25th September, 201, of Hon'ble Supreme Court in WP (Civil) No.536 of 2011 (Public interest foundation & Ors. Vs. Union of India & Anr.)

Name and address of candidate: **DIPALI DAS**
**MLA House, Sarbahal, Near Jagannath Mandir,**
**Jharsuguda, Dist. – Jharsuguda (Odisha) PIN - 768201**

**Name of Political Party: BIJU JANATA DAL**
**(Independent candidates should write "Independent" here)**

**Name of Election: Election to 07-Jharsuguda Assembly Constituency - 2024**

***Name of Constituency:** 07- Jharsuguda Assembly Constituency

**I** DIPALI DAS **(name of candidate), a candidate for the above mentioned election, declare for public information the following details about my criminal antecedents:**

**(A) Pending criminal cases**

| Sl. No. | Name of Court | Case No. and dated | Status of case(s) | Section(s) of Acts concerned and brief description of offence(s) |
|---|---|---|---|---|
| 1 | Court of SDJM, Jharsuguda | CT1608/2020 Arising out of Jharsuguda P.S. Case No.453/2020 | Cognizance taken | U/S 447/188/269/34 of IPC. On 22/06/2020 a Meeting conducted by the organizer of Narasingha Bishnupriya Seva Trust in DRDA conference Hall Jharsuguda without permission of the authorities, Dipali Das and others attended the said meeting hence it is considered as an act of trespassed, Spreading of dangerous disease and violation of the order of administration during COVID 19. |
| | | | | |
| | | | | |

**(B) Details about cases of conviction for criminal offences**

| Sl. No. | Name of Court & date(s) of order(s) | Description of office(s) & Punishment imposed | Maximum Punishment Imposed |
|---|---|---|---|
| | | | |

Sd/- Dipali Das



**Format C-1**

(For Candidate to publish in newspapers, TV)

**Declaration about criminal antecedents of candidates**

(As per the judgment dated 25th September, 2018 of Hon'ble Supreme Court in WP(Civil) No. 536 of 2011 (Public Interest Foundation & ORS. Vs. Union of India & Anr.)

Name and Address of the Candidate: **SUSANTA SINGH**
**AT/PO- BAUSENMURA, PS- SOHELA, DIST- BARGARH**

Name of the Party: **BIJU JANATA DAL**

Name of the Election: **ELECTION TO LEGISLATIVE ASSEMBLY ODISHA**
Name of the Constituency: **BHATLI CONSTITUENCY**

Name of the State: **ODISHA**

**I SUSANTA SINGH a candidate for the above mention election, declare for public information details about my criminal anticedents:**

| 1 | 2 | 3 | 4 | | 5 | | |
|---|---|---|---|---|---|---|---|
| Sl. No. | Name of Constituency | Name of Candidate | (A) Pending criminal cases | | (B) Details about cases of conviction for criminal offences | | |
| | | | Name of Court Case No. & status of the case(s) | Sections of the Acts concerned & brief description of offence(s) | Name of Court & date(s) of order(s) | Description of offence(s) & Punishment imposed | **Maximum Punishment Imposed.** |
| 1 | **05 BHATLI** | **SUSANTA SINGH** | SDJM BARGARH CT Case No.301 of 2014 Case is not yet charged | U/S 120 (B), 109, 171 (B), 171 (E), 171 (F), I.P.C read with 47 B&OE Act. | N/A | N/A | N/A |
| 2 | **05 BHATLI** | **SUSANTA SINGH** | SDJM BARGARH CT Case No.257 of 2014 Case is not yet charged | U/S 147, 148, 341, 294, 353, 447, 506/149 r.w. 7 crl. Law amendment act | N/A | N/A | N/A |

SD/- SUSANTA SINGH

# ଝାରସୁଗୁଡ଼ା ବିମାନ ବନ୍ଦରରେ ପ୍ରଧାନମନ୍ତ୍ରୀ ମୋଦୀ

**ଝାରସୁଗୁଡ଼ା, ୧୧।୫(ସମିସ):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବରଗଡ଼ରେ ଏକ ସଭାରେ ଯୋଗଦେଇ ଶନିବାର ଅପରାହ୍ନ ୩ଟା ୩୩ ମିନିଟରେ ଏକ ସ୍ୱତନ୍ତ୍ର ହେଲିକେପ୍ଟର ଯୋଗେ ଝାରସୁଗୁଡ଼ା ବିମାନ ବନ୍ଦରରେ ପହଞ୍ଚି ପୁଣି ସେଠାରୁ ଅପରାହ୍ନ ୩.୫୨ରେ ସ୍ୱତନ୍ତ୍ର ବିମାନ ଯୋଗେ ଦିଲ୍ଲୀ ଯାତ୍ରା କରିଛନ୍ତି। ପ୍ରଧାନମନ୍ତ୍ରୀଙ୍କ ଗସ୍ତ ପାଇଁ ଝାରସୁଗୁଡ଼ା ବିମାନ ବନ୍ଦରକୁ କଡ଼ା ସୁରକ୍ଷା ବଳୟରେ ରଖା ଯାଇଥିଲା।

# ବଜ୍ରପାତରେ ବଳଦ ମୃତ



**ରିଆମାଳ, ୧୧।୫(ସମିସ):** ଦେବଗଡ଼ ଜିଲ୍ଲା ରିଆମାଳ ବ୍ଲକ ତଥା ରିଆମାଳ ଥାନା ମଳେହିପଡ଼ା ପଞ୍ଚାୟତ କଖାରୁମାଳରେ ବଜ୍ରପାତ ଯୋଗୁ ଗୋଟିଏ ବଳଦର ମୃତ୍ୟୁ ଘଟିଛି। ଆଉ ଗୋଟିଏ ଅଳ୍ପକେ ବର୍ତ୍ତି ଯାଇଛି। ଶନିବାର ମଧ୍ୟାହ୍ନରେ ରିଆମାଳ ବ୍ଲକରେ ପବନ, ଘଡଘଡି ସହ ବର୍ଷା ହୋଇଥିଲା। କଖାରୁମାଳ ଗ୍ରାମର ବୈକୁଣ୍ଠ ସାହୁଙ୍କ ଦୁଇ ବଳଦ ପାଳ ଭାଡ଼ି ତଳେ ବନ୍ଧା ହୋଇଥିବା ବେଳେ ବଜ୍ରପାତ ହୋଇଥିଲା। ଗୋଟିକର ମୃତ୍ୟୁ ହୋଇଥିବା ବେଳେ ଆଉ ଏକ ଅଳ୍ପକେ ବର୍ତ୍ତି ଯାଇଥିଲା। ଖବର ପାଇ ଗୋଷ୍ଠୀ ପ୍ରାଣୀ ଚିକିତ୍ସାଳୟ ପକ୍ଷରୁ ବ୍ୟବଚ୍ଛେଦ କରାଯାଇଥିଲା।

**ମ୍ୟାଜିକ୍ ଧକ୍କାରେ ୨ ସ୍କୁଟି ଆରୋହୀ ମୃତ୍ୟୁ ଘଟଣା**

# ନିଶାସକ୍ତ ଗାଡ଼ିଚାଳକ ଗିରଫ

**ଝାରସୁଗୁଡ଼ା, ୧୧।୫(ସମିସ):** ବେଲପାହାଡ଼ ଗୁମାଡେରା ମାଉସୀ ମନ୍ଦିର ନିକଟସ୍ଥ ରାସ୍ତାରେ ଶୁକ୍ରବାର ଅପରାହ୍ନରେ ଏକ ମ୍ୟାଜିକ ଧକ୍କାରେ ସ୍କୁଟି ଆରୋହୀ ଜଣେ ମହିଳା ଓ ଜଣେ ପୁରୁଷଙ୍କ ମୃତ ଘଟଣାରେ ଗାଡ଼ି ଚାଳକ ଗିରଫ ହୋଇଛି। ଅଭିଯୁକ୍ତ ହେଉଛି ଭଇଁରଖୋଲ ଡୁଡୁଗାଁ ଗ୍ରାମର ଚନ୍ଦ୍ରଜିତ ଛୁରା (୩୧)।

ଏହି ଦୁର୍ଘଟଣାରେ ସ୍କୁଟି ଆରୁହୀ ଲଖନପୁର ସୁଲଦିଆ ଗ୍ରାମର ସନ୍ତୋଷ କିଶାନଙ୍କ ପତ୍ନୀ ଇନ୍ଦୁମତି କିଶାନ (୫୦) ଓ ଗୁମାଡେରା ମାଳିପଡ଼ାର ଅଭିମନ୍ୟୁ ପ୍ରଧାନ (୪୦)ଙ୍କ ଘଟଣା ସ୍ଥଳରେ ହିଁ ମୃତ୍ୟୁ ଘଟିଥିଲା। ମ୍ୟାଜିକରେ ଥିବା ଦୟାନିଧି ଧୁରୁଆ (୪୮) ମଧ୍ୟ ଆହତ ହୋଇଥିଲେ। ଏ ନେଇ ବେଲପାହାଡ଼ ଥାନାରେ ଏକ ମାମଲା ରୁଜୁ କରି ପୁଲିସ ଘଟଣାର ତଦନ୍ତ କରିଥିଲା। ଶନିବାର ଉଭୟ ମୃତକଙ୍କ ଶବ ବ୍ୟବଚ୍ଛେଦ ପରେ ତାଙ୍କ ପରିବାର ଲୋକଙ୍କୁ ଶବ ହସ୍ତାନ୍ତର କରାଯାଇଛି।

ଅଭିମନ୍ୟୁ ଓ ଇନ୍ଦୁମତି ଉଭୟ ବେଲପାହାଡ଼ସ୍ଥିତ ଏକ ହୋଟେଲରେ କାର୍ଯ୍ୟ କରୁଥିଲେ। ଶୁକ୍ରବାର ଅପରାହ୍ନରେ ଏକ ସ୍କୁଟି (ଓଡ଼ି-୨୩ବି-୫୩୨୭) ଯୋଗେ ଉଭୟ ଗୁମାଡେରା ମାଳିପଡ଼ାରେ ରହୁଥିବା ହୋଟେଲ ମାଲିକଙ୍କ ଘରକୁ ଆସୁଥିଲେ। ଏହି ସମୟରେ ରେମଣ୍ଡା ଗ୍ରାମରୁ ଏକ ବିବାହ ଶୋଭାଯାତ୍ରା ସାରି ବେଲପାହାଡ଼ ସମଡ଼ାକୁ ଫେରୁଥିବା ଏକ ମ୍ୟାଜିକ୍ (ଓଡ଼ି-୨୩ଏଫ୍-୩୩୭୦) ଭାରସାମ୍ୟ ହରାଇ ସ୍କୁଟିକୁ ଧକ୍କା ଦେଇଥିଲା। ନିଶାସକ୍ତ ଅବସ୍ଥାରେ ଥିବା ଗାଡ଼ି ଚାଳକ ଫେରାର ମାରିବାକୁ ଚେଷ୍ଟା କରିଥିବା ବେଳେ ଲୋକେ ତାକୁ କାବୁ କରି ପୁଲିସକୁ ଜିମା ଦେଇଥିଲେ।

# ପରିବାର ଲୋକଙ୍କୁ ମରଣାନ୍ତକ ଆକ୍ରମଣ କରି ଗିରଫ

**ଝାରସୁଗୁଡ଼ା, ୧୧।୫(ସମିସ):** ବେଲପାହାଡ଼ ଥାନା ଅଞ୍ଚଳରେ ନିଜ ପରିବାର ଲୋକଙ୍କୁ ମରଣାନ୍ତକ ଆକ୍ରମଣ କରି ଜଣେ ଗିରଫ ହୋଇଛି। ପୁଲିସ ଏହି ମାମଲାରେ ଗୁମାଡେରା ଚର୍ଚ୍ଚପଡ଼ାର ଅଖିଳେଶ ସିଂ (୫୨)କୁ ଗିରଫ କରିଛି। ଅଭିଯୁକ୍ତ ଅଖିଳେଶଙ୍କ ପୁଅ ଅର୍ପିତ ସିଂଙ୍କ ଅଭିଯୋଗ କ୍ରମେ ଗତ ୯ ତାରିଖ ରାତିରେ ତାଙ୍କ ବାପା ଅଖିଳେଶ ବାହାରୁ ଘରକୁ ଫେରି କୌଣସି କଥାକୁ ନେଇ ପତ୍ନୀ, ଝିଅ, ପୁଅଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଅର୍ପିତଙ୍କ ମୁଣ୍ଡ ଫାଟି ଥିଲା। ଅର୍ପିତ ସିଂଙ୍କ ଅଭିଯୋଗ ଆଧାରରେ ବେଲପାହାଡ଼ ଥାନାରେ ମାମଲା ରୁଜୁ ହୋଇଛି। ପୁଲିସ ଘଟଣାର ତଦନ୍ତ କରି ଅଖିଳେଶଙ୍କୁ ଗିରଫ କରିଛି।

**ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ**

# ୯ ୫୧ ମକଦ୍ଦମାର ଆପୋସ ସମାଧାନ

ଝାରସୁଗୁଡ଼ା, ୧୧।୫(ସମିସ)

ଚଳିତ ବର୍ଷର ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଜାତୀୟ ଆଇନ୍‌ସେବା ପ୍ରାଧିକରଣ ଏବଂ ଓଡ଼ିଶା ରାଜ୍ୟ ଆଇନସେବା ପ୍ରାଧିକରଣଙ୍କ ନିର୍ଦ୍ଦେଶ କ୍ରମେ ଝାରସୁଗୁଡ଼ା ଜିଲ୍ଲା ନ୍ୟାୟାଳୟ ଓ ଲଖନପୁର ଗ୍ରାମ୍ୟ ନ୍ୟାୟାଳୟ ପରିସରରେ ଜିଲ୍ଲା ଓ ଦୌରାଜଜ ତଥା ଜିଲ୍ଲା ଆଇନସେବା ପ୍ରାଧିକରଣର ଅଧ୍ୟକ୍ଷ ଦିଗାମ୍ବର ପୃଷ୍ଟିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଅଛି। ବିଭିନ୍ନ ଅଦାଲତରେ ବିଚାରାଧିନ ଥିବା ମାମଲାମାନଙ୍କ ମଧ୍ୟରେ ଏହି ଲୋକ ଅଦାଲତରେ ମୋଟରଯାନ ଦୁର୍ଘଟଣା ଦାବି ଟ୍ରିବୁନାଲରେ ବିଚାରାଧିନ ଥିବା ୪ଟି ମୋକଦ୍ଦମା ୫୨, ୭୦, ୦୦୦ ଟଙ୍କାରେ, ୩ଟି ସାଲିସ୍ ଯୋଗ୍ୟ ଫୌଜଦାରୀ, ୭ ଟି ଚେକ ବାଉନ୍ସ ମାମଲାର ୨, ୦୯, ୯୩୪ ଟଙ୍କାରେ, ୨୩ଟି ଟଙ୍କା ପୁନରୁଦ୍ଧାର ମାମଲା ୨୯, ୯୬, ୩୮୯ ଟଙ୍କାରେ ସମାଧାନ ହୋଇଛି।, ୫ଟି ବୈବାହିକ/ପରିବାର ବିବାଦ (ବିବାହ ବିଚ୍ଛେଦ ବ୍ୟତିତ), ୭ଟି ଅନ୍ୟାନ୍ୟ ଦେୱାନି, ୭୨୩ଟି ରାଜସ୍ୱ ମକଦ୍ଦମା ୧, ୫୪, ୦୬୮ ଟଙ୍କାରେ ଓ ୯୪ଟି ଅନ୍ୟାନ୍ୟ ଫୌଜଦାରୀ ମକଦ୍ଦମାର ଆପୋଷ ବୁଝାମଣା ମାଧ୍ୟମରେ ସମାଧାନ ହୋଇଛି। ପ୍ରାକ୍ ମକଦ୍ଦମା ମଧ୍ୟରେ ବିଭିନ୍ନ ବ୍ୟାଙ୍କ ଓ ଆର୍ଥିକ ଅନୁଷ୍ଠାନର ୫୪ଟି ଋଣ ସମ୍ବନ୍ଧୀୟ ମାମଲା ୨୩, ୧୯, ୯୭୧ ଟଙ୍କାରେ, ସ୍ଥାୟୀ ଲୋକ ଅଦାଲତ (ଜନ ଉପଯୋଗୀ ସେବା) ର ୧୧ଟି ମାମଲା ୭, ୭୪, ୭୯୪ ଟଙ୍କାରେ, ଭାରତ ସଞ୍ଚାର ନିଗମ ଲିମିଟେଡର ଟେଲିଫୋନ ବିଲ୍ ସମ୍ବନ୍ଧୀୟ ୧୬ଟି ମାମଲା ୧୦, ୬୨୨ ଟଙ୍କାରେ ଏବଂ ଅନ୍ୟାନ୍ୟ ମାମଲା ଗୁଡିକ ମଧ୍ୟରେ ସ୍ଥାୟୀ ଓ ନିରନ୍ତର ଲୋକ ଅଦାଲତର ୪ ଟି ମାମଲାର ଆପୋଷ ବୁଝାମଣା ମାଧ୍ୟମରେ ସମାଧାନ ହୋଇଯାଇଅଛି। ଜିଲ୍ଲା ଓ ଦୌରାଜଜ୍




ଶ୍ରୀ ପୃଷ୍ଟି ଏବଂ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ ସୁବାସ ଚନ୍ଦ୍ର ଧଳ ମୋଟରଯାନ ଦୁର୍ଘଟଣା ଦାବିଜନିତ ମକଦ୍ଦମା ଗୁଡ଼ିକର ଆପୋଷ ବୁଝାମଣା ମାଧ୍ୟମରେ ସମାଧାନ କରି ବୀମା କମ୍ପାନୀମାନଙ୍କୁ କ୍ଷତିପୂରଣ ରାଶି ପ୍ରଦାନ କରିବା ପାଇଁ ଆଦେଶ କରିଥିଲେ। ସ୍ଥାୟୀ ଲୋକ ଅଦାଲତ (ଜନ ଉପଯୋଗୀ ସେବା) ର ଅଧ୍ୟକ୍ଷ ଅଶ୍ୱିନୀ କୁମାର ନାୟକ ଜନ ଉପଯୋଗୀ ସେବା ଜନିତ ପ୍ରାକ୍ ମକଦ୍ଦମା ମାମଲା, ପରିବାର ଅଦାଲତର ବିଚାରପତି ଲୋକନାଥ ସାହୁ ଏବଂ ବରିଷ୍ଠ ଦେୱାନି ବିଚାରପତି (ମହିଳା ନ୍ୟାୟାଳୟ) ଏସ୍. ଶୁଭଲକ୍ଷ୍ମୀ ବୈବାହିକ/ପରିବାର ବିବାଦ (ବିବାହ ବିଚ୍ଛେଦ ବ୍ୟତିତ) ମକଦ୍ଦମା ଗୁଡ଼ିକର ଆପୋଷ ବୁଝାମଣା ମାଧ୍ୟମରେ ସମାଧାନ କରିଥିଲେ। ବରିଷ୍ଠ ଦେୱାନି ବିଚାରପତି (ଏଲ୍‌ଆର) ଜୀବନାନନ୍ଦ ପାଢ଼ୀ, ବରିଷ୍ଠ ଦେୱାନି ବିଚାରପତି ଦିବ୍ୟସଚ୍ଚି ବେହେରା ଓ କନିଷ୍ଠ ଦେୱାନି ବିଚାରପତି ରୋଶନିବାଳା ସେନାପତି ଅନ୍ୟାନ୍ୟ ଦେୱାନି ମକଦ୍ଦମାଗୁଡ଼ିକର ଆପୋଷ ବୁଝାମଣା ମାଧ୍ୟମରେ ସମାଧାନ କରିଥିଲେ। ସେହିପରି ଉପଖଣ୍ଡସ୍ତରୀୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ସୁଶ୍ରୀ ଗାୟତ୍ରୀ ମିଶ୍ର, ନ୍ୟାୟାଧିକାରୀ ଗ୍ରାମ୍ୟ ନ୍ୟାୟାଳୟ ଲଖନପୁର ମୋନାଲିସା ପଣ୍ଡା, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ (କଗନିଜେନ୍ସ) ଶ୍ରୀମୟୀ ନନ୍ଦ ଓ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଅନିମେଷ ସାମଲ ଫୌଜଦାରୀ ମାମଲା ଗୁଡିକର ଆପୋଷ ସମାଧାନ କରିଥିଲେ। ଏହି ଲୋକ ଅଦାଲତରେ ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଚିତ୍ତରଞ୍ଜନ ମିଶ୍ର ଉପସ୍ଥିତ ଥିବା ବେଳେ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ସଚିବ ସୁଶ୍ରୀ ନେହା ଦାସ ଲୋକ ଅଦାଲତକୁ ପରିଚାଳନା କରିଥିଲେ। ସିଭିଲ କୋର୍ଟ ରେଜିଷ୍ଟ୍ରାର ରାଜେନ୍ଦ୍ର କୁମାର ଦାସ ସହଯୋଗ କରିଥିଲେ। ଜିଲ୍ଲାର ବିଭିନ୍ନ ରାଜସ୍ୱ ଅଦାଲତରେ ରାଜସ୍ୱ ମାମଲା ଗୁଡିକ ସମାଧାନ ହୋଇଥିଲା। ଏହି ଲୋକ ଅଦାଲତରେ ଆପୋଷ ବୁଝାମଣା ମାଧ୍ୟମରେ ସମାଧାନ ପାଇଁ ୬ ଟି ବିଭିନ୍ନ ଲୋକ ଅଦାଲତ ବେଞ୍ଚର ଗଠନ କରାଯାଇଥିଲା। ଏହି ବେଞ୍ଚ ଗୁଡିକର ସଦସ୍ୟ ଭାବରେ ମଧ୍ୟସ୍ଥତା କେନ୍ଦ୍ରର ମଧ୍ୟସ୍ଥି ସୁରେନ୍ଦ୍ର ମହାପାତ୍ର, ଡାକେଶ୍ୱର ପାଣ୍ଡେ, ସମାଜସେବୀ ତୁଳାରାମ ପଟେଲ, ତାଲିମପ୍ରାପ୍ତ ମଧ୍ୟସ୍ଥି ମନୋଜ କୁମାର ସୁନା, ସମାଜସେବୀ ଦେବାର୍ଚ୍ଚନ ଠାକୁର, ସ୍ଥାୟୀ ଓ ନିରନ୍ତର ଲୋକ ଅଦାଲତର କନ୍ସିଲେଟର ଅଶୋକ କୁମାର ପାଟଯୋଷୀ, ବୋନେଲା ନାଗେଶ୍ୱରୀ, ରୂପାଲି ଚାଟାର୍ଜି, ସ୍ଥାୟୀ ଲୋକ ଅଦାଲତ (ଜନ ଉପଯୋଗୀ ସେବା) ର ସଦସ୍ୟ ଆନନ୍ଦିନୀ ପାଢ଼ୀ ଓ ସୁରେଶ ଚନ୍ଦ୍ର ପଟେଲ ଉପସ୍ଥିତ ଥିଲେ। ବେସରକାରୀ ବୀମା କମ୍ପାନୀ ମାନଙ୍କ ତରଫରୁ ଓକିଲ ଅନୁପ କୁମାର ମିଶ୍ର ଆପୋଷ ବୁଝାମଣା ପାଇଁ ଉପସ୍ଥିତ ଥିଲେ।

# ଦୀପାଳିଙ୍କ ମାରାଥନ ପ୍ରଚାର



**ଝାରସୁଗୁଡ଼ା, ୧୧।୫(ସମିସ):** ବିଜୁ ଜନତା ଦଳ ପକ୍ଷରୁ ମାରାଥନ ପ୍ରଚାର ସହ ଘରଠୁ ଘର କରାଯାଇଛି। ଶନିବାର ବିଧାନସଭା ପ୍ରାର୍ଥିନୀ ସୁଶ୍ରୀ ଦିପାଲି ଦାସ ଚଳିତ ନିର୍ବାଚନରେ ବାଜିମାତ କରିବା ସଂକଳ୍ପକୁ ନେଇ ପୌରାଞ୍ଚଳ ୱାର୍ଡ ନମ୍ବର ୧୦ରେ ମାରାଥନ ପ୍ରଚାର ଏବଂ ୩ ନମ୍ବର ୱାର୍ଡରେ ଡୋର ଟୁ ଡୋର କ୍ୟାମ୍ପେନିଂ କରିଥିବାବେଳେ କିର୍ମିରା ବ୍ଲକ ଅନ୍ତର୍ଗତ ବନ୍ଧପାଲି, ଗଡଡ ପାନପାଲି ଏବଂ ଅଘରିଆ ବାଗଡ଼ିହି ଠାରେ ରୋଡ ସୋ ସହ ସଭାରେ ସାମିଲ ହୋଇ ନିର୍ବାଚନ ପ୍ରଚାର କରିଛନ୍ତି। ଦୀପାଳି କହିଥିଲେ ଯେ ସଭାମାନଙ୍କରେ ଉପସ୍ଥିତ ରହି ବିଜେଡି ଜିନ୍ଦାବାଦ ଓ ମାଆ ମାନଙ୍କ ହୁଳହୁଳି ପ୍ରମାଣିତ କରିଦେଉଛି ଯେ ଆସନ୍ତା ନିର୍ବାଚନରେ ରେକର୍ଡ ମାର୍ଜିନ୍‌ରେ ବିଜୟ ଲାଭ କରିବୁ। ମୁଖ୍ୟମନ୍ତ୍ରୀଙ୍କ ସ୍ୱଚ୍ଛ ନିର୍ମଳ ଶାସନ ଏବଂ ସ୍ୱର୍ଗୀୟ ସ୍ୱାସ୍ଥ୍ୟ ମନ୍ତ୍ରୀ ନବ କିଶୋର ଦାସଙ୍କ ଦ୍ୱାରା କରାଯାଉଥିବା ବିକାଶ ମୂଳକ କାର୍ଯ୍ୟ ଉପରେ ବିଶ୍ୱାସ ରଖି ଏହି ନିର୍ବାଚନରେ ଆଶୀର୍ବାଦ କରି ବିପୁଳ ସଂଖ୍ୟାରେ ଭୋଟ ଦେଇ ବିଜୟୀ କରିବେ ବୋଲି ସୁଶ୍ରୀ ଦିପାଲି ଦାସ କହିଛନ୍ତି। ଏହା ସହ ୮ ମାସର ସମୟରେ ଯେଉଁ ବିକାଶମୂଳକ କାର୍ଯ୍ୟ ହୋଇଅଛି ଏହାକୁ ଆହୁରି ଅଧିକ ଗତିରେ ଝାରସୁଗୁଡ଼ାର ବିକାଶ କାର୍ଯ୍ୟ କରିବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି। ଆଜିର ଏହି ପ୍ରଚାର ପ୍ରସାର କାର୍ଯ୍ୟକ୍ରମରେ ଜିଲ୍ଲା ସଭାପତି ରବି ସିଂ, ଜିଲ୍ଲା ମହିଳା ନେତ୍ରୀ ରୋଜାଲିନ ପଟେଲ, ପୌର ଅଧ୍ୟକ୍ଷା ରାନୀ ହାତୀ, ପୂର୍ବତନ ପୌରାଧ୍ୟକ୍ଷ ତାପସ ରାୟ ଚୌଧୁରୀ ଓ ହରିଶ ଗନତ୍ରା, ସନ୍ଦିପ୍ତ ଅବସ୍ଥି, ଜଗନ୍ନାଥ ଜେନା, ରଘୁମଣି ପଟେଲ, ପିଣ୍ଟୁ ପାଢ଼ୀ, ପ୍ରତାପ ନନ୍ଦ, ମଦନ ହାତୀ, ସିଦ୍ଧାର୍ଥ ସରକାର, ଭବାନି ସା, ସୁରେଶ ମୋର୍ଡ୍ଡ, ଗୋପାଲ ଅଗ୍ରୱାଲ, କାଶୀ ଶର୍ମା, ଲଡ୍ଡୁ ଶର୍ମା, ସରିତା ଅଗ୍ରୱାଲ, ରୁବିନା ଖାନ, ବନ୍ଦନା ମୋଦିଙ୍କ ସହ କିର୍ମିରା ବ୍ଲକର ଜିଲ୍ଲା ପରିଷଦ ସଭ୍ୟ, ସମିତି ସଭ୍ୟ ଓ ଅନ୍ୟାନ୍ୟ ଦଳୀୟ କର୍ମକର୍ତ୍ତା ସାମିଲ ହୋଇଥିଲେ।

# ବିଜେଡିର ଷ୍ଟାର୍ ପ୍ରଚାରକ କାର୍ତ୍ତିକ ପାଣ୍ଡିଆନଙ୍କ ପ୍ରଚାର ପରେ କର୍ମୀ ଉତ୍ସାହିତ

**ଝାରସୁଗୁଡ଼ା, ୧୧।୫(ସମିସ):** ଝାରସୁଗୁଡ଼ା ଓ ବ୍ରଜରାଜନଗର ନିର୍ବାଚନ ମଣ୍ଡଳୀରେ ବିଜୁ ଜନତା ଦଳର ଷ୍ଟାର ପ୍ରଚାରକ କାର୍ତ୍ତିକ ପାଣ୍ଡିଆନ ଗତକାଲି ପ୍ରଚାର କରି ଯିବା ପରେ ବିଜେଡ଼ି ଶିବିର ଏବେ ଉତ୍ସାହରେ ଭରି ଯାଇଛି। ଅମଲିପାଲି ଓ ପଞ୍ଚଗାଁଠାରେ ବିଜୁ ଜନତା ଦଳର ବରିଷ୍ଠ ନେତା ତଥା ଷ୍ଟାର ପ୍ରଚାରକ ଶ୍ରୀ ପାଣ୍ଡିଆନ ଧୂଆଁଧାର ପ୍ରଚାର ପରେ ହଠାତ ଝାରସୁଗୁଡ଼ାରେ ବିଜେଡ଼ିର ଏକ ଲହଡ଼ି ଦେଖିବାକୁ ମିଳିଛି। ଶ୍ରୀ ପାଣ୍ଡିଆନଙ୍କ ଅଭିଭାଷଣରେ ବିରୋଧି ଆବାକ ହୋଇ ପଡ଼ିଛନ୍ତି। ଶ୍ରୀ ପାଣ୍ଡିଆନଙ୍କ ପ୍ରଶ୍ନର ଉତ୍ତର ରଖିବାକୁ ଝାରସୁଗୁଡ଼ା ଜିଲ୍ଲାରେ ବିରୋଧି ଦଳ ବିଶେଷ ଭାବରେ ବିଜେପି ନେତାଙ୍କ ସତ୍‌ସାହାସ ନାହିଁ। ବିକାଶ ବନାମ ଫମ୍ପା ପ୍ରତିଶ୍ରୁତି ଲୋକେ ଅନୁଭବ କରି ସାରିଛନ୍ତି। ଲୋକେ ଯାହା ମାଗିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତାହା ପୂରଣ କରିଛନ୍ତି। କିନ୍ତୁ ବିରୋଧି କେବଳ ଫମ୍ପା ପ୍ରତିଶ୍ରୁତି ଦେଇ ଆସୁଛନ୍ତି। ଶ୍ରୀ ପାଣ୍ଡିଆନ ଗସ୍ତପରେ ଝାରସୁଗୁଡ଼ା ଓ ବ୍ରଜରାଜନଗର ନିର୍ବାଚନମଣ୍ଡଳୀ ଭୋଟ ପ୍ରଚାର କରି ଯିବାପରେ ହଠାତ ଏହି ଅଞ୍ଚଳର ପାଣିପାଗ ବଦଳି ଯାଇଛି।

# ଦୋକାନରେ ଲାଗିଲା ନିଆଁ

**ଝାରସୁଗୁଡ଼ା, ୧୧।୫(ସମିସ):** ବେଲପାହାଡ଼ ଫାଟକଠାରେ ଶନିବାର ସନ୍ଧ୍ୟା ୫ଟା ୪୫ ମିନିଟରେ ଏକ ଜଳଖିଆ ଦୋକାନରେ ନିଆଁ ଲାଗି ସମ୍ପୂର୍ଣ୍ଣ ଜଳି ଯାଇଛି। ସୂଚନା ଅନୁସାରେ ବେଲପାହାଡ଼ ଫାଟକସ୍ଥ କଳିଙ୍ଗ ହୋଟେଲ ଜଳଖିଆ ଦୋକାନରେ ହଠାତ ଗ୍ୟାସ ଟାଙ୍କିରୁ ନିଆଁ ଲାଗି ଜଳି ଯାଇଥିଲା। ଘଟଣାସ୍ଥଳରେ ଟିଆରଏଲ୍ କ୍ରୋସାକିର ଦମକଳ ପହଞ୍ଚି ନିଆଁକୁ ଆୟତ୍ତ କରିଛି।



# ଲଇମୁରା ଥାନା ପୁଲିସ ପକ୍ଷରୁ ଫ୍ଲାଗ୍‌ମାର୍ଚ୍ଚ



**ଦେବଗଡ଼, ୧୧।୫(ସମିସ):** ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ଲଇମୁରା ଥାନା ପକ୍ଷରୁ ଶନିବାର ଫ୍ଲାଗ୍‌ମାର୍ଚ୍ଚ କରାଯାଇଛି। ଏସ୍‌ଡିପିଓ ସୌମ୍ୟରଞ୍ଜନ ମଲ୍ଲିକଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ଫ୍ଲାଗ୍‌ମାର୍ଚ୍ଚ ଲଇମୁରା ଥାନା ଅଞ୍ଚଳର ଡିମିରିକୁଦା, ଲଇମୁରା, ଝରାଗୋଗୁଆ ପଞ୍ଚାୟତର ବିଭିନ୍ନ ଗ୍ରାମରେ ଫ୍ଲାଗ୍‌ମାର୍ଚ୍ଚ କରାଯିବା ସହ ଲୋକଙ୍କୁ ସଚେତନ କରାଯାଇଥିଲା। ମୁକ୍ତ ଓ ଅବାଧ ନିର୍ବାଚନ ଲକ୍ଷ୍ୟରେ ଦେବଗଡ଼ ଏସ୍‌ପିଙ୍କ ନିର୍ଦ୍ଦେଶରେ ଏହି ଫ୍ଲାଗମାର୍ଚ୍ଚ କରାଯାଇଥିଲା। ଏଥିରେ ଲଇମୁରା ଥାନାର କର୍ମଚାରୀ ଉପସ୍ଥିତ ଥିଲେ।

# ମହିଳା ମହାବିଦ୍ୟାଳୟର ଦୁଇ ଛାତ୍ରୀଙ୍କ କୃତିତ୍ୱ

**ଝାରସୁଗୁଡ଼ା, ୧୧।୫(ସମିସ):** ଚଳିତ ବର୍ଷ ସମ୍ବଲପୁର ବିଶ୍ୱବିଦ୍ୟାଳୟ ପରିଚାଳିତ ଷଷ୍ଠ ସେମିଷ୍ଟାର ପରୀକ୍ଷା ଫଳ ପ୍ରକାଶ ପାଇଛି। ଏଥିରେ ମହିଳା ମହାବିଦ୍ୟାଳୟର ଛାତ୍ରୀ ଅଂଶୁ କୁମାରୀ ସିଂ ୯.୧୪ ସିଜିପିଏ ରଖି ହିନ୍ଦୀ ବିଭାଗରେ ବିଶ୍ୱବିଦ୍ୟାଳୟ ଟପ୍ପର ହୋଇଛନ୍ତି। ସେହିଭଳି ସ୍ୱାଗତିକା ସାହୁ ୯.୪୦ ସିଜିପିଏ ରଖି ପ୍ରାଣୀବିଜ୍ଞାନ ବିଭାଗରେ ବିଶ୍ୱବିଦ୍ୟାଳୟସ୍ତରରେ ପଞ୍ଚମ ସ୍ଥାନ ଅଧିକାର କରିଛନ୍ତି।



# କଂଗ୍ରେସର କର୍ମୀ ସମ୍ମିଳନୀ



**ଦେବଗଡ଼, ୧୧।୫(ସମିସ):** ରିଆମାଳ ବ୍ଲକର ତାରଙ୍ଗ ପଞ୍ଚାୟତର ଖୁଣ୍ଟାବନ୍ଧ ଗ୍ରାମରେ କଂଗ୍ରେସର କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଉକ୍ତ କର୍ମୀ ସମ୍ମିଳନୀରେ କଂଗ୍ରେସ ବିଧାୟକ ପ୍ରାର୍ଥି ସେମ ହେମ୍ବ୍ରମ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ନିର୍ମଳ ନାୟକ, ଦିଲ୍ଲୀପ କୁମ୍ଭାର, ସିଦ୍ଧେଶ୍ୱର ଗୁରୁ, ସୁବାସଚନ୍ଦ୍ର ଭୋଇ, ରିଆମାଳ ବ୍ଲକ ସଭାପତି ସୁଶାନ୍ତ ସ୍ୱାଇଁ, କ୍ଷେତ୍ରବାସୀ ପାତ୍ର, ଅଲେଖ ପାତ୍ର, ଆକାଶ ଦାଶଙ୍କ ସମେତ ବହୁ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ।

# ମତଦାନ କଲେ ଶତାୟୁ

**ଝାରସୁଗୁଡ଼ା, ୧୧।୫(ସମିସ):** ଝାରସୁଗୁଡା ଜିଲ୍ଲା ତାଳପଟିଆ ଗ୍ରାମର ବୟୋଜ୍ୟେଷ୍ଠ ବ୍ୟକ୍ତି ଶତାୟୁ ପୁରୁଷ ଯୁଧିଷ୍ଠିର ମହାପାତ୍ର ତାଙ୍କ ବାସଭବନରେ ମତଦାନ କରିଛନ୍ତି। ଶନିବାର ଝାରସୁଗୁଡାରୁ ପୋଲିଂ ଅଧିକାରୀଙ୍କ ଏକ ତିନି ଜଣିଆ ଦଳ ଶ୍ରୀ ମହାପାତ୍ରଙ୍କ ଘରକୁ ଯାଇ ତାଙ୍କର ଭୋଟ ଗ୍ରହଣ କରିଛନ୍ତି। ଉଲ୍ଲେଖଯୋଗ୍ୟ ଯେ ସ୍ୱାଧୀନୋତ୍ତର ଭାରତର ପ୍ରଥମ ସାଧାରଣ ନିର୍ବାଚନରୁ ଆରମ୍ଭ କରି ଅଦ୍ୟାବଧି ହୋଇଥିବା ସମସ୍ତ ପଞ୍ଚାୟତ, ବିଧାନସଭା ଓ ଲୋକସଭା ନିର୍ବାଚନରେ ଶ୍ରୀ ମହାପାତ୍ର ମତଦାନ କରିଛନ୍ତି। ଗତ ଝାରସୁଗୁଡା ଉପ-ନିର୍ବାଚନରେ ବୟସାଧିକ୍ୟ କାରଣରୁ ସେ ହ୍ୱିଲ ଚେୟାରରେ ମତଦାନ କେନ୍ଦ୍ରକୁ ଯାଇ ଭୋଟ ଦେଇଥିଲେ। ତେବେ ଚଳିତ




ଥର ନିଜ ବାସଭବନରେ ରହି ମତାଧିକାର ସାବ୍ୟସ୍ତ କରିଥିବାରୁ ଶ୍ରୀ ମହାପାତ୍ର ବେଶ ଖୁସି ଅଛନ୍ତି ଓ ନିର୍ବାଚନ ଆୟୋଗଙ୍କ ଅଭିନବ ପଦକ୍ଷେପକୁ ଭୂୟସୀ ପ୍ରଶଂସା କରିବା ସହ ଗଣତନ୍ତ୍ରର ମହାପର୍ବରେ ସାମିଲ ହୋଇ ସେ ଗର୍ବିତ ବୋଲି ନିଜ ପ୍ରତିକ୍ରିୟାରେ କହିଛନ୍ତି। ପ୍ରକାଶଥାଉକି ଭାରତୀୟ ନିର୍ବାଚନ ଆୟୋଗ ଏଥର ୮୫ ବର୍ଷ ବୟସରୁ ଊର୍ଦ୍ଧ୍ୱ ବ୍ୟକ୍ତିମାନଙ୍କ ବାସଭବନକୁ ଯାଇ ମତଦାନ କରାଇବା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରିଛନ୍ତି। ଝାରସୁଗୁଡା ଜିଲ୍ଲାରେ ଆସନ୍ତା ୨୦ ତାରିଖ ଦିନ ନିର୍ବାଚନ ହେବ।

**ବ୍ରଜରାଜନଗର ନିର୍ବାଚନମଣ୍ଡଳୀ**

# ବିଜେଡି ନିର୍ବାଚନୀ କାର୍ଯ୍ୟାଳୟ ଉଦ୍‌ଘାଟିତ

ବ୍ରଜରାଜନଗର, ୧୧।୫(ସମିସ)

ଝାରସୁଗୁଡା ଜିଲ୍ଲା ବ୍ରଜରାଜନଗର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଝାରସୁଗୁଡ଼ା ବ୍ଲକର ପାଞ୍ଚ ଗୋଟି ଗ୍ରାମ ପଞ୍ଚାୟତ ଯଥା ରାଜପୁର, ଲୋଇସିଂହ, ଚାନ୍ଦନୀମାଲ, ଗଉଡମାଲ ଏବଂ କୁଦୋପାଲି ପଞ୍ଚାୟତ ପାଇଁ ରାଜପୁର ଗ୍ରାମଠାରେ ବିଜୁ ଜନତା ଦଳର ଏକ ନିର୍ବାଚନୀ କାର୍ଯ୍ୟାଳୟକୁ ବିଧାୟିକା ପ୍ରାର୍ଥିନୀ ଅଳକା ମହାନ୍ତି ଉଦଘାଟନ କରିଛନ୍ତି। ଆଗାମୀ ସାଧାରଣ ନିର୍ବାଚନ ପାଇଁ ଏକ ସ୍ୱତନ୍ତ୍ର ରଣ ନୀତି ପ୍ରସ୍ତୁତ କରିବା ସହ ଉପରୋକ୍ତ ପାଞ୍ଚ ଗୋଟି ଗ୍ରାମ ପଞ୍ଚାୟତରେ ହୋଇଥିବା ବିକାଶମୂଳକ କାର୍ଯ୍ୟର ବାର୍ତ୍ତା ସହ ବିଜୁ ଜନତା ଦଳ ସପକ୍ଷରେ ବିପୁଳ ପରିମାଣରେ ଆଶୀର୍ବାଦ ସକାଶେ ଉପଯୁକ୍ତ କାର୍ଯ୍ୟ ପନ୍ଥା ପ୍ରସ୍ତୁତ କରି ଲୋକଙ୍କ ନିକଟକୁ ପହଞ୍ଚିବା ଶ୍ରୀମତୀ ମହାନ୍ତି କର୍ମୀଙ୍କୁ ଅନୁରୋଧ କରିଥିଲେ। ଏହା ସହିତ ଗଣତନ୍ତ୍ରର ଏହି ମହାନ୍ ପର୍ବରେ ସମସ୍ତେ ସାମିଲ ହୋଇ ନିଜ ନିଜର ଗଣତାନ୍ତ୍ରିକ ଅଧିକାରକୁ ଭୋଟ ମାଧ୍ୟମରେ ସାବ୍ୟସ୍ତ କରିବା ପାଇଁ ଅନୁରୋଧ କରିଥିଲେ। ଏହି ଅବସରରେ ପର୍ଯ୍ୟବେକ୍ଷକ ହରେକୃଷ୍ଣ ଷଡ଼ଙ୍ଗୀ, ପଶ୍ଚିମ ଓଡ଼ିଶା ବିକାଶ ପରିଷଦର ସଦସ୍ୟ ମିତ୍ରଭାନୁ ସାହୁ, ରାଜପୁର ସରପଞ୍ଚ ସରସ୍ୱତୀ ନାଏକ, ଲୋଇସିଂହ ସରପଞ୍ଚ ସନାତନ ରୋହିଦାସ, ଚାନ୍ଦନୀମାଲ ସରପଞ୍ଚ ଲକ୍ଷ୍ମୀଧର ମିଶ୍ର, ଗୌଡମାଲ ସରପଞ୍ଚ ରାଜକୁମାର ସାଏ, ଗୌଡମାଲ ସମିତି ସଭ୍ୟା ପୁଷ୍ପା ଖଡିଆ, ରାଜପୁର ପଞ୍ଚାୟତର ବିଜେଡି ସଭାପତି ଗଣେଶରାମ ବାଗ, ରାଜପୁର ନାଏବ ସରପଞ୍ଚ କୌଶଲ୍ୟା ଦେହୁରୀ, ହୃଦାନନ୍ଦ ବାରିକ, ବୈଜୟନ୍ତି ପଟେଲ, କୋଣାର୍କ ପଟ୍ଟନାୟକ, ତପସ୍ୱନୀ ମେହେର, ବେଦମତୀ ତନ୍ତୀ, ରାଜିବ ପାଟଯୋଶୀ, ଦିବ୍ୟ କିସାନ, ପ୍ରତାପ ବିଶ୍ୱାଳ, ରାଜା ପାଟଯୋଶୀ, ଗଦାଧର ରାଏ, ହରି ଶଙ୍କର କଣ୍ଡା, ମନୋଜ ନାଏକ, ଦିଲୀପ ରାଉତ, ବିଜୟ ଭୋଇ, ପ୍ରଫୁଲ୍ଲ କଟାର, ସୁଶିଲ ବଡ଼ାଇ, ବିମଳ ପଟେଲ ଏବଂ ଜିତୁ ରାଏ ପ୍ରମୁଖ ଉପସ୍ଥିତ ଥିଲେ।



ଦିନକ ପରେ ନିର୍ବାଚନ

# ଗଣତନ୍ତ୍ରର ମହାନ ପର୍ବ ପାଇଁ ବାହାରିଲେ ପୋଲିଂପାର୍ଟି





**ନୂଆପଡ଼ା, ୧୧।୫(ସମିସ)**

କଳାହାଣ୍ଡି ସଂସଦୀୟ କ୍ଷେତ୍ରରେ ୧୩ ତାରିଖରେ ସାଧାରଣ ନିର୍ବାଚନ। ଏଥିପାଇଁ ଜିଲ୍ଲା ପ୍ରଶାସନ ପୋଲିଂପାର୍ଟିକୁ ବିଭିନ୍ନ ବୁଥ୍‌ରେ ପହଞ୍ଚାଇବାକୁ ବ୍ୟବସ୍ଥା କରିଛି। ନୂଆପଡ଼ା ଜିଲ୍ଲା ସଦର ମହକୁମାରୁ ସମସ୍ତ ବୁଥ୍ ଅଭିମୁଖେ ପୋଲିଂ ଟିମ୍ ଯାଇ ସମ୍ପୃକ୍ତ ଷ୍ଟେସନରେ ପହଞ୍ଚିଛନ୍ତି। ଖଡିଆଳ ବିଧାନସଭା ନିର୍ବାଚନ ମଣ୍ଡଳୀ (୭୨)ର ୩୦୨ଟି ବୁଥ୍ ମଧ୍ୟରୁ ୨୦ଟି ଶଖୀ ବୁଥ୍‌ର କର୍ମଚାରୀ ରବିବାର ବାହାରିବେ। ଶନିବାର ୨୮୨ଟି ବୁଥ୍‌ର ପୋଲିଂ ଟିମ୍ ନୂଆପଡ଼ାରୁ ବାହାରିସାରିଛି। ଏଥିରୁ ୨୮୧ଟି ବୁଥ୍‌ରେ କର୍ମଚାରୀ ସୁରକ୍ଷିତ ଏବଂ ସୁବିଧାରେ ପହଞ୍ଚିଛନ୍ତି। ରବିବାର ନୂଆପଡ଼ା ବିଧାନସଭା ସକାଶେ ପୁଲିଂ କର୍ମଚାରୀଙ୍କୁ ଛଡାଯିବ।

ଜିଲ୍ଲାରେ ୨ ବିଧାନସଭା ନିର୍ବାଚନମଣ୍ଡଳୀ ନୂଆପଡ଼ା ଏବଂ ଖଡିଆଳରେ ୩୦୨ଟି ଲେଖାଏଁ ବୁଥ୍ ରହିଛି। ଶନିବାର ପ୍ରଥମ ଦଫାରେ ଖଡିଆଳ ବିଧାନସଭା ସକାଶେ ପୋଲିଂ ବୁଥ୍‌ଗୁଡିକୁ ଛଡ଼ା ଯାଇଛି। ଏଥିପାଇଁ ନୂଆପଡ଼ା ନ୍ୟାସନାଲ କଲେଜରେ ଥିବା ଇଭିଏମ କେନ୍ଦ୍ରରେ ବ୍ୟବସ୍ଥା କରାଯାଇଥିଲା। ନ୍ୟାସନାଲ କଲେଜରୁ ସ୍ୱତନ୍ତ୍ର ଗାଡ଼ି ଯୋଗେ ପୋଲିଂ ଟିମ୍ ନିର୍ଦ୍ଧାରିତ ଜାଗାରେ ପହଞ୍ଚିଛନ୍ତି। ଏସ୍‌ପି ଜିଆର୍ ରାଘବେନ୍ଦ୍ର ଉପସ୍ଥିତ ରହି ପୁଲିସ ବଳକୁ ମାର୍ଗଦର୍ଶନ କରିଛନ୍ତି। ଗାଁଗୁଡ଼ିକରେ ଲୋକେ ଏହି ଟିମ୍‌କୁ ସ୍ୱାଗତ କରି ରହିବା ଖାଇବା ବ୍ୟବସ୍ଥାରେ ସହାୟତା କରଛନ୍ତି।





## ପ୍ରଥମ ଦିନରେ ଯାବତୀୟ ବିଶୃଙ୍ଖଳା

ନୂଆପଡ଼ା ନ୍ୟାସନାଲ କଲେଜରେ ଥିବା ଇଭିଏମ୍ କେନ୍ଦ୍ରରେ ସକାଳ ୫ଟାବେଳେ ପହଞ୍ଚିବାକୁ କର୍ମଚାରୀଙ୍କୁ ନିର୍ଦ୍ଦେଶ ରହିଥିଲା; ହେଲେ ପ୍ରଥମ ଦିନରେ ବହୁ ବିଳମ୍ବରେ ଆରମ୍ଭ ହୋଇଥିବାରୁ ଖରାରେ କର୍ମଚାରୀ ହଇରାଣ ହୋଇଥିଲେ। ଏମାନଙ୍କ ସକାଶେ ସକାଳେ କେବଳ ଜଳଖିଆ ବ୍ୟବସ୍ଥା କରାଯାଇଥିଲା; ହେଲେ ମଧ୍ୟାହ୍ନରେ କୌଣସି ଖାଦ୍ୟପେୟର ବ୍ୟବସ୍ଥା ହୋଇ ନ ଥିଲା। ଏଣୁ ସନ୍ଧ୍ୟା ପର୍ଯ୍ୟନ୍ତ ସେମାନେ ନ ଖାଇ ନ ପିଇ କଲବଲ ହୋଇଥିଲେ। ଏପରିକି ପାଣି ମୁନ୍ଦେ ମଧ୍ୟ ପିଇବାକୁ ମିଳି ନ ଥିଲା। ଠିକ୍ ସମୟରେ ଭିଭିପ୍ୟାଟ ଓ ଇଭିଏମ ଦିଆଯାଇ ନ ଥିବାରୁ ପ୍ରଚଣ୍ଡ ଖରା ଏବଂ ଗ୍ରୀଷ୍ମ ପ୍ରବାହରେ ପୁଲିଂପାର୍ଟି ସିଝିଥିଲେ।

## କାଠଫେରରେ ପହଞ୍ଚି ପାରିନି ଟିମ୍

ବୋଡେନ ବ୍ଲକର ଦୁର୍ଗମ କାଠଫେର ଗାଁକୁ ଟିମ୍ ପହଞ୍ଚି ପାରିନାହିଁ। ଏଠାକୁ ଭଇଁଷାଦାନୀରୁ ଦୀର୍ଘ ୫କିମି ଦୁର୍ଗମ ଜଙ୍ଗଲରେ ଚାଲିଯିବାକୁ ହୋଇଥାଏ। ଏହି ଟିମ୍ ଏକ ସ୍ୱତନ୍ତ୍ର ଜାଗାରେ କଡ଼ା ପୁଲିସ ସୁରକ୍ଷା ବଳୟ ମଧ୍ୟରେ ରହଛି। ରବିବାର ସେଠାରେ ଯାଇ ପହଞ୍ଚିବେ। ସେହିଭଳି ପାଟଦର୍ହା ଭଳି କିଛି ବୁଥ୍‌କୁ ପୋଲିଂ ଟିମ୍‌କୁ ହେଲିକପ୍ଟର ଯୋଗେ ନିଆଯାଇଛି।

## ଶୀତଳଷଷ୍ଠୀ ପୂଜା କମିଟି ତରଫରୁ ଥାଳଉଠା

**ବଲାଙ୍ଗିର, ୧୧।୫(ସମିସ):** ଗୋଧୂଳି ଲଗ୍ନରେ ଚଳିତବର୍ଷ ଶୀତଳ ଷଷ୍ଠୀ ଯାତ୍ରା ପାଇଁ ପବିତ୍ର ଅକ୍ଷୟ ତୃତୀୟ ଅବସରରେ ସ୍ଥାନୀୟ ସନାତନ ମନ୍ଦିର ପରିସରରେ ରାଧାରଣୀପଡ଼ା ଶୀତଳ ଷଷ୍ଠୀ ପୂଜା କମିଟି ଓ କଂସାରିପଡ଼ା ପୂଜା କମିଟି ମିଳିତ ଆନୁକୂଲ୍ୟରେ ଦେବଦମ୍ପତିଙ୍କ ଉଦ୍ଦେଶ୍ୟରେ ଥାଳଉଠା କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଉଭୟ ପୂଜା କମିଟିର ସଭ୍ୟ ସହ ଶ୍ରଦ୍ଧାଳୁମାନେ ଉପସ୍ଥିତ ଥିଲେ। ରାଧାରାଣୀପଡ଼ା ପୂଜା କମିଟିର କନ୍ୟାପିତା ନାରାୟଣ ସ୍ୱାମୀ ନାଇଡୁ, ଶ୍ରୀଲତା ନାଇଡୁ ଓ ବରପିତା କଂସାରିପଡ଼ାର ମିଲୁ ନାଏକ, ସୋନାଲି ହୋତା ପ୍ରମୁଖ ଉପସ୍ଥିତ ଥିଲେ। ପୂର୍ବ ବର୍ଷ ଅପେକ୍ଷା ଶିତଳ ଷଷ୍ଠୀ ଯାତ୍ରାକୁ ଆହୁରି ମନୋରମ କରିବାକୁ ଉପସ୍ଥିତ ସଭ୍ୟ ଏବଂ ଶ୍ରଦ୍ଧାଳୁ ନିଜ ମତବ୍ୟକ୍ତ କରିଥିଲେ।



## ବିଜେପି ଉପରେ ବର୍ଷିଲେ ଲକ୍ଷ୍ମଣ

**ବଙ୍ଗୋମୁଣ୍ଡା, ୧୧।୫(ସମିସ):** ବଙ୍ଗୋମୁଣ୍ଡା ନିକଟସ୍ଥ କଦଭଟାସ୍ଥିତ ପଥପ୍ରାନ୍ତ ଠାରେ ସାମ୍ବାଦିକ ସମିଳନୀ ଅନୁଷ୍ଠିତ ହୋଇଥିଲା। ବିଜେଡି ରାଜ୍ୟ ସମ୍ପାଦକ ଲକ୍ଷ୍ମଣ ମେହେର ଉପସ୍ଥିତ ରହି ବିଜେପିର କଣ୍ଟାବାଞ୍ଜିର ବିଧାୟକ ପ୍ରାର୍ଥୀଙ୍କ ଉପରେ ବର୍ଷିଥିଲେ। ସେ କହିଥିଲେ ଯେ କଣ୍ଟାବାଞ୍ଜି ଅଞ୍ଚଳରେ ଦାଦନ ଶ୍ରମିକ ଚାଲାଣ କରି ଆସୁଥିବା ଲୋକେ ଏବେ ଦାଦନ ପ୍ରବଣ ଅଞ୍ଚଳର ବିକାଶ ହୋଇ ନ ଥିବାର ଡିଣ୍ଡିମ ପିଟୁଛନ୍ତି, ସେମାନେ ଭୁଲିଯିବା ଉଚିତ ନୁହେଁ ଯେ ଦାଦନ ଚାଲାଣର ଏଜେଣ୍ଟ ସାଜି କାମକରୁଥିବା ଲୋକ ଦାଦନ ସମସ୍ୟାକୁ କୁମ୍ଭୀର କାନ୍ଦଣା କାନ୍ଦୁଛନ୍ତି।

ଯୋଗ ପ୍ରଚାର, ପ୍ରସାର ପାଇଁ ସଂକଳ୍ପ

## ‘ଯୋଗ ସବୁଦିନ ପାଇଁ ରୋଗ ନିଶ୍ଚିହ୍ନ କରିଥାଏ’



**ବୌଦ୍ଧ, ୧୧।୫(ସମିସ):** ବୌଦ୍ଧ ବ୍ଲକ ଖୁଣ୍ଟବନ୍ଧ ପଞ୍ଚାୟତ ଜହ୍ନାପଙ୍କ ସରସ୍ୱତୀ ଶିଶୁ ମନ୍ଦିରରେ ବୌଦ୍ଧ ତହସିଲ ଅଞ୍ଚଳରେ ଯୋଗର ପ୍ରଚାର ପ୍ରସାର ପାଇଁ ଏକ ସଂକଳ୍ପ ବୈଠକ ଅନୁଷ୍ଠିତ ହୋଇଯାଇଛି। ପତଞ୍ଜଳି ଯୋଗ ସମିତି ରାଜ୍ୟ ପ୍ରଭାରୀ ରାଧାମାଧବ ବହିଦାର ଏହି ବୈଠକରେ ଯୋଗ ଦେଇ ପ୍ରତ୍ୟହ ଯୋଗ କରି ନିରୋଗ ରହିବାକୁ ଆହ୍ୱାନ ଦେଇଥିଲେ। ସେହିପରି ଔଷଧ ରୋଗକୁ ଦବାଇ ଦିଏ; କିନ୍ତୁ ଯୋଗ ରୋଗକୁ ସବୁଦିନ ପାଇଁ ନିଶ୍ଚିହ୍ନ କରିଦିଏ। ଏଣୁ ପ୍ରତିଦିନ ସକାଳୁ ଯୋଗ କକ୍ଷରେ ଅନ୍ତତଃ ୨ ଘଣ୍ଟା ଯୋଗ କରିବା ସହ ଅନ୍ୟକୁ ଯୋଗ କରିବା ପାଇଁ ପ୍ରବାର୍ତ୍ତାଇବାକୁ ପରାମର୍ଶ ଦେଇଥିଲେ। ଯୋଗ କରିବା ଦ୍ୱାରା ଅହିଂସା ମନୋଭାବ ସୃଷ୍ଟି ହୋଇଥାଏ। ଏହା ଫଳରେ ଘରୋଇ କଳି ଓ ହିଂସାରୁ ମୁକ୍ତି ମିଳିଥାଏ ବୋଲି ସେ କହିଥିଲେ। ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଦେବାଶିଷ ପୁରୋହିତ ଯୋଗର ଉପକାରିତା ସମ୍ପର୍କରେ ଦିଗଦର୍ଶନ ଦେବା ସହ ବନ୍ଦ ହୋଇଥିବା ଜହ୍ନାପଙ୍କ ଯୋଗ ଶିବିରକୁ ଚାଲୁ କରିବାକୁ ପରାମର୍ଶ ଦେଇଥିଲେ। ଅବସରପ୍ରାପ୍ତ ଡାକପାଳ ବାଞ୍ଛାନିଧି ହୋତା ବୈଠକରେ ଯୋଗଦେଇ ମନ ଥିଲେ ସମୟ ଆପେ ମିଳେ। ଈଶ୍ୱର ସମସ୍ତଙ୍କୁ ସମାନ ସମୟ ଦେଇଛନ୍ତି। ଏଥିରୁ ସମୟ ବାହାର କରି ଯୋଗ କରିବା ନିହାତି ଜରୁରୀ। ଯୋଗ କରି ଆମେ ନିରୋଗ ହେବା ସହ ଖୁସିରେ ଜୀବନ ବିତାଇବା ଆମର ମୂଳ ଲକ୍ଷ୍ୟ ହେଉ ବୋଲି ସେ ପରାମର୍ଶ ଦେଇଥିଲେ। ଉପସ୍ଥିତ ସମସ୍ତ ସଭ୍ୟଙ୍କୁ ପ୍ରତିଦିନ ଯୋଗ କରିବା ପାଇଁ ସଂକଳ୍ପ କରାଯାଇଥିଲା। ଶେଷରେ ପତଞ୍ଜଳି ଯୋଗ ସମିତିର ସଭ୍ୟ ଦେବ ନାରାୟଣ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ସଂକଳ୍ପ ଶିବିରରେ ଜିତେନ୍ଦ୍ର ବିଶ୍ୱାଳ, ଶିକ୍ଷକ ଶବର ସେଠି, ସୁଶାନ୍ତ ମେହେର, ସ୍ୱାଧୀନ କୁମାର ପ୍ରଧାନ, ଅଞ୍ଜନ ସାହୁ, ପ୍ରବୀଣ ନାଏକ, ବିଶ୍ୱାମିତ୍ର ବାରିକ, ବିଭୀଷଣ ପ୍ରଧାନ, ଅଭିମନ୍ୟୁ ପ୍ରଧାନ, ବିଶ୍ୱଜିତ ପୁରୋହିତ, ପିଣ୍ଟୁ ମେହେର, ସୁନିତ ମେହେର, ସୁମିତ ଭୋଇ, ସୁଶାନ୍ତ ଭୋଇ, ସୁଧାଂଶୁ ଶେଖର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ଅବସରପ୍ରାପ୍ତ ଶିକ୍ଷକଙ୍କ ପରଲୋକ

**ଜହ୍ନାପଙ୍କ, ୧୧।୫(ସମିସ):** ବୌଦ୍ଧ ବ୍ଲକ ବଢ଼ିଗାଁ ପଞ୍ଚାୟତ ଲୁଣ୍ଡାବେରେଣୀ ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ ଯୋଗେନ୍ଦ୍ର ପ୍ରଧାନ(୯୨)ଙ୍କ ଶନିବାର ସକାଳ ୫ ଟାରେ ପରଲୋକ ଘଟିଛି। ସେ ବାର୍ଦ୍ଧକ୍ୟ ଜନିତ ରୋଗରେ ଦୀର୍ଘଦିନ ପୀଡିତ ଥିଲେ। ସ୍ଥାନୀୟ



ସ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇ ଥିବା ବେଳେ ବଡ଼ ପୁଅ ସନ୍ତୋଷ ମୁଖାଗ୍ନି ଦେଇଥିଲେ। ଶ୍ରୀ ପ୍ରଧାନ ୧୯୪୯ ମସିହାରେ ବଘିଆପଡ଼ା ପଞ୍ଚାୟତ ଟିକରପଡ଼ା ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକତା ଜୀବନ ଆରମ୍ଭ କରିଥିଲେ। ପରେ ଜହ୍ନାପଙ୍କ, ତେଲିବନ୍ଧ, ଖମାରିପଡ଼ା, ଗୋବିନ୍ଦପୁର ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକତା କରିଥିଲେ। ୧୯୮୯ରେ ଲୁଣ୍ଡାବେରେଣୀ ପ୍ରାଥମିକ ବିଦ୍ୟାଳୟରୁ ଅବସର ଗ୍ରହଣ କରିଥିଲେ।

## ଟିଟିଲାଗଡ଼ରେ ଡାଏଲିସିସ୍ ସେଣ୍ଟର ଗୃହର ଭୂମିପୂଜନ

**ଟିଟିଲାଗଡ଼, ୧୧।୫(ସମିସ):** ଟିଟିଲାଗଡ଼ ଠିକାଦାରପଡ଼ାସ୍ଥିତ ଅର୍ବନ୍ ହେଲ୍ଥସେଣ୍ଟର ପରିସରରେ ଡାଏଲିସିସ୍ ସେଣ୍ଟରର ଗୃହର ଭୂମିପୂଜନ ହୋଇଯାଇଛି। ରାଜସ୍ଥାନୀ ସ୍ୱାସ୍ଥ୍ୟସେବା ସେଣ୍ଟର ଓ ରୋଟାରୀ କ୍ଲବ୍‌ର ମିଳିତ ଅନୁକୂଲ୍ୟରେ ରୋଗୀଙ୍କ ପାଇଁ ଅତିଶୀଘ୍ର ନିଶୁଳ୍କ ଡାଏଲିସିସ୍ ସେଣ୍ଟର ଖୋଲାଯିବ। ଡାଏଲିସିସ୍ ରୋଗୀଙ୍କୁ ଆଉ ଟିଟିଲାଗଡ଼ ବାହାରକୁ ଯିବାକୁ ପଡ଼ିବନାହିଁ। ଭୂମି ପୁଜନ ସମୟରେ ରାଜସ୍ଥାନୀ ସ୍ୱାସ୍ଥ୍ୟ ସେଣ୍ଟର ଚେୟାରମ୍ୟାନ୍ ଜଗଦୀଶ ଶର୍ମା, ଶିବରାଜ ଜି ମୁମ୍ବାଇ ରୋଟାରୀ ଡିଷ୍ଟ ଗଭର୍ଣ୍ଣର, ବିନୋଦ ମାରୋଡିଆ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରକାଶ ଯେ ଅର୍ବାନ୍ ହେଲ୍ଥସେଣ୍ଟର ଏକବର୍ଷ ତଳେ ନିର୍ମାଣ ହୋଇଥିଲା। ସେତେବେଳେ ତତ୍‌କାଳୀନ ଜିଲ୍ଲାପାଳ ଚଞ୍ଚଳ ରଣା, ମନ୍ତ୍ରୀ ଟୁକିନି ସାହୁ, ସାଂସଦ ସଙ୍ଗୀତା କୁମାରୀ ସିଂଦେଓ, ସଂସ୍ଥାର ଚେୟାରମ୍ୟାନ ଜଗଦୀଶ ପ୍ରସାଦ ପ୍ରମୁଖ ଉପସ୍ଥିତ ଥିଲେ।\



## ସୁକତେଲ ବ୍ରିଜ୍ ଉପରେ ଦୁର୍ଘଟଣା; ୪ ଗୁରୁତର

**ବଲାଙ୍ଗିର, ୧୧।୫(ସମିସ):** ବଲାଙ୍ଗିର - ବରଗଡ଼ ୨୬ ନଂ ଜାତୀୟ ରାଜପଥ ଫାସଡ ନିକଟସ୍ଥ ସୁକତେଲ ବ୍ରିଜରେ ସଡ଼କ ଦୁର୍ଘଟଣା। ବଲାଙ୍ଗିର ପଟୁ ଏକ କାର୍ ଯାଉଥିବା ବେଳେ ସାମ୍ନା ପଟୁ ଆସୁଥିବା ଏକ ବାଇକ୍ କୁ ଧକ୍କା ଦେଇଥିଲା। ଦୁର୍ଘଟଣାରେ ଦୁଇ ଜଣ ଆହତ ହୋଇଥିବା ବେଳେ କାର୍‌ରେ ଥିବା ଯୁବକମାନେ ନିଶାସକ୍ତ ଅବସ୍ଥାରେ ଥିବାରୁ ଲୋକେ ପ୍ରତିକ୍ରିୟାଶୀଳ ହୋଇଥିଲେ। ସୂଚନା ଅନୁସାରେ କୌଣସି ଏକ ଘରୁଆ କାମରେ ପୁଆ ଗ୍ରାମର ଶେଷ କୁମ୍ଭାର, ସ୍ତ୍ରୀ ସୀମା ବାଗ ନିଜ ଦୁଇ ଶିଶୁ ଓକିଲ କୁମ୍ଭାର, ଅଦିଲ କୁମ୍ଭାରଙ୍କୁ ନେଇ ଫାସଡ ଗାଁକୁ ଆସିଥିଲେ। ସନ୍ଧ୍ୟାରେ ନିଜ ଘରକୁ ଫେରିବା ବାଟରେ ଫାସଡ୍ ନିକଟସ୍ଥ ସୁକତେଲ ବ୍ରିଜ୍ ଉପରେ ଦୁର୍ଘଟଣାର ଶିକାର ହୋଇଥିଲେ। ବଲାଙ୍ଗିର ପଟୁ ଦ୍ରୁତ ଗତିରେ ଆସୁଥିବା ଏକ କାର୍ ସେମାନଙ୍କୁ ଧକ୍କା ଦେଇଥିଲା। ଘଟଣା ଘଟିବା ପରେ କାର୍‌ରେ ଥିବା ଯୁବକମାନେ ଦୁର୍ଘଟଣାଗ୍ରସ୍ତ ଲୋକଙ୍କୁ ଉଠାଇ ଡାକ୍ତରଖାନା ନେବା ବଦଳରେ ସେଠାରୁ ଫେରାର ମାରିଥିଲେ। ଦୁର୍ଘଟଣା ଦେଖିଥିବା ଜଣେ ଯୁବକ କାର୍‌କୁ ଗୋଡାଇଥିଲେ। ଉକ୍ତ କାର୍ ଟି କିଛି ଦୂର ଯିବା ପରେ ଖରାପ ହୋଇ ଅଟକି ଯାଇଥିଲା। ସମ୍ପୃକ୍ତ ଯୁବକ କାର୍ ସାମ୍ନାକୁ ଯାଇ ଅଟକିବା ପରେ କାର୍‌ରେ ଥିବା ଦୁଇ ଜଣ ଯୁବକ ମାଡ ମାରିଥିବା ଅଭିଯୋଗ ହୋଇଛି। ମାଡ଼ ଖାଉଥିବା ଯୁବକଙ୍କୁ ବଞ୍ଚାଇବାକୁ ଯାଇଥିବା କିଛି ଯୁବକମାନଙ୍କୁ ମଧ ଉଭୟ ଯୁବକଙ୍କ ଆକ୍ରମଣ ର ଶିକାର ହୋଇଥିଲେ। ଏହା ସହିତ ସେମାନେ ଫେରାର ହେବାକୁ ମଧ ଉଦ୍ୟମ କରିଥିଲେ। ଫଳରେ ଉତ୍ତେଜନା ଦେଖା ଦେଇଥିଲା। ସ୍ଥାନୀୟ ଲୋକେ ଦୁର୍ଘଟଣାଗ୍ରସ୍ତ ପରିବାରକୁ ଉଦ୍ଧାର କରି ଡାକ୍ତରଖାନା ନେଇଥିଲେ। ଅବସ୍ଥା ଗୁରୁତର ଥିବାରୁ ସମସ୍ତଙ୍କୁ ବଲାଙ୍ଗିର ଭୀମଭୋଇ ମେଡିକାଲ କଲେଜ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିବା ଜଣାପଡ଼ିଛି। ଲୋଇସିଂହା ଓ ପୁଇନ୍ତଲା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିବା ସହ ସମ୍ପୃକ୍ତ ଯୁବକମାନଙ୍କୁ ଥାନାରେ ଅଟକ ରଖିଥିବା ଜଣାପଡ଼ିଛି। ତେବେ କାରରେ ଯୁବକ ମାନେ ନିଶାସକ୍ତ ଅବସ୍ଥାରେ ଥିବା ବେଳେ ତାଙ୍କ ପାଖରେ ମଦ ବୋତଲ ସହ ମାରଣାସ୍ତ୍ର ରଖିଥିବା ଲୋକେ ଅଭିଯୋଗ କରିଛନ୍ତି।

## ଖଡ଼ିଆଳରେ ରାଷ୍ଟ୍ରୀୟ ଲୋକ ଅଦାଲତ

**ନୂଆପଡ଼ା/ଖଡ଼ିଆଳ, ୧୧।୫(ସମିସ):** ନୂଆପଡ଼ା ଜିଲ୍ଲା ଖଡ଼ିଆଳ କୋର୍ଟ ପରିସରରେ ତାଲୁକସ୍ତରୀୟ ଆଇନ ସେବା ପ୍ରାଧିକରଣ ପକ୍ଷରୁ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷ ତଥା ସିଭିଲ ଜଜ୍ (ସିନିଅର ଡିଭିଜନ) ସୁଶ୍ରୀ ଚିନ୍ମୟୀ ଜେନା ଅଧକ୍ଷତା କରିଥିଲେ। ସ୍ଥାନୀୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ତଥା ସିଭିଲ ଜଜ୍ (ଜୁନିଅର ଡିଭିଜନ) ସୁଶ୍ରୀ ରୀତି ତ୍ରିପାଠୀ ଯୋଗ ଦେଇଥିଲେ। ସିନିଅର ସିଭିଲ ଜଜ ଅଦାଲତର ୧୭ଟି ସିଭିଲ କେଶ୍, ଗୋଟିଏ ବ୍ୟାଙ୍କିଂ କେଶ୍ ଫାଇନାଲ ହୋଇଥିବାବେଳେ ସମୁଦାୟ ୧, ୯୫, ୧୯୭୪୯ ଟଙ୍କା ଆଦାୟ କରାଯାଇଥିଲା। ସେହିପରି ସିଭିଲ ଜଜ (ଜୁନିଅର ଡିଭିଜନ) ଅଦାଲତର ଗୋଟିଏ ସିଭିଲ, ୨୨ଟି ଅପରାଧ ଏବଂ ୨ଟି ପାରିବାରିକ ମାମଲାର ଫଇସଲା ହୋଇଥିଲା। ବ୍ୟାଙ୍କରଣ ଖିଲାପିଙ୍କଠାରୁ ସମୁଦାୟ ୨, ୭୫, ୦୦୦ଟଙ୍କା ଆଦାୟ କରାଯାଇଥିଲା। ସରକାରୀ ଓକିଲ ନରେନ୍ଦ୍ର ମେହେର, ଆଦିତ୍ୟ ମହାପାତ୍ର, ଓକିଲ ବିରଜା ସିଂ ଦଳପତି ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।



## ଟିଟିଲାଗଡ଼ ବ୍ଲକରେ ଟୁକୁନିଙ୍କ ମାରାଥନ ପ୍ରଚାର



**ଟିଟିଲାଗଡ଼, ୧୧।୫(ସମିସ):** ଟିଟିଲାଗଡ଼ ବ୍ଲକ ଅଞ୍ଚଳରେ ଶନିବାର ବିଜେଡି ବିଧାୟକ ପ୍ରାର୍ଥିନୀ ଟୁକୁନି ସାହୁ ମାରାଥନ ପ୍ରଚାର କରିଛନ୍ତି। ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଖାସମୁଣ୍ଡା, ପିପଲପଦର, ମନିଗାଁ ଆଦି ଗ୍ରାମରେ ଟୁକୁନିଙ୍କ ପ୍ରଚାର କାର୍ଯ୍ୟକ୍ରମରେ ହଜାର ହଜାର ସଂଖ୍ୟାରେ ସମର୍ଥକଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ଏହି ଅବସରରେ ଟୁକୁନି ଜନତାଙ୍କୁ ସମ୍ବୋଧନ କରି ବିଗତ ବର୍ଷରେ ଆପଣ ବିକାଶର ଚିତ୍ର ଦେଖନ୍ତୁ, ଯେଉଁ ମା ମାନେ ଘର କୋଣରେ ରହୁଥିଲେ ସେମାନେ ଆଜି ବ୍ୟବସାୟ କରି ପରିବାରର ଆର୍ଥିକ ସମ୍ବଳ ବୃଦ୍ଧିରେ ସହାୟକ ହୋଇପାରିଛନ୍ତି। ମା ମାନଙ୍କ ଚିକିତ୍ସା ପାଇଁ ୧୦ ଲକ୍ଷ ଟଙ୍କା ବାର୍ଷିକ ସହାୟତା ବ୍ୟବସ୍ଥା ମୁଖ୍ୟମନ୍ତ୍ରୀ କରିଛନ୍ତି। କୃଷକଙ୍କ କଲ୍ୟାଣ ପାଇଁ କାଳିଆ ଯୋଜନା, ଅସହାୟ ଭତ୍ତା ଦୁଇ ଗୁଣା ବୃଦ୍ଧି ହୋଇଛି। ମହିଳା ଗୋଷ୍ଠୀଙ୍କୁ ବିନା ସୁଧରେ ଋଣ ପ୍ରଦାନ କରାଯାଉଛି। ଗ୍ରାମ୍ୟ ପୋଖରୀରେ ମାଛଚାଷ ପାଇଁ ମହିଳା ଗୋଷ୍ଠୀଙ୍କୁ ତାଙ୍କ ସରକାର ଅଗ୍ରାଧିକାର ସହ ପ୍ରୋତ୍ସାହନ ଦେଉଛନ୍ତି। ଟିଟିଲାଗଡ଼ ନିର୍ବାଚନ ମଣ୍ଡଳୀରେ ପ୍ରାୟ ୪୦୦୦ କୋଟି ଟଙ୍କାର ଜଳସେଚନ ପ୍ରକଳ୍ପ ମୁଖ୍ୟମନ୍ତ୍ରୀ ମଞ୍ଜୁର କରିଥିବା ଆମ ପାଇଁ ଗୌରବ ତଥା ଉତ୍ସାହ ସୃଷ୍ଟି କରିଥିବା ଟୁକୁନି ବିଭିନ୍ନ ସଭା ସମିତିରେ କହିଛନ୍ତି। ଏହି ଅବସରରେ ଦଳର ପର୍ଯ୍ୟବେକ୍ଷକ ଲୋଟସ ଷଡ଼ଙ୍ଗୀ, ଟିଟିଲାଗଡ଼ ବ୍ଲକ ଅଧକ୍ଷା ସଂଯୁକ୍ତା ନାଏକ, ସଇଁତଳା ବ୍ଲକ ଉପାଧକ୍ଷ ଗୁଣ ସାଗର ମାଝୀ, ଜିଲ୍ଲା ପରିଷଦ ସଭ୍ୟ ଗୀତା ବିଶି, ସରପଞ୍ଚ ସୁବ୍ରତ ନାଗ, ମୁନିରାମ ଖରସେଲ, ମୁନୁ ପ୍ରଧାନ, ରମେଶ ବିଶି ପ୍ରମୁଖ ଉପସ୍ଥିତ।

୯ ହଜାରରୁ ଅଧିକ ପ୍ଲଟ୍‌ରେ ଚାଷ ହୋଇ ନ ଥିବା ସ୍ପଷ୍ଟ

# ସାଟେଲାଇଟ୍ ସର୍ଭେ ଧରିଲା ମିଛ ଧାନଚାଷ

**ସୋନପୁର, ୧୧।୫ (ସମିସ)**

କେଉଁଟା ରାସ୍ତା ତ କେଉଁଠି ଖଳା ଅଛି; ହେଲେ ଏହି ସବୁକୁ ଧାନ ଚାଷ ହେଉଥିବା ଦର୍ଶାଇ ବହୁ ଚାଷୀ ପଞ୍ଜୀକରଣ କରିଛନ୍ତି। ସାଟେଲାଇଟ୍ ସର୍ଭେ ହେବା ପରେ ଏଭଳି ମିଛ ଚାଷ ସବୁ ଧରା ପଡ଼ିଛି। ସରକାରଙ୍କ ପକ୍ଷରୁ ହୋଇଥିବା ସାଟେଲାଇଟ ସର୍ଭେ ପରେ ଜିଲ୍ଲାରେ ଏଯାଏଁ ୯ ହଜାରରୁ ଅଧିକ ପ୍ଲଟ୍‌ରେ ଧାନଚାଷ ହୋଇ ନ ଥିବା ସ୍ପଷ୍ଟ ହୋଇଛି। ସୁବର୍ଣ୍ଣପୁର ଜିଲ୍ଲାରେ ଏଭଳି ବହୁ ରାସ୍ତା, ପଡ଼ିଆ ଓ ଜଳାଶୟ ଆଦିକୁ ଚାଷ ଜମି ଦର୍ଶାଇ ପଞ୍ଜୀକରଣ ହୋଇଛି। ସୁବର୍ଣ୍ଣପୁର ଜିଲ୍ଲାରେ ୧୦ ହଜାର ୨୦୮ ଟି ପ୍ଲଟ୍‌ରେ ରବି ଧାନ ଚାଷ ହେଉଛି ବୋଲି ଦର୍ଶଯାଇଥିଲା; ହେଲେ ସାଟେଲାଇଟ୍ ସର୍ଭେରେ ଏହି ପ୍ଲଟ୍‌ଗୁଡିକରେ ଧାନ ଚାଷ ହୋଇ ନ ଥିବା ଜଣା ପଡ଼ିଥିଲା। ସାଟେଲାଇଟ୍ ସର୍ଭେ ରିପୋର୍ଟ ମିଳିବା ପରେ ଜିଲ୍ଲା ପ୍ରଶାସନ ପକ୍ଷରୁ କ୍ଷେତ୍ର ଅନୁଧ୍ୟାନ ଚାଲିଛି। ଅଧିକାରୀଙ୍କ କ୍ଷେତ୍ର ସର୍ଭେ ପରେ ମିଛ ଧାନ ଚାଷ ସମ୍ପର୍କରେ ସ୍ପଷ୍ଟ ଜଣାପଡୁଛି। ୨୦୨୩-୨୪ ରବିଋତୁରେ ସୁବର୍ଣ୍ଣପୁର ଜିଲ୍ଲାର ପ୍ରାୟ ୩୪ ହଜାର ହେକ୍ଟର ଜଳସେଚିତ ଜମିରେ ଧାନ ଚାଷ ହୋଇଛି। ଜିଲ୍ଲାର ୩୫ ହଜାର ୫୮୦ ଜଣ ଚାଷୀ ଧାନ ବିକ୍ରି ପାଇଁ ପଞ୍ଜିକରଣ କରିଛନ୍ତି; ହେଲେ ପୂର୍ବ ବର୍ଷଗୁଡିକ ଭଳି ବହୁ ଜମିରେ ଧାନଚାଷ ନ କରି ପଞ୍ଜୀକରଣ କରାଯାଇଥିବା ଅଭିଯୋଗ ହୋଇଥିଲା।



ଏହାପରେ ପ୍ୟାକ୍ସ ସମ୍ପାଦକ, ରାଜସ୍ୱ ନୀରିକ୍ଷକ, ଭିଏଡବ୍ଲୁ, ଜଳ ସମ୍ପଦ ବିଭାଗ କର୍ମଚାରୀ ଓ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସମ୍ପାଦକଙ୍କ କ୍ଷେତ୍ରୀୟ ସର୍ଭେ ପରେ ୧୯୧ ଜଣ ଚାଷୀଙ୍କ ଧାନଚାଷ ହୋଇ ନ ଥିବା ଶତାଧିକ ହେକ୍ଟର ଜମିର ପଞ୍ଜୀକରଣ ବାତିଲ କରିଥିଲେ। ତେବେ ଏହି ତଥ୍ୟ ନେଇ ଦ୍ୱନ୍ଦ୍ୱ ଦେଖାଦେବାରୁ ସାଟେଲାଇଟ ସର୍ଭେ ପାଇଁ ସରକାର ନିର୍ଦ୍ଦେଶ ଦେଇଥିଲେ। କ୍ଷେତ୍ର ପରିଦର୍ଶନ କରି ମୋବାଇଲ୍ ଆପ୍ ଜରିଆରେ ସର୍ଭେ କରିବାକୁ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ରହିଛି। ଏହି କାମରେ ଜିଲ୍ଲାର ୨୩୨ ଜଣ ନିୟୋଜିତ ହୋଇ ସାଟେଲାଇଟ୍ ସର୍ଭେ କରୁଛନ୍ତି। ଚାଷ ହୋଇ ନ ଥିବା ଜମିର ଫଟୋ ଉଠାଇ ବିଭାଗୀୟ ୱେବ୍‌ସାଇଟରେ ଅପଲୋଡ୍ କରୁଛନ୍ତି। ସାଟେଲାଇଟ୍ ସର୍ଭେ ପରେ ସନ୍ଦେହ ଉପୁଜିଥିବା ମୋଟ ୧୦୨୦୮ଟି ପ୍ଲଟରୁ ଶୁକ୍ରବାର ସନ୍ଧ୍ୟା ସୁଦ୍ଧା ୧୦୦୭୨ ପ୍ଲଟର ସର୍ଭେ ସରିଛି। ସେମଧ୍ୟରୁ ୯୦୧୮ ପ୍ଲଟରେ ଧାନଚାଷ ହୋଇ ନ ଥିବା ସ୍ପଷ୍ଟ ହୋଇଛି। ବାକି ୧୩୬ ପ୍ଲଟର କ୍ଷେତ୍ରୀୟ ସର୍ଭେ ବାକି ଅଛି। ତେବେ ସର୍ଭେ ଅନୁସାରେ ଧାନଚାଷ ହୋଇ ନ ଥିବାବେଳେ ଧାନ ବିକ୍ରି କରିବା ପାଇଁ ଚାଷୀ ମିଥ୍ୟା ତଥ୍ୟ ଦେଇ ପଞ୍ଜୀକରଣ ପାଇଁ ଆବେଦନ କରିଛନ୍ତି। କ୍ଷେତ୍ର ସର୍ଭେ ସମୟରେ ସେ ସବୁ ଜମି ଘାସବଣ, ରାସ୍ତା, ପଡ଼ିଆ, ପୋଖରୀ, ଘରବାଡି, ଅନାବାଦୀ ଓ ଟାଙ୍ଗରା ଭୂଇଁ ଥିବା କର୍ମଚାରୀ ଦେଖିବାକୁ ପାଇଛନ୍ତି। ୨୨ ତାରିଖରୁ ଧାନ କ୍ରୟ ଆରମ୍ଭ କରିବାକୁ ସୁବର୍ଣ୍ଣପୁର ଜିଲ୍ଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକରେ ନିଷ୍ପତି ନିଆଯାଇଛି। ସୂଚନାଯୋଗ୍ୟ, ୨୦୨୨ ପୂର୍ବରୁ ଧାନକିଣାରେ ବ୍ୟାପକ ହେରଫେର ହେଉଥିବା ନେଇ ସରକାରଙ୍କ ନଜରକୁ ଆସିଥିଲା। ଚାଷ ହୋଇ ନ ଥିବା ବ୍ୟାପକ ଜମି ପଞ୍ଜିକରଣ କରି କିଛି ଅସାଧୁ ବ୍ୟବସାୟୀ ସରକାରୀ ଦରରେ ଧାନ ବିକ୍ରି କରି ଲାଭବାନ ହେଉଥିଲେ। ଏହା ରୋକିବା ପାଇଁ ୨ ବର୍ଷ ପୂର୍ବରୁ ସରକାର ସାଟେଲାଇଟ୍ ସର୍ଭେ କରୁଛନ୍ତି। ଏହି ବ୍ୟବସ୍ଥାକୁ ଚାଷୀ ସ୍ୱାଗତ କରିଛନ୍ତି।

**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୩.୫୨ • ପାଉଣ୍ଡ ୧୦୪.୦୮
- ୟୁରୋ ୯୦.୦୨ • ୟେନ୍ ୦.୫୩

**ସୁନା, ରୁପା ଦର**



୧୦ ଗ୍ରାମ ପିଛା (ଟଙ୍କାରେ)
- ସୁନା : ୬୭,୨୫୦ (ଭୁବନେଶ୍ୱର)
- ରୁପା : ୮୬,୦୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍ସେକ୍ସ ୭୨,୬୬୪.୦୦
- ନିଫ୍ଟି ୨୨,୦୫୫.୦୦



**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୩୭ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୬



## ଅଲ୍ଟିମେଟ୍ ଇଲେକ୍ଟ୍ରୋଲାଇଟ ଡ୍ରିଙ୍କ୍ ହିମାଳୟା ରି-ହାଇଡ୍ରେଟ୍

**ଭୁବନେଶ୍ୱର,୧୧।୫(ସମିସ):** ୱେଲ୍‌ନେସ୍ ବ୍ରାଣ୍ଡ ହିମାଳୟା ୱେଲ୍‌ନେସ୍ କମ୍ପାନୀ ରିହାଇଡ୍ରେଶନ ଓ ଥକ୍କାପଣର ମୁକାବିଲା କରିବା ପାଇଁ ଏହାର ନୂତନ ଉତ୍ପାଦ ହିମାଳୟା ରି-ହାଇଡ୍ରେଟ୍ର ଉନ୍ମୋଚନ କରିଛି, ଯାହାକି ଦୁଇଟି ଫ୍ଲେଭର ଯଥା ଆପଲ ଓ ଅରେଞ୍ଜରେ ଉପଲବ୍ଧ। ଶରୀର ହରାଇଥିବା ପୋଷକତତ୍ତ୍ୱଗୁଡିକୁ ପୁଣିଥରେ ପୂରଣ କରିବା ପାଇଁ ଏହି ଇଲେକ୍ଟ୍ରୋଲାଇଟ୍ ଡ୍ରିଙ୍କକୁ ଯତ୍ନର ସହ ପ୍ରସ୍ତୁତ କରାଯାଇଛି ଯାହା ଉପଭୋକ୍ତାଙ୍କୁ ସତେଜ ଓ ଶକ୍ତିଶାଳୀ ଅନୁଭବ ଦେଇଥାଏ। ହିମାଳୟା ରି-ହାଇଡ୍ରେଟ୍‌କୁ ସ୍ୱାସ୍ଥ୍ୟ ସଚେତନ ବ୍ୟକ୍ତିମାନଙ୍କ ପାଇଁ ୪୦% କମ୍ ଅତିରିକ୍ତ ଚିନି ଓ ୫୦% ଅଧିକ ଭିଟାମିନ ସି ସହିତ ବୈଜ୍ଞାନିକ ଭାବେ ଡିଜାଇନ କରାଯାଇଛି। ଭିଟାମିନ ସି ଥକ୍କାପଣକୁ ଶୀଘ୍ର ଦୂର କରୁଥିବାବେଳେ କମ ଚିନି ପରିମାଣ ଆଜିର ସଚେତନ ଉପଭୋକ୍ତାମାନଙ୍କ ପସନ୍ଦ ସହ ଜଡିତ ରହିଛି। ୫ଟି ଗୁରୁତ୍ୱପୂର୍ଣ୍ଣ ଇଲେକ୍ଟ୍ରୋଲାଇଟ୍ ଯଥା ସୋଡିୟମ, କ୍ଲୋରାଇଡ, ପୋଟାସିୟମ, ମ୍ୟାଗ୍ନେସିୟମ ଓ ଜିଙ୍କ୍ ସହିତ କ୍ୟାଲ୍ସିୟମର ଏକ ମିଶ୍ରଣ ଥିବା ହିମାଳୟା ରି-ହାଇଡ୍ରେଟ୍ ଜରୁରୀ ପୋଷକ ତତ୍ତ୍ୱଗୁଡିକର ଦ୍ରୁତ ପୁନରୁଦ୍ଧାର ସୁନିଶ୍ଚିତ କରିଥାଏ। ଏହାଛଡା ଆଣ୍ଟିଅକ୍ସିଡାଣ୍ଟରେ ସମୃଦ୍ଧ ଥିବା ଅଁଳା, ଡାଳିମ୍ବ ଭଳି ଫଳଗୁଡିକର ସମ୍ମିଶ୍ରଣ ଶରୀରର ପ୍ରାକୃତିକ ପୁନରୁଦ୍ଧାର ପ୍ରକ୍ରିୟାରେ ସହଯୋଗ କରିଥାଏ। ଏହି ନୂଆ ଉତ୍ପାଦ ସମ୍ପର୍କରେ ହିମାଳୟା ୱେଲ୍‌ନେସ୍ କମ୍ପାନୀର ଓଟିସି ବିଜ୍‌ନେସ୍ ହେଡ୍ ବିକାଶ ବଂଶୀ କହିଛନ୍ତି, "ହିମାଳୟା ରି-ହାଇଡ୍ରେଟ୍ ସହିତ ଆମର ପ୍ରୟାସ ହେଉଛି ଉପଭୋକ୍ତାଙ୍କୁ ଏକ ସତେଜ ସମାଧାନ ପ୍ରଦାନ କରିବା ଯାହା ବିଜ୍ଞାନର ନିଶ୍ଚିତତା ସହିତ ପ୍ରକୃତିର ଉତମତାକୁ ଏକତ୍ରିତ କରୁଛି।




**ସଞ୍ଚାର ସାଥୀ ପୋର୍ଟାଲ୍ ରିପୋର୍ଟ**

# ମାସକୁ ୫୦ ହଜାର ମୋବାଇଲ୍ ଫୋନ୍ ଚୋରି

**ଧରା ହୋଇଛି ୮.୯୮ ଲକ୍ଷ ଚୋରି ମୋବାଇଲ୍**

**ତେଲେଙ୍ଗାନାରେ ୬୯% ଫୋନ୍ ଟ୍ରାକିଂରେ ଧରାପଡିଛି**




**ନୂଆଦିଲ୍ଲୀ,୧୧।୫(ଏଜେନ୍ସି)**

କେନ୍ଦ୍ର ଟେଲି ଯୋଗାଯୋଗ ବିଭାଗ (ଡିଓଟି)ର କେନ୍ଦ୍ରୀୟ ଯନ୍ତ୍ରପାତି ପରିଚୟ ପଞ୍ଜିକରଣ (ସିଇଆର) ୮.୯୯ ଲକ୍ଷ ଚୋରା ମୋବାଇଲ୍ ଫୋନ୍‌ର ସନ୍ଧାନ କରିଛି। ସେବା ଆରମ୍ଭ ହେବା ଦିନଠାରୁ ଚୋରି ହୋଇଥିବା ୧୬.୧୩ ଲକ୍ଷ ମୋବାଇଲ୍ ଫୋନ୍‌କୁ ବ୍ଲକ୍ ବା ଅବରୋଧ କରାଯାଇଛି। ହେଲେ ମାସିକ ଭିତ୍ତିରେ ମୋବାଇଲ ଚୋରି ଘଟଣା ବୃଦ୍ଧି ପାଇବାରେ ଲାଗିଛି, କିନ୍ତୁ ଜାତୀୟ ସ୍ତରରେ ଏହା ୧୫ ପ୍ରତିଶତ କମିଛି। ସଞ୍ଚାର ସାରଥୀ ପୋର୍ଟାଲର ସର୍ବଶେଷ ତଥ୍ୟରୁ ଜଣାପଡିଛି ଯେ ଦେଶରେ ଧରାପଡିଥିବା ଚୋରା ମୋବାଇଲ୍ ଫୋନ୍ ମଧ୍ୟରୁ କେବଳ ୧.୩୧ ଲକ୍ଷ କିମ୍ବା ୧୪.୬ ପ୍ରତିଶତ ଫୋନ୍‌ର ସନ୍ଧାନ ମିଳିଛି।

ସରକାରୀ ଆକଳନ ଅନୁଯାୟୀ ଦେଶରେ ପ୍ରତି ମାସରେ ପ୍ରାୟ ୫୦ ହଜାର ମୋବାଇଲ୍ ଫୋନ୍ ଚୋରି ହୋଇଥାଏ। ତଥାପି, ଏହି ସବୁ ଚୋରି ହୋଇଥିବା ମୋବାଇଲ ଫୋନ୍ ମିଳିବା ହାର ଭିନ୍ନ ହୋଇଥାଏ। ଏଥିରେ ତେଲେଙ୍ଗାନା ଟେଲିକମ୍ ସର୍କଲରେ ଏକ ଭଲ ରେକର୍ଡ ରହିଛି। ତେଲେଙ୍ଗାନାରେ ଏ ପର୍ଯ୍ୟନ୍ତ ଚୋରି ହୋଇଥିବା ପ୍ରାୟ ୬୯ ପ୍ରତିଶତ ଫୋନ୍ ଟ୍ରାକ କରାଯାଇଛି। ଏହାପଛକୁ ଆନ୍ଧ୍ରପ୍ରଦେଶ (୬୦ ପ୍ରତିଶତ) ଏବଂ ରାଜସ୍ଥାନ (୩୮.୩୫ ପ୍ରତିଶତ) ରହିଛି। ଏଥିସହିତ ଦିଲ୍ଲୀରେ ଚୋରି ହୋଇଥିବା ମୋବାଇଲ୍ ଫୋନର ସନ୍ଧାନ ହାର ୧.୪୩ ପ୍ରତିଶତ ରହିଛି। ଅଧିକାରୀମାନେ କହିଛନ୍ତି ଯେ ଟ୍ରାକିଂ ପାଇଁ ଅଧିକାଂଶ ଅନୁରୋଧ ଗ୍ରାହକ ନିଜେ କରିଥିବାବେଳେ ସେଗୁଡିକର ପୁନରୁଦ୍ଧାର କାର୍ଯ୍ୟ ରାଜ୍ୟର ପୋଲିସ ବିଭାଗ ପକ୍ଷରୁ କରାଯାଇଛି। ଚୋରି ହୋଇଥିବା ମୋବାଇଲ୍ ଉପକରଣଗୁଡ଼ିକୁ ଶୀଘ୍ର ଟ୍ରାକ୍ ଏବଂ ଅବରୋଧ କରିବା ପାଇଁ ପୋର୍ଟାଲ୍ ଅତ୍ୟାଧୁନିକ ଜ୍ଞାନକୌଶଳ ବ୍ୟବହାର କରୁଛି, କିନ୍ତୁ ଗ୍ରାଉଣ୍ଡ ସ୍ତରରେ ପୁନଃରୁଦ୍ଧାର କାର୍ଯ୍ୟ କେବଳ ପୋଲିସ୍ ଦ୍ୱାରା କରାଯାଇପାରିବ ବୋଲି ଜଣେ ବରିଷ୍ଠ ଡଟ୍ ଅଧିକାରୀ କହିଛନ୍ତି। ନିକଟରେ ଦେଶରେ ସାଇବର ଅପରାଧ ରୋକିବାକୁ ୨୮ ହଜାର ମୋବାଇଲ୍ ହ୍ୟାଣ୍ଡସେଟର ଅପବ୍ୟବହାରକୁ ରୋକିବା ପାଇଁ ଟେଲିକମ୍ ଅପରେଟରମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏହି ମୋବାଇଲ୍ ହ୍ୟାଣ୍ଡସେଟ୍ ସହିତ ସଂଯୁକ୍ତ ୨୦ ଲକ୍ଷ ମୋବାଇଲ୍ ସଂଯୋଗର ତୁରନ୍ତ ପୁନଃ ଯାଞ୍ଚ ପାଇଁ ନିର୍ଦ୍ଦେଶ ଦିଆଯାଇଛି ବୋଲି ବିଭାଗ ଶୁକ୍ରବାର କହିଛି। ପୁନଃ ଯାଞ୍ଚ ନ ହେବା କ୍ଷେତ୍ରରେ ସେଗୁଡିକର ସଂଯୋଗ ବିଚ୍ଛିନ୍ନ ହେବ।

## ସଦ୍‌ଗୁରୁ ହସ୍ପିଟାଲ ଏବଂ ନର୍ସିଂ କଲେଜ ତରଫରୁ ଅନ୍ତର୍ଜାତୀୟ ନର୍ସିଂ ଦିବସ ପାଳିତ



**ଭୁବନେଶ୍ୱର,୧୧।୫(ସମିସ):** ଅନ୍ତର୍ଜାତୀୟ ନର୍ସିଂ ଦିବସ ପରିପ୍ରେକ୍ଷୀରେ ସଦ୍‌ଗୁରୁ ହସ୍ପିଟାଲ ପରିସରରେ ନର୍ସିଂ ଦିବସ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ପ୍ରଫେସର ଡାକ୍ତର ଫୁଲଣା କୁମାରୀ ଦେଇ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ହସ୍ପିଟାଲରେ ନର୍ସମାନଙ୍କର କାର୍ଯ୍ୟ ନିର୍ବାହନ ଏବଂ କର୍ତ୍ତବ୍ୟ ନିଷ୍ଠାପରତାକୁ ପ୍ରଶଂସା କରି ସେମାନଙ୍କୁ ନିଜ କର୍ତ୍ତବ୍ୟ ପଥରେ ଆଗେଇ ଯିବାକୁ ମୁଖ୍ୟ ଅତିଥି ଉତ୍ସାହିତ କରିଥିଲେ। ଏସ. ଡି ଏଚ ଆଠଗଡ଼ର ନର୍ସିଂ ଇନଚାର୍ଜ ମେହେରୁ ନିଶାଙ୍କୁ ୨୦୨୪ ଫ୍ଲୋରେନ୍ସ ନାଇଟାଙ୍ଗଲ ପୁରସ୍କାର ପ୍ରଦାନ କରାଯାଇଥିଲା। ହସ୍ପିଟାଲର ମୁଖ୍ୟ ପରିଚାଳକ ନିର୍ଦ୍ଦେଶକ ଡାକ୍ତର ପ୍ରଦୀପ କୁମାର ମହାନ୍ତି ହସ୍ପିଟାଲର ନର୍ସମାନଙ୍କ ଭବିଷ୍ୟତକୁ ଉଜ୍ଜ୍ୱଳ କରିବା ସହ ସେମାନଙ୍କୁ ଉତ୍ତମ ଶିକ୍ଷା ପ୍ରଦାନ କରିବା ନିମନ୍ତେ ସଦ୍‌ଗୁରୁ ଶିକ୍ଷାନୁଷ୍ଠାନ (ସଦ୍‌ଗୁରୁ କଲେଜ ଅଫ ନର୍ସିଙ୍ଗ ଆଣ୍ଡ ଆଲାଏଡ ହେଲଥସାଇନ୍ସ) ପ୍ରତିଷ୍ଠା କରିଛନ୍ତି। ଯେଉଁଠି ଆଧୁନିକ ଜ୍ଞାନକୌଶଳ ସାହାଯ୍ୟରେ ଛାତ୍ର ଛାତ୍ରୀ ମାନଙ୍କୁ ତାଲିମ ପ୍ରଦାନ କରାଯାଇଛି।

## ବିନା ପାନ୍, ଆଧାର ଯାଞ୍ଚରେ ଡାକଘର ଯୋଜନାରେ ହୋଇପାରିବନି ନିବେଶ

**ନୂଆଦିଲ୍ଲୀ,୧୧।୫(ଏଜେନ୍ସି):** ଡାକଘର ଯୋଜନାରେ ନିବେଶ କ୍ଷେତ୍ରରେ ଆପଣଙ୍କର ପାନ୍ ଏବଂ ଆଧାର କାର୍ଡ ଯାଞ୍ଚ କରାଯିବ। ଏଣିକି ବିନା ପାନ୍ ଏବଂ ଆଧାର କାର୍ଡ ଯାଞ୍ଚରେ କୌଣସି ପ୍ରକାର ଡାକଘର ଯୋଜନାରେ ଆପଣ ନିବେଶ କରିପାରିବେ ନାହିଁ। ସେ କ୍ଷେତ୍ରରେ ଯଦି କୌଣସି ଗଡ଼ବଡ଼ି ଦେଖାଦେବ ତେବେ ଆପଣ ଡାକଘର ଯୋଜନାରେ ନିବେଶ କରିପାରିବେନି। ଆପଣଙ୍କର ପାନ୍‌ର ଭାଲିଡିଟି ବା ଅବଧିକୁ ଆୟକର ବିଭାଗର ତଥ୍ୟ ସହିତ ମେଳ କରାଯାଇ ଯାଞ୍ଚ କରାଯିବ। ଏଥିରେ ଆପଣଙ୍କର ପ୍ୟାନ ଆପଣଙ୍କ ଆଧାର ସହ ସଂଯୋଗ ହୋଇଛି କି ନା ତାହା ଦେଖାଯିବ। ଏ ନେଇ ମେ' ୭ ତାରିଖରେ ଡାକଘର ପକ୍ଷରୁ ଏକ ମାର୍ଗଦର୍ଶିକା ଜାରି କରାଯାଇଥିବା ଏକ ରିପୋର୍ଟରେ କୁହାଯାଇଛି।

ଏହି ଅନୁଯାୟୀ, ପାନ୍ କାର୍ଡ ଯାଞ୍ଚ ସମ୍ବନ୍ଧିତ ପ୍ରୋଟେନ୍ ସିଷ୍ଟମକୁ ମେ' ପହିଲାଠାରୁ ସଂଶୋଧନ କରାଯାଇଛି। ଆୟକର ବିଭାଗ ପକ୍ଷରୁ ମେଳ କରାଯିବା ସମୟରେ ଯଦି ଆପଣଙ୍କର ପାନ୍‌ରେ ଥିବା ନାମ ଓ ଜନ୍ମ ତାରିଖ ଠିକ୍ ଭାବରେ ଦେଇ ନ ଥିବେ ତେବେ ଆପଣମାନେ ଡାକଘର ଯୋଜନାରେ ନିବେଶ କରିପାରିବେନାହିଁ। ପାନ ଭେରିଫିକେସନ ସିଷ୍ଟମ ପ୍ରୋଟେନ୍ ଇ-ଗଭ୍ ଟେକ୍ନୋଲୋଜିଜ (ପୂର୍ବରୁ ଏନଏସଡିଏଲ) ସିଷ୍ଟମ ସହ ସଂଯୋଗ ହୋଇଛି, ସେଥିରେ ଏବେ ସଂଶୋଧନ କରାଯାଇଛି। ସ୍ୱଳ୍ପ ସଞ୍ଚୟ ଯୋଜନାରେ ନିବେଶ ପାଇଁ ଆଧାର ଓ ପାନ ବାଧ୍ୟତାମୂଳକ ହୋଇଥାଏ। ପିପିଏଫ୍, ଏନ୍ଏସ୍‌ସି ଓ ଅନ୍ୟ କ୍ଷୁଦ୍ର ସଞ୍ଚୟ ଯୋଜନାରେ ନିବେଶ ପାଇଁ ପାନ୍ ଏବଂ ଆଧାର ବାଧ୍ୟତାମୂଳକ। ଏହି ଦୁଇ ଡକ୍ୟୁମେଣ୍ଟ ପରସ୍ପର ସହ ଲିଙ୍କ୍ ହୋଇଥିବା ଆବଶ୍ୟକ। ଯଦି ଲିଙ୍କ ହୋଇନଥିବ ତେବେ ଆପଣ ଏହି ସ୍କିମରେ ନିବେଶ କରିପାରିବେନାହିଁ।




## ଆଇସିଏମ୍ଏଆଇ ଭୁବନେଶ୍ୱର ଚାପ୍ଟରର ୫୫ ତମ ବାର୍ଷିକୋତ୍ସବ




**ଭୁବନେଶ୍ୱର,୧୧।୫(ସମିସ):** ଇନ୍‌ଷ୍ଟିଚ୍ୟୁଟ ଅଫ୍ କଷ୍ଟ ଆକାଉଣ୍ଟାଣ୍ଟ୍ସ ଅଫ ଇଣ୍ଡିଆ (ଆଇସିଏମ୍ଏଆଇ)-ଭୁବନେଶ୍ୱର ଚାପ୍ଟର ପକ୍ଷରୁ ନବୀକରଣ-୨୦୨୪ ବିଷୟ ସମ୍ପର୍କୀତ ୫୫ ତମ ବାର୍ଷିକୋତ୍ସବ ପାଳନ କରାଯାଉଛି। ବାର୍ଷିକ ଉତ୍ସବ ଅବସରରେ ରକ୍ତଦାନ ଶିବିର, "ମାଇଣ୍ଡସେଟ୍ ଅଫ୍ ଦି ଚମ୍ପିୟାନ୍ସ-ଏକ ଭାରତୀୟ ଦୃଷ୍ଟିକୋଣ" ଉପରେ ଛାତ୍ର ସମ୍ମିଳନୀ ଆଦି ଆୟୋଜନ କରାଯିବ। ରକ୍ତଦାନ ଶିବିର ଅନୁଷ୍ଠିତ ହେବ। ଓଡିଶା ଉଚ୍ଚ ନ୍ୟାୟାଳୟର ବିଚାରପତି ଜଷ୍ଟିସ୍ ଶିବ ଶଙ୍କର ମିଶ୍ର ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦାନ କରିବେ। ସିଏମ୍ଏ ସଦସ୍ୟ, ଛାତ୍ରଛାତ୍ରୀ ଓ ହିତାଧିକାରୀମାନେ ପ୍ରାୟ ୧୫୦ରୁ ୨୦୦ ୟୁନିଟ୍ ରକ୍ତ ଦାନ କରିବା ପାଇଁ ଲକ୍ଷ୍ୟ ରଖିଛନ୍ତି। ଲେଖକ ଭି ପଟ୍ଟଭି ରାମ ବକ୍ତବ୍ୟ ପ୍ରଦାନ କରିବେ। ଏଥିରେ ସଞ୍ଜୟ କୁମାର ମିଶ୍ର, ଆଇଆରଟିଏସ୍, ସିଏମ୍‌ଡି, ଓପିଟିସିଏଲ୍, ନାଲ୍‌କୋ ସିଏମ୍‌ଡି ଶ୍ରୀଧର ପାତ୍ର, ସିଏମ୍ଏ ଗଗନ ବିହାରୀ ସ୍ୱାଇଁ, ନିର୍ଦ୍ଦେଶକ (ଅର୍ଥ ଏବଂ କମ୍ପାନୀ ବ୍ୟାପାର), ଗ୍ରୀଡ୍‌କୋ ସିଏମ୍ଏ ଅଭୟ କୁମାର ବେହୁରିଆ, ପରିଚାଳନା ନିର୍ଦ୍ଦେଶକ (ଏଫ୍ ଆଣ୍ଡ ଏ), ସେଲ୍, ସିଏମ୍ଏ ବିଭୂତି ଭୂଷଣ ନାୟକ,ଉପସଭାପତି, ଆଇସିଏମ୍ଏଆଇ, ସିଏମ୍ଏ ଟିସିଏ ଶ୍ରିନିବାସ ପ୍ରସାଦ, କାଉନ୍‌ସିଲ ସଦସ୍ୟ, ଆଇସିଏମ୍ଏଆଇ, ସିଏମ୍ଏ ଅଭିଜିତ ଗୋସ୍ୱାମୀ, କାଉନ୍‌ସିଲ ସଦସ୍ୟ, ଆଇସିଏମ୍ଏଆଇ, ସିଏସ୍ ରୂପାଞ୍ଜନା ଦେ ପ୍ରମୁଖ ଯୋଗଦେବାର କାର୍ଯ୍ୟକ୍ରମ ରହିଛି।

**ବଢୁଛି ସାଇବର ଆକ୍ରମଣ**

# ଦୈନିକ ୪୦୦ରୁ ଅଧିକ ଆକ୍ରମଣ

**ଟାର୍ଗେଟ୍‌ରେ ଶିକ୍ଷା ଏବଂ ରିସର୍ଚ୍ଚ ପ୍ରତିଷ୍ଠାନ**

**ଆକ୍ରମଣ ମାମଲା ବର୍ଷକୁ ୩୩% ପ୍ରତିଶତ ବଢ଼ିଛି**



**ନୂଆଦିଲ୍ଲୀ, ୧୧।୫ (ଏଜେନ୍ସି)**

ସମ୍ପ୍ରତି ଟେକ୍ନୋଲୋଜି କ୍ଷେତ୍ର ଭାରତ ସମେତ ସମଗ୍ର ବିଶ୍ୱରେ ଦ୍ରୁତ ଗତିରେ ବିକାଶ କରୁଛି। ଏଭଳି ପରିସ୍ଥିତିରେ, ଗୋଟିଏ ପଟେ ଟେକ୍ନୋଲୋଜିର ନିରନ୍ତର ଉନ୍ନତି ଲୋକଙ୍କ କାର୍ଯ୍ୟକୁ ସହଜ କରିଥାଏ। ଅନ୍ୟପକ୍ଷରେ, ଏହି ସମାନ ଟେକ୍ନୋଲୋଜିର ଅପବ୍ୟବହାର କରାଯାଉଛି, ଯେଉଁଥିପାଇଁ ଲୋକଙ୍କ ସମସ୍ୟା ବଢୁଛି। ବାସ୍ତବରେ, ନିକଟ ଅତୀତରେ ସାଇବର ଆକ୍ରମଣରେ ବହୁତ ବୃଦ୍ଧି ଘଟିଛି। ଏଭଳି ପରିସ୍ଥିତିରେ ସାଇବର ଆକ୍ରମଣ ସହ ଜଡିତ ଏକ ଆଶ୍ଚର୍ଯ୍ୟଜନକ ରିପୋର୍ଟ ସାମ୍ନାକୁ ଆସିଛି। ଦେଶରେ ଦୈନିକ ୪୦୦ରୁ ଅଧିକ ସାଇବର ଆକ୍ରମଣ ହେଉଛି।

ସାଇବର ଆକ୍ରମଣ ସମ୍ପର୍କରେ ପ୍ରକାଶିତ ରିପୋର୍ଟରେ କୁହାଯାଇଛି ଯେ ଦେଶରେ ପ୍ରତିଦିନ ୪୦୦ରୁ ଅଧିକ ସାଇବର ଆକ୍ରମଣ ଘଟୁଛି। ରିପୋର୍ଟ ଅନୁଯାୟୀ, ୨୦୨୪ର ପ୍ରଥମ ତ୍ରୈମାସିକରେ ସାଇବର ଆକ୍ରମଣରେ ଏକ ଅହେତୁକ ବୃଦ୍ଧି ରେକର୍ଡ କରାଯାଇଛି। ସାଧାରଣ ଲୋକଙ୍କ ଉପରେ ନୁହେଁ ବରଂ ବିଭିନ୍ନ ପ୍ରତିଷ୍ଠାନଗୁଡିକ ଉପରେ ସାଇବର ଆକ୍ରମଣ କରାଯାଉଛି। ସାଇବର ସୁରକ୍ଷା ଅନୁସନ୍ଧାନ ସଂସ୍ଥାର ରିପୋର୍ଟ ଅନୁଯାୟୀ, ହ୍ୟାକରମାନେ ରିମୋଟ୍ କୋଡ୍ ମାଧ୍ୟମରେ ସଂଗଠନଗୁଡ଼ିକୁ ଟାର୍ଗେଟ କରୁଛନ୍ତି। ଏହି କାରଣରୁ ପ୍ରାୟ ୬୪ ପ୍ରତିଶତ ଅନୁଷ୍ଠାନ ପ୍ରଭାବିତ ହୋଇଛି। ଏକ ସାଇବର ରିସର୍ଚ୍ଚ ସଂସ୍ଥାର ରିପୋର୍ଟ ଅନୁଯାୟୀ, ଗତ ୬ ମାସ ମଧ୍ୟରେ ଦେଶରେ ବିଭିନ୍ନ ପ୍ରତିଷ୍ଠାନଗୁଡିକ ଉପରେ ସାଇବର ଆକ୍ରମଣରେ ଦ୍ରୁତ ଗତିରେ ବୃଦ୍ଧି ଘଟିଛି। ଏପରିକି ଗତ ୬ମାସ ମଧ୍ୟରେ ଦେଶରେ ୨୬୨୮ ଥର ସାଇବର ଆକ୍ରମଣ କରାଯାଇଛି। ଏହି ସଂଖ୍ୟା ଦୈନିକ ୩୫୦ ଥରରୁ ଅଧିକ। ଏଥିସହିତ, ୨୦୨୪ର ପ୍ରଥମ ତ୍ରୈମାସିକରେ ସାଇବର ଆକ୍ରମଣ ମାମଲା ୨୮୦୭ ରେ ପହଞ୍ଚିଥିଲା। ଏହିପରି, ଦେଶରେ ପ୍ରତିଦିନ ୪୦୦ରୁ ଅଧିକ ସାଇବର ଆକ୍ରମଣ ଘଟୁଛି। ଦେଶରେ ସାଇବର ଆକ୍ରମଣ ମାମଲାରେ ବର୍ଷକୁ ପ୍ରାୟ ୩୩% ପ୍ରତିଶତ ବୃଦ୍ଧି ଘଟିଛି।

ଆହୁରିମଧ୍ୟ ଏହି ରିପୋର୍ଟରେ ଦାବି କରାଯାଇଛି ଯେ ହ୍ୟାକରମାନେ ଶିକ୍ଷା ଏବଂ ରସର୍ଚ୍ଚ ବା ଅନୁସନ୍ଧାନକାରୀ ପ୍ରତିଷ୍ଠାନଗୁଡ଼ିକୁ ସର୍ବାଧିକ ଟାର୍ଗେଟ କରିଛନ୍ତି। ଏହାପରେ ସରକାରୀ ଏବଂ ସାମରିକ ଅନୁଷ୍ଠାନଗୁଡ଼ିକୁ ଏଥିରେ ସାମିଲ କରିଛନ୍ତି। ଏହାବ୍ୟତୀତ ସ୍ୱାସ୍ଥ୍ୟସେବା, ଉପଯୋଗିତା, ଅର୍ଥ, ଯୋଗାଯୋଗ, ବ୍ୟାଙ୍କିଙ୍ଗ, ଖୁଚୁରା, ହାର୍ଡୱେୟାର ଏବଂ ପରିବହନକୁ ମଧ୍ୟ ଟାର୍ଗେଟ କରାଯାଇଥିଲା। ରିପୋର୍ଟରେ ଦର୍ଶାଯାଇଛି ଯେ ହ୍ୟାକରମାନେ ବାର୍ଷିକ ଏସୀୟ କ୍ଷେତ୍ରରେ ୧୬ ପ୍ରତିଶତ ଅଧିକ ସାଇବର ଆକ୍ରମଣ କରିଛନ୍ତି।

# ୯ ସେଲିବ୍ରିଟିଙ୍କ ନାମରେ ହେଉଛି ସର୍ବାଧିକ ଠକେଇ

ଡିଜିଟାଲ ଦୁନିଆ ଏବଂ ସୁପରଫାଷ୍ଟ ଇଣ୍ଟରନେଟର ଏହି ଯୁଗରେ, ଏପରି କେହି ନ ଥିବେ ଯିଏ କି ମାଲୱେର ଏବଂ ଭାଇରସ୍‌ର ନାମ ଶୁଣି ନଥା ଥିବେ। ଏହି ମାଲୱେର୍ ଏତେ ବିପଜ୍ଜନକ ଯେ ସେମାନେ ଜଣଙ୍କର ବ୍ୟାଙ୍କ ଆକାଉଣ୍ଟକୁ ଆଖି ପିଛୁଳାକେ ଖାଲି କରିପାରିବେ। ଏହା ବ୍ୟତୀତ, ସେମାନଙ୍କ ସାହାଯ୍ୟରେ, ହ୍ୟାକରମାନେ ଆପଣଙ୍କ ସିଷ୍ଟମକୁ ଦୂରରୁ ନିୟନ୍ତ୍ରଣ କରିପାରିବେ, କିନ୍ତୁ ଆପଣ ଜାଣନ୍ତି କି ଏହି ମାଲୱେର କିମ୍ବା ଭାଇରସ୍ କିପରି ନାମିତ ହୁଏ?

ଆପଣ ଜାଣି ଆଶ୍ଚର୍ଯ୍ୟ ହେବେ ଯେ ହ୍ୟାକରମାନେ ଅଧିକାଂଶ ସମୟରେ ମାଲୱେରର ନାମ ସେଲିବ୍ରିଟିଙ୍କ ନାମ ଅନୁଯାୟୀ ଦେଇଥାନ୍ତି। ଆଣ୍ଟିଭାଇରସ୍ ଉତ୍ପାଦନକାରୀ କମ୍ପାନୀ ମାକାଫି ବିଶ୍ୱର ସେହି ୯ ଜଣ ସେଲିବ୍ରିଟିଙ୍କ ତାଲିକା ପ୍ରକାଶ କରିଛି ଯେଉଁମାନଙ୍କର ନାମ ହ୍ୟାକରମାନେ ସର୍ବାଧିକ ମାଲୱେର୍ ଏବଂ ଭାଇରସ୍ ସୃଷ୍ଟି କରିଥାନ୍ତି। ହଲିଉଡ ଚଳଚ୍ଚିତ୍ର ତାରକା ଅଭିନେତା ରିୟାନ ଗୋସଲିଙ୍ଗଙ୍କ ନାମ ଏହି ତାଲିକାରେ ଶୀର୍ଷରେ ରହିଛି। ସେହି ସେଲିବ୍ରିଟିମାନେ ହେଉଛନ୍ତି.....




**୧. ରିଆନ୍ ଗୋସଲିଙ୍ଗ-** ଏକ ନମ୍ବରରେ ଚଳିତ ବର୍ଷର ସୁପରହିଟ୍ ଫିଲ୍ମ ବାର୍ବିର ଅଭିନେତା ରିଆନ୍ ଗୋସଲିଙ୍ଗଙ୍କ ନାମ ରହିଛି। ଅଧିକାଂଶ ମାଲୱେର୍ ସେମାନଙ୍କ ନାମରେ ସୃଷ୍ଟି ହୋଇଛି।

**୨. ଏମିଲି ବ୍ଲଣ୍ଟ-** ଦୁଇ ନମ୍ବରରେ ଜଣାଶୁଣା ଅଭିନେତ୍ରୀ ଏମିଲି ବ୍ଲଣ୍ଟ ରହିଛନ୍ତି। ତାଙ୍କର ସର୍ବଶେଷ ଚଳଚ୍ଚିତ୍ର ହେଉଛି "ଓପେନହାଇମର"।

**୩. ଜେନିଫର୍ ଲୋପେଜ୍-** ଆପଣ ନିଶ୍ଚିତ ଭାବରେ ଜେନିଫର୍ ଲୋପେଜ୍‌ଙ୍କ ନାମ ଶୁଣିଥିବେ। ଜଣେ ପ୍ରସିଦ୍ଧ ପପ୍ ଗାୟିକା, ଅଭିନେତ୍ରୀ ଏବଂ ନିର୍ମାତା ଭାବରେ ତାଙ୍କର ଏକ ସ୍ୱତନ୍ତ୍ର ପରିଚୟ ରହିଛି।

**୪. ଜେଣ୍ଡାୟା-** ଓଲିଉଡର ଅନ୍ୟତମ ପ୍ରଖ୍ୟାତ ଅଭିନେତ୍ରୀ ଏବଂ ଗାୟିକା ହେଉଛି ଜେଣ୍ଡାୟା। ତାଙ୍କ ନାମରେ ହ୍ୟାକରମାନେ ଅଧିକାଂଶ ସମୟରେ ମାଲୱେର ପ୍ରସ୍ତୁତ କରିଥାନ୍ତି।

**୫. ଏଲନ୍ ମସ୍କ-** ଏକ୍ସ (ପୂର୍ବର ଟ୍ୱିଟର)ର ମାଲିକ ଏଲନ୍ ମସ୍କଙ୍କ ନାମରେ ସାଇବର ଅପରାଧିମାନେ ଅନେକ ମାଲୱେର୍ ପ୍ରରିଥାନ୍ତି।

**୬. ଅଲ ରୋକର୍-** ଟୁଡେ ଗ୍ରୁପ୍‌ର ପାଣିପାଗ ବିଜ୍ଞାନୀ, ଲେଖକ ତଥା ସାମ୍ବାଦିକ ଅଲ୍ ରୋକର୍ ନାମରେ ମଧ୍ୟ ମାଲୱେର୍ ସୃଷ୍ଟି କରାଯାଇଛି।

**୭. ମାରଗଟ୍ ରବି-** ମାରଗଟ୍ ରୋବି ହେଉଛନ୍ତି ବାର୍ବି ଫିଲ୍ମର ଷ୍ଟାର୍। ତାଙ୍କୁ ଅଧାର କରି ଅପରାଧୀମାନେ ମାଲୱେର୍ ଛାଡୁଛନ୍ତି।

**୮. ବ୍ୟାଡ୍ ବନି -** ବ୍ୟାଡ୍ ବନି ଜଣେ ପ୍ରସିଦ୍ଧ ଗାୟକ ଏବଂ ପ୍ରଥମ ଅଣ-ଇଂରାଜୀ ଭାଷାର କଳାକାର, ଯିଏକି ୨୦୨୩ ପ୍ରାରମ୍ଭରେ ସ୍ପୋଟିଫାଏରେ ସର୍ବାଧିକ ଷ୍ଟ୍ରିମ୍ ହୋଇଥିବା ଅଭିନେତା।

**୯. ଆମେରିକା ଫେରେରା-** ଫେରେରା ମଧ୍ୟ ଜଣେ ଅଭିନେତ୍ରୀ ଯିଏ ବାର୍ବି ଚଳଚ୍ଚିତ୍ରରେ ଲୋକପ୍ରିୟ ହୋଇଥିଲେ। ତାଙ୍କ ନାମ ମଧ୍ୟ ସାଇବର ଅପରାଧିଙ୍କ ଟାର୍ଗେଟ୍‌ରୁ ବର୍ତ୍ତିନାହିଁ।

# ମମତାମୟୀ ଉର୍ମିଳା





**ଜନମ ଦେଇ ନାହାନ୍ତି ସତ, କିନ୍ତୁ ମା' ଯଶୋଦାଙ୍କ ଭଳି ବାତ୍ସଲ୍ୟ ସ୍ନେହ ମମତା ଅଜାଡ଼ି ଦେଇଛନ୍ତି ପିଲାଙ୍କ ଉପରେ । ପିଲାଟି ଝୁଣ୍ଟି ପଡ଼ିଲେ ମାଆ ଭଳି ଉଠେଇ ଝାଡ଼ି ଦିଅନ୍ତି ପଣତକାନିରେ । କୌଣସି ପିଲାର ଦେହ ଖରାପ ହେଲେ ତାଙ୍କ ଆଖିରୁ ନିଦ ଉଡ଼ିଯାଏ । ଦିନରାତି ସେବା ଯତ୍ନରେ ଲାଗି ପଡ଼ନ୍ତି । ଅଝଟ ଶିଶୁକୁ କାନ୍ଧରେ ପକାଇ 'ଆ ଜହ୍ନମାମୁ ଶରଗଶଶୀ' ଗୀତ ଶୁଣାଇ ଶୁଆଇ ଦିଅନ୍ତି । ନିଜର ଦୁଃଖକଷ୍ଟକୁ ଭୁଲି ପିଲାଙ୍କ ଖୁସିରେ ସେ ନିଜକୁ ଦେଖନ୍ତି । ଅସହାୟ, ନିଷ୍ପାପ କୋମଳମତି ଶିଶୁକୁ କୋଳେଇ ହାତଧରି ବାଟ ଚଲାଇବା ଶିଖାନ୍ତି । ସେମିତି ଜଣେ ମମତାମୟୀ ମାଆ ହେଲେ ଖଣ୍ଡଗିରିସ୍ଥିତ ଜୀବନ ଜ୍ୟୋତି ଆଶ୍ରମର ଉର୍ମିଳା ସ୍ୱାଇଁ ।**

### ପିଲାଙ୍କ ସେବାରେ ଜୀବନ

ଜୀବନର ପଥ କାହା ପାଇଁ ସରଳ ତ ପୁଣି କାହା ପାଇଁ କଠିନ । କେତେବେଳେ ସକାଳର ସୂର୍ଯ୍ୟକିରଣ ଭଳି ସାଇତା ମେଞ୍ଚାଏ ସ୍ୱପ୍ନ ତ କେତେବେଳେ ମରୁଭୂମିର ମରୀଚିକା । ଜୀବନର ଉଠାଣିଗଡ଼ାଣି ମଧ୍ୟରେ ବାଟ ଚାଲିଲା ବେଳେ ବହୁ ବାଧାବିଘ୍ନର ସମ୍ମୁଖୀନ ହୋଇଥିଲେ ଉର୍ମିଳା । ତଥାପି ଦମ୍ଭ ନେଇ ଆଗକୁ ମାଡ଼ି ଚାଲିଥିଲେ । ସାଧାରଣତଃ ବିବାହ ବୟସ ହେଲା ପରେ ସମସ୍ତେ ବିବାହ ବନ୍ଧନରେ ବାନ୍ଧି ହୁଅନ୍ତି । କିନ୍ତୁ, ସେ ପିଲାଙ୍କ ସେବା କରିବାର ନିଷ୍ପତ୍ତି ନେଇ ଅବିବାହିତ ରହିଥିଲେ । ପରେ ଆଶ୍ରମରେ ରହିବାକୁ ସ୍ଥିର କରିଥିଲେ । ଯାହା ତାଙ୍କ ଜୀବନ ଜିଇଁବାର ଏକ ସାହାରା ପାଲଟି ଗଲା । ସେଠାରେ ସେ ଶହ ଶହ ଛୁଆଙ୍କର ମାଆ ସାଜି ତାଙ୍କୁ ସ୍ନେହ ଆଦର ଦେଇ ପାଳନ କରିଥିଲେ । ସକାଳୁ ନେଇ ସଞ୍ଜ ପର୍ଯ୍ୟନ୍ତ ସେ ପିଲାଙ୍କ ପଛରେ ସେମିତି ଲାଗିଥାନ୍ତି ।

### ଜୀବନ ଜ୍ୟୋତିରେ ଉର୍ମିଳା

ଅସହାୟ ପିଲାଙ୍କୁ ସହାୟତା ପ୍ରଦାନ କରିବା, ଘର ନଥିବା ପିଲାଙ୍କୁ ଆଶ୍ୱାସନା ଦେବା ତଥା ପିତୃମାତୃ ଛେଉଣ୍ଡ ପିଲାଙ୍କୁ ଶିକ୍ଷିତ କରି ସମାଜର ମୁଖ୍ୟସ୍ରୋତରେ ସାମିଲ କରିବା ଉଦ୍ଦେଶ୍ୟ ରଖି ଜୀବନ ଜ୍ୟୋତି ଆଶ୍ରମ ୨୦୦୭ରେ ଖୋଲା ଯାଇଥିଲା । ସେବେଠାରୁ ଦୀର୍ଘ ୧୭ ବର୍ଷ ଧରି ଉର୍ମିଳା ପିଲାଙ୍କ ଦେଖାଶୁଣା କରି ସେମାନଙ୍କ ମା' ଭାବେ କାର୍ଯ୍ୟ କରି ଆସୁଛନ୍ତି । ଦୁଇ ତିନୋଟି ପିଲାଙ୍କୁ ନେଇ ଆରମ୍ଭ ହୋଇଥିବା ଏହି ଆଶ୍ରମରେ ବର୍ତ୍ତମାନ ୫୦ ଜଣ ବାଳିକା ରହୁଛନ୍ତି । ୫ ବର୍ଷରୁ - ୧୮ ବର୍ଷ ବୟସ ମଧ୍ୟରେ ୫୦ ଜଣ ବାଳିକା ଅଛନ୍ତି । ଆଶ୍ରମ ରହଣି ମଧ୍ୟରେ ସେ କେତେ ପିଲାଙ୍କୁ ନିଜ ହାତରେ ଗଢ଼ି ମଣିଷ କରିଛନ୍ତି ।

### ଜିଇଁ ଥିବା ଯାଏଁ ସେବା

ଛୁଆଙ୍କ ପାଖେ ପାଖେ ରହି ତାଙ୍କ ସେବାଯତ୍ନ କରିବାରେ ଖୁବ୍ ଆନନ୍ଦ ମିଳୁଥିବା କହିଛନ୍ତି ଉର୍ମିଳା । କେତେବେଳେ ଦିନ ଆରମ୍ଭ ହୋଇ ଶେଷ ହୋଇଯାଉଛି, ତାହା ତାଙ୍କୁ ଜଣା ପଡ଼େ ନାହିଁ । ସେ ଗୋଟିଏ କି ଦୁଇଟି ନୁହେଁ, ଶହ ଶହ ପିଲାଙ୍କର ମାଆ ହୋଇ ପାରିଛନ୍ତି । ସେମାନଙ୍କୁ ପାଳନ କରି ଶଣ୍ଢଣା ଶିଖାଇ ସମାଜରେ ବଞ୍ଚିବାର ରାସ୍ତା ଦେଖାଇଛନ୍ତି । ସେ କୁହନ୍ତି, ସବୁ ପିଲା ମୋର । ଏଇ ଆଶ୍ରମ ଏକ ପରିବାର, ପିଲାମାନେ ଏଠାରେ ଘରେ ରହିବାର ଅନୁଭୂତି ନେଇଥାନ୍ତି । ପିଣ୍ଡରେ ପ୍ରାଣଥିବା ପର୍ଯ୍ୟନ୍ତ ସେ ଏପରି ସେବାଯତ୍ନ କରିବେ ବୋଲି କହିଛନ୍ତି । ଏଥି ସହିତ ପିଲାମାନେ କିପରି ଆଗକୁ ବଢ଼ିବେ, ସେ ଲକ୍ଷ୍ୟ ତାଙ୍କର ରହିଛି ।

### ବିନା ପାରିଶ୍ରମିକରେ କାର୍ଯ୍ୟ

ମାଆଟିଏ ଯେପରି ସନ୍ତାନର ଅଳି, ଅଝଟ ସହି ନିଃସ୍ୱାର୍ଥ ଭାବେ ସେବା ଯତ୍ନ କରିଥାଏ, ଠିକ୍ ସେହିପରି ଉର୍ମିଳା କୋଳେଇ ନେଇଛନ୍ତି ଏ ସମସ୍ତ ପିଲାଙ୍କୁ । ସେମାନଙ୍କୁ ନିଜ ପିଲା ଭଳି ସ୍ନେହ ଆଦର ଦେଇଛନ୍ତି । ମାଆଟିଏ ଯେମିତି ନିଜ ପିଲାକୁ ଦୁନିଆର ସବୁଠୁ ସୁନ୍ଦର ଭାବି ତା'ର ସମସ୍ତ ଖୁଣକୁ ଆଡ଼େଇ ଦେଇଥାଏ, ଠିକ୍ ସେହିପରି ସେ ପିଲାଙ୍କର ଭୁଲକୁ କ୍ଷମା କରି ଦେଇଥାନ୍ତି । ଦେଖାଶୁଣା ସହ ପିଲାଙ୍କ ସେବାଯତ୍ନ କାର୍ଯ୍ୟ କରିବା ପାଇଁ ସେ କୌଣସି ପାରିଶ୍ରମିକ ନିଅନ୍ତି ନାହିଁ । ବରଂ ସ୍ନେହ ପ୍ରେମ ବର୍ଷା କରନ୍ତି ପିଲାଙ୍କ ଉପରେ । ସେମାନଙ୍କୁ କେବେ ପରିବାରର ଦୁଃଖ କଷ୍ଟ ଅନୁଭବ ହେବାକୁ ଦେଇ ନାହାନ୍ତି । ଉର୍ମିଳାଙ୍କ କହିବାନୁଯାୟୀ; ପିଲାମାନେ ତାଙ୍କୁ ଯେତେବେଳେ 'ମାଆ' ବୋଲି ଡାକନ୍ତି, ସେଥିରେ ତାଙ୍କର ଖୁସି ଦ୍ୱିଗୁଣିତ ହୋଇଯାଏ ।

ମ୍ୟାଚିଂ ଫେଶନ୍

# ମା'ଙ୍କ ସହ ଟ୍ୱିନିଂ

**ମାତୃ ଦିବସ ସମସ୍ତଙ୍କ ପାଇଁ ସ୍ୱତନ୍ତ୍ର ହୋଇଥାଏ । ତେଣୁ ମାତୃ ଦିବସରେ କିଛି ନୂଆ ଏବଂ ଭିନ୍ନ କରିବାକୁ ଚାହୁଁଥିଲେ, ମାଆଙ୍କ ସହ ଫେସନ ଟ୍ୱିନିଂ କରିପାରିବେ ।**



### ମ୍ୟାଚିଙ୍ଗ ପୋଷାକ ପିନ୍ଧନ୍ତୁ

ଦିନଟିକୁ ସ୍ମରଣୀୟ କରିବାପାଇଁ ଏକା ରଙ୍ଗର ପୋଷାକ ପିନ୍ଧନ୍ତୁ । ମାଙ୍କ ପସନ୍ଦ ଅନୁଯାଇ କପଡା କିଣନ୍ତୁ । ବର୍ତ୍ତମାନ ଖୁବ ସହଜରେ ମ୍ୟାଚିଂ ଡ୍ରେସ ବା ଶାଢ଼ି ବଜାରରେ ଉପଲବ୍ଧ ରହିଛି । ତାହିଁଲେ ନିଜ ପସନ୍ଦ ମୁତାବକ କପଡା କିଣି ତାକୁ ସିଲାଇ ପାରିବେ ।



### ରଙ୍ଗ ପ୍ରତି ଧ୍ୟାନ ଦିଅନ୍ତୁ

ମାଆଙ୍କ ସହିତ ଦିନଟିକୁ ସ୍ମରଣୀୟ କରିବା ପାଇଁ ଗୋଟିଏ ରଙ୍ଗର ଶାଢ଼ି ଅବା ପୋଷାକ ପରିଧାନ କରନ୍ତୁ । ଏପରି କରିବା ଦ୍ୱାରା ଖୁସି ଅନୁଭବ ହୋଇଥାଏ । ଫଟୋ ଉଠେଇଲେ ଖୁବ୍ ସୁନ୍ଦର ଦେଖାଯାଏ ।

### ଏକାପ୍ରକାର ହେୟାର୍ ଷ୍ଟାଇଲ

ପାଖରେ ବଜେଟ କମ୍ ଥିଲେ, ବ୍ୟସ୍ତ ହୁଅନ୍ତୁ ନାହିଁ । ମା'ଙ୍କ ସହିତ ଏକାପ୍ରକାର ହେୟାର୍ ଷ୍ଟାଇଲ କରି ମାଙ୍କୁ ସ୍ୱତନ୍ତ୍ର ଅନୁଭବ ଦେଇ ପାରିବେ । ଏହା ମାଆକୁ ଖୁସି କରିବା ସହ ଏକ ଭଲ ଅନୁଭୂତି ଦେଇଥାଏ ।

### କିଛି ନୂଆ କରନ୍ତୁ

ମାତୃଦିବସରେ କିଛି ସ୍ପେସିଆଲ କରି ଦିନର ବିଶେଷତା ବୃଦ୍ଧି କରିବାକୁ ଚାହୁଁଥିଲେ ମାଙ୍କ ବେଶ ପୋଷାକକୁ ନେଇ କିଛି ନୂଆ ତଥା ଭିନ୍ନ କରିପାରିବେ । ଉପହାରରେ କିଛି ଡ୍ରେସ୍ କିମ୍ବା ଶାଢ଼ି ଏଭଳି ଦିଅନ୍ତୁ, ଯାହା ସେ ପୂର୍ବରୁ ପିନ୍ଧିନ ଥିବେ । ଏପରି କରିବା ଦ୍ୱାରା ସେ ଅଧିକ ଖୁସି ହୁଅନ୍ତି

### ଦିବସ ଅନୁସାରେ ଅଳଙ୍କାର

ବର୍ତ୍ତମାନ ସମୟରେ ମଦର୍ସ ଡେ ଥିମ୍ ଅନୁସାରେ ବିଭିନ୍ନ ଡିଜାଇନର ଅଳଙ୍କାର ଉପଲବ୍ଧ ରହିଛି । ଯାହାକୁ ଆପଣାଇ ମା'ଙ୍କ ସହ ନିଜକୁ ଏକ ଷ୍ଟାଇଲିସ୍ ଲୁକ ଦେଇପାରିବେ । ପସନ୍ଦ ଅନୁସାରେ ଏକପ୍ରକାର କାନଫୁଲ, ହ୍ୟାଣ୍ଡବ୍ୟାଗ୍ କିମ୍ବା ଫୁଟ୍‌ୱେୟର କିଣିପାରିବେ ।

# ତ୍ୱଚା ଅନୁଯାୟୀ ନାଇଟ୍ କ୍ରିମ୍

**ଦିନ ହେଉ ଅବା ରାତି ସବୁ ସମୟରେ ତ୍ୱଚାର ଯତ୍ନ ନେବା ଆବଶ୍ୟକ । କିନ୍ତୁ ଅଧିକାଂଶ ମହିଳା ରାତ୍ରି ସମୟରେ ନାଇଟ୍ କ୍ରିମ୍ ଲଗାଇବାକୁ ଭୁଲି ଯାଆନ୍ତି । ରାତିରେ ନାଇଟ୍ କ୍ରିମ ଲଗାଇବା ଦ୍ୱାରା ଏହା ତ୍ୱଚାର ଧୂଳିମାଟିକୁ ସଫା କରି ତ୍ୱଚାରେ ଚମକ ଆଣିଥାଏ । ବଜାରରେ ବିଭିନ୍ନ ପ୍ରକାର ନାଇଟ୍ କ୍ରିମ ଉପଲବ୍ଧ ଥିବା ବେଳେ ତ୍ୱଚା ଅନୁଯାୟୀ ଉପଯୁକ୍ତ ନାଇଟ୍ କ୍ରିମ ବାଛିବା ଜରୁରି । ଚାଲନ୍ତୁ ଜାଣିବା ସେ ବିଷୟରେ ...**



### ତ୍ୱଚାକୁ ହାଇଡ୍ରେଟ୍ ରଖିବା ପାଇଁ

ସାଧାରଣତଃ ଶୋଇବା ସମୟରେ ତ୍ୱଚା ହାଇଡ୍ରେସନ୍ ହରାଇଥାଏ । ଫଳରେ ସକାଳୁ ଉଠିବା ଦ୍ୱାରା ତ୍ୱଚା ଶୁଷ୍କ ହୋଇଯାଏ । ଏପରିସ୍ଥଳେ ହାଲ୍ୟୁରିନିକ୍ ଏସିଡ୍ ଥିବା ନାଇଟ୍ କ୍ରିମ୍ ଚୟନ କରନ୍ତୁ । ଏହା ତ୍ୱଚାକୁ ପ୍ରାକୃତିକ ଉପାୟରେ ସୁସ୍ଥ ରଖିବାରେ ସହାୟକ ହୋଇଥାଏ ।

### କୋଲେଜନ ମାତ୍ରା ବୃଦ୍ଧିପାଇଁ

ନିଆସିନାମାଇଡ୍ ତ୍ୱଚାର ଥକ୍କାପଣକୁ ଦୂର କରିବାରେ ସହାୟକ ହୋଇଥାଏ । ନିଆସିନାମାଇଡ୍‌ଯୁକ୍ତ ନାଇଟ୍ କ୍ରିମ୍ ତ୍ୱଚାର କୋଲେଜନ୍ ମାତ୍ରା ବୃଦ୍ଧି କରି ତ୍ୱଚାକୁ ଚିକ୍କଣ ରଖିଥାଏ ।'

### କଳାଦାଗ ଦୂର ପାଇଁ

ତ୍ୱଚାକୁ ପ୍ରାକୃତିକ ଉପାୟରେ ଉଜ୍ଜ୍ୱଳ କରିବାକୁ ଚାହୁଁଥିଲେ ଭିଟାମିନ୍ –ସି ଯୁକ୍ତ ନାଇଟ୍ କ୍ରିମ୍ ଖୁବ୍ ଲାଭଦାୟକ । ତ୍ୱଚାର କଳାଦାଗ ଦୂର କରି ଉଜ୍ଜ୍ୱଳତା ଆଣିବାରେ ଭିଟାମିନ୍- ସି ସିରମ୍ ଭଲ କାର୍ଯ୍ୟ କରିଥାଏ ।

# ଓଟ୍ସ ଚକୁଳି

ମୋ ହାଣ୍ଡିଶାଳରୁ...



### ଆବଶ୍ୟକ ସାମଗ୍ରୀ

ଓଟ୍ସ- ଏକ କପ୍, କଟା ପିଆଜ- ଅଧା କପ୍ , ଭଜା ମୁଗଡାଲି – ଏକ କପ୍, କଟା – କଞ୍ଚାଲଙ୍କା ଦୁଇଟି, ଗ୍ରେଟେଡ୍ ଅଦା – ଅଧା ଚାମଚ, ଲୁଣ- ସ୍ୱାଦ ଅନୁସାରେ, ତେଲ – ଆବଶ୍ୟକତା ଅନୁସାରେ ।

### ପ୍ରସ୍ତୁତି ପ୍ରଣାଳୀ

ଗ୍ୟାସ୍ ଲଗାଇ କଡ଼େଇ ବସାନ୍ତୁ । ସେଥିରେ ଏକ କପ୍ ମୁଗ ପକାଇ ହାଲୁକା ଭାଜି ଗ୍ରାଇଣ୍ଡିଂ କରନ୍ତୁ । ଏହାପରେ ଏକ ପାତ୍ର ନେଇ ସେଥିରେ ଓଟ୍ସକୁ ଧୋଇ ଛାଣି ରଖନ୍ତୁ । ଛାଣି ରଖିଥିବା ଓଟ୍ସକୁ ଗ୍ରାଇଣ୍ଡିଂ ଜାରରେ ପୂରାଇ କଟା ପିଆଜ, କଞ୍ଚାଲଙ୍କା ଓ ଅଦା ପକାଇ ଏକ ପେଷ୍ଟ ପ୍ରସ୍ତୁତ କରନ୍ତୁ । ପ୍ରସ୍ତୁତ କରି ରଖିଥିବା ଓଟ୍ସ ପେଷ୍ଟରେ ପୂର୍ବରୁ ରଖିଥିବା ମୁଗ ଚୂନାକୁ ଦେଇ ଲୁଣ ପକାଇ ଭଲଭାବେ ଘାଣ୍ଟନ୍ତୁ । ଏହା ପରେ ଗ୍ୟାସ୍ ଲଗାଇ ତାୱା ବସାନ୍ତୁ । ସେଥିରେ ସାମାନ୍ୟ ତେଲ କିମ୍ବା ବଟର ଲଗାନ୍ତୁ । ସେଥିରେ ଓଟ୍ସ ଆଣକୁ ଦିଅନ୍ତୁ । ଦୁଇ ପାର୍ଶ୍ୱ ହାଲୁକା ନାଲି ପଡ଼ିବା ପରେ ପ୍ଲେଟ୍‌କୁ କାଢ଼ି ଦିଅନ୍ତୁ । ପ୍ରସ୍ତୁତ ହୋଇଗଲା'ଓଟ୍ସ ଚକୁଳି' ।

# ଆଇସ୍ ୱାଟର୍ ଫେସିଆଲ୍

**ବର୍ତ୍ତମାନ ସମୟରେ ଟ୍ରେଣ୍ଡରେ ରହିଛି କୋରିଆନ୍ ଗ୍ଲାସ୍ ସ୍କିନ୍ । ସାଧାରଣତଃ ସବୁ ମହିଳା ଉଜ୍ଜ୍ୱଳ ତ୍ୱଚା ଚାହାଁନ୍ତି । ତେବେ ଘରେ ବସି ପ୍ରାକୃତିକ ଉପାୟରେ ତ୍ୱଚାରେ ଚମକ ଆଣିବାପାଇଁ ଆପଣାନ୍ତୁ ଏହି ଫେସିଆଲକୁ ।**

### ଆଇସ୍ ୱାଟର୍ ଫେସିଆଲ୍

ଆଇସ୍ ୱାଟର୍ ଫେସିଆଲ୍ ସାଧାରଣ ଫେସିଆଲ ଠାରୁ ସମ୍ପୂର୍ଣ୍ଣ ଭିନ୍ନ । ଏହା ତ୍ୱଚାରେ ଚମକ ଆଣିଥାଏ । ପ୍ରଥମେ ଏକ ବଡ଼ ପାତ୍ର ନିଅନ୍ତୁ । ସେଥିରେ ଅଳ୍ପ ଥଣ୍ଡା ପାଣି ନେଇ ୪-୫ଟି ବରଫ ଖଣ୍ଡ ପକାନ୍ତୁ । ଏହି ପାଣିରେ ମୁହଁକୁ ବୁଡ଼ାଇ ୩୦ ସେକେଣ୍ଡ ରଖନ୍ତୁ। ଏହାପରେ ଟାୱାଲରେ ମୁହଁ ପୋଛି ମଏଶ୍ଚରାଇଜର ଲଗାନ୍ତୁ। ଦିନରେ ଏପରି ଦୁଇ ଥର କରିବା ଦ୍ୱାରା ତ୍ୱଚାରେ ଚମକ ଆସିଥାଏ ।



### ଉପକାରିତା

ଏହି ଫେସିଆଲ୍ ତ୍ୱଚାର ଲୋମଛିଦ୍ରକୁ ବନ୍ଦ କରି ତ୍ୱଚାରେ ଚମକ ଆଣିଥାଏ । ଏହା ଆଖି ତଳ କଳା ଦୂରକରି ମୁହଁକୁ ଉଜ୍ଜ୍ୱଳ କରିଥାଏ । ଏହାଦ୍ୱାରା ତ୍ୱଚାରେ ରକ୍ତ ସଂଚାଳନ ପ୍ରକ୍ରିୟା ଭଲ ହୋଇଥାଏ । ବ୍ରଣ ସମସ୍ୟା କମ ହୁଏ । ଏଜିଙ୍ଗ୍ ସମସ୍ୟା ଦୂର କରେ । ତା'ସହ ତ୍ୱଚାରୁ ତେଲିଆପଣ ଦୂର କରିଥାଏ ।

### ସତର୍କତା

ଆଇସ୍ ୱାଟର୍ ଫେସିଆଲ୍ ପୂର୍ବରୁ କିଛିଟା ଦିଗ ଉପରେ ଧ୍ୟାନ ଦେବା ଆବଶ୍ୟକ । ଏହି ଫେସିଆଲ କରିବା ପୂର୍ବରୁ ତ୍ୱଚାକୁ ଭଲ ଭାବେ ସଫା କରନ୍ତୁ । ମୁହଁରେ ପୂର୍ବରୁ ମଇଳା ଥିଲେ ତାହା ଲୋମଛିଦ୍ର ମଧ୍ୟରେ ଜମିଥାଏ । ତେଣୁ ମୁହଁକୁ ଭଲ ଭାବେ ଧୋଇ ଏହି ଫେସିଆଲ କରିବା ଜରୁରି । ତ୍ୱଚାରେ ସିଧାସଳଖ ବରଫ ଖଣ୍ଡ ଲଗାନ୍ତୁ ନାହିଁ ଏହାକୁ କୌଣସି କପଡାରେ ରଖି ମୁହଁରେ ଲଗାନ୍ତୁ । ମୁହଁକୁ ୩୦ ସେକେଣ୍ଡରୁ ଅଧିକ ସମୟ ଏହି ଥଣ୍ଡା ପାଣିରେ ରଖନ୍ତୁ ନାହିଁ ।



# ସ୍ପାଇଡର୍ ପ୍ଲାଣ୍ଟରେ ଘର ସଜାନ୍ତୁ

**ବିଭିନ୍ନ ପ୍ରକାର ଇନଡୋର ଗଛରେ ଘରର ସୌନ୍ଦର୍ଯ୍ୟ ବୃଦ୍ଧି କରାଯାଇଥାଏ । ସେଥି ମଧ୍ୟରୁ ସ୍ପାଇଡର ପ୍ଲାଣ୍ଟ ଅନ୍ୟତମ । ଏହା ଘରର ସୌନ୍ଦର୍ଯ୍ୟ ବୃଦ୍ଧି କରିବା ସହ ସ୍ୱାସ୍ଥ୍ୟକର । ଏହି ବୃକ୍ଷର ପତ୍ର ପତଳା ଓ ମିଶ୍ରିତ ରଙ୍ଗ ହୋଇଥିବାରୁ ଏହା ଖୁବ୍ ଆକର୍ଷଣୀୟ ଦେଖାଯାଏ । ଏଣୁ ଏହାର ଚାହିଦା ଅଧିକ । ତେବେ -ଏଥିରେ ଘରକୁ କିଭଳି ସଜାଇବେ ଜାଣିବା ସେ ବିଷୟରେ...**

### ହାନିକାରକ ଗ୍ୟାସ୍ ଦୂର କରେ

ସ୍ପାଇଡର ପ୍ଲାଣ୍ଟ ବାୟୁ ବିଶୁଦ୍ଧ ରଖିବାରେ ବେଶ ସହାୟକ ହୋଇଥାଏ । ଏହାକୁ ଘରେ ଲଗାଇବା ଦ୍ୱାରା ଘରେ ଭିତରେ ଥିବା ହାନିକାରକ ଗ୍ୟାସ ଦୂର ହୋଇଥାଏ ।

### ଘରର ପରିବେଶ ରୁହେ ଚାପମୁକ୍ତ

ବ୍ୟସ୍ତ ବହୁଳ ଜୀବନ ମଧ୍ୟରେ ସମସ୍ତେ ଚାପରେ ରହିଥାନ୍ତି । ଚାପରୁ ମନକୁ ଶାନ୍ତି ଦେବା ପାଇଁ ସମସ୍ତେ ଚାହାଁନ୍ତି । ଏଥିପାଇଁ ସ୍ପାଇଡର ପ୍ଲାଣ୍ଟ ଉପଯୁକ୍ତ । ଏହି ବୃକ୍ଷ ଘରେ ସକାରାତ୍ମକ ବାତାବରଣ ରହିବା ସହ ବିରକ୍ତି ଭାବ, ଅବସାଦ ଆଦି ଦୂର ହୋଇଥାଏ ।

# ଟ୍ରେଣ୍ଡରେ ଆଇସ୍ୟାଡୋ ଟାଟୁ ଷ୍ଟିକର୍

**ବର୍ତ୍ତମାନ ସମୟରେ ଅଧିକାଂଶ ଯୁବପିଢ଼ି ଟାଟୁ କରିବାକୁ ପସନ୍ଦ କରୁଛନ୍ତି । ବିଭିନ୍ନ ସମୟରେ ଏହାକୁ ନେଇ ବହୁ ପରୀକ୍ଷା ନିରୀକ୍ଷା ମଧ କରିଥାନ୍ତି ସେହିପରି ମେକ୍‌ଅପ୍‌କୁ ଆଉ ଟିକେ ସହଜ କରିବା ପାଇଁ ବଜାରରେ ଟାଟୁ ଷ୍ଟିକର୍ ମଧ ମିଳିଲାଣି । ସାଧାରଣତଃ ଆଖି ମେକ୍‌ଅପ୍ କରିବା ପାଇଁ ବେଶୀ ସମୟ ଲାଗିଥାଏ । ତେଣୁ ଆଖିକୁ ସହଜ ଉପାୟରେ ମେକ୍‌ଅପ୍ କରିବା ପାଇଁ ବିଭିନ୍ନ ପ୍ରକାର ଆଇସ୍ୟାଡୋ ଷ୍ଟିକର୍ ଟ୍ରେଣ୍ଡରେ ରହିଛି । ଏହା ଲଗାଇବା ସହଜ ହୋଇଥିବା ବେଳେ ଦେଖିବାକୁ ବି ସୁନ୍ଦର ।**

- ସାଧାରଣ ଟାଟୁ ତୁଳନାରେ ଆଇସ୍ୟାଡୋ ଟାଟୁ ଭିନ୍ନ ହୋଇଥାଏ । ବିଶେଷକରି କଳା ଓ ନାଲି ରଙ୍ଗ ମିଶ୍ରଣରେ ଏହା ତିଆରି ହୋଇଥାଏ । ଯାହା ସୁନ୍ଦର ଲାଗିବା ସହ ଏକ ନାଚୁରାଲ ଲୁକ୍ ଦେଇଥାଏ ।
- ବୋଲଡ୍ ଲୁକ୍ ଚାଁହୁଥିଲେ ବିଭିନ୍ନ ରଙ୍ଗଥିବା ଆଇ ସ୍ୟାଡୋ ଷ୍ଟିକର୍ ଲଗାଇ ପାରିବେ । ଏଥିରୁ ଆକର୍ଷଣୀୟ ଲୁକ୍ ମିଳିଥାଏ ।



- ସାଙ୍ଗସାଥିଙ୍କ ସହ ଆଉଟିଙ୍ଗରେ ଯାଉଥିଲେ ରଙ୍ଗୀନ ଫୁଲ କିମ୍ବା ତାରକା ଆକୃତିର ଷ୍ଟିକର ଲଗାଇପାରିବେ ।
- ଟାଟୁ ଷ୍ଟିକର ବ୍ୟବହାର କରୁଥିଲେ ଆଖି ପ୍ରତି ଧ୍ୟାନ ଦିଅନ୍ତୁ। କୌଣସି ଶସ୍ତା କିମ୍ବା ଦୀର୍ଘ ସମୟ ଧରି ପଡ଼ି ରହିଥିବା ଷ୍ଟିକର ଲଗାନ୍ତୁ ନାହିଁ । ଚକ୍ଷୁ ସଂକ୍ରମଣ ସମସ୍ୟା ଥିଲେ ଏହି ଷ୍ଟିକର୍‌ରୁ ଦୂରେଇ ରହିବା ଭଲ ।

# ପିଏସ୍‌ଜି ଛାଡ଼ିବେ ଏମ୍‌ବାପ୍ପେ



**ପ୍ୟାରିସ୍‌,୧୧।୫(ଏଜେନ୍ସି):** ଫ୍ରାନ୍ସ ଫୁଟବଲ ସୁପରଷ୍ଟାର କିଲିଆନ ଏମ୍‌ବାପ୍ପେ ତାଙ୍କ କ୍ଲବ ପ୍ୟାରିସ ସେଣ୍ଟ ଜର୍ମେନ୍ (ପିଏସ୍‌ଜି) ଛାଡିବେ ବୋଲି ଘୋଷଣା କରିଛନ୍ତି। ଏବେ ସେ ରିଅଲ ମାଦ୍ରିଦ୍ କ୍ଲବରେ ଯୋଗ ଦେବେ ବୋଲି ଆଶା କରାଯାଉଛି। ଫ୍ରାନ୍ସ ପାଇଁ ୨୦୧୮ ଫିଫା ବିଶ୍ୱକପ୍ ଜିତିଥିବା ୨୫ ବର୍ଷୀୟ ଏମ୍‌ବାପ୍ପେ ଏଏସ୍ ମୋନାକୋରୁ ୨୦୧୭ରେ ପାଖାପାଖି ୧୬୨୦ କୋଟି ଟଙ୍କା ବିନିମୟରେ ପିଏସ୍‌ଜିରେ ଯୋଗ ଦେଇଥିଲେ। ଚଳିତ ସିଜନ ଶେଷରେ ଆଉ କିଛି ସପ୍ତାହ ପରେ ପିଏସ୍‌ଜି ସହିତ ମୋର ସମ୍ପର୍କ ଛିର୍ଣ୍ଣ ହେବ। ରବିବାର ପିଏସ୍‌ଜି ପାଇଁ ଅନ୍ତିମ ମ୍ୟାଚ୍ ଖେଳିବେ ବୋଲି ସେ କହିଛନ୍ତି। ପିଏସ୍‌ଜି ପାଇଁ ସେ ୩୦୫ଟି ମ୍ୟାଚ୍ ଖେଳି ୨୫୫ ଗୋଲ ସ୍କୋର କରି କ୍ଲବ ପାଇଁ ସର୍ବାଧିକ ଗୋଲ ସ୍କୋରର ବିବେଚିତ ହୋଇଛନ୍ତି। ପିଏସ୍‌ଜି ତରଫରୁ ପ୍ରତିନିଧିତ୍ୱ କରି ସେ ୧୨ଟି ମେଜର ଟ୍ରଫି ହାସଲ କରିଛନ୍ତି। ଏଥିରେ ୬ଟି ଲିଗ୍ ୧ ଟାଇଟଲ, ୩ଟି ଫ୍ରେଞ୍ଚ୍ କପ୍, ୩ଟି ଫ୍ରେଞ୍ଚ୍ ସୁପର କପ୍ ଓ ଦୁଇଟି ଫ୍ରେଞ୍ଚ୍ ଲିଗ୍ କପ୍ ସାମିଲ ରହିଛି। ଏମ୍‌ବାପ୍ପେ ଫ୍ରାନ୍ସ ପାଇଁ ଏପର୍ଯ୍ୟନ୍ତ ୭୭ଟି ମ୍ୟାଚ୍ ଖେଳି ୪୬ଟି ଗୋଲ ସ୍କୋର କରିଛନ୍ତି।

# ଏରାସମସ୍‌ଙ୍କୁ ନାମିବ୍ୟା ଦଳର ନେତୃତ୍ୱ



ୱିଣ୍ଡହୋଏକ, ୧୧।୫ (ଏଜେନ୍ସି): ଆସନ୍ତା ମାସରେ ଅନୁଷ୍ଠିତ ହେବାକୁ ଥିବା ଆଇସିସି ଟି-୨୦ ବିଶ୍ୱକପ୍‌ର ୯ମ ସଂସ୍କରଣ ଲାଗି ଆଫ୍ରିକୀୟ ରାଷ୍ଟ୍ର ନାମିବ୍ୟା ଦଳ ଘୋଷଣା ହୋଇଛି। ଉଦୀୟମାନ ଅଲ୍‌ରାଉଣ୍ଡର ଗେହାର୍ଡ ଏରାସମସ୍‌ଙ୍କୁ ଘୋଷିତ ୧୫ ଜଣିଆ ଦଳର ନେତୃତ୍ୱ ପ୍ରଦାନ କରାଯାଇଛି। ସେହିଭଳି ଜେଜେ ସ୍ମିତ୍ ଦଳର ଉପ-ଅଧିନାୟକ ରହିଛନ୍ତି। ତେବେ ଆଶ୍ଚର୍ଯ୍ୟଜନକ ଭାବେ ବିଶ୍ୱକପ୍ ଦଳରେ ଅଲ୍‌ରାଉଣ୍ଡର ନିକୋଲ ଲୋଫଟି-ଏଟନଙ୍କୁ ସାମିଲ କରାଯାଇନାହିଁ। ନିକୋଲ ଗତ ଫେବୃଆରୀରେ ନେପାଳ ବିପକ୍ଷ ଟି-୨୦ ମ୍ୟାଚରେ ୩୩ ବଲରେ ଶତକ ହାସଲ କରି ରେକର୍ଡ କରିଥିଲେ। ଅନ୍ତର୍ଜାତୀୟ ଟି-୨୦ରେ ଏହା ଦ୍ରୁତତ୍ତମ ଶତକର ରେର୍ଡ ହୋଇଥିଲା। ବିଶ୍ୱକପ୍‌ରେ ନାମିବ୍ୟା ଗ୍ରୁପ୍-ବି'ରେ ସ୍ଥାନ ପାଇଛି। ଏହି ଗ୍ରୁପ୍‌ରେ ଅଷ୍ଟ୍ରେଲିଆ, ଇଂଲଣ୍ଡ ଓ ସ୍କଟଲାଣ୍ଡ ରହିଛି। ଜୁନ ୨ରେ ସ୍କଟଲାଣ୍ଡ ବିପକ୍ଷରେ ଖେଳି ନାମିବ୍ୟା ବିଶ୍ୱକପ୍‌ରେ ଅଭିଯାନ ଆରମ୍ଭ କରିବ।

**ନାମିବ୍ୟା ଦଳ:** ଗେରାର୍ଡ ଏରାସମସ୍ (ଅଧିନାୟକ), ଜେନ ଗ୍ରୀନ, ମାଇକେଲ ଭାନ ଲିଙ୍ଗେନ, ଡେଲାନ ଲିଚର୍, ରୁବେନ ଟ୍ରମ୍ପେଲମାନ୍, ଜାକ୍ ବ୍ରାସେଲ, ବେନ ଶିକୋଙ୍ଗୋ, ତାଙ୍ଗଜେନି ଲଙ୍ଗାମେନି, ନିକୋ ଡାଭିନ, ଜେଜେ ସ୍ମିତ୍, ଜାନ ଫ୍ରାଏଲିଙ୍କ, ଜେପି କୋଏର୍ଜ, ଡେଭିଡ ୱାଇସ୍, ବେନାର୍ଡ ସ୍କୋଲଜ, ମଲାନ କ୍ରୁଗର ଓ ପିଡି ବ୍ଲିଗନଟ୍।



## ଲର୍ଡ୍ସରେ ୱେଷ୍ଟଇଣ୍ଡିଜ ବିପକ୍ଷରେ ଖେଳିବେ ଅନ୍ତିମ ଟେଷ୍ଟ

# ଟେଷ୍ଟରୁ ଆଣ୍ଡରସନଙ୍କ ଅବସର ଘୋଷଣା

**ଲଣ୍ଡନ,୧୧।୫(ଏଜେନ୍ସି)**

ଇଂଲଣ୍ଡ ଅଭିଜ୍ଞ ଦ୍ରୁତ ବୋଲର ଜେମ୍ସ ଆଣ୍ଡରସନ ଟେଷ୍ଟ କ୍ରିକେଟରୁ ଅବସର ଘୋଷଣା କରିଛନ୍ତି। ଶନିବାର ସେ ସାମାଜିକ ଗଣମାଧ୍ୟମରେ ଟେଷ୍ଟ ଫର୍ମାଟରୁ ସନ୍ୟାସ ନେବାର ଘୋଷଣା କରିଛନ୍ତି। ଆସନ୍ତା ଜୁଲାଇ ୧୦ରେ ସେ ଐତିହାସିକ ଲର୍ଡ୍ସ ଗ୍ରାଉଣ୍ଡରେ ୱେଷ୍ଟଇଣ୍ଡିଜ ବିପକ୍ଷରେ ଖେଳିବେ ଅନ୍ତିମ ଟେଷ୍ଟ ମ୍ୟାଚ୍। ଜୁଲାଇରେ ସେ ୪୨ ବର୍ଷରେ ପଦାର୍ପଣ କରିବେ।

ଇଂଲଣ୍ଡ ଟେଷ୍ଟ ଦଳର ପ୍ରଶିକ୍ଷକ ବ୍ରେଣ୍ଡନ ମ୍ୟାକୁଲମଙ୍କ ସହ ଆଲୋଚନା କରିବା ପରେ ସେ ଅବସର ନିଷ୍ପତ୍ତି ନେଇଛନ୍ତି ବୋଲି କହିଛନ୍ତି। ମ୍ୟାକୁଲମ କିଛିଦିନ ତଳେ ଆଣ୍ଡରସନଙ୍କୁ ଭେଟିବା ପାଇଁ ନ୍ୟୁଜିଲାଣ୍ଡରୁ ଇଂଲଣ୍ଡ ଗସ୍ତ କରିଥିଲେ। ଆଣ୍ଡରସନ୍ ନିଜର ଭବିଷ୍ୟତ ସମ୍ପର୍କରେ ଚିନ୍ତା କରନ୍ତୁ ବୋଲି ମ୍ୟାକୁଲମ ତାଙ୍କୁ ପରାମର୍ଶ ଦେଇଥିଲେ। ପୁଣି ୨୦୨୫-୨୬ ଆସେସ୍ ପାଇଁ ଦଳ ଗଠନ ଉପରେ ସେ ଗୁରୁତ୍ୱ ଦେଉଛନ୍ତି ବୋଲି କହିଥିଲେ। ଦୁହେଁ ଆଲୋଚନା ଅବସରରେ ଗଲ୍ଫ ଖେଳିଥିଲେ। ଏବେ ଆଣ୍ଡରସନ ବିଶ୍ରାମ ନେଉଛନ୍ତି ଓ କାଉଣ୍ଟି କ୍ରିକେଟ ଖେଳୁନାହାନ୍ତି। ବ୍ୟସ୍ତ ବହୁଳ କାର୍ଯ୍ୟସୂଚୀ ଓ କାର୍ଯ୍ୟଭାରକୁ ଦୃଷ୍ଟିରେ ରଖି ସେ କାଉଣ୍ଟି ମ୍ୟାଚ୍ ଖେଳୁନାହାନ୍ତି ବୋଲି କହିଛନ୍ତି।

### ତୃତୀୟ ବୋଲର ଭାବେ ସର୍ବାଧିକ ଟେଷ୍ଟ ୱିକେଟ ନେଇଛନ୍ତି

ସେ ଟେଷ୍ଟରେ ତୃତୀୟ ବୋଲର ଭାବେ ସର୍ବାଧିକ ୱିକେଟ ଅକ୍ତିଆର କରିଛନ୍ତି। ସେ ଏପର୍ଯ୍ୟନ୍ତ ୧୮୭ ଟେଷ୍ଟ ଖେଳି ମୋଟ୍ ଉପରେ ୭୦୦ ୱିକେଟ ଅକ୍ତିଆର କରିଛନ୍ତି। ଏହି କ୍ରମରେ ସେ ଦ୍ରୁତ ବୋଲର ହିସାବରେ ସର୍ବାଧିକ ୱିକେଟ ନେଇ ରେକର୍ଡ କରିଛନ୍ତି। ୨୦୦୩ରେ ଜିମ୍ବାୱେ ବିପକ୍ଷରେ ଟେଷ୍ଟ ପଦାର୍ପଣ କରିଥିଲେ। ୩୪୮ଟି ପାଳି ଖେଳି ସେ ୨୬. ୫୩ ହାରରେ ୨.୭୯ ଇକୋନୋମୀ ରେଟ୍‌ରେ ୭୦୦ ୱିକେଟ ନେଇଛନ୍ତି। ସେ ୩୨ଥର ୫ ଓ ୩ଥର ୧୦ ୱିକେଟ ସଫଳତା ହାସଲ କରିଛନ୍ତି। ଶ୍ରୀଲଙ୍କା କିମ୍ବଦନ୍ତୀ ଦ୍ରୁତ ବୋଲର ମୁଥିଆ ମୁରଲୀଧରନ ୮୦୦ ଓ ଅଷ୍ଟ୍ରେଲିଆର ଶେନ୍ ୱର୍ଣ୍ଣ ୭୦୮ ୱିକେଟ ନେଇ ସର୍ବାଧିକ ୱିକେଟ ହାସଲକାରୀ ତାଲିକାର ପ୍ରଥମ ଓ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ଇଂଲଣ୍ଡ ତରଫରୁ ପ୍ରତିନିଧିତ୍ୱ କରି ସେ ୧୯୪ଟି ଦିନିକିଆ ଓ ୧୯ଟି ଟି-୨୦ ମ୍ୟାଚ୍ ଖେଳିଛନ୍ତି। ସେ ଦିନିକିଆରେ ୨୬୯ ଓ ଟି-୨୦ରେ ୧୮ଟି ୱିକେଟ ନେଇଛନ୍ତି। ୨୦୧୫ରେ ସେ ଶେଷଥର ପାଇଁ ଦିନିକିଆ ଓ ୨୦୦୯ରେ ଅନ୍ତିମ ଟି-୨୦ ମ୍ୟାଚ୍ ଖେଳିଥିଲେ।

## ପାରା ଶକ୍ତି ଉତ୍ତୋଳନ ବିଶ୍ୱକପ୍

# ଅଶୋକଙ୍କୁ ସ୍ୱର୍ଣ୍ଣ, ସାକିନାଙ୍କୁ ୨ କାଂସ୍ୟ

**ନୂଆଦିଲ୍ଲୀ, ୧୧।୫ (ଏଜେନ୍ସି):** ଥାଇଲାଣ୍ଡର ପଟ୍ଟାୟାଠାରେ ଚାଲିଥିବା ପାରା ଶକ୍ତି ଉତ୍ତୋଳନ ବିଶ୍ୱକପ୍‌ରେ ଭାରତର ଅଶୋକ ମଲିକ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଛନ୍ତି। ସେହିଭଳି ସାକିନା ଖାତୁନ ଦୁଇଟି କାଂସ୍ୟ ପଦକ ହାସଲ କରିଛନ୍ତି। ପୁରୁଷ ବିଭାଗରେ ଅଶୋକ ୧୯୭ କିଗ୍ରା ଭାର ଉଠାଇ ପୋଡିୟମର ପ୍ରଥମ ସ୍ଥାନ ହାସଲ କରିଥିଲେ। ଏଥିରେ ପରମଜିତ୍ (୧୬୨ କିଗ୍ରା) ରୌପ୍ୟ ପଦକ ଜିତିଥିଲେ। ସେହିଭଳି ମହିଳା ୫୫ କିଗ୍ରା ବିଭାଗରେ ଖାତୁନ ପ୍ରଭାବୀ ପ୍ରଦର୍ଶନ କରି ୯୩ କିଗ୍ରା ଉଠାଇଥିଲେ। କାଂସ୍ୟ ପଦକ ଜିତିଥିଲେ ମଧ୍ୟ ସେ ଅଳ୍ପକେ ଆଗାମୀ ପ୍ୟାରିସ ଅଲିମ୍ପିକ୍ସକୁ ଯୋଗ୍ୟତା ଅର୍ଜନ କରିବାରେ ବିଫଳ ହୋଇଥିଲେ।

## ପ୍ରଥମ ଟି-୨୦

# ପାକିସ୍ତାନକୁ ହରାଇ ବିପର୍ଯ୍ୟୟ ଘଟାଇଲା ଆୟର୍ଲାଣ୍ଡ

**ଡବଲିନ୍,୧୧।୫(ଏଜେନ୍ସି)**

ଟି-୨୦ ଫର୍ମାଟ୍‌ରେ ଆୟର୍ଲାଣ୍ଡ ଏକ ବଡ଼ ବିପର୍ଯ୍ୟୟ ଘଟାଇଛି। ଶୁକ୍ରବାର ବିଳମ୍ବିତ ରାତିରେ ସ୍ଥାନୀୟ କ୍ୟାସଲ ଆଭେନ୍ୟୁ ଗ୍ରାଉଣ୍ଡରେ ଅନୁଷ୍ଠିତ ପ୍ରଥମ ଟି-୨୦ ମ୍ୟାଚ୍‌ରେ ଆୟର୍ଲାଣ୍ଡ ଗୋଟିଏ ବାକି ରଖି ୫ ୱିକେଟରେ ପାକିସ୍ତାନକୁ ପରାସ୍ତ କରି ଏହି ବିପର୍ଯ୍ୟୟ ଘଟାଇଛି। ଫଳରେ ପାକିସ୍ତାନର ଟି-୨୦ ବିଶ୍ୱକପ୍ ପ୍ରସ୍ତୁତିକୁ ଜବରଦସ୍ତ ଝଟ୍‌କା ଲାଗିଛି। ୭୭ ରନର ନିର୍ଣ୍ଣାୟକ ପାଳି ଖେଳିଥିବା ଆୟର୍ଲାଣ୍ଡ ଓପନର ଆଣ୍ଡି ବାଲବିର୍ଣ୍ଣି ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି। ଟସ୍ ହାରି ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିବା ପାକିସ୍ତାନ ୬ ୱିକେଟ ହରାଇ ୧୮୨ ରନ ସଂଗ୍ରହ କରିଥିଲା। ଜବାବରେ ଆୟର୍ଲାଣ୍ଡ ୧୯.୫ ଓଭରରେ ୫ ୱିକେଟ ହରାଇ ୧୮୩ ରନକରି ବିଜୟୀ ହୋଇଥିଲା। ଏଥିସହ ୩ ମ୍ୟାଚ୍ ବିଶିଷ୍ଟ ଏହି ସିରିଜରେ ଆୟର୍ଲାଣ୍ଡ ୧-୦ରେ ଅଗ୍ରଣୀ ହାସଲ କରିଛି। ରବିବାର ଏହି ଗ୍ରାଉଣ୍ଡରେ ଦ୍ୱିତୀୟ ମ୍ୟାଚ୍ ଖେଳାଯିବ।



ଆଣ୍ଡି ବାଲବିର୍ଣ୍ଣି

### ବାଲବିର୍ଣ୍ଣି ଜିତାଇଲେ

ଆୟର୍ଲାଣ୍ଡ ତରଫରୁ ବାଲବିର୍ଣ୍ଣି ୫୫ ବଲର ସମ୍ମୁଖୀନ ହୋଇ ୧୦ ଚୌକା ଓ ୨ ଛକା ସହ ୭୭ ରନର ଅର୍ଦ୍ଧଶତକୀୟ ପାଳି ଖେଳି ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ହାରୀ ଟେକ୍ଟର ୩୬, ଜର୍ଜ ଡକରେଲ ୨୪, ଅଧିନାୟକ ପଲ ଷ୍ଟିର୍ଲିଂ ୮ ଓ ୱିକେଟରକ୍ଷକ ବ୍ୟାଟର ଲୋରକାନ ଟକର ୪ ରନକରି ଆଉଟ ହୋଇଥିବା ବେଳେ ଗାରେଥ ଡେଲାନୀ ୧୦ ଓ କର୍ଟିନ କାମ୍ଫର ୧୫ ରନକରି ଅପରାଜିତ ରହିବା ସହ ଦଳକୁ ବିଜୟୀ କରାଇଥିଲେ। ବୋଲିଂରେ ପାକିସ୍ତାନ ପାଇଁ ଆବାସ ଆଫ୍ରିଦି ୨, ଶାହିନ ଶାହା ଆଫ୍ରିଦି, ନସିମ ଶାହା ଓ ଇମାଦ ୱାସିମ ଗୋଟିଏ ଲେଖାଏ ୱିକେଟ ଅକ୍ତିଆର କରିଥିଲେ।

### ବାବରଙ୍କ ଅର୍ଦ୍ଧଶତକ ବେକାର

ପ୍ରଥମେ ବ୍ୟାଟିଂ କରିଥିବା ପାକିସ୍ତାନ ତରଫରୁ ଅଧିନାୟକ ବାବର ଆଜମ ସର୍ବାଧିକ ୫୭ ରନ ସଂଗ୍ରହ କରି ଅର୍ଦ୍ଧଶତକ ହାସଲ କରିଥିଲେ। ସେ ୪୩ଟି ବଲର ସମ୍ମୁଖୀନ ହୋଇ ୮ ଚୌକା ଓ ଗୋଟିଏ ଛକା ମାରିଥିଲେ। ଓପନର ସଇମ ଆୟୁବ୍ ୨୯ ବଲରୁ ୪ ଚୌକା ଓ ୩ ଛକା ସହ ୪୫ ରନ ସଂଗ୍ରହ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଫଖର ଜମାନ ୨୦, ମହମ୍ମଦ ରିଜୱାନ ୧ ରନକରି ଆଉଟ ହୋଇଥିବା ବେଳେ ଇଫ୍‌ତିକାର ଅହମ୍ମଦ ୩୭ ଓ ଶାହିନ ୧୪ ରନକରି ଅପରାଜିତ ରହିଥିଲେ। ବୋଲିଂରେ ଆୟର୍ଲାଣ୍ଡ ତରଫରୁ କ୍ରେଗ୍ ୟଙ୍ଗ୍ ୨, ମାର୍କ ଆଡେର ଓ ଗାରେଥ ଡେଲାନୀ ଗୋଟିଏ ଲେଖାଏ ୱିକେଟ ଅକ୍ତିଆର କରିଥିଲେ।

## ଇଟାଲିଆନ୍ ଓପନ୍ ଟେନିସ୍

# ବିଦାୟ ନେଲେ ନାଦାଲ



**ରୋମ୍,୧୧।୫(ଏଜେନ୍ସି)**

ଏଠାରେ ଚାଲିଥିବା ଇଟାଲିଆନ୍ ଓପନ୍ ଟେନିସ ଟୁର୍ଣ୍ଣାମେଣ୍ଟରେ ଅଭିଜ୍ଞ ସ୍ପେନ୍ ଖେଳାଳି ରାଫେଲ ନାଦାଲ ବିଦାୟନେଇଛନ୍ତି। ପୁରୁଷ ଏକକ ପ୍ରତଯୋଗିତାରେ ନାଦାଲ ଦ୍ୱିତୀୟ ରାଉଣ୍ଡ ମୁକାବିଲାରେ ୧-୬, ୩-୬ ସିଧାସଳଖ ସେଟ୍‌ରେ ପୋଲାଣ୍ଡର ୭ମ ସିଡ୍ ଖେଳାଳି ହୁବର୍ଟ ହୁରକାଜଙ୍କଠାରୁ ପରାସ୍ତ ହୋଇ ବିଦାୟ ନେଇଛନ୍ତି। ଫଳରେ ୧୪ଥର ଫ୍ରେଞ୍ଚ୍ ଓପନ୍ ଟାଇଟଲ ଜିତି ରେକର୍ଡ କରିଥିବା ନାଦାଲ ଏହି ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ କରିବା ନେଇ ଆଶଙ୍କା ସୃଷ୍ଟି ହୋଇଛି। ସେହିପରି ୯ମ ସିଡ୍ ଅଷ୍ଟ୍ରେଲିଆର ଆଲେକ୍ସ ଡି ମିନାଉର ୬-୩, ୬-୨ ସେଟ୍‌ରେ ସ୍ପେନ୍‌ର ରୋବେର୍ଟୋ ବାଏନାଙ୍କୁ ହରାଇ ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଦ୍ୱିତୀୟ ସିଡ୍ ରୁଷିଆର ଡାନିଲ ମେଦେଭେଦେଭ ୭-୫, ୬-୪ ସେଟ୍‌ରେ ବ୍ରିଟେନର ଜ୍ୟାକ ଡ୍ରାପରଙ୍କୁ ହରାଇ ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ୧୪ତମ ସିଡ୍ ଆମେରିକାର ଟିମୋ ପଲ ୬-୪, ୬-୨ ସେଟ୍‌ରେ ରୁଷିଆର ଅସଲାନ କାରାସେଭଙ୍କୁ ପରାସ୍ତ କରି ଅଗ୍ରଗତି କରିଛନ୍ତି।

### ଚତୁର୍ଥ ରାଉଣ୍ଡରେ ସ୍ୱିଆଟେକ, ଓସାକା

ଇଟାଲିଆନ ଓପନ ମହିଳା ଏକକ ପ୍ରତିଯୋଗିତାରେ ଟପ୍ ସିଡ୍ ଖେଳାଳି ପୋଲାଣ୍ଡର ଇଗା ସ୍ୱିଆଟେକ୍, ଜାପାନ ତାରକା ନାଓମି ଓସାକା ପ୍ରି-କ୍ୱାର୍ଟର ଅର୍ଥାତ ଚତୁର୍ଥ ରାଉଣ୍ଡରେ ପ୍ରବେଶ କରିଛନ୍ତି। ସ୍ୱିଆଟେକ ରାଉଣ୍ଡ ଅଫ୍ ୩୨ରେ କାଜାଖସ୍ତାନର ୟୁଲିଆ ପୁତିନଶୋଭାଙ୍କୁ ୬-୩, ୬-୪ ସିଧାସଳଖ ସେଟ୍‌ରେ ପରାସ୍ତ କରି ଅଗ୍ରଗତି କରିଛନ୍ତି। ସେହିପରି ୪ଥର ଗ୍ରାଣ୍ଡସ୍ଲାମ ଟାଇଟଲ ହାସଲ କରିଥିବା ଓସାକା ୬-୩, ୬-୩ ସେଟ୍‌ରେ ରୁଷିଆର ୧୦ମ ସିଡି ଡାରିଆ କାସାତକିନାଙ୍କୁ ହରାଇ ଅଗ୍ରଗତି କରିଛନ୍ତି। ଜର୍ମାନୀର ଆଞ୍ଜେଲିକ କରବର ୬-୩, ୭-୬ ସେଟ୍‌ରେ ରୁଷିଆର ଏ ସାସନୋଭିଚଙ୍କୁ ହରାଇ ଚତୁର୍ଥ ରାଉଣ୍ଡକୁ ଉଠିଛନ୍ତି।



## ଏଆଇଏଫ୍‌ଏଫ୍ ଉପକନିଷ୍ଠ ଲିଗ୍ ଆରମ୍ଭ

# ବେଲ୍‌ଗାମ ଫୁଟ୍‌ବଲ ଏକାଡେମୀର ବଡ଼ ବିଜୟ

**ଭୁବନେଶ୍ୱର, ୧୧।୫ (ସମିସ)**

ସର୍ବଭାରତୀୟ ଫୁଟ୍‌ବଲ ମହାସଂଘ (ଏଆଇଏଫ୍‌ଏଫ୍) ଓ ଫୁଟ୍‌ବଲ ଆସୋସିଏସନ୍ ଅଫ୍ ଓଡ଼ିଶା ଆନୁକୂଲ୍ୟରେ ଭୁବନେଶ୍ୱରରେ ଶନିବାରଠାରୁ ଉପକନିଷ୍ଠ ପ୍ରତିଯୋଗିତା ଆରମ୍ଭ ହୋଇଛି। ପ୍ରଥମ ଦିବସରେ ୩ଟି ମ୍ୟାଚ୍ ଖେଳାଯାଇଥିଲା। ଏଥିରେ ମଣିପୁରର ଫୁଟ୍‌ବଲ୍ ଫର୍ ଚେଞ୍ଜ ଏକାଡେମୀ, ପଞ୍ଜାବ ଏଫ୍‌ସି ଓ କର୍ଣ୍ଣାଟକର ବେଲ୍‌ଗାମ୍ ଫୁଟ୍‌ବଲ ଏକାଡେମୀ ବିଜୟ ଲାଭ କରିଛନ୍ତି। ଦିବସର ପ୍ରଥମ ମ୍ୟାଚରେ ଫୁଟ୍‌ବଲ୍ ଫର୍ ଚେଞ୍ଜ ଏକାଡେମୀ ଓ କେରଳର ପ୍ରପର୍ ଏଫ୍‌ସି ସାମ୍ନାସାମ୍ନି ହୋଇଥିଲେ। ଏଥିରେ ଅଧିନାୟକ ଲାଲମିନଲୁନ ହାଓକିପ୍‌ଙ୍କ ହ୍ୟାଟ୍ରିକ ଗୋଲ୍ ବଳରେ ଫୁଟ୍‌ବଲ୍ ଫର୍ ଚେଞ୍ଜ ଏକାଡେମୀ ୭-୩ ଗୋଲରେ ବିଜୟୀ ହୋଇଥିଲା। ସେହିଭଳି ୨ୟ ମୁକାବିଲା ମଣିପୁରର ତିଦ୍ଦିନ ରୋଡ ଆଥ୍‌ଲେଟିକ ୟୁନିୟନ ଓ ପଞ୍ଜାବ ଏଫ୍‌ସି ମଧ୍ୟରେ ଖେଳାଯାଇଥିଲା। ଏହି ମ୍ୟାଚକୁ ପଞ୍ଜାବ ଏଫ୍‌ସି ୬-୪ ଗୋଲରେ ଜିତିନେଇଥିଲା। ବିଜୟୀ ଦଳର ଅଧିନାୟକ ଦୀପକ ସିଂହ ହ୍ୟାଟ୍ରିକ ଗୋଲ୍ ଦେଇଥିଲେ। ଶନିବାର ଅନ୍ତିମ ତଥା ୩ୟ ମ୍ୟାଚରେ ବେଲ୍‌ଗାମ ଫୁଟ୍‌ବଲ ଏକାଡେମୀ ୫-୧ ଗୋଲରେ ଏକପାଖିଆ ଭାବେ ଉତ୍ତରାଖଣ୍ଡର କେଆର୍ ଫୁଟ୍‌ବଲ ଲିଡର୍ସ କ୍ଲବକୁ ହରାଇଦେଇଛି। ବିଜୟୀ ଦଳର ବିକି ମେଇତେଇ ହ୍ୟାଟ୍ରିକ ସହ ସର୍ବାଧିକ ୩ଟି ଗୋଲ୍‌ସ୍କୋର କରିଥିଲେ।

# ଆରମ୍ଭ ହେବ ନ୍ୟାସନାଲ ଷ୍ଟାର୍ ବାସ୍କେଟବଲ୍ ଲିଗ୍

**ନୂଆଦିଲ୍ଲୀ, ୧୧।୫ (ଏଜେନ୍ସି):** ଭାରତୀୟ ବାସ୍କେଟବଲ୍ ମହାସଂଘ (ବିଏଫ୍‌ଆଇ) ଦୁଇଟି ଜାତୀୟସ୍ତରୀୟ ଲିଗ୍ ଆୟୋଜନ କରିବାକୁ ଯାଉଛି। ନ୍ୟାସନାଲ ଷ୍ଟାର୍ ବାସ୍କେଟବଲ୍ ଲିଗ୍ ନାମରେ ନାମିତ ଏହି ପ୍ରତିଯୋଗିତା ୩ ଗୁଣା ୩ ଏବଂ ୫ ଗୁଣା ୫ ଦୁଇଟି ଫର୍ମାଟରେ ଖେଳାଯିବ। ଉଭୟ ପ୍ରତିଯୋଗିତାରେ ଭାରତର ତାରକା ଖେଳାଳିଙ୍କ ସମେତ ବିଦେଶୀ ଖେଳାଳି ମଧ୍ୟ ଅଂଶଗ୍ରହଣ କରିବେ। ପୁରୁଷ ଓ ମହିଳା ଭିନ୍ନ ଭିନ୍ନ ବର୍ଗରେ ମ୍ୟାଚ୍ ଖେଳାଯିବ। ଏହାବାଦ୍ ପୁରୁଷ ଓ ମହିଳାଙ୍କୁ ନେଇ ବିଏଫ୍‌ଆଇ ୨୩ ବର୍ଷରୁ କମ୍ ଲିଗ୍ କରିବାକୁ ମଧ୍ୟ ଯୋଜନା କରିଛି। ସେହିଭଳି ଉଭୟ କଲେଜ ଓ ସ୍କୁଲର ଛାତ୍ରଛାତ୍ରୀଙ୍କୁ ନେଇ ହାଫ୍ ଓ ଫୁଲ୍-କୋର୍ଟ ଫର୍ମାଟ୍‌ରେ ଲିଗ୍ ମଧ୍ୟ ଆୟୋଜନ କରିବ ବିଏଫ୍‌ଆଇ। ଏହି ସମସ୍ତ ଲିଗ୍ ଲାଗି ବିଏଫ୍‌ଆଇ ବର୍ତ୍ତମାନ ଆୟୋଜକ ପାର୍ଟନର ପାଇଁ ବିଡ୍ ଆହ୍ୱାନ କରିଛି। ଯିଏକି ୭ ବର୍ଷ ଲାଗି ଲିଗ୍ ଆୟୋଜନ କରିବାକୁ ଅନୁମତି ପାଇବ।



## ଅରବିନ୍ଦ ସ୍ମାରକୀ କ୍ରିକେଟ୍

# ପଠାନ ଏକାଡେମୀ ୧୦୦ ରନରେ ଜିତିଲା

**ଭୁବନେଶ୍ୱର, ୧୧।୫ (ସମିସ)**

ପାରାମାଉଣ୍ଟ ସ୍ପୋର୍ଟ୍ସ ଆନୁକୂଲ୍ୟରେ ଆୟୋଜିତ ୧୬ ବର୍ଷରୁ କମ୍ ଅରବିନ୍ଦ ସ୍ମାରକୀ କ୍ରିକେଟ୍ ପ୍ରତିଯୋଗିତାର ୬ଷ୍ଠ ପ୍ରି-କ୍ୱାର୍ଟର ଫାଇନାଲ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପଠାନ କ୍ରିକେଟ୍ ଏକାଡେମୀ ୧୦୦ ରନରେ ଅନ୍ୟତମ ଭୁବନେଶ୍ୱର କ୍ଲବ ରେଡ୍ ଷ୍ଟାର୍‌କୁ ପରାସ୍ତ କରି କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି।





ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ପଠାନ କ୍ରିକେଟ୍ ଏକାଡେମୀ ୨୯.୨ ଓଭରରେ ୨୦୩ ରନ କରି ଅଲ୍‌ଆଉଟ୍ ହୋଇଟାଇଥିଲା। ଦଳ ପକ୍ଷରୁ ଆଶୁତୋଷ ନାୟକ ୪୦, ଜୟ ବେହେରା ୩୫, ଓମ୍ ଶ୍ରୀ ସାହୁ ୩୨ ରନ କରିଥିଲେ। ପ୍ରତିପକ୍ଷ ରେଡ୍ ଷ୍ଟାର୍ ପକ୍ଷରୁ ସାଇ ରାଜ ସାହୁ ୪ ଓ ସଂଗ୍ରାମ ସାମଲ ୩ଟି ୱିକେଟ୍ ନେଇଥିଲେ। ଜବାବରେ ରେଡ୍ ଷ୍ଟାର୍ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ୨୭ ଓଭରରେ ୧୦୩ ରନରେ ସୀମିତ ରହିଥିଲା। ବିଜୟୀ ଦଳର ଜୟ ବେହେରା ୩ ଏବଂ ରୂପେଶ ସାହୁ ଓ ରୋହିତ୍ ପାଲ୍ ୨ଟି ଲେଖାଏ ୱିକେଟ୍ ନେଇଥିଲେ। ଅଲ୍‌ରାଉଣ୍ଡ ପ୍ରଦର୍ଶନ ଲାଗି ଜୟ ବେହେରା ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ପ୍ରାକ୍ତନ ରଣଜୀ ଖେଳାଳି ତନ୍ମୟ ପଟ୍ଟନାୟକ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।

## ରାଜମାତା ଜିଜାବାଇ ଟ୍ରଫି

# ବିଜୟ ସତ୍ତ୍ୱେ ଓଡ଼ିଶା ସେମିରୁ ବଞ୍ଚିତ

**ଭୁବନେଶ୍ୱର, ୧୧।୫ (ସମିସ)**

କୋଲକାତାରେ ଚାଲିଥିବା ଜାତୀୟ ବରିଷ୍ଠ ମହିଳା ଫୁଟ୍‌ବଲ ପ୍ରତିଯୋଗିତା ରାଜମାତା ଜିଜାବାଇ ଟ୍ରଫିରେ ଓଡ଼ିଶା ୩ୟ ବିଜୟ ହାସଲ କରିଛି। ଶନିବାର ଓଡ଼ିଶା ଖେଳିଥିବା ଏହାର ଅନ୍ତିମ ତଥା ୫ମ ମ୍ୟାଚରେ ୪-୧ ଗୋଲରେ ସିକ୍କିମକୁ ପରାସ୍ତ କରିଥିଲା। ଫଳରେ ଏହି ପ୍ରତିଯୋଗିତାର ଫାଇନାଲ ରାଉଣ୍ଡରେ ଓଡ଼ିଶା ୫ ମ୍ୟାଚ୍ ଖେଳି ୩ ବିଜୟ ଏବଂ ଗୋଟିଏ ଲେଖାଏ ପରାଜୟ ଓ ଡ୍ର' ସହ ୧୦ ପଏଣ୍ଟ ପାଇ ଗ୍ରୁପ୍-ବି'ରେ ୩ୟ ସ୍ଥାନରେ ରହି ସେମିଫାଇନାଲ ଖେଳିବାରୁ ବଞ୍ଚିତ ହୋଇଛି। ଦୁଇ ଶ୍ରେଷ୍ଠ ଦଳ ଗ୍ରୁପ୍-ବି'ରୁ ହରିୟାଣା (୧୩ ପଏଣ୍ଟ) ଓ ମଣିପୁର (୧୨) ଏବଂ ଗ୍ରୁପ୍-ଏ'ରୁ ତାମିଲନାଡୁ (୧୩) ଓ ପଶ୍ଚିମବଙ୍ଗ (୧୦) ସେମିଫାଇନାଲ ଟିକଟ୍ ହାସଲ କରିଛନ୍ତି। ଶନିବାର ଓଡ଼ିଶା ଖେଳିଥିବା ସିକ୍କିମ ବିପକ୍ଷ ଶେଷ ମୁକାବିଲାର ପ୍ରଥମାର୍ଦ୍ଧରେ ବେଶ୍ ପ୍ରଭାବୀ ପ୍ରଦର୍ଶନ କରି ୩ଟି ଗୋଲ୍ ଦେଇଥିଲା। ୮ମ ମିନିଟ୍‌ରେ ମନୀଷା ନାୟକ ଓଡ଼ିଶା ପାଇଁ ଗୋଲ୍ ଖାତା ଖୋଲିଥିଲେ। ତେବେ ୧୫ତମ ମିନିଟ୍‌ରେ ସିମରନ ଗୁରୁଙ୍ଗ ସିକ୍କିମ ପାଇଁ ଗୋଲଟି ଶୁଝି ମ୍ୟାଚକୁ ୧-୧'ର ବରାବର୍‌ସ୍ଥିତିକୁ ଆଣିଥିଲେ। ଏହାପରେ ୧୯ତମ ମିନିଟ୍‌ରେ ପ୍ରତିମା ଓରାମଙ୍କ ଗୋଲ୍ ବଳରେ ଓଡ଼ିଶା ୨-୧ରେ ଅଗ୍ରଣୀ ଲାଭ କରିଥିଲା। ପ୍ରଥମାର୍ଦ୍ଧର ଇଞ୍ଜୁରୀ ଟାଇମ (୪୫+୨ ମିନିଟ)ରେ ଓଡ଼ିଶା ଆଉ ଏକ ଗୋଲ୍ ଦେଇ ୩-୧ରେ ଆଗୁଆ ରହିଥିଲା। ସତ୍ୟବତୀ ଖାଡ଼ିଆ ଏହି ଗୋଲଟି ଦେଇଥିଲେ। ଏହାପରେ ଦ୍ୱିତୀୟାର୍ଦ୍ଧ ଆରମ୍ଭରୁ ୫୫ତମ ମିନିଟ୍‌ରେ ସୁମିତ୍ରା ହେମ୍ବ୍ରମ ଓଡ଼ିଶା ପାଇଁ ୪ର୍ଥ ଗୋଲଟି ଦେଇଥିଲେ। ଏହାପରେ ଆଉ କୌଣସି ଗୋଲ୍ ନ ହେବାରୁ ଓଡ଼ିଶା ୪-୧ରେ ସହଜରେ ବିଜୟ ଲାଭ କରିଥିଲା।



### କୋଲକାତା ନାଇଟ୍ ରାଇଡର୍ସ ବନାମ ମୁମ୍ବାଇ ଇଣ୍ଡିଆନ୍ସ

# ଭେଙ୍କଟେଶ, ନୀତୀଶଙ୍କ ଲଢୁଆ ବ୍ୟାଟିଂ

**କୋଲକାତା, ୧୧।୫ (ଏଜେନ୍ସି)**

ଚଳିତ ଆଇପିଏଲ୍‌ର ୬୦ତମ ମ୍ୟାଚରେ ଶନିବାର ଘରୋଇ କୋଲକାତା ନାଇଟ୍ ରାଇଡର୍ସ ଓ ମୁମ୍ବାଇ ଇଣ୍ଡିଆନ୍ସ ସାମ୍ନାସାମ୍ନି ହୋଇଛନ୍ତି। ସ୍ଥାନୀୟ ଐତିହାସିକ ଇଡେନ ଗାର୍ଡେନ୍ସ ଷ୍ଟାଡିୟମରେ ଖେଳାଯାଇଥିବା ଏହି ମ୍ୟାଚ୍ ବର୍ଷା ଲାଗି



ବାଧାପ୍ରାପ୍ତ ହୋଇଥିଲା। ଫଳରେ ମ୍ୟାଚକୁ ଆରମ୍ଭରୁ ୧୬ ଓଭରବିଶିଷ୍ଟ କରାଯାଇଥିଲା। ଏଥିରେ ଟସ୍ ହାରି ପ୍ରଥମେ ବ୍ୟାଟିଂ ଆମନ୍ତ୍ରଣ ପାଇଥିବା କୋଲକାତା ୭ ୱିକେଟ୍‌ରେ ୧୫୭ ରନ କରିଛି। ଫଳରେ ମୁମ୍ବାଇ ସାମ୍ନାରେ ୯୬ ବଲରେ ୧୫୮ ରନର ଲକ୍ଷ୍ୟ ଧାର୍ଯ୍ୟ ହୋଇଛି।

### ବର୍ଷା ଲାଗି ଘଣ୍ଟାଏ ଖେଳ ବାଧାପ୍ରାପ୍ତ

ଶନିବାର ସନ୍ଧ୍ୟାରେ କୋଲକାତାରେ ଲଗାଣ ବର୍ଷା ଯୋଗୁ ଧାର୍ଯ୍ୟ ସମୟରେ ମ୍ୟାଚ୍ ଆରମ୍ଭ ହୋଇପାରି ନ ଥିଲା। ପାଖାପାଖି ଏକ ଘଣ୍ଟାରୁ ଅଧିକ ସମୟ ବିଳମ୍ବ ପରେ ଟସ୍ ପଡ଼ିଥିଲା। ଏଥିରେ ପାଣ୍ଡ୍ୟା ଟସ୍ ଜିତିବା ପରେ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲେ। ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଘରୋଇ କୋଲକାତା ପାଳିର ପ୍ରଥମ ୭ଟି ବଲ୍ ମଧ୍ୟରେ ଦୁଇ ଓପନର୍‌ଙ୍କୁ ହରାଇବା ପରେ ପାଣ୍ଡ୍ୟାଙ୍କ ଏହି ନିଷ୍ପତ୍ତି ଯଥାର୍ଥ ପ୍ରମାଣିତ ହୋଇଥିଲା। ଦୁଇ ବିସ୍ଫୋରକ ଓପନର୍ ଫିଲିପ୍ ସଲ୍ଟ ଓ ସୁନିଲ ନାରିନଙ୍କ ସେମାନଙ୍କ ବ୍ୟାଟିଂ କମାଲ ଦେଖାଇବା ପୂର୍ବରୁ ପ୍ୟାଭିଲିୟନ ଫେରିଯାଇଥିଲେ। ପ୍ରଥମ ଓଭର ବୋଲିଂ କରିଥିବା ମୁମ୍ବାଇର ଡାହାଣହାତୀ ସିଂହଳୀ ଦ୍ରୁତ ବୋଲର ନୁୱାନ ତୁଷାରା ୫ମ ବଲ୍‌ରେ ସଲ୍ଟଙ୍କୁ ପ୍ୟାଭିଲିୟନ ଫେରାଇ ଦେଇଥିଲେ। ସେ ୫ ବଲରୁ ଗୋଟିଏ ଚୌକା ସହାୟତାରେ ୬ ରନ କରି ଆଉଟ୍ ହୋଇଥିଲେ। ଏହାପରେ ଦ୍ୱିତୀୟ ଓଭରର ପ୍ରଥମ ବଲରେ ବୁମ୍‌ରାଙ୍କ ବଲରେ ଚକ୍‌ମା ଖାଇ ନାରିନ ଖାତା ଖୋଲିବା ପୂର୍ବରୁ କ୍ଲିନ ବୋଲ୍ଡ ହୋଇଯାଇଥିଲେ। ଅଧିନାୟକ ଶ୍ରେୟସ ଆୟର ମଧ୍ୟ ୧୦ ବଲରେ ୭ ରନ କରି ନିରାଶ କରିଥିଲେ। ତେବେ ମଧ୍ୟକ୍ରମରେ ଭେଙ୍କଟେଶ ଆୟରଙ୍କ ସମେତ ନୀତୀଶ ରାଣା ଓ ଆନ୍ଦ୍ରେ ରସେଲଙ୍କ ଲଢୁଆ ପାଳି ଯୋଗୁ କୋଲକାତା ନିର୍ଦ୍ଧାରିତ ୧୬ ଓଭରରେ ୭ ୱିକେଟ୍ ହରାଇ ୧୫୭ ରନର ସମ୍ମାନଜନକ ସ୍କୋର କରିପାରିଥିଲା। ଭେଙ୍କଟେଶ ୨୧ ବଲରେ ୪୨, ନୀତୀଶ ୩୩, ରସେଲ ୧୪ ବଲରେ ୨୪ ଓ ରିଙ୍କୁ ସିଂ ୧୨ ବଲରେ ୨୦ ରନ କରି ଆଉଟ୍ ହୋଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ରମନଦୀପ୍ ସିଂହ ୧୭ ଓ ମିଚେଲ ଷ୍ଟାର୍କ ୨ ରନ କରି ଅପରାଜିତ ରହିଥିଲେ। ବୋଲିଂରେ ମୁମ୍ବାଇ ଇଣ୍ଡିଆନ୍ସ ପକ୍ଷରୁ ପିୟୂଷ ଚାୱଲା ଓ ବୁମ୍‌ରା ୨ଟି ଲେଖାଏ ଏବଂ ତୁଷାରା ଓ ଅଂଶୁଲ କମ୍ବୋଜ ଗୋଟିଏ ଲେଖାଏ ୱିକେଟ୍ ପାଇଥିଲେ।

**ଆଇପିଏଲ୍-୧୭**

**ଆଜିର ମ୍ୟାଚ୍**

**ଚେନ୍ନାଇ- ରାଜସ୍ଥାନ**
ସ୍ଥାନ- ଚେନ୍ନାଇ, ସମୟ- ଅପରାହ୍ଣ ୩.୩୦

**ବେଙ୍ଗାଲୁରୁ- ଦିଲ୍ଲୀ**
ସ୍ଥାନ- ବେଙ୍ଗାଲୁରୁ, ସମୟ- ରାତି ୭.୩୦

- ପ୍ରସାରଣ -
ଷ୍ଟାର୍ ସ୍ପୋର୍ଟ୍ସ ନେଟ୍‌ୱର୍କ, ଜିଓସିନେମା

**ପଏଣ୍ଟ ସାରଣୀ**

| ଦଳ | ମ୍ୟାଚ୍ | ବିଜୟ | ପରାଜୟ | ପଏଣ୍ଟ | ରନରେଟ୍ |
|---|---|---|---|---|---|
| କୋଲକାତା* | ୧୧ | ୮ | ୩ | ୧୬ | +୧.୪୫୩ |
| ରାଜସ୍ଥାନ | ୧୧ | ୮ | ୩ | ୧୬ | +୦.୪୭୬ |
| ହାଇଦ୍ରାବାଦ | ୧୨ | ୭ | ୫ | ୧୪ | +୦.୪୦୬ |
| ଚେନ୍ନାଇ | ୧୧ | ୬ | ୫ | ୧୨ | +୦.୭୦୦ |
| ଦିଲ୍ଲୀ | ୧୨ | ୬ | ୬ | ୧୨ | -୦.୩୧୬ |
| ଲକ୍ଷ୍ନୌ | ୧୨ | ୬ | ୬ | ୧୨ | -୦.୭୬୯ |
| ବେଙ୍ଗାଲୁରୁ | ୧୨ | ୫ | ୭ | ୧୦ | +୦.୨୧୭ |
| ମୁମ୍ବାଇ* | ୧୨ | ୪ | ୮ | ୮ | -୦.୨୧୨ |
| ପଞ୍ଜାବ | ୧୨ | ୪ | ୮ | ୮ | -୦.୪୨୩ |
| ଗୁଜରାଟ | ୧୧ | ୪ | ୭ | ୮ | -୧.୩୨୦ |

## ପନ୍ତଙ୍କୁ ମହଙ୍ଗା ପଡ଼ିଲା ମନ୍ଥର ବୋଲିଂ

### ୩୦ ଲକ୍ଷ ଜରିମାନା, ଗୋଟିଏ ମ୍ୟାଚ୍‌ରୁ ବାସନ୍ଦ

**ନୂଆଦିଲ୍ଲୀ,୧୧।୫(ଏଜେନ୍ସି):** ମନ୍ଥର ବୋଲିଂ ପାଇଁ ଦିଲ୍ଲୀ କ୍ୟାପିଟାଲ୍ସ ଅଧିନାୟକ ତଥା ତରାକା ୱିକେଟରକ୍ଷକ ବ୍ୟାଟର ଋଷଭ ପନ୍ତ ଗୋଟିଏ ମ୍ୟାଚ୍‌ରୁ ବାସନ୍ଦ ହୋଇଛନ୍ତି। ଫଳରେ ସେ ରବିବାର ବେଙ୍ଗାଲୁରୁରେ ଖେଳାଯିବାକୁ ଥିବା ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆରସିବି) ବିପକ୍ଷ ମ୍ୟାଚ୍ ଖେଳିପାରିବେ ନାହିଁ। ୩ଟି ମ୍ୟାଚ୍‌ରେ ମନ୍ଥର ବୋଲିଂ କାରଣରୁ ତାଙ୍କୁ ଏପରି ଦଣ୍ଡ ଭୋଗିବାକୁ ପଡିଛି।



ଦିଲ୍ଲୀ ୭ ମେରେ ରାଜସ୍ଥାନ ରୟାଲ୍ସ, ଏପ୍ରିଲ ୩ରେ କୋଲକାତା ନାଇଟ ରାଇଡର୍ସ ଓ ମାର୍ଚ୍ଚ ୨୧ରେ ଚେନ୍ନାଇ ସୁପର କିଙ୍ଗସ ବିପକ୍ଷ ମ୍ୟାଚ୍‌ରେ ମନ୍ଥର ବୋଲିଂ କରିଥିଲା। ଫଳରେ ପନ୍ତ ଆଇପିଏଲ ଆଚରଣ ବିଧି ଉଲ୍ଲଂଘନ କରିବା ନେଇ ଦୋଷୀ ସାବ୍ୟସ୍ତ ହୋଇଥିଲେ। ଏଥିସହ ପନ୍ତଙ୍କ ଉପରେ ରାଜସ୍ତାନ ବିପକ୍ଷରେ ୩୦ ଲକ୍ଷ, କୋଲକାତା ବିପକ୍ଷରେ ୨୧ ଲକ୍ଷ ଓ ଚେନ୍ନାଇ ବିପକ୍ଷରେ ୧୨ ଲକ୍ଷ ଟଙ୍କା ଜରିମାନାର ସମ୍ମୁଖୀନ ହୋଇଛନ୍ତି। ଆଇପିଏଲ ଆଚରଣ ବିଧି ନିୟମ ଅନୁସାରେ ଯଦି କୌଣସି ଅଧିନାୟକ ପ୍ରଥମଥର ଦୋଷୀ ସାବ୍ୟସ୍ତ ହୁଅନ୍ତି ତେବେ ୧୨ ଲକ୍ଷ, ଦ୍ୱିତୀୟଥର ହେଲେ ୨୪ ଲକ୍ଷ ଓ ତୃତୀୟଥର ଏହି ତ୍ରୁଟି କଲେ ୩୦ ଲକ୍ଷ ଟଙ୍କା ଜରିମାନର ସମ୍ମୁଖୀନ ହୋଇଥାନ୍ତି। ଦିଲ୍ଲୀ ଏପର୍ଯ୍ୟନ୍ତ ୧୨ଟି ମ୍ୟାଚ୍ ଖେଳି ୬ଟି ଲେଖାଏ ବିଜୟ ଓ ପରାଜୟ ସହ ୧୨ ଅଙ୍କ ହାସଲ କରି ପ୍ଲେ-ଅଫ୍ ଦୌଡ଼ରେ ସ୍ଥିତି ବଜାୟ ରଖିଛି।

## ଗିଲ୍‌ଙ୍କୁ ୨୪ ଲକ୍ଷ ଟଙ୍କା ଜରିମାନା

**ଅହମ୍ମଦାବାଦ, ୧୧।୫ (ଏଜେନ୍ସି):** ଚଳିତ ଆଇପିଏଲ୍‌ରେ ଶୁକ୍ରବାର ଅନୁଷ୍ଠିତ ଏକ ମୁକାବିଲାରେ ଗୁଜରାଟ ଟାଇଟନ୍ସ ୩୫ ରନରେ ଡିଫେଣ୍ଡିଂ ଚାମ୍ପିଅନ ଚେନ୍ନାଇ ସୁପର୍ କିଙ୍ଗ୍‌କୁ ପରାସ୍ତ କରିଦେଇଛି। ଦୁଇ ଓପନର୍ ସାଇ ସୁଦର୍ଶନ (୧୦୩) ଓ ଅଧିନାୟକ ଶୁବମନ ଗିଲ (୧୦୪)ଙ୍କ ଶତକ ବଳରେ ଗୁଜରାଟ ପ୍ରଥମେ ବ୍ୟାଟିଂ କରି ୩ ୱିକେଟ୍‌ରେ ୨୩୧ ରନର ବିଶାଳ ସ୍କୋର କରିଥିଲା। ଜବାବରେ ସୁପର୍ କିଙ୍ଗ୍‌ସ ୮ ୱିକେଟ୍‌ରେ ୧୯୬ ରନ କରିବାକୁ ସମର୍ଥ ହୋଇଥିଲା। ବିଜୟ ସତ୍ତ୍ୱେ ଧିମା ବୋଲିଂ ଲାଗି ଗୁଜରାଟ ଅଧିନାୟକ ଗିଲ୍‌ଙ୍କ ସମେତ ସମ୍ପୂର୍ଣ୍ଣ ଟିମ୍ ଉପରେ ଜରିମାନା ଲାଗିଛି। ଏହି ମ୍ୟାଚରେ ଧାର୍ଯ୍ୟ ସମୟରେ ଗୁଜରାଟ ବୋଲିଂ ଶେଷ କରିପାରି ନ ଥିଲା। ଚଳିତ ଆଇପିଏଲ୍‌ରେ ଗୁଜରାଟ ସମାନ ଭୁଲ ଦୁଇଥର କରିଥିବାରୁ ଅଧିନାୟକ ଗିଲ୍‌ଙ୍କ ଉପରେ ୨୪ ଲକ୍ଷ ଟଙ୍କା ଜରିମାନା କରାଯାଇଛି। ସେହିଭଳି ଅନ୍ୟ ସମସ୍ତ ଖେଳାଳିଙ୍କ ମ୍ୟାଚ୍ ପାଉଣାର ୨୫ ପ୍ରତିଶତ କିମ୍ବା ୬ ଲକ୍ଷ ଟଙ୍କା ଜରିମାନା ଲାଗିଛି। ଗୁଜରାଟ ବର୍ତ୍ତମାନ ୧୨ ମ୍ୟାଚରୁ ୫ ବିଜୟ ସହ ୧୦ ପଏଣ୍ଟ ପାଇ ୮ମ ସ୍ଥାନରେ ରହିଛି।



**ଘରୋଇ କ୍ରିକେଟରେ ସଂସ୍କାର**

# ସିକେ ନାଇଡୁ ଟ୍ରଫିରେ ଆଉ ପଡ଼ିବନି ଟସ୍

**ନୂଆଦିଲ୍ଲୀ,୧୧।୫(ଏଜେନ୍ସି)**

ଭାରତୀୟ ଘରୋଇ କ୍ରିକେଟରେ କେତୋଟି ସଂସ୍କାର ଅଣାଯାଇଛି। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ତରଫରୁ ଏ ନେଇ ଶନିବାର ଘୋଷଣା କରାଯାଇଛି। ଏହିକ୍ରମରେ ପୁରୁଷ ୨୩ ବର୍ଷରୁ କମ୍ ଟୁର୍ଣ୍ଣାମେଣ୍ଟ ସିକେ ନାଇଡୁ ଟ୍ରଫିରେ ଟସ୍‌କୁ ବାଦ୍ ଦିଆଯାଇଛି। ଆଗାମୀ ୨୦୨୪-୨୫ ସିଜନରେ ଏହି ନୂଆ ନିୟମ ଲାଗୁ ହେବ। ଏହି ନିୟମ ଅନୁସାରେ ଭ୍ରମଣକାରୀ ଦଳ ପ୍ରଥମେ ବୋଲିଂ କିମ୍ବା ବ୍ୟାଟିଂ କରିବା ନେଇ ନିଷ୍ପତ୍ତି ନେବାର ଅଧିକାର ପାଇବ। ପ୍ରଥମଥର ପାଇଁ ଘରୋଇ କ୍ରିକେଟରେ ଟସ୍‌କୁ ବାତିଲ ଦିଆଯାଇଛି। ଉଲ୍ଲେଖଥାଉ କି, ପୂର୍ବରୁ ୨୦୧୬ରୁ ୨୦୧୯ ମଧ୍ୟରେ ୪ଟି ସିଜନରେ କାଉଣ୍ଟି ଚାମ୍ପିଅନସିପ୍‌ରୁ ଟସ୍‌କୁ ବାଦ୍ ଦିଆଯାଇଥିଲା। ଯଦିଓ ଏହାକୁ ପୁଣି ଥରେ ୨୦୨୦ରେ ଲାଗୁ କରାଯାଇଥିଲା। ସେହିପରି ସିକେ ନାଇଡୁ ଟ୍ରଫିରେ ନୂଆ ପଏଣ୍ଟ ସିଷ୍ଟମ ଲାଗୁ କରାଯିବ। ପ୍ରଥମ ପାଳିରେ ବ୍ୟାଟିଂ ଓ ବୋଲିଂ ପ୍ରଦର୍ଶନକୁ ଦୃଷ୍ଟିରେ ରଖି ଏହାକୁ ଲାଗୁ କରାଯିବ। ଯଦି ନୂଆ ପଏଣ୍ଟ ସିଷ୍ଟମ୍ ଫଳପ୍ରଦ ହୁଏ ତେବେ ଏହାକୁ ରଣଜୀ ଟ୍ରଫିରେ ମଧ୍ୟ ଆଗାମୀ ସିଜନରେ ଲାଗୁ କରାଯିବ।

### ଦୁଇଟି ପର୍ଯ୍ୟାୟରେ ରଣଜୀ ଟ୍ରଫି ଖେଳାଯିବ

ଏଥର ରଣଜୀ ଟ୍ରଫିକୁ ଦୁଇଟି ପର୍ଯ୍ୟାୟରେ ଆୟୋଜନ କରିବାକୁ ବିସିସିଆଇ ବିଚାର କରୁଛି। ସୀମିତ ଓଭର ବା ଧଳା ବଲ୍ ଟୁର୍ଣ୍ଣାମେଣ୍ଟ ଯଥା ସୟଦ ମୁସ୍ତାକ ଅଲି ଟି-୨୦ ଟ୍ରଫି, ବିଜୟ ହଜାରେ ଦିନିକିଆ ଟୁର୍ଣ୍ଣାମେଣ୍ଟ ପୂର୍ବରୁ ଓ ପରେ ରଣଜୀ ଟ୍ରଫି ଦୁଇଟି ପର୍ଯ୍ୟାୟରେ ଖେଳାଯିବ। ଏଥର ଘରୋଇ କ୍ରିକେଟ ଦୁଲୀପ ଟ୍ରଫିରୁ ଆରମ୍ଭ ହେବ। ଏହି ଟୁର୍ଣ୍ଣାମେଣ୍ଟରେ ଜାତୀୟ ଚୟନକର୍ତ୍ତା ଦଳଗୁଡିକର ଚୟନ କରିବେ। ଦୁଲୀପ ଟ୍ରଫି ପରେ ଇରାନୀ କପ୍ ଖେଳାଯିବ। ଏହାପରେ ରଣଜୀ ଟ୍ରଫିର ପ୍ରଥମ ପର୍ଯ୍ୟାୟ ଆୟୋଜନ ହେବ। ପୁଣି ମୁସ୍ତାକ ଅଲି ଓ ବିଜୟ ହଜାର ଟ୍ରଫି ପରେ ରଣଜୀର ଦ୍ୱିତୀୟ ପର୍ଯ୍ୟାୟ ଖେଳାଯିବ। ପୁଣି ରଣଜୀ ଟ୍ରଫିର ଶେଷ ଦୁଇଟି ଲିଗ୍ ମ୍ୟାଚ୍ ଓ ନକ୍ ଆଉଟ୍ ପର୍ଯ୍ୟାୟ ଘରୋଇ ସିଜନର ଶେଷ ଭାଗରେ ଆୟୋଜନ ହେବ। ପୂର୍ବରୁ ରଣଜୀ ଟ୍ରଫି ମ୍ୟାଚ୍‌ଗୁଡିକ ମଧ୍ୟରେ ୩ ଦିନର ଅନ୍ତର ରହିଥିଲା। ଏବେ ଏଥିରେ ବୃଦ୍ଧି ହେବ। ଫଳରେ ଖେଳାଳିମାନେ ଅଧିକ ପରିମାଣରେ ବିଶ୍ରାମ ପାଇବେ। ସେହିପରି ମହିଳା କ୍ରିକେଟରେ ଦିନିକିଆ, ଟି-୨୦ ଓ ବହୁଦିବସୀୟ ମ୍ୟାଚ୍ ସମେତ ଅନ୍ତର୍ଜାତୀୟ ଟୁର୍ଣ୍ଣାମେଣ୍ଟ ପାଇଁ ଜାତୀୟ ଚୟନକର୍ତ୍ତାମାନେ ଦଳ ଚୟନ କରିବେ ବୋଲି ବିସିସିଆଇ ତରଫରୁ କୁହାଯାଇଛି।

### ଜାତୀୟ କରାଟେ ପ୍ରତିଯୋଗିତା

## ଶୁଭମଙ୍କୁ ସ୍ୱର୍ଣ୍ଣ

**ଭୁବନେଶ୍ୱର,୧୧।୫(ସମିସ):** ଡେରାଡୁନ୍‌ଠାରେ ଚାଲିଥିବା କ୍ୟାଡେଟ, ଜନିଅର ୨୧ ବର୍ଷରୁ କମ୍ ବରିଷ୍ଠ ଜାତୀୟ କରାଟେ ପ୍ରତିଯୋଗିତାର ତୃତୀୟ ଦିବସରେ ଓଡ଼ିଶାକୁ ଗୋଟିଏ ସ୍ୱର୍ଣ୍ଣ, ୩ଟି ରୌପ୍ୟ ଓ ଗୋଟିଏ କାଂସ୍ୟ ପଦକ ମିଳିଛି। ୬୮ କିଗ୍ରାରୁ କମ୍ ଜୁନିଅର ପୁରୁଷ ଫାଇଟ୍‌ରେ ଓଡ଼ିଶାର ଶୁଭମ ମହାନ୍ତି ସ୍ୱର୍ଣ୍ଣ ପଦକ ହାସଲ କରିଥିବା ବେଳେ ଜୁନିଅର ମହିଳା ଟିମ୍ କାଟାରେ ଭାଗ ନେଇଥିବା ସୁପ୍ରିୟା ମହାନ୍ତି, ଆମେଶି ଝା, ଆଦ୍ୟାଶା ପ୍ରିୟଦର୍ଶନୀ, ଉପାସନା ପ୍ରିୟଦର୍ଶନୀ ରୌପ୍ୟ ପଦକ ଜିତିଛନ୍ତି। ସେହିପରି ଜୁନିଅର ପୁରୁଷ ଟିମ୍ କାଟାରେ ଅଂଶଗ୍ରହଣ କରିଥିବା ସୂର୍ଯ୍ୟପ୍ରକାଶ ଘଡ଼ାଇ, ପୁଲକ ପାତ୍ରୀ, ଶୁଭକାନ୍ତ ସ୍ୱାଇଁ ଓ ଆର୍ଯ୍ୟଭଟ୍ଟ ବିଶ୍ୱାଳ ରୌପ୍ୟ ପଦକ ହାସଲ କରିଥିବାବେଳେ ବେଦାନ୍ତ ଦାସ ଜୁନିୟର ପୁରୁଷ କାଟା ବିଭାଗରେ ରୌପ୍ୟ ପଦକ ପାଇଥିଲେ। ସେହିପରି ଅଦିତି ପାଣିଗ୍ରାହୀ ଜୁନିଅର ମହିଳା + ୬୬ କେଜି ବର୍ଗରେ କାଂସ୍ୟ ଜିତିଛନ୍ତି। ଓଡ଼ିଶା ମୋଟ୍ ଉପରେ ୪ ସ୍ୱର୍ଣ୍ଣ, ୩ ରୌପ୍ୟ ଓ ୪ଟି କାଂସ୍ୟ ପଦକ ହାସଲ କରିଛି।




# କଳିଙ୍ଗରେ ଜାତୀୟ ଫେଡେରେସନ ଦୌଡ଼କୁଦ ଆଜିଠୁ

**ଭୁବନେଶ୍ୱର,୧୧।୫(ଏଜେନ୍ସି)**

ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ରବିବାରଠାରୁ ଆରମ୍ଭ ହେବ ଜାତୀୟ ଫେଡେରେସନ ବରିଷ୍ଠ ଦୌଡ଼କୁଦ ପ୍ରତିଯୋଗିତାର ୨୭ତମ ସଂସ୍କରଣ। ଏହି ପ୍ରତିଯୋଗିତାରେ ମୁଖ୍ୟ ଆକର୍ଷଣ ହେଉଛନ୍ତ ଆଥଲେଟିକ ସୁପରଷ୍ଟାର ତଥା ଅଲିମ୍ପିକ୍ସ ସ୍ୱର୍ଣ୍ଣ ପଦକ ବିଜେତା ଜାଭେଲିନ୍ ଫିଙ୍ଗାଳି ନୀରଜ ଚୋପ୍ରା। ୨୦୨୦ ଟୋକିଓ ଅଲିମ୍ପିକ୍ସରେ ସ୍ୱର୍ଣ୍ଣିମ ସଫଳତା ହାସଲ କରି ଇତିହାସ ସୃଷ୍ଟି

### ଟୋକିଓ ଅଲିମ୍ପିକ୍ସ ପରେ ପ୍ରଥମଥର ଭାରତ ମାଟିରେ ଜାଭେଲିନ୍ ଫିଙ୍ଗିବେ ନୀରଜ

କରିବା ପରେ ସେ ପ୍ରଥମଥର ପାଇଁ ଭାରତ ମାଟିରେ କୌଣସି ପ୍ରତିଯୋଗିତାରେ ଅବତୀର୍ଣ୍ଣ ହେବେ। ସେହିପରି ହାଙ୍ଗଝୋଉ ଏସୀୟ କ୍ରୀଡ଼ା ରୌପ୍ୟ ପଦକ ହାସଲ କରିଥିବା ଓଡ଼ିଆ ତାରକା ଜାଭେଲିନ୍ ପିଙ୍ଗାଳି କିଶୋର ଜେନା ମଧ୍ୟ ନୀରଜଙ୍କ ସହ ପ୍ରତିଯୋଗିତାରେ ଅବତୀର୍ଣ୍ଣ ହେବେ। ଏହି ଚାମ୍ପିଅନସିପ୍ ପ୍ୟାରିସ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ପର୍ଯ୍ୟାୟ ଇଭେଣ୍ଟ ଭାବେ ବିବେଚିତ ହୋଇଥିବାରୁ ଏହାର ଗୁରୁତ୍ୱ ବଢିଯାଇଛି।

### ୧୮୦ ମହିଳାଙ୍କ ସହ ୭୦୦ କ୍ରୀଡ଼ାବିତ୍ ଭାଗନେବେ

ରବିବାରଠାରୁ ଆରମ୍ଭ ହୋଇ ଏହି ପ୍ରତିଯୋଗିତା ବୁଧବାର ଶେଷ ହେବ। ୪ ଦିନଧରି ଚାଲିବାକୁ ଥିବା ଏହି ମିଟ୍‌ରେ ୧୮୦ ମହିଳାଙ୍କ ସମେତ ମୋଟ୍ ୭୦୦ ପ୍ରତିଯୋଗୀ ଅଂଶଗ୍ରହଣ କରିବେ। ନୀରଜ ଓ କିଶୋର ପ୍ୟାରିସ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ହାସଲ କରିସାରିଛନ୍ତି। ଏସୀୟ କ୍ରୀଡ଼ାରେ ଦୁହେଁ ସ୍ୱର୍ଣ୍ଣ ଓ ରୌପ୍ୟ ଜିତି ଏହି ସଫଳତା ପାଇଛନ୍ତି। ତେଣୁ ଅଲିମ୍ପିକ୍ସ ପ୍ରସ୍ତୁତି ଓ ଅଭ୍ୟାସ ପାଇଁ ଦୁହେଁ ଭୁବନେଶ୍ୱରରେ ଜାଭେଲିନ୍ ଫିଙ୍ଗିବେ। ଶୁକ୍ରବାର ରାତିରେ ଅନୁଷ୍ଠିତ ଦୋହା ଡାଇମଣ୍ଡ ଲିଗ୍‌ରେ ନୀରଜ ଦ୍ୱିତୀୟ ଓ କିଶୋର ୯ମ ସ୍ଥାନରେ ରହି ଅଭିଯାନ ଶେଷ କରିଥିଲେ। ନୀରଜ ୮୮.୩୬ ମିଟର ଥ୍ରୋ କରି ଦ୍ୱିତୀୟ ଓ କିଶୋର ୭୬.୩୧ ମିଟର ଥ୍ରୋ କରି ୯ମ ସ୍ଥାନରେ ରହିଥିଲେ। ଚେକ୍ ଗଣରାଜ୍ୟର ଜାକୁବ ଭାଲଡେଚ୍ ୮୮.୩୮ ମିଟର ସହ ପ୍ରଥମ ସ୍ଥାନରେ ରହିଥିଲେ।

### ଭଲ ପ୍ରଦର୍ଶନ ଲାଗି ସୁଯୋଗ: ରାଧାକ୍ରିଷ୍ଣନ

୪୦୦ ଓ ୮୦୦ମି ଦୌଡ଼ ଧାବକ ଅମୋଜ ଜ୍ୟାକବ, ୪୦୦ମି ଦୌଡ଼ ଧାବକ ମହମ୍ମଦ ଆଜମଲ, ଜ୍ୟୋତିକା ଶ୍ରୀ ଦାଣ୍ଡି ଓ ଭି ଶୁଭାଙ୍କ ଭଳି ମହିଳା ଆଥଲେଟ୍ ଏହି ଇଭେଣ୍ଟରେ ନିଜର ଦକ୍ଷତା ପ୍ରତିପାଦନ କରିବାକୁ ପ୍ରୟାସ କରିବେ। ଶନିବାର ଏଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଯୋଗଦେଇ ଭାରତର ମୁଖ୍ୟ ଦୌଡ଼କୁଦ ପ୍ରଶିକ୍ଷକ ରାଧାକ୍ରିଷ୍ଣନ ନାୟାର ଏହି ପ୍ରତିଯୋଗିତାର ସଫଳତା ନେଇ ଆଶାବାଦୀ ଅଛନ୍ତି ବୋଲି କହିଛନ୍ତି। ହରିୟାଣାର ପଞ୍ଚକୁଲାରେ ଜୁନ୍ ୨୭ରୁ ୩୦ ମଧ୍ୟରେ ଆୟୋଜନ ହେବାକୁ ଥିବା ୬୩ତମ ଜାତୀୟ ଆନ୍ତଃ ରାଜ୍ୟ ବରିଷ୍ଠ ଦୌଡ଼କୁଦ ପ୍ରତିଯୋଗିତା କ୍ରୀଡ଼ାବିତଙ୍କ ପାଇଁ ଅଲିମ୍ପିକ୍ସ ଯୋଗ୍ୟତା ହାସଲ କରିବାକୁ ଶେଷ ଘରୋଇ ଇଭେଣ୍ଟ ବୋଲି ସେ କହିଛନ୍ତି। ଜୁନ୍ ୩୦ ହେଉଛି ପ୍ୟାରିସ ଅଲିମ୍ପିକ୍ସ ଯୋଗ୍ୟତା ହାସଲ କରିବାର ଶେଷ ତାରିଖ। ତେଣୁ ପଞ୍ଚକୁଲାରେ ସବୁ ଆଥଲେଟ୍ ଅଂଶଗ୍ରହଣ କରିବାକୁ ଏକପ୍ରକାର ବାଧ୍ୟ ବୋଲି ସେ କହିଛନ୍ତି। କିନ୍ତୁ ଭୁବନେଶ୍ୱରରେ ଆଥଲେଟମାନେ ପ୍ରସ୍ତୁତି କରିବାର ଭଲ ସୁଯୋଗ ପାଇବେ ଓ ନିଜ ପ୍ରଦର୍ଶନର ଆକଳନ କରିବାରେ ସକ୍ଷମ ହେବେ ବୋଲି ସେ କହିଛନ୍ତି। ଗତ ମାର୍ଚ୍ଚ ଓ ଏପ୍ରିଲରେ କେତୋଟି ଘରୋଇ ଇଭେଣ୍ଟ ସଫଳତାର ସହ ଆୟୋଜିତ ହୋଇଥିଲା। ତେଣୁ ଏଠାରେ ଆୟୋଜନ ହେବାକୁ ଥିବା ଏହି ଇଭେଣ୍ଟ ଆଥଲେଟଙ୍କ ପାଇଁ ପର୍ଯ୍ୟାପ୍ତ ସୁଯୋଗ ସୃଷ୍ଟି କରିଛି ବୋଲି ସେ କହିଛନ୍ତି।



ମୁଖ୍ୟ ଦୌଡ଼କୁଦ ପ୍ରଶିକ୍ଷକ ରାଧାକ୍ରିଷ୍ଣନ ନାୟାରଙ୍କ ସହ ତାରକା କ୍ରୀଡ଼ାବିତ

### ଅଂଶଗ୍ରହଣ କରିବେ ବାଂଲାଦେଶ, ମାଳଦୀପ ପ୍ରତିଯୋଗୀ

ଏହି ପ୍ରତିଯୋଗିତାରେ କେତେଜଣ ବାଂଲାଦେଶ ଓ ମାଳଦୀପ ଆଥଲେଟ ଅଂଶଗ୍ରହଣ କରିବେ। ଏହି ପ୍ରତିଯୋଗିତାର ଆୟୋଜନରେ ଓଡ଼ିଶା ସରକାରଙ୍କ ରାଜ୍ୟ ସରକାରଙ୍କ ସହଯୋଗକୁ ସେ ପ୍ରଶଂସା କରିଥିଲେ। ପଞ୍ଚକୁଲାରେ ରେସ୍ ୱାକିଂ ଇଭେଣ୍ଟକୁ ବାଦ୍ ଦିଆଯାଇଛି। କାରଣ ରେସ୍ ୱାକରମାନେ ପ୍ୟାରିସ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ହାସଲ କରିସାରିଛନ୍ତି। ଗତ ଏପ୍ରିଲ ୨୧ରେ ତୁର୍କୀରେ ଅନୁଷ୍ଠିତ ୱାର୍ଲ୍ଡ ଆଥଲେଟିକ୍ ଟିମ୍ ଚାମ୍ପିଅନସିପ୍‌ରେ ରେସ୍ ୱାକରମାନେ ଅଂଶଗ୍ରହଣ କରିଥିଲେ ଓ ସେମାନେ ଏବେ କ୍ଲାନ୍ତିରୁ ମୁକୁଳିବା ପାଇଁ ପ୍ରୟାସ କରୁଛନ୍ତି ବୋଲି ରାଧାକ୍ରିଷ୍ଣନ କହିଛନ୍ତି। ଏପର୍ଯ୍ୟନ୍ତ ୫ଜଣ ରେସ୍ ୱାକର ପ୍ୟାରିସ ଅଲିମ୍ପିକ୍ସ କ୍ୱାଲିଫିକେସନ ଟାଇମ୍ ହାସଲ କରିଛନ୍ତି। କିନ୍ତୁ ଏମାନଙ୍କ ମଧ୍ୟରୁ ଶ୍ରେଷ୍ଠ ୩ଜଣଙ୍କୁ ପ୍ୟାରିସ ଅଲିମ୍ପିକ୍ସରେ ଅଂଶଗ୍ରହଣ କରିବାକୁ ସୁଯୋଗ ମିଳିବ ବୋଲି ରାଧାକ୍ରିଷ୍ଣନ କହିଛନ୍ତି।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA

ସମ୍ପାଦକ: ଉମାକାନ୍ତ ମିଶ୍ର
EDITOR: UMAKANT MISHRA

ସକାଳ THE SAKALA

ରବିବାର
୧୨ ମେ, ୨୦୨୪

# ଜିଲ୍ଲା ଦଳିତ ସମାଜ ସଭାରେ ଯୋଗଦେଲେ ପ୍ରଣବ ଓ ରୋହିତ




**ହୀରାକୁଦ, ୧୧।୫(ସମିସ):** ବି ଆର୍ ଆମ୍ବେଦକର କ୍ଲବ ଓ ଜିଲ୍ଲା ଦଳିତ ସମାଜ ହୀରାକୁଦ ଶାଖା ପକ୍ଷରୁ ଏକ ସଭାର ଆୟୋଜନ କରାଯାଇଥିଲା। ଏଥିରେ ବିଜେଡି ଲୋକସଭା ପ୍ରାର୍ଥୀ ପ୍ରଣବ ପ୍ରକାଶ ଦାସ ଓ ବିଧାନସଭା ପ୍ରାର୍ଥୀ ରୋହିତ ପୂଜାରୀ ଯୋଗଦାନ କରିଥିଲେ। ଆଗାମୀ ନିର୍ବାଚନରେ ଦଳ ପକ୍ଷରୁ ପ୍ରକାଶିତ ନିର୍ବାଚନ ଇସ୍ତାହାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ରାଜ୍ୟକୁ ରୂପାନ୍ତର କରିବା ପାଇଁ ପ୍ରସ୍ତୁତ କରିଥିବା ବ୍ଲୁ ପ୍ରିଣ୍ଟ ବିଷୟରେ ଦୁଇ ପ୍ରାର୍ଥୀ ଜନସାଧାରଣଙ୍କୁ ବୁଝାଇଥିଲେ। ସରକାର ସମସ୍ତଙ୍କୁ ସ୍ୱାସ୍ଥ୍ୟ ସେବା ଯୋଗାଇବା ପାଇଁ କାର୍ଡ, ହୀରାକୁଦକୁ ବୁର୍ଲା ସହ ସଂଯୋଗ କରିବା ପାଇଁ ବ୍ରିଜ ନିର୍ମାଣ, ହୀରାକୁଦ ସହରକୁ ଟୁରିଷ୍ଟ ମାନଙ୍କ ପାଇଁ ସମସ୍ତ ସୁବିଧା ପ୍ରଦାନ ଓ ସ୍ଥାନୀୟ ନିଯୁକ୍ତିକୁ ଅଗ୍ରାଧିକାର ଦିଆଯିବ ବୋଲି ପ୍ରକାଶ କରିଥିଲେ। ସଭାରେ ପ୍ରଦୀପ ପଣ୍ଡା ସଭାପତିତ୍ୱ କରି ହୀରାକୁଦର ବିଭିନ୍ନ ସମସ୍ୟା ବିଷୟରେ ଅବଗତ କରାଇଥିଲେ। ସଭାରେ ଯୁବନେତା ସିଦ୍ଧାର୍ଥ ସାହା ମଧ୍ୟ ନିଜର ମତାମତ ପ୍ରଦାନ କରିଥିଲେ। ଦଳିତ ସମାଜ ପକ୍ଷରୁ ଭବ୍ୟ ସ୍ୱାଗତ କରାଯାଇଥିଲା। କଲେଜ ଛକରୁ ବିରାଟ ପଟୁଆରରେ ସଭାସ୍ଥଳକୁ ପଦଯାତ୍ରାରେ ନେଇଥିଲେ। ଏହି ଅବସରରେ ଦଳିତ ସମାଜ ପକ୍ଷରୁ ଆଦେଶ ମେଘିଆ, ରମେଶ ବେହେରା, ଗୌତମ ବେହେରା, ଜିତେନ୍ କଲେଟ, ଭରତ କୁମାର, ମନୋଜ ଷଣ୍ଢ, ବିକାଶ ଲୁହୁରା ଉପସ୍ଥିତ ଥିଲେ।

## ବୁର୍ଲାରେ ପ୍ରଣବ ପ୍ରକାଶଙ୍କ ଶକ୍ତି ପ୍ରଦର୍ଶନ

# ଜନସମର୍ଥନ ଦେଖି ବିରୋଧୀ ଛାନିଆ







ସମ୍ବଲପୁର, ୧୧।୫(ସମିସ)



ଶନିବାର ସନ୍ଧ୍ୟାରେ ବିଜୁ ଜନତା ଦଳର ସାଂଗଠନିକ ସମ୍ପାଦକ ତଥା ସମ୍ବଲପୁର ଲୋକସଭା ପ୍ରାର୍ଥୀ ପ୍ରଣବ ପ୍ରକାଶ ଦାସ ବିଭିନ୍ନ ସ୍ଥାନରେ ବୁଲିବୁଲି ପ୍ରଚାର କାର୍ଯ୍ୟକ୍ରମ କରିଥିଲେ। ସନ୍ଧ୍ୟାରେ ପ୍ରଥମେ ସେ ବୁର୍ଲା ଯାଇଥିଲେ। ବୁର୍ଲାରେ ଏକ ବିଶାଳ ବାଇକ ରାଲିର ଆୟୋଜନ କରାଯାଇଥିଲା। ଶହଶହ ସଂଖ୍ୟାରେ ପ୍ରଣବ ପ୍ରକାଶଙ୍କ ସମର୍ଥକମାନେ ବାଇକ ରାଲିରେ ଯୋଗଦେଇ ସହର ପରିକ୍ରମା କରିଥିଲେ। ସ୍ଥାନୀୟ ପିସି ବ୍ରିଜ ଛକରୁ ଆରମ୍ଭ କରି ପୁରୁଣା ଏନଏସି ଅଫିସ ଛକଦେଇ ଭିଏସଏସ ଛକଠାରେ ବାଇକ ରାଲି ପହଞ୍ଚିଥିଲା। ଭାରତୀ କ୍ଲବ ଗ୍ରାଉଣ୍ଡରେ ଏକ ସଭାର ଆୟୋଜନ କରାଯାଇଥିଲା। ସଭାକୁ ସମ୍ବୋଧନ କରି ପ୍ରଣବ ପ୍ରକାଶ ବୁର୍ଲାବାସୀଙ୍କୁ ଧନ୍ୟବାଦ ଜଣାଇଥିଲେ। ସେହିଭଳି ବୁର୍ଲାକୁ ଉନ୍ନତି କ୍ଷେତ୍ରରେ ଆହୁରି ଆଗକୁ ନେବାକୁ ଆପଣମାନଙ୍କ ସହଯୋଗ ଓ ଆଶୀର୍ବାଦ ଦରକାର ବୋଲି କହି ଦୁଇଥର ଶଙ୍ଖ ଚିହ୍ନରେ ଭୋଟ ଦେବାକୁ ନିବେଦନ କରିଥିଲେ। ବାଇକ ରାଲି କାର୍ଯ୍ୟକ୍ରମ ସାରିବା ପରେ ଗୋଲଗୁଣ୍ଡା ଯାଇଥିଲେ। ଗୋଲଗୁଣ୍ଡାରେ ଜନସମାବେଶ ସହିତ ଭାବବିନିମୟ କରିଥିଲେ। ଏହି ଅବସରର ଗୋଲଗୁଣ୍ଡାବାସୀ ପ୍ରଣବ ପ୍ରକାଶଙ୍କ ଉପରେ ଆସ୍ଥା ପ୍ରକଟ କରି ଶଙ୍ଖ ଚିହ୍ନରେ ଭୋଟ ଦେବୁ ବୋଲି କହିଥିଲେ। ପରେ ବୁର୍ଲା ଠାରେ ଆୟୋଜିତ ଏକ ଅଷ୍ଟପ୍ରହରୀ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ ପ୍ରଣବ। ନାମ ସଂକୀର୍ତ୍ତନ କାର୍ଯ୍ୟକ୍ରମରେ ମିଶି ଆଶୀର୍ବାଦ ଲଭିଥିଲେ। ଏହି କାର୍ଯ୍ୟକ୍ରମ ଗୁଡିକରେ ପ୍ରଣବ ପ୍ରକାଶଙ୍କ ସହିତ ସମ୍ବଲପୁର ବିଧାନସଭା ପ୍ରାର୍ଥୀ ରୋହିତ ପୂଜାରୀ ମଧ୍ୟ ଉପସ୍ଥିତ ଥିଲେ। ସମ୍ବଲପୁରର ବିକାଶ ବିରୋଧୀ ନେତାଙ୍କ ଦ୍ୱାରା ପ୍ରତାରିତ ହେବା ପରେ ସେମାନଙ୍କ ଉପରୁ ଲୋକଙ୍କ ଭରସା ଭାଙ୍ଗିଯାଇଛି। ପ୍ରଣବ ପ୍ରକାଶ ଦାସ ଓ ବିଜୁ ଜନତା ଦଳ ପ୍ରତି ବିଶ୍ୱାସ ଦେଖାଇ ସମର୍ଥନରେ ବାହାରୁଥିବା ଦେଖିବାକୁ ମିଳିଛି। ସମ୍ବଲପୁରରେ ପ୍ରଣବ ପ୍ରକାଶ ଓ ବିଜୁ ଜନତା ଦଳର ଶକ୍ତି ବୃଦ୍ଧି ପାଉଥିବା ଦେଖି ବିରୋଧୀ ଶିବିରରେ ଭାଳେଣୀ ପଡ଼ିଛି।

# କ୍ଷେତ୍ର ପ୍ରଚାର କାର୍ଯ୍ୟାଳୟ ତରଫରୁ ସଚେତନତା କାର୍ଯ୍ୟକ୍ରମ

**ସମ୍ବଲପୁର, ୧୧।୫(ସମିସ):** ଭାରତ ସରକାରଙ୍କ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଅଧିନସ୍ଥ କେନ୍ଦ୍ରୀୟ ସଞ୍ଚାର କାର୍ଯ୍ୟାଳୟ ସମ୍ବଲପୁର କ୍ଷେତ୍ର କାର୍ଯ୍ୟାଳୟ ତରଫରୁ ସମ୍ବଲପୁର ମହାନଗର ନିଗମ ୱାର୍ଡ଼ ନଂ-୨ ଅନ୍ତର୍ଗତ ବୈଜାମୁଣ୍ଡା ସାନସିଗିରି ଠାରେ ଭୋଟର ମାନଙ୍କ ଦାୟୀତ୍ୱ, କର୍ତ୍ତବ୍ୟ, ଶିକ୍ଷା ଏବଂ ନିର୍ବାଚନୀ ଭାଗିଦାରୀ ଶୀର୍ଷକ ଏକ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଆସନ୍ତା ସାଧାରଣ ନିର୍ବାଚନ ଲୋକସଭା ଏବଂ ବିଧାନସଭା ୨୦୨୪ରେ କିଭଳି ଭାବେ ଶତ ପ୍ରତିଶତ ଭୋଟ ମତଦାନ ହେବ ଏବଂ କୌଣସି ଭୋଟଦାତା ଭୋଟ ଦାନରୁ ଯେଭଳି ବଞ୍ଚିତ ହେବେନି ସେଥିପାଇଁ ଏହି ସଚେତନତା କାର୍ଯ୍ୟକ୍ରମଟି ଆୟୋଜନ କରାଯାଇଥିଲା। 'ଦେଶର ଗର୍ବ ନିର୍ବାଚନର ପର୍ବ'ଙ୍କୁ ଅଧିକ ତ୍ୱରାନ୍ୱିତ କରିବା ପାଇଁ ଜିଲ୍ଲା ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟର ସହଯୋଗରେ କାର୍ଯ୍ୟକ୍ରମକୁ ସମ୍ବଲପୁର କ୍ଷେତ୍ର ପ୍ରଚାର ଅଧିକାରୀ ମନମୋହନ ପାଢ଼ୀଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ହୋଇଥିôଲା। ସହକାରୀ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ସଂଯୋଜକ ସୁଶାନ୍ତ କୁମାର ନାଏକ ଏଥିରେ ଯୋଗଦେଇ କାର୍ଯ୍ୟକ୍ରମରେ ଉପସ୍ଥିତ ଭୋଟର ମାନଙ୍କୁ ଇଭିଏମ୍, ଭିଭିପାଟ୍ ଏକ କଣ୍ଟ୍ରୋଲ ୟୁନିଟ୍‌ଙ୍କୁ କାର୍ଯ୍ୟକ୍ରମ କରାଇ ଅଭ୍ୟସ୍ତ କରାଇଥିଲେ। କାର୍ଯ୍ୟକ୍ରମର ପ୍ରାରମ୍ଭରେ ଗୀତ ଓ ନାଟକ ବିଭାଗର ପଞ୍ଜିକୃତ ଦଳ ଅଦୃଶ୍ୟ ନାଟ୍ୟ ଆଶ୍ରମର କଳାକାର ଗୀତ ଓ ନାଟକ ମାଧ୍ୟମରେ ଲୋକମାନଙ୍କୁ ସଚେତନ କରାଇବା ସଙ୍ଗେ ସଙ୍ଗେ ମନୋରଞ୍ଜନ ମଧ୍ୟ କରାଇଥିଲେ। ଶ୍ରୀ ପାଢ଼ୀ ଭୋଟର ସଚେତନତା ସ୍ୱିପୀ, ଭୋଟର ଅଧିକାର ବିଷୟରେ ବିସ୍ତୃତ ଉପସ୍ଥାପନା ପ୍ରଦାନ କରିଥିଲେ। ଆଲୋଚନା ଚକ୍ର, ଗୋଷ୍ଠୀ ଆଲୋଚନୀ, ଫୋଟଚିତ୍ର ପ୍ରଦର୍ଶନୀ ମାଧ୍ୟମରେ ମଧ୍ୟ ଲୋକମାନଙ୍କୁ ସାଧାରଣ ନିର୍ବାଚନ ୨୦୨୪ ବିଷୟରେ ଅନେକ ତଥ୍ୟ, ଇଭିଏମ୍ ମଏସିନର ପରିଚାଳନା ଇତ୍ୟାଦି ବିଷୟରେ ଅବଗତ କରାଯାଇଥିଲା। ପ୍ରଚାର କାର୍ଯ୍ୟକ୍ରମର ଅଂଶ ବିଶେଷ ରୂପେ ଭୋଟରମାନଙ୍କ ଶପଥ/ସଂକଳ୍ପ, ପାଠ ମଧ୍ୟ କରାଯାଇ ଆହୁରି ଅନେକ ଦାୟୀତ୍ୱବାନ କରାଯାଇଥିଲା। ଉପସ୍ଥିତ ଭୋଟରମାନଙ୍କ ମଧ୍ୟର ପ୍ରଶ୍ନୋତ୍ତର ପ୍ରତିଯୋଗିତା କରାଯାଇ କୃତି ଭୋଟର ମାନଙ୍କୁ ପୁରସ୍କାର ମଧ୍ୟ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ୧୯ ନଂ ସେକ୍ଟର ଅଫିସର ବିଭୁତି ଭୂଷଣ ପ୍ରଧାନ, ବୁଥ୍ ନଂ ୧୯୫ର ବିଏଲଓ ସୁପରଭାଇଜର ଅମୂଲ୍ୟ କୁମାର ଭୋଇ, ବୁଥ୍ ନଂ.୧୯୫ର ବିଏଲଓ ସୁପରଭାଇଜର ବନଜା ମିଶ୍ର, ବୁଥ୍ ନଂ. ୧୯୫ର ବିଏଲଓ ବିଲାସିନି ବଗର୍ତ୍ତି ଏବଂ ବୁଥ୍ ନଂ ୧୯୩ର ବିଏଲଓ ଜଗତ ସିଂ ବେରିହା ପ୍ରମୁଖ ଯୋଗଦେଇ ନିର୍ବାଚନର ପର୍ବ ଶୀର୍ଷକ ଭୋଟର ସଚେତନତା କାର୍ଯ୍ୟକ୍ରମକୁ ସୁଚାରୁ ରୂପେ ପରିଚାଳନା କରିଥିଲେ। ଶେଷରେ ଘରୁ ବାହାରି ମତଦାନ ଅବଶ୍ୟ ଦିଅନ୍ତୁ ବୋଲି ନିବେଦନ କରାଯାଇଥିଲା।





**'ନିର୍ବାଚନ ପର୍ବ ଦେଶର ଗର୍ବ'**

# ନୀଳକଣ୍ଠେଶ୍ୱର ମନ୍ଦିରରେ ଥାଳ ଉଠା ସମ୍ପନ୍ନ

**ହୀରାକୁଦ, ୧୧।୫(ସମିସ):** ହୀରାକୁଦ ସ୍ଥିତ ନୀଳକଣ୍ଠେଶ୍ୱର ମନ୍ଦିର ପକ୍ଷରୁ ଶୀତଳ ଷଷ୍ଠୀ ଯାତ୍ରା ପାଇଁ ଥାଳ ଉଠା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଜେଡି ଲୋକସଭା ପ୍ରାର୍ଥୀ ପ୍ରଣବ ପ୍ରକାଶ ଦାସ, ବିଧାନସଭା ପ୍ରାର୍ଥୀ ରୋହିତ ପୂଜାରୀ, ଯୁବନେତା ସିଦ୍ଧାର୍ଥ ସାହା ଯୋଗଦାନ କରି ବାବା ଓ ମାତାଙ୍କର ଦର୍ଶନ କରି ଆଶୀର୍ବାଦ ଭିକ୍ଷା କରିଥିଲେ। ମନ୍ଦିର କମିଟି ପକ୍ଷରୁ ସେମାନଙ୍କୁ ସ୍ୱାଗତ କରାଯାଇଥିଲା। ମନ୍ଦିରର ଉନ୍ନତିକରଣ ପାଇଁ ସରକାର ପକ୍ଷରୁ ଅନୁଦାନ ପ୍ରଦାନ କରାଯାଇଥିଲା ତେଣୁ କମିଟି ପକ୍ଷରୁ ଧନ୍ୟବାଦ୍ ପ୍ରଦାନ କରାଯାଇଥିଲା। ମନ୍ଦିରର ଉନ୍ନତି ପାଇଁ ସରକାର ପ୍ରତିଶ୍ରୁତି ବଦ୍ଧ ତେଣୁ ଆଗାମୀ ଦିନରେ ସରକାର ପକ୍ଷରୁ ଅନୁଦାନ ଜାରି ରହିବ ବୋଲି ପ୍ରଣବ ପ୍ରକାଶ କହିଥିଲେ। ଏହି ଅବସରରେ ମନ୍ଦିର କମିଟି ପକ୍ଷରୁ ସଭାପତି ମୋତିଲାଲ ବରାଇକ ସମ୍ପାଦକ ସଚୀକାନ୍ତ ମିଶ୍ର, ଗୌତମ ନାୟକ, ସୀତାକାନ୍ତ ପଣ୍ଡା, ଅଜିତ ପାତ୍ର, ସୁଶାନ୍ତ ପଣ୍ଡା, ପ୍ରଶାନ୍ତ ନାୟକ, ଜିତେନ୍ଦ୍ର ସିଂ, ଘନଶ୍ୟାମ ବାରତିଆ, ବିଦ୍ୟୁତ୍ ନାୟକ ଓ ଶୀତଳ ଷଷ୍ଠୀର କର୍ତ୍ତା ପ୍ରକାଶ ସାହୁ ଓ ପଣ୍ଡିତ ପ୍ରଭାତ ମିଶ୍ର ଉପସ୍ଥିତ ଥିଲେ।



# ଯୁକ୍ତ୩ ପରୀକ୍ଷାରେ ବୈଦିକ ଡିଗ୍ରୀ କଲେଜର କୃତିତ୍ୱ











**ସମ୍ବଲପୁର, ୧୧।୫(ସମିସ):** ସମ୍ବଲପୁର ବିଶ୍ୱବିଦ୍ୟାଳୟ ଯୁକ୍ତ ତିନି ତୃତୀୟ ବର୍ଷ ଷଷ୍ଠ ସେମିଷ୍ଟାର ପରୀକ୍ଷା ଫଳ ପ୍ରକାଶ ପାଇଛି। ଏଥିରେ ସମ୍ବଲପୁର ଶାସନ ସ୍ଥିତ ବୈଦିକ ଡିଗ୍ରୀ କଲେଜର ଅନେକ ବିଭାଗର ଛାତ୍ରଛାତ୍ରୀ କୃତ କାର୍ଯ୍ୟ ହୋଇଛନ୍ତି। ସମ୍ବଲପୁର ବିଶ୍ୱବିଦ୍ୟାଳୟ ଅନ୍ତର୍ଭୁକ୍ତ ଅନେକ କଲେଜ ମଧ୍ୟରୁ ସର୍ବୋତ୍ତିର୍ଣ ସ୍ଥାନରେ ବୈଦିକ କଲେଜରେ ଛାତ୍ର ଛାତ୍ରୀ କୃତିତ୍ୱ ହୋଇଛନ୍ତି। ଇଂରାଜୀ ବିଭାଗରେ ସାଇ ବାଲାଜୀ ବାରିକ ବିଶ୍ୱବିଦ୍ୟାଳୟ ସ୍ତରରେ ର୍‌ୟାଙ୍କ ୧ରେ ଓ ଲୋପାମୁଦ୍ରା ଖମାରି ର୍‌ୟାଙ୍କ ୨ରେ କୃତ କାର୍ଯ୍ୟ ହୋଇଛନ୍ତି। ପ୍ରାଣୀ ବିଜ୍ଞାନ ବିଭାଗର ଅଙ୍କିତା ବକ୍ସି ବିଶ୍ୱବିଦ୍ୟାଳୟ ସ୍ତରରେ ର୍‌ୟାଙ୍କ ୧୦ ଭିତରେ ଥିବା ବେଳେ ବାଣିଜ୍ୟ ବିଭାଗର ମୋହିତ ଅଗ୍ରୱାଲ ଓ ଈଶିକା ପଧାନ ବିଶ୍ୱବିଦ୍ୟାଳୟ ସ୍ତରରେ ର୍‌ୟାଙ୍କ ୧୦ ମଧ୍ୟରେ ଅନ୍ତର୍ଭୁକ୍ତ ଅଛନ୍ତି। ଛାତ୍ରଛାତ୍ରୀଙ୍କର ଏହି କୃତିତ୍ୱ ପାଇଁ ବୈଦିକ ଡିଗ୍ରୀ କଲେଜର ପ୍ରିନ୍ସପାଲ ଡସ୍ୱେତା ମିଶ୍ରଙ୍କ ସହିତ ସମସ୍ତ ଅଧ୍ୟାପକ ତାଙ୍କ ଉନ୍ନତ ଭବିଷ୍ୟତରେ କାମନା କରି ଶୁଭେଚ୍ଛା ପ୍ରଦାନ କରିଛନ୍ତି। ଏହା ସହ ଅଧ୍ୟକ୍ଷ ଆନନ୍ଦ ଅଗ୍ରୱାଲ ମଧ୍ୟ ଏହି ଖୁସିରେ ସାମିଲ ହୋଇ ଛାତ୍ର ଛାତ୍ରୀଙ୍କ ଉନ୍ନତୋତ୍ତର କାମନା କରିଛନ୍ତି।

# ଗନ୍ତବ୍ୟସ୍ଥଳକୁ ଯାତ୍ରା ସୁନିଶ୍ଚିତ କରିବାରେ ପୂର୍ବତଟ ରେଳପଥର ଗୁରୁତ୍ୱ

**ସମ୍ବଲପୁର, ୧୧।୪(ସମିସ):** ଯାତ୍ରୀଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଭାରତୀୟ ରେଳବାଇ ପୂର୍ବତଟ ରେଳପଥ ପରିସୀମାରେ ବିଭିନ୍ନ ପ୍ରାନ୍ତକୁ ଗ୍ରୀଷ୍ମକାଳୀନ ସ୍ୱତନ୍ତ୍ର ଟ୍ରେନ୍ ସେବା ଲାଗୁ କରିଛନ୍ତି। ଏହି ଟ୍ରେନ୍ ଗୁଡିକ ଗୁରୁତ୍ୱପୂର୍ଣ୍ଣ ଗନ୍ତବ୍ୟସ୍ଥଳକୁ ସଂଯୋଗ କରିବ। ସୁବିଧାଜନକ, ଆରାମ ଏବଂ ନିରାପଦ ଯାତ୍ରା ପ୍ରଦାନ କରାଇ ଗ୍ରୀଷ୍ମ ଋତୁରେ ଯାତ୍ରୀ ମାନଙ୍କୁ ସ୍ମରଣୀୟ ଯାତ୍ରା ଅନୁଭୂତି କରାଇବାକୁ ବ୍ୟବସ୍ଥା କରିଛି। ବିଭିନ୍ନ ଗନ୍ତବ୍ୟସ୍ଥଳକୁ ପୂର୍ବରୁ ସ୍ୱତନ୍ତ୍ର ଟ୍ରେନ୍ ସେବା ଘୋଷଣା କରିଥିଲା। ଏହା ବିଭିନ୍ନ ଅଞ୍ଚଳର ଯାତ୍ରୀଙ୍କ ଯାତ୍ରା ଆବଶ୍ୟକତାକୁ ପୂରଣ କରିବା ସହିତ ଯାତ୍ରୀମାନେ ଯେପରି ଏକ ସୁବିଧାଜନକ ଓ ଆରାମଦାୟକ ଯାତ୍ରା ଅଭିଜ୍ଞତା ପାଇପାରିବେ। ସେମାନେ ନିଜସ୍ୱ ଶୈଳୀରେ ଯାତ୍ରା ସୁନିଶ୍ଚିତ କରାଇଅଛି। ଗ୍ରୀଷ୍ମକାଳୀନ ସ୍ୱତନ୍ତ୍ର ଟ୍ରେନ ସେବା ସୁବିଧାଜନକ କାର୍ଯ୍ୟସୂଚୀରେ ଚଳାଚଳ କରିବ। ଯାତ୍ରୀମାନଙ୍କୁ ସେମାନଙ୍କ ପସନ୍ଦ ଅନୁଯାୟୀ ଯାତ୍ରା ଯୋଜନା କରିବାକୁ ନମନୀୟତା ପ୍ରଦାନ କରିବେ। ଛୁଟିଦିନ, ସ୍ୱତନ୍ତ୍ର ଟ୍ରେନ୍ ସୁବିଧାଜନକ ଯାତ୍ରା ପାଇଁ ଉପଯୁକ୍ତ ପ୍ରାବଧାନ ପ୍ରଦାନ କରୁଛି। ଏହା ପୂର୍ବରୁ ପୂର୍ବତଟ ରେଳପଥ ଦ୍ୱାରା ଘୋଷଣା କରାଯାଇଥିବା ଗ୍ରୀଷ୍ମକାଳୀନ ସ୍ୱତନ୍ତ୍ର ଟ୍ରେନ ବ୍ୟତୀତ ଆହୁରି ଅଧିକ ଗ୍ରୀଷ୍ମକାଳୀନ ସ୍ୱତନ୍ତ୍ର ଟ୍ରେନ ଚଳାଚଳ କରାଇବାକୁ ପଦକ୍ଷେପ ଗ୍ରହଣ କରିଛି। ଟ୍ରେନ୍ ଗୁଡିକ ହେଉଛି ଭୁବନେଶ୍ୱର-ମୁମ୍ବାଇ ଏଲଟିଟି, ବ୍ରହ୍ମପୁର-ସିକନ୍ଦରାବାଦ, ବ୍ରହ୍ମପୁର-ସୁରଟ ଇତ୍ୟାଦି ଗ୍ରୀଷ୍ମକାଳୀନ ସ୍ୱତନ୍ତ୍ର ଟ୍ରେନ ରହିଛି। ଏହା ବ୍ୟତୀତ ନିୟମିତ ଟ୍ରେନ ସହିତ ସ୍ୱତନ୍ତ୍ର ଟ୍ରେନ ଗୁଡିକରେ ସିଙ୍ଗଲ୍ ଟ୍ରିପ ସ୍ୱତନ୍ତ୍ର ଟ୍ରେନ୍ ଚଳାଇବାକୁ ଯୋଜନା କରିଛି। ଯାତ୍ରୀମାନେ ମଧ୍ୟ ସେହି ଅନୁସାରେ ସେମାନଙ୍କର ଯାତ୍ରା ଯୋଜନା କରିପାରନ୍ତି। ସେମାନଙ୍କ ଗନ୍ତବ୍ୟ ସ୍ଥଳ ପାଇଁ ସେମାନଙ୍କ ବୋର୍ଡିଂ ପଏଣ୍ଟରୁ ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ କରିବ। ଏହି ଟ୍ରେନ୍ ଗୁଡିକ ମଧ୍ୟର ସମ୍ବଲପୁର-କାଚେଗୁଡା, ଖୋର୍ଦ୍ଧା ରୋଡ୍-ସିକନ୍ଦରାବାଦ, ଭୁବନେଶ୍ୱର-ପୁଣେ, ଭୁବନେଶ୍ୱର-ମୁମ୍ବାଇ, ପୁରୀ-ପାଲଡିହ (ମହାରାଷ୍ଟ୍ର), ଭୁବନେଶ୍ୱର-ଚେନ୍ନାଇ, ସମ୍ବଲପୁର-ଚେନ୍ନାଇ, ଭୁବନେଶ୍ୱର-ବେଙ୍ଗାଲୁରୁ, ବ୍ରହ୍ମପୁର-କାଚେଗୁଡା ଇତ୍ୟାଦି ରହିଛି। ସିକନ୍ଦରାବାଦ-ବ୍ରହ୍ମପୁର-ସିକନ୍ଦରାବାଦ ଗ୍ରୀଷ୍ମକାଳୀନ ସ୍ୱତନ୍ତ୍ର ଟ୍ରେନ ମେ ୧୧ ଓ ୧୪ରେ ସିକନ୍ଦରାବାଦ ଠାରୁ ରାତ୍ରି ୦୮ ଘ.୪୫ମି. ରେ ଛାଡିବାକୁ ଥିବାବେଳେ ଫେରିବା ମାର୍ଗରେ ଏହା ବ୍ରହ୍ମପୁରରୁ ୧୨ ଏବଂ ୧୫ ଅପରାହ୍ନ ୧୨ଘ.୪୫୮ମି.ରେ ଛାଡିବ। ସୁରଟ-ବ୍ରହ୍ମପୁର-ସୁରଟ ସ୍ପେଶାଲ ୨୨ ମେରୁ ୨୬ ଜୁନ୍ ପ୍ରତ୍ୟକ ବୁଧବାର ଦିନ ସୁରଟରୁ ଅପରାହ୍ନ ୦୨ଘ.୨୦ମି.ରେ ଛାଡିବାକୁ ଥିବାବେଳେ ଏହା ଫେରିବା ମାର୍ଗରେ ବ୍ରହ୍ମପୁରରୁ ଭୋର ୦୪ଘ.୩୦ମି.ରେ ଛାଡିବ। ଚେନ୍ନାଇ ଏଗମୋର୍-ଭୁବନେଶ୍ୱର-ଚେନ୍ନାଇ ଏଗମୋର ସ୍ୱତନ୍ତ୍ର ଟ୍ରେନ୍ ୧୧ ମଇ ଓ ୧ ଜୁନରେ ଚେନ୍ନାଇ ଏଗମୋରରୁ ପୂର୍ବାହ୍ନ ୧୦ଘ.୩୦ମି.ରେ ଛାଡିବ। ଫେରିବା ମାର୍ଗରେ ଭୁବନେଶ୍ୱରରୁ ଦେଇ ଚେନ୍ନାଇ ଯାତ୍ରା କରିବ। ଚେନ୍ନାଇ ଏଗମୋର-ସମ୍ବଲପୁର-ଚେନ୍ନାଇ ଏଗମୋର ସ୍ପେଶାଲ ଟ୍ରେନ୍ ୧୮ ମଇ ଓ ୭ ଜୁନ୍‌ରେ ଚେନ୍ନାଇ ଏଗମୋରରୁ ପୂର୍ବାହ୍ନ ୧୦ଘ.୩୦ମି.ରେ ଛାଡିବ। ଫେରିବା ମାର୍ଗରେ ଏହି ଟ୍ରେନ ସମ୍ବଲପୁରରୁ ପୂର୍ବାହ୍ନ ୧୧ଘ.୩୫ମି. ରେ ଛାଡି ଚେନ୍ନାଇ ଏଗମୋର ଯାତ୍ରା କରିବ। ଯେହେତୁ ଆମେ ଗ୍ରୀଷ୍ମ ଋତୁରେ ବର୍ତ୍ତମାନ ପୂର୍ବତଟ ରେଳପଥ ଏହାର ମୂଲ୍ୟବାନ ଯାତ୍ରୀଙ୍କ ବିଭିନ୍ନ ଭ୍ରମଣ ଆବଶ୍ୟକତାକୁ ଦୃଷ୍ଟିରେ ରଖି ସ୍ୱତନ୍ତ୍ର ଟ୍ରେନ୍ ସେବା ଯୋଗାଇ ଦେଇଛି।

# ଇଭିଏମ୍, ଭିଭିପାଟ୍ ରେଣ୍ଡୋମାଇଜେସନ୍



**ସମ୍ବଲପୁର, ୧୧।୪(ସମିସ):** ସାଧାରଣ ନିର୍ବାଚନ ପାଇଁ ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଦିନ ୧୧ ଘଟିକା ସମୟରେ ଦ୍ୱିତୀୟ ଇଭିଏମ ଓ ଭିଭିପାଏଟ ରେଣ୍ଡୋମାଇଜେସନ୍ ଅନୁଷ୍ଠିତ ହୋଇଯାଇଛି। ରେଙ୍ଗାଲି ବିଧାନସଭା, ସମ୍ବଲପୁର ବିଧାନସଭା ଓ ସମ୍ବଲପୁର ସଂସଦୀୟ କ୍ଷେତ୍ର ନିର୍ବାଚନ ମଣ୍ଡଳୀକୁ ନେଇ ଅନୁଷ୍ଠିତ ହୋଇଥିଲା। ଅନ୍ୟ ନିର୍ବାଚନ ମଣ୍ଡଳୀ ମାନେ ଅନଲାଇନ ମାଧ୍ୟମରେ ଜଡିତ ହୋଇଥିଲେ। ଏହି ଇଭିଏମ ଓ ଭିଭିପାଏଟ ରେଣ୍ଡୋମାଇଜେସରେ ସମସ୍ତ ପ୍ରାର୍ଥୀ ଓ ପ୍ରତିନିଧି ମତ ରଖିଥିଲେ। ସାଧାରଣ ପର୍ଯ୍ୟବେକ୍ଷକ ଜି. ଶ୍ରୀକାନ୍ତ, ସୁରେଶ କୁମାର ଓଳା, ଜିଲ୍ଲାପାଳ ଅକ୍ଷୟ ସୁନିଲ ଅଗ୍ରୱାଲ, ଏଡିଏମ ଅଜାମ୍ବର ମହାନ୍ତି, ସୁଚାରୁ କୁମାର ବଳ ସମେତ ଅନ୍ୟ ନିର୍ବାଚନ ମଣ୍ଡଳୀର ରିଟର୍ଣ୍ଣିଂ ମାନେ ଉପସ୍ଥିତ ଥିଲେ।

# 'ଅକ୍ଷର' ତରଫରୁ କବି ଖଗେଶ୍ୱର ସେଠ୍‌ଙ୍କ ଜୟନ୍ତୀ

ସମ୍ବଲପୁର, ୧୧।୫(ସମିସ)

ମ୍ବଲପୁରୀ ଭାଷା ସାହିତ୍ୟ ପାଇଁ କାମ କରୁଥିବା 'ଅକ୍ଷର' ଅନୁଷ୍ଠାନ ତରଫରୁ ସଭାପତି ଦେବାର୍ଚ୍ଚନ ଠାକୁରଙ୍କ ସଭାପତିତ୍ୱରେ ସାହିତ୍ୟ ପ୍ରାଣ କବି ଖଗେଶ୍ୱର ସେଠ୍‌ଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଓଡ଼ିଶା ସାଂସ୍କୃତିକସମାଜ ଠାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ ଶିକ୍ଷାବିତ୍ ସାମଜସେବୀ ଡ. ଶିବ ନାରାୟଣ ଶତପଥୀ ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିବା ବେଳେ ପ୍ରାଧ୍ୟାପକ ମୋହନ ସାହୁ ମୁଖ୍ୟବକ୍ତା ଭାବରେ ଯୋଗଦେଇ କବିଙ୍କର ଜୀବନ ଓ କାଳଜୟୀ ସାହିତ୍ୟ କୃତି ବାବଦରେ ଆଲୋଚନା କରିଥିଲେ। ଏ ବର୍ଷ ଠାରୁ ଅନୁଷ୍ଠାନ ପ୍ରଥମ କରି ଆରମ୍ଭ ହୋଇଥିବା 'ଖଗେଶ୍ୱର ସ୍ମୃତି ସମ୍ମାନ' ୨୦୨୪ ରେ ସମ୍ମାନିତ କରାଯାଇଥିଲା। ବିଶିଷ୍ଟ ନାଟ୍ୟବିଦ୍, ସାଂସ୍କୃତି ଗବେଷକ ଡ. ଦ୍ୱାରିକାନାଥ ନାୟକଙ୍କୁ ସମ୍ବଲପୁରୀ ଭାଷା ସାହିତ୍ୟ ସଂସ୍କୃତି ପାଇଁ ଉତ୍ସର୍ଗୀକୃତ ଏହି ସମ୍ମାନର ପ୍ରତିଉତ୍ତର ସହ ସେ ଖଗେଶ୍ୱରଙ୍କ ଜୀବନ ଓ ସୃଜନ ବିଷୟରେ ସଂକ୍ଷେପରେ ବକ୍ତବ୍ୟ ରଖିଥିଲେ। ଅନୁଷ୍ଠାନର ସମ୍ପାଦକ ମାନସ କୁମାର ଷଡ଼ଙ୍ଗୀ ସମ୍ପାଦକୀୟ ବିବିରଣୀ ପାଠ ଓ ଆଭିମୁଖ୍ୟ ପ୍ରଦାନ କରିଥିଲେ। ଆବାହକ କାଳୀନ୍ଦୀ ପ୍ରତାପ ସିଂହ ସ୍ୱାଗତ ସମ୍ଭାଷଣ କରିଥିବା ବେଳେ କ୍ଷେତ୍ରମଣି ବିଭାର ଧନ୍ୟବାଦ ଅର୍ପଣ କରିଥିଲେ। ସୂର୍ଯ୍ୟ ପାଣିଗ୍ରାହୀ ମାନପତ୍ର ପାଠ କରିଥିଲେ। ଦ୍ୱିତୀୟ ଅଧିବେଶନରେ ଡ. ସତ୍ୟନାରାୟଣ ଠାକୁର, ସାବିତ୍ରୀ ପୁରୋହିତ, ରଞ୍ଜିତା ହୋତା, ମୋହିନୀ ହୋତା କବିଙ୍କର ରଚିତ କବିତା ଆବୃତ୍ତି କରିଥିଲେ। ସମଗ୍ର କାର୍ଯ୍ୟକ୍ରମଟିକୁ ପରିଚାଳନା ଓ ସଂଯୋଜନା କରିଥିଲେ ଯୁବ ନାଟ୍ୟ ବ୍ୟକ୍ତିତ୍ୱ-ଉଦଘୋଷକ ବିରୁପାକ୍ଷ ପ୍ରଧାନ। ଅନୁଷ୍ଠାନ ତରଫରୁ ଭବାନୀ ଭୋଇ, ଅଶୋକ କୁମାର ଆଚାର୍ଯ୍ୟ, ସ୍ନିଗ୍ଧାଶ୍ରୀ ମିଶ୍ର, ଯତୀନ୍ଦ୍ର ନାଏକ, ସୁବାସ ପଶାୟତ ଏବଂ ତନ୍ମୟ ବାରିକ ଉପସ୍ଥିତ ରହି ସହଯୋଗ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଶତାଧିକ ସମ୍ବଲପୁରୀ ଭାଷା ସାହିତ୍ୟ ସଙ୍ଗିତ ନାଟକ ଜଗତର ବ୍ୟକ୍ତି ବିଶେଷ ଯୋଗଦାନ କରିଥିଲେ।




# ଭତରା ଶଙ୍କରମଠରେ ଉଠିଲା ଥାଳ



**ସମ୍ବଲପୁର, ୧୧।୫(ସମିସ):** ଦେବ ଦେବ ମହାଦେବ ଏବଂ ମାତା ପାର୍ବତୀଙ୍କ ବିବାହ ଉତ୍ସବର ଥାଳ ଉଠା କାର୍ଯ୍ୟକ୍ରମ ଗତକାଲି ଅକ୍ଷୟ ତୃତୀୟା ତିଥିରେ ଭତରା ଶଙ୍କର ମଠ ଠାରେ ଅନୁଷ୍ଠିତ ହୋଇଯାଇଛି। କନ୍ୟା ପିତାମାତା ଭାବେ ସଞ୍ଜୀବ କୁମାର ପଣ୍ଡା ଏବଂ ମମତା ପଣ୍ଡା ଏବଂ ବର ପିତାମାତା ଭାବେ ବିଶ୍ୱ ରଞ୍ଜନ ପତି ସୁବର୍ଣ୍ଣଲତା ପତି ଥାଳ ଉଠା କାର୍ଯ୍ୟକ୍ରମ ସମ୍ପାଦନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଶଙ୍କରମଠ କମିଟିର ସଭାପତି ଜଗନ୍ନାଥ ବାରିକ, ଉପସଭାପତି ଦିଲୀପ କୁମାର ମହାପାତ୍ର, ସମ୍ପାଦକ ସୁରେନ୍ଦ୍ର ଖଟେଇ, ସହସମ୍ପାଦକ ରଞ୍ଜିତ ସ୍ୱାଇଁ, କୋଷାଧ୍ୟକ୍ଷ ରୁଦ୍ରନାରାୟଣ ପାତ୍ର, ଦିବାକର ସ୍ୱାଇଁ, ବଂଶୀଧର ଖଟେଇ, ଗୋପାଳ ପ୍ରଧାନ, ଗୋପାଳକୃଷ୍ଣ ପାଢ଼ୀ, ବିଦେଶ ଖମାରୀ, ଧ୍ରୁବ ସାହୁ, ରବୀନ୍ଦ୍ର ସାହୁ ଓ ଅନ୍ୟାନ୍ୟ ନେତୃବୃନ୍ଦ ଭକ୍ତଗଣ ମାତୃଶକ୍ତି ଉପସ୍ଥିତ ଥିଲେ।